# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୧୬/୨୦୨୧ (୧୬ ପୃଷ୍ଠା) | Sambalpur, Friday, April 16/2021 | ★★

୧୭ଶ ଭାଗ ୧୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
କମଲା ପସନ୍ଦ ପାନ ମସଲା ଦ୍ୱାରା ଜନହିତରେ ଜାରି ।

ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ । 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ ।
ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।


KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP Quality Since 1965
MADHUBAN
Safal ™
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୧୬/୨୦୨୧ | Sambalpur, Friday, April 16/2021 | ପୃଷ୍ଠା-୧




## ଦଶନ୍ଧିର ଶ୍ରେଷ୍ଠ ଦିନିକିଆ କ୍ରିକେଟର କୋହଲି

ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଓ୍ୱିଜଡେନ ଅଲମାନକ ଦ୍ୱାରା ଗତ ଦଶନ୍ଧିର ଶ୍ରେଷ୍ଠ ଦିନିକିଆ କ୍ରିକେଟର ବିବେଚିତ ହୋଇଛନ୍ତି।

୧୪

୧୨

## ଡେବ୍ୟୁରେ ରୋମାନ୍ସ କରିବେ ଶିଳ୍ପା

ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଥିବା ବିଗ୍ ବସ୍ ବିଜେତା ଶିଳ୍ପା ଶିନ୍ଦେ ପ୍ରଥମ ଫିଲ୍ମରେ ଅଭିନେତା ରବି କିଶନଙ୍କ ସହ ରୋମାନ୍ସ କରିବେ।



# ମେ ୧୫ ଯାଏ ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ମନା

ନୂଆଦିଲ୍ଲୀ, ୧୫।୪(ପି.ଟି.)

ଦେଶରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସମେତ କେନ୍ଦ୍ରୀୟ ସଂରକ୍ଷଣରେ ଥିବା ତଥା ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ଅଧୀନରେ ଆସୁଥିବା ସମସ୍ତ ଐତିହ୍ୟ ସ୍ଥଳ ଓ ସଂଗ୍ରହାଳୟଗୁଡ଼ିକୁ ମେ’ ୧୫ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଏଏସ୍‌ଆଇ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଥିବା କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ପଟେଲ ଗୁରୁବାର ଟୁଇଟ୍ କରି ସୂଚନା ଦେଇଛନ୍ତି।

ଏଏସ୍‌ଆଇ ଅଧୀନରେ ରହିଥିବା ୩,୬୯୩ ଐତିହ୍ୟ ସ୍ଥଳ ଏବଂ ୫୦ ସଂଗ୍ରହାଳୟ ଅନ୍ୟାଦେଶ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। ପୁରୀ ଶ୍ରୀମନ୍ଦିର ଏବଂ



**ଏଏସ୍‌ଆଇ ଅଧୀନରେ ଥିବା ସବୁ ଐତିହ୍ୟ ସ୍ଥଳ ଉପରେ କଟକଣା**

ସୋମନାଥ ମନ୍ଦିର ଭଳି ଧର୍ମୀୟ ପୀଠରେ ଦୈନନ୍ଦିନ ପୂଜା ରୀତିନୀତି ଯଥାବିଧି ଜାରି ରହିବ। କିନ୍ତୁ ଉକ୍ତ ☞ପୃଷ୍ଠା–୨

# ସହରାଞ୍ଚଳରେ ରାତ୍ରି କର୍ଫ୍ୟୁ

ଭୁବନେଶ୍ୱର, ୧୫।୪(ବ୍ୟୁରୋ)

ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏହି ମହାମାରୀ କାୟାବିସ୍ତାର କରିଚାଲିଛି। ଏହାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର କଠୋର ନିଷ୍ପତ୍ତି ନେଇଛନ୍ତି। ବର୍ଷକ ପରେ ପୁଣି ରାତ୍ରିକାଳୀନ(ନାଇଟ୍) କର୍ଫ୍ୟୁ ଫେରିଛି। ରାଜ୍ୟର ସମସ୍ତ ସହରାଞ୍ଚଳରେ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହେବ। ଛତିଶଗଡ଼କୁ ଲାଗିଥିବା ୧୦ଟି ଜିଲାର ସମସ୍ତ ସହରରେ ଶୁକ୍ରବାରଠାରୁ ଏବଂ ଅନ୍ୟ ୨୦ଟି ଜିଲାର ସମସ୍ତ ସହରାଞ୍ଚଳରେ ଆସନ୍ତା ୧୭ ତାରିଖ (ଶନିବାର) ଠାରୁ ନାଇଟ୍ କର୍ଫ୍ୟୁ ଲାଗୁ କରାଯିବ। ଛତିଶଗଡ଼ ଓ ଝାଡ଼ଖଣ୍ଡ ସୀମାକୁ ଲାଗିଥିବା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲାର ସମସ୍ତ ସହରାଞ୍ଚଳରେ ରାତ୍ରିକାଳୀନ କର୍ଫ୍ୟୁର ସମୟ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଏହିସବୁ ଜିଲାରେ କର୍ଫ୍ୟୁ ରାତି ୧୦ଟାରୁ ସକାଳ ୬ଟା ଯାଏ ଥିଲା। ଶୁକ୍ରବାରଠାରୁ ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ହେବ। ଏହା ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ। ଏହା କେବଳ ଏନ୍‌ଏସି, ମ୍ୟୁନିସିପାଲିଟି, ମହାନଗର ନିଗମ ଅଞ୍ଚଳରେ ସୀମିତ ରହିବ। ଏଥିସହିତ ଉକ୍ତ ୧୦ଟି ଜିଲାର ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ କରାଯିବ। ଶନିବାର ଓ ରବିବାର ଦୁଇଦିନ ସମ୍ପୂର୍ଣ୍ଣ ଶଟ୍‌ଡାଉନ ରହିବ। ଆସନ୍ତା ଶନିବାରଠାରୁ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ସେହିପରି କଟକ, ଭୁବନେଶ୍ୱର ମହାନଗର ନିଗମ ସମେତ ରାଜ୍ୟର ଅନ୍ୟ ୨୦ଟି ଜିଲାର ସମସ୍ତ ସହରାଞ୍ଚଳରେ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଲାଗୁ କରାଯିବ। ଏ ନେଇ ସବୁ ଜିଲାର ଜିଲାପାଳ, ମହାନଗର ନିଗମ କମିଶନର, ଭୁବନେଶ୍ୱର-କଟକ ପୋଲିସ କମିଶନର ନିଜ ନିଜ ଅଞ୍ଚଳରେ ରାତ୍ରିକାଳୀନ କର୍ଫ୍ୟୁକୁ କଡ଼ାକଡ଼ି ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏଥିସହିତ ଆସନ୍ତା ୧୯ ତାରିଖରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସରକାରୀ, ଘରୋଇ ସ୍କୁଲ, ଛାତ୍ରାବାସ ବନ୍ଦ ରହିବ। ଏ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯିବ। ତେବେ ଅନ୍‌ଲାଇନ କ୍ଲାସ ଜାରି ☞ପୃଷ୍ଠା–୨

### କୋଭିଡ୍-୧୯ ମୁକାବିଲା

- ଆଜିଠୁ ୧୦ ଜିଲାରେ, ୧୭ରୁ ସବୁ ଜିଲାରେ ରାତ୍ରି କର୍ଫ୍ୟୁ
- ୧୦ ଜିଲାର ସବୁ ସହରରେ ଶନିବାର, ରବିବାର ଶଟ୍‌ଡାଉନ
- ୧୯ରୁ ବାହାର ରାଜ୍ୟକୁ ବସ୍ ଚଳାଚଳ ବନ୍ଦ
- ୧୯ରୁ ଶିକ୍ଷାନୁଷ୍ଠାନ ବନ୍ଦ
- ଅନ୍‌ଲାଇନ ପରୀକ୍ଷା ଚାଲିବ
- ୫୦ ପ୍ରତିଶତରେ ଚାଲିବ ସରକାରୀ କାର୍ଯ୍ୟାଳୟ
- ବିବାହ ପାଇଁ ୫୦, ଶୁଦ୍ଧିକ୍ରିୟା ପାଇଁ ୨୦ ଜଣଙ୍କୁ ଅନୁମତି




ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କୋଭିଡ୍ କଟକଣା ସଂକ୍ରାନ୍ତରେ ସୂଚନା ଦେଉଛନ୍ତି।

# ଦଶମ, ଦ୍ୱାଦଶ ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର, ୧୫।୪(ବ୍ୟୁରୋ)

- ଜୁନ୍ ପ୍ରଥମ ସପ୍ତାହରେ ପରବର୍ତ୍ତୀ ନିଷ୍ପତ୍ତି
- ନବମ, ଏକାଦଶର ସବୁ ଛାତ୍ରୀଛାତ୍ର ପାସ୍
- ୧୯ରୁ ବନ୍ଦ ହେବ ଦଶମ, ଦ୍ୱାଦଶ କ୍ଲାସ୍

ଓଡ଼ିଶାରେ ବଢୁଥିବା କରୋନା ସଂକ୍ରମଣକୁ ନଜରରେ ରଖି ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟ ନିରାପତ୍ତାକୁ ଦୃଷ୍ଟିରୁ ମେ’ରେ ହେବାକୁ ଥିବା ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ସ୍ଥଗିତ ରଖାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏ ସଂକ୍ରାନ୍ତରେ ଘୋଷଣା କରିଛନ୍ତି। କୋଭିଡ୍-୧୯ ପରିସ୍ଥିତିରେ ଉନ୍ନତି ଆସିବା ପରେ ପରୀକ୍ଷା ସମ୍ପର୍କିତ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମାଧ୍ୟମିକ ଶିକ୍ଷା ପରିଷଦ (ଏଚ୍‌ଏସ୍‌ସି) ପକ୍ଷରୁ ମେ ୩ରେ ଦଶମ ଶ୍ରେଣୀ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ମେ ୧୮ରେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ☞ପୃଷ୍ଠା–୨

# ଏନ୍‌ଇଇଟି ଘୁଞ୍ଚିଲା

ନୂଆଦିଲ୍ଲୀ, ୧୫।୪(ପି.ଟି.)

ଦେଶରେ କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ଏହାକୁ ଦୃଷ୍ଟିରେ ରଖି ଏନ୍‌ଇଇଟି (ନ୍ୟାଶନାଲ ଏଲିଜିବଲ୍ କମ୍ ଏଣ୍ଟ୍ରାନ୍ସ ଟେଷ୍ଟ)-ପିଜି ମେଡିକାଲ ପ୍ରବେଶିକା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏହି ପରୀକ୍ଷା ଆସନ୍ତା ରବିବାର ଅନୁଷ୍ଠିତ ହେବାର ଥିଲା। ସଂକ୍ରମଣ ବଢୁଥିବାରୁ ପରୀକ୍ଷାକୁ ସ୍ଥଗିତ ରଖିବା ଲାଗି ସରକାର ନିଷ୍ପତ୍ତି ନେଇଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନ ଗୁରୁବାର କହିଛନ୍ତି। ମେଡିକାଲ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ପରୀକ୍ଷାର ପରବର୍ତ୍ତୀ ତାରିଖ ସମ୍ପର୍କରେ ପରେ ନିଷ୍ପତ୍ତି ନିଆଯିବ ବୋଲି ହର୍ଷ ବର୍ଦ୍ଧନ ଟୁଇଟ୍ କରିଛନ୍ତି। ଡାକ୍ତରୀ ଶିକ୍ଷା ପାଇଁ ଆଶାୟୀ ପ୍ରାୟ ୧.୭ ଲକ୍ଷ ଛାତ୍ରଛାତ୍ରୀ ଏନ୍‌ଇଇଟି-ପିଜି ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିଲେ।

ସୂଚନାଯୋଗ୍ୟ ପରୀକ୍ଷା ସ୍ଥଗିତ ରଖିବା ଲାଗି ଗୋଟିଏ ଗୋଷ୍ଠୀ ଡାକ୍ତରୀ ଛାତ୍ରୀଛାତ୍ର ☞ପୃଷ୍ଠା–୨

# ହାଇଦରଙ୍କୁ ଧରିଲା ହାଇଦ୍ରାବାଦ ପୋଲିସ

ଭୁବନେଶ୍ୱର, ୧୫।୪(ବ୍ୟୁରୋ)

କଟକ ବଡ଼ ଡାକ୍ତରଖାନାରୁ ଗତ ଶନିବାର ଫେରାର ହୋଇଥିବା କୁଖ୍ୟାତ ଅପରାଧୀ ଶେକ୍ ହାଇଦରଙ୍କୁ ହାଇଦ୍ରାବାଦ ସିଟି ପୋଲିସ ଗୁରୁବାର ସନ୍ଧ୍ୟାରେ ଧରିଛି। ଏନେଇ ହାଇଦ୍ରାବାଦ ସିଟି ପୋଲିସ ଟୁଇଟ କରି ଜଣାଇଛି। ଅପରପକ୍ଷରେ ନାଁ ନେବା ପାଇଁ ହାଇଦରଙ୍କୁ ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲାରୁ କଟକ ପୋଲିସର ୨ଟି ସ୍ୱତନ୍ତ୍ର ଟିମ୍ ଧରିଛି ବୋଲି କଟକ-ଭୁବନେଶ୍ୱର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ,


Tweet

హైదరాబాద్ సిటీ పోలీస్ Hyderabad ...
@hydcitypolice

BREAKING NEWS - ABSCONDING ORISSA CRIMINAL CAUGHT BY HYD POLICE.

The Hyd city task force have caught the fugitive and absconding NOTORIOUS criminal of Orissa Shaikh HYDER, age 60 years. Murder accused of Rashmi Mohapatra.... facebook.com/hyderabadpolic...

କମିଶନରେଟ ପୋଲିସର ଅପରାରଗତା ଯୋଗୁ ହିଁ ଏସ୍‌ସିବିରୁ ହାଇଦର ଖସି ପଳାଇଥିଲେ। ☞ପୃଷ୍ଠା–୨

# ବୁଡ଼ିଗଲେ ଭଉଣୀଭାଇ



ନଦୀକୂଳରେ ଲୋକଙ୍କ ଭିଡ଼।

ଭଦ୍ରକ ଅଫିସ/ଦଶରଥପୁର, ୧୫।୪(ଡି.ଏନ୍.ଏ.)

ଗାଧୋଇବାକୁ ଯାଇ ବୈତରଣୀରେ ବୁଡ଼ି ଭଉଣୀଭାଇଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ସୋହଡ଼ା ପଞ୍ଚାୟତ ଗୌରାଙ୍ଗପୁର ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ଭଉଣୀଭାଇ ହେଲେ ସୋହଡ଼ା ଗ୍ରାମର ମନ୍ମଥ ଦାସଙ୍କ ଝିଅ ବର୍ଷା ପ୍ରିୟଦର୍ଶିନୀ(୧୦) ଓ ପୁଅ ଜ୍ଞାନରଞ୍ଜନ (୫)। ସୂଚନା ଅନୁଯାୟୀ, ସକାଳେ ସେମାନେ ବୈତରଣୀର ଗୌରାଙ୍ଗପୁର ଘାଟକୁ ଗାଧୋଇବାକୁ ଯାଇଥିଲେ। ଅପରାହ୍ନ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ହେଲେ ସେମାନଙ୍କୁ ନ ପାଇବାରୁ ସ୍ଥାନୀୟ ଦମକଳ ଅଫିସ୍ ଓ ପୋଲିସକୁ ଖବର ଦେଇଥିଲେ। ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ପରେ ନଦୀର ଏକ ଖାଲରେ ଶାର୍ଟ ଭାସୁଥିବା ଦେଖି ☞ପୃଷ୍ଠା–୨

# ପେଟ୍ରୋଲ କମିଲା ୧୬ ପଇସା

ନୂଆଦିଲ୍ଲୀ, ୧୫।୪



ଦେଶରେ ୧୫ଦିନ ପରେ କମିଛି ତେଲ ଦର। ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୬ ପଇସା ଏବଂ ଡିଜେଲ ୧୫ ପଇସା ହ୍ରାସ ପାଇଛି। ଏଠାରେ ପେଟ୍ରୋଲ ଦର ୯୧.୧୨ ଟଙ୍କା ହୋଇଥିବା ବେଳେ ଡିଜେଲ ଦର ୮୭.୯୮ ଟଙ୍କାରେ ପହଞ୍ଚିଛି। ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୧୬ ପଇସା ଏବଂ ଡିଜେଲରେ ୧୪ ପଇସା ହ୍ରାସ ପାଇଛି। ସେଠାରେ ପେଟ୍ରୋଲ ଲିଟର ପିଛା ୯୦.୪୦ ଟଙ୍କା ଏବଂ ଡିଜେଲ ଲିଟର ପିଛା ୮୦.୭୩ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇ ଭଳି ମେଟ୍ରୋ ସହରରେ ପେଟ୍ରୋଲ ଦର ଲିଟର ପିଛା ଯଥାକ୍ରମେ ୯୨.୪୩ ଟଙ୍କା, ୯୦.୬୨ ଟଙ୍କା ଏବଂ ୯୬.୮୩ ଏବଂ ଡିଜେଲ ଲିଟର ପିଛା ୮୫.୭୫ ଟଙ୍କା, ୮୩.୬୧ ଟଙ୍କା ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ** ମହାମାରୀ ଓ ସାମାଜିକ ପୁଞ୍ଜି




**ଆଜିର ମନ୍ତବ୍ୟ**

"ଦିଲ୍ଲୀରେ କୋଭିଡ୍ ସଂକ୍ରମିତଙ୍କ ମଧ୍ୟରୁ ୬୫ ପ୍ରତିଶତ ଯୁବବର୍ଗର। ତେଣୁ ଏଠାରେ ବୟସଗତ ଯୋଗ୍ୟତା ଭିତ୍ତିକ ଟିକାକରଣ ନୀତି ହଟାଯାଉ।"

–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:................................

ଜନ୍ମ ତାରିଖ: ............................



ଶ୍ରେୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଣ୍ଟାରୁ ପଇସା କାଢ଼ିବି ନାହିଁ,**
**ପୁଅକୁ ନୁଖୁରା ରଖିବି ନାହିଁ,**
**ଜିଭ ଜୁଡୁବୁଡୁ ଛାଡ଼ିବି ନାହିଁ।**

ତେଲ ନ ଲଗାଇଲେ ଚୁଟି ନୁଖୁରା ହୋଇଯାଏ। ପଇସା ସରିଯିବା ଭୟରେ ଚୁଟିରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି କୃପଣ ବୋଲାଇଥାଏ। ସେହିପରି ଖାଦ୍ୟ ଲୋଭୀ ବ୍ୟକ୍ତିଙ୍କର ଖାଦ୍ୟ ପ୍ରତି ଅହେତୁକ ଲାଳସା ଭାବନା ରହିଥାଏ। ଗୋଟିଏ ପଟେ ସୁସ୍ୱାଦୁ ଖାଦ୍ୟ ପ୍ରତି ଲୋଭ ତ ଅନ୍ୟପଟେ ଅର୍ଥ ଖର୍ଚ୍ଚ ହୋଇଯିବାର ଭୟ। କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ଅହେତୁକ ଦୁର୍ବଳତା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

ଆଖଣ୍ଡଳମଣି ମନ୍ଦିର

# ସେବାୟତ କରୋନା ପଜିଟିଭ୍

## ■ ୩ ଦିନ ସାଧାରଣ ଦର୍ଶନ ବନ୍ଦ ■ ଧାରଣାରେ ବସିଲେ ସେବାୟତ

**ଆରଡ଼ି,୧୫।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିରର ଜଣେ ସେବାୟତ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଣୁ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସକାଳ ୮ଟାରୁ ୩ ଦିନ ପାଇଁ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ଘୋଷଣା କରାଯାଇଛି। ସେବାୟତମାନେ ଯଥାରୀତି ମନ୍ଦିରରେ ପୂଜାର୍ଚ୍ଚନା କରିପାରିବେ। କିନ୍ତୁ ଶ୍ରଦ୍ଧାଳୁମାନେ ମନ୍ଦିର ଭିତରକୁ ଯାଇପାରିବେ ନାହିଁ କି ବାବାଙ୍କୁ ଦର୍ଶନ କରିପାରିବେ ନାହିଁ ବୋଲି ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛି। ଏହି ନିର୍ଦ୍ଦେଶନାମାକୁ ମନ୍ଦିର ପ୍ରଶାସନ ପୀଠରେ ଡାକବାଜି ଯନ୍ତ୍ରରେ ପ୍ରଚାର କରିଛି। କିନ୍ତୁ ପ୍ରଶାସନର ଏହି ନିଷ୍ପତ୍ତିକୁ ପ୍ରତିବାଦ କରିଛନ୍ତି ସେବାୟତ। ସେମାନଙ୍କ ଜୀବନ ଜୀବିକାକୁ ନେଇ ପ୍ରଶାସନ ଖେଳ ଖେଳୁଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେମାନେ ଗୁରୁବାର ମନ୍ଦିର ଦକ୍ଷିଣଦ୍ୱାର ସମ୍ମୁଖରେ ଧାରଣାରେ ବସି ରହିଥିଲେ। ମନ୍ଦିର ବନ୍ଦ ନିର୍ଦ୍ଦେଶ ପ୍ରତ୍ୟାହାର ନ ହେଲେ ସେମାନେ ଠାକୁରଙ୍କ ନୀତିକାନ୍ତି କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ କୋଭିଡ୍ ଆକ୍ରାନ୍ତ ସେବାୟତ କେଉଁଆଡ଼େ ଚାଲିଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ପ୍ରଶାସନ ତାଙ୍କୁ କୋଭିଡ୍ ହସ୍ପିଟାଲରେ ଚିକିତ୍ସା କରିବା ସହ ତୁରନ୍ତ ସମସ୍ତ ସେବାୟତଙ୍କ ଟେଷ୍ଟ କରାଇବାକୁ ଦାବି କରିଛନ୍ତି। ଅପରାହ୍ନରେ ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ ଆସି ସେବାୟତମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ। ସେବାୟତମାନେ କୋଭିଡ୍ ସମ୍ବନ୍ଧୀୟ କଟକଣାରେ ସହଯୋଗ କରିବା ସହ ଧାରଣାରୁ ନିବୃତ୍ତ ରହିବାକୁ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି।



ସେବାୟତମାନେ ଧାରଣାରେ ବସିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସବୁପ୍ରକାର ସହଯୋଗ ପାଉଥିବା ଲୋକଟି ସ୍ୱାର୍ଥହାନି ହେତୁ କୁତ୍ସାରଟନା କରିପାରେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପରିବାରରେ ଚାପ କ୍ରମଶଃ ବଢ଼ିପାରେ। ପୂର୍ବ ଯୋଜନା ଅନୁଯାୟୀ କର୍ମକ୍ଷେତ୍ରସ୍ଥ ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କରନ୍ତୁ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ ତଥା ପରିବହନରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବୃଷ**
କୌଣସି ଆତ୍ମୀୟଙ୍କ ପାରିବାରିକ ସମସ୍ୟା ସମାଧାନ ସକାଶେ ଚିନ୍ତା ବଢ଼ିଯିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ପରିସ୍ଥିତିବଶତଃ ଆଜି ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ କିନ୍ତୁ ପିଲାଙ୍କ ପଢ଼ା ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ**
ଆଜି ଆପଣଙ୍କ କର୍ମକ୍ଷେତ୍ରରେ ଅଫିସ କାମରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ। ବ୍ୟବସାୟ କିମ୍ବା ଅନ୍ୟ କୌଣସି କାମରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ସାମାଜିକସ୍ତରରେ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ତରବରିଆ ଭାବେ କିଛି ନ କରି କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**କର୍କଟ**
ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ଆପଣ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ଅପରାହ୍ନ ସମୟରେ ଅଫିସିଆଲି ଟେନସନ୍ କିଛି ମାତ୍ରାରେ ଲାଗିରହିବ। ବ୍ୟବସାୟୀଙ୍କ କାରବାରରେ ଉନ୍ନତି ହେବ ଓ ଲାଭର ମାତ୍ରା କିଛି କମିବ ନାହିଁ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ହୋଇପାରନ୍ତି।

**ସିଂହ**
ପରିବାରର ପରିସ୍ଥିତିକୁ ସୁଧାରିବାକୁ ଯାଇ ଧାରକରଜ କରିବାକୁ ବାଧ ହେବେ। ଆକସ୍ମିକ ଭାବେ କୌଣସି ସମ୍ପର୍କୀୟଙ୍କ ଡାକରା ପାଇ ଦୂର ଜାଗାକୁ ଯାଇପାରନ୍ତି। ଅଫିସରୁ ଫେରିବା ସମୟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଆଣିବା ସକାଶେ ଘରୁ ବରାଦ ପାଇବେ। କ୍ରୀଡ଼ା, ସଂଗୀତ, ମନୋରଞ୍ଜନ କାର୍ଯ୍ୟକ୍ରମରେ ସମସ୍ୟାର ସମାଧାନ ହୋଇଯିବ।

**କନ୍ୟା**
ଅନାବଶ୍ୟକ ଭାବେ କେତେକ ଜିନିଷ କରି ଅନୁତପ୍ତ ହେବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଉପରିସ୍ଥଙ୍କ ଆସ୍ଥାଭାଜନ ହୋଇଥିବାରୁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ତୁଳା**
ବିଭିନ୍ନ ସମସ୍ୟା ମଧ୍ୟରେ କାମଗୁଡ଼ିକ ଆଜି ସନ୍ତୋଷ ଜନକ ହେବ ନାହିଁ। ଋଣ ପରିଶୋଧ ପାଇଁ ବ୍ୟାକୁଳ ହେବେ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଛୋଟ ଛୋଟ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପିଲାଙ୍କ ସମ୍ବନ୍ଧୀୟ କେତେକ ସମସ୍ୟା ମନକୁ ବିଶେଷ ଭାବେ ଆନ୍ଦୋଳିତ କରିବ।

**ବିଛା**
ସମସ୍ୟା ଜାଲରେ ଛନ୍ଦି ହୋଇଥିବାରୁ ମନ କେବଳ ନେଗେଟିଭ୍ ଚିନ୍ତାରେ ଆକ୍ରାନ୍ତ ହେବ। ବିଶୃଙ୍ଖଳିତ କିମ୍ବା ଅସମାହିତ କର୍ମ ସକାଶେ ବ୍ୟସ୍ତ ବିବ୍ରତ ହୋଇ ପାରନ୍ତି। ଏକ ସାଧାରଣ ଘଟଣାକୁ କେନ୍ଦ୍ରକରି ସାଙ୍ଗସାଥୀଙ୍କ ସହ ଉଚ୍ଚବାଚ୍ଚ ଘଟିପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ**
କେତେକ କ୍ଷେତ୍ରରେ ମନରେ ଭୟ ଥିଲେ ମଧ୍ୟ ମୁହଁ ଟାଣ ରଖି କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସଫଳ ହେବେ। କୌଣସି ଲୋକ ବିଷୟରେ କିଛି ନ ଜାଣି ତାହାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଆଜି ସାୟଂକାଳେ ପିଲାଙ୍କ ବିବାହ ସମ୍ପର୍କରେ ବନ୍ଧୁ ଖବର ଦେଇପାରନ୍ତି। ପ୍ରତିବନ୍ଧକ ହେତୁ ଉନ୍ନୟନ କାମ ବାଧାପ୍ରାପ୍ତ ହେବ।

**ମକର**
ଆଜି ମଧ୍ୟାହ୍ନ ପରେ ପରେ ଯେଉଁ କାମରେ ହାତଦେବେ ସେଥିରେ ଅବଶ୍ୟ ସଫଳତା ମିଳିବ। ଯାତ୍ରାରୁ ଫେରିବା ଅବସରେ ନିର୍ଦ୍ଦିଷ୍ଟ ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡିବେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ।

**କୁମ୍ଭ**
ଆଜି କାମଗୁଡ଼ିକ ବହୁତ ଅସୁବିଧା ଭିତରେ ସମ୍ପନ୍ନ ହେବାର ସୂଚନା ରହିଛି। କଳା, ସାହିତ୍ୟ ଓ ସଙ୍ଗୀତ କାର୍ଯ୍ୟରୁ ପ୍ରଶଂସିତ ହେବେ ଓ ପୂର୍ବ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ସ୍ତ୍ରୀ, ଭାଇ କିମ୍ବା ବନ୍ଧୁଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଆନୁଷ୍ଠାନିକ କାମରେ ଆଗାମୀ କାଲିର କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମୀନ**
ଆଜି ଦିନରେ ସତର୍କତାର ସହ କାମ ନ କଲେ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଶିକ୍ଷାରେ ସମସ୍ୟା, ଅମାନିଆ ସନ୍ତାନଙ୍କ ହେତୁ ମନ ଭଲ ରହିବ ନାହିଁ। ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ।

ଆଜି ଚୈତ୍ର ଶୁକ୍ଳ ଚତୁର୍ଥୀ ଶୁକ୍ରବାର, ଶ୍ରୀମନ୍ଦିରରେ ବାଡି ନୃସିଂହ ବିଜେ, ଏପ୍ରିଲ ୧୬ ତାରିଖ, ରାଶିନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୧ମି. ଗତେ ଘ.୦୬.୨୧ମି. ମଧ୍ୟେ, ଘ.୦୭.୧୧ମି. ଗତେ ଘ.୦୯.୪୧ମି. ମଧ୍ୟେ, ଘ.୧୨.୧୧ମି. ଗତେ ଘ.୦୨.୪୧ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯.୦୫ମି. ଗତେ ଘ.୦୯.୫୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦.୧୨ମି. ଗତେ ଘ.୧୧.୪୬ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ସହରାଞ୍ଚଳରେ...

ରହିବ। କୌଣସି ପରିସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ଛାତ୍ରାବାସରେ ରହିବାକୁ ଅନୁମତି ଦିଆଯିବ ନାହିଁ। ସେହିପରି ଏପ୍ରିଲ ୧୯ରେ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ହେବାକୁ ଥିବା ଥିଓରି ଓ ପ୍ରାକ୍ଟିକାଲ ପରୀକ୍ଷାକୁ ମଧ ବାତିଲ କରାଯାଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ଗାଇଡ୍‌ଲାଇନ ଜାରି କରାଯିବ। ସେହିପରି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ଆଇଟିଆଇ, ପଲିଟେକ୍ନିକ, ଡିପ୍ଲୋମା, ଟେକ୍ନିକାଲ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ଆସନ୍ତା ୧୯ ତାରିଖରୁ ବନ୍ଦ ରହିବ। ତେବେ କୋଭିଡ୍ ଗାଇଡ୍‌ଲାଇନ ଅନୁସରଣ କରି ଚାଲୁ ରହିଥିବା ସମସ୍ତ ଅଫ୍‌ଲାଇନ ପରୀକ୍ଷା ଏବଂ ଏପ୍ରିଲ ୨୬ ତାରିଖରୁ ହେବାକୁ ଥିବା ଅନ୍‌ଲାଇନ ପରୀକ୍ଷା ଚାଲୁ ରହିବ। ପାଠ୍ୟକ୍ରମ ଶେଷ କରିବା ପାଇଁ ଅନ୍‌ଲାଇନ କ୍ଲାସ ଯେପରି ସୁରୁଖୁରୁରେ ହେବ ସେ ନେଇ ସମସ୍ତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ କୁହାଯାଇଛି। ସମସ୍ତ ଘରୋଇ କୋଚିଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅଫ୍‌ଲାଇନ ବଦଳରେ ଅନ୍‌ଲାଇନରେ କ୍ଲାସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କୌଣସି ରାଜନୈତିକ ଶୋଭାଯାତ୍ରାକୁ ଅନୁମତି ମିଳିବ ନାହିଁ। କୋଭିଡ୍ ଗାଇଡ୍‌ଲାଇନକୁ ସମସ୍ତେ ଅନୁସରଣ କରିବେ। କୌଣସି ସାମାଜିକ, ଧାର୍ମିକ କିମ୍ବା ରାଜନୈତିକ କାର୍ଯ୍ୟକ୍ରମକୁ ଅନୁମତି ମିଳିବ ନାହିଁ। ଧର୍ମାନୁଷ୍ଠାନଗୁଡ଼ିକ ଉପରେ ଜିଲାପାଳ ନଜର ରଖିବେ। ପ୍ରତ୍ୟେକ ଧାର୍ମିକ ଅନୁଷ୍ଠାନରେ କେସ୍ ଟୁ କେସ୍ ଆଧାରରେ ଜିଲାପାଳ ଅନୁମତି ଦେବେ। ରେଷ୍ଟୁରାଣ୍ଟ ଓ ବାର୍‌ଗୁଡ଼ିକ ୫୦ ପ୍ରତିଶତ କ୍ଷମତାରେ ଚାଲିବ। ରାତ୍ରି ୯ଟା ଭିତରେ ଏସବୁ ବନ୍ଦ ରହିବ। ରାସ୍ତାକଡ଼ରେ ଯେଉଁ ଦୋକାନୀ ଅଛନ୍ତି ସେମାନଙ୍କ ପାଖରେ ଯେଉଁମାନେ ଖାଉଛନ୍ତି ସେମାନେ କୋଭିଡ୍ ଗାଇଡ୍‌ଲାଇନ ମାନିବେ। ସପ୍ତାହେ ପୂର୍ବରୁ ଛତିଶଗଡ଼କୁ ଯିବା ଆସିବା କରୁଥିବା ବସ୍ ଉପରେ କଟକଣା ଲାଗୁ କରାଯାଇଛି। ଆସନ୍ତା ୧୯ ତାରିଖଠାରୁ ସମସ୍ତ ଆନ୍ତଃରାଜ୍ୟ ବସ୍ ଚଳାଚଳ ବନ୍ଦ ରହିବ। ରାଜ୍ୟ ଭିତରେ ଯେଉଁ ବସ୍ ଚାଲୁଛି ତାହା ଚାଲୁ ରହିବ। କୌଣସି ବସ୍‌ରେ ଯାତ୍ରୀମାନେ ଛିଡ଼ାହୋଇ ଯାଇପାରିବେ ନାହିଁ। ଅଟୋରିକ୍ସା, ଟ୍ୟାକ୍ସିରେ ଡ୍ରାଇଭରଙ୍କୁ ଛାଡ଼ି ଅତିବେଶିରେ ୨ ଜଣ ଯାତ୍ରୀ ଯାଇପାରିବେ। ସିନେମା ହଲ୍, ଥିଏଟରଗୁଡ଼ିକ ୫୦ ପ୍ରତିଶତ କ୍ଷମତାରେ ଚାଲିବ। ଖୋଲା ସ୍ଥାନରେ ହେଉଥିବା ବିଭିନ୍ନ ଆମୋଦପ୍ରମୋଦ କାର୍ଯ୍ୟକ୍ରମରେ ସର୍ବାଧିକ ୨୦୦ ଲୋକଙ୍କୁ ଅନୁମତି ମିଳିବ। ପୂର୍ବରୁ ୨ ହଜାର ଲୋକଙ୍କୁ ଯାତ୍ରା ଦେଖିବା ଲାଗି ଅନୁମତି ଦିଆଯାଉଥିଲା। ଏବେ ତାହାକୁ ୧ ହଜାରକୁ କମାଇ ଦିଆଯାଇଛି। ଏହାଠାରୁ ଅଧିକ ଲୋକଙ୍କୁ ଅନୁମତି ଦିଆଯିବ ନାହିଁ। ଜିଲାପାଳମାନେ ଯାତ୍ରାପାର୍ଟିକୁ ଅନୁମତି ଦେବେ ଏବଂ ସେମାନେ କୋଭିଡ୍ ଗାଇଡ୍‌ଲାଇନ ମାନୁଛନ୍ତି କି ନାହିଁ ତାହାକୁ ତଦାରଖ କରିବେ। ସରକାରୀ କାର୍ଯ୍ୟାଳୟ ୧୦୦ ପ୍ରତିଶତରେ ଚାଲୁଥିଲା। ଏବେ ତାହାକୁ ୫୦ ପ୍ରତିଶତକୁ କମାଇ ଦିଆଯାଇଛି। ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ସର୍ବନିମ୍ନ କର୍ମଚାରୀରେ ଚଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଗାଇଡ୍‌ଲାଇନ ଜାରି କରାଯିବ। କାର୍ଯ୍ୟାଳୟକୁ ଯାଉଥିବା ଲୋକମାନେ ଯେପରି ମାସ୍କ ପିନ୍ଧିଥିବେ ସେଥିପ୍ରତି କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। କୋଭିଡ୍ ଗାଇଡ୍‌ଲାଇନକୁ କଡାକଡି ପାଳନ କରିବା ନେଇ ସମସ୍ତ ପଦକ୍ଷେପ ନେବେ। ନାଇଟ କର୍ଫ୍ୟୁ ସମୟରେ ଅତ୍ୟାବଶ୍ୟକ ସେବା ପାଣି, ବିଜୁଳି, ଗ୍ୟାସ, ହୋମ୍ ଡେଲିଭରି ଯୋଗାଉଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ଏହି କଟକଣାରୁ ମୁକ୍ତ କରାଯାଇଛି। ଯିବା ଆସିବା ବେଳେ ସେହି କର୍ମଚାରୀମାନେ ନିଜ କାର୍ଯ୍ୟାଳୟର ପରିଚୟପତ୍ର ଦେଖାଇବେ। ସରକାରଙ୍କ ପକ୍ଷରୁ କୌଣସି ସ୍ୱତନ୍ତ୍ର ପରିଚୟପତ୍ର ଜାରି କରାଯିବ ନାହିଁ। ନାଇଟ କର୍ଫ୍ୟୁ ସମୟରେ ରାଜ୍ୟ ଭିତରେ କିମ୍ବା ରାଜ୍ୟ ବାହାରକୁ ଚଳାଚଳ କରୁଥିବା ମାଲବାହୀ ଯାନବାହନ ପୂର୍ବଭଳି ଚଳାଚଳ କରିବ।

ବାହାଘର ପାଇଁ ୫୦ ଏବଂ ଶୁଦ୍ଧିକ୍ରିୟା ପାଇଁ ୨୦ ଜଣଙ୍କୁ ଅନୁମତି ଦିଆଯାଇଛି। ଲୋକମାନଙ୍କ ଜୀବିକା କ୍ଷତିଗ୍ରସ୍ତ ହେବା ସରକାର ଚାହୁନାହାନ୍ତି। ହାଟ ଓ ବଜାର ଖୋଲା ରହିବ। ତେବେ ଯେଉଁ ବ୍ୟବସାୟୀମାନେ ବାହାରେ ବସୁଛନ୍ତି ସେମାନେ ପରସ୍ପର ମଧ୍ୟରେ ଦୂରତା ରଖି ବସିବେ। ଗ୍ରାହକମାନେ ମାସ୍କ ପିନ୍ଧି ଦୂରତା ରକ୍ଷା କରି ଜିନିଷପତ୍ର କିଣିବେ। କେହି ଖୋଲା ମୁହଁରେ କଥାବାର୍ତ୍ତା କରିବେ ନାହିଁ। କଥା ହେବା ବେଳେ ଦୂରତା ରଖିବାକୁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି। ଦୋକାନୀ ଓ ଗ୍ରାହକମାନେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏହାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଗତବର୍ଷ ୪୦ଟି କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ଥିଲା। ଏବେ ସେହି ହସ୍ପିଟାଲ କାର୍ଯ୍ୟକ୍ଷମ ରହିଛି। ଅଧିକ ବେଡ୍ ବଢ଼ାଇବାକୁ ସରକାର ଉଦ୍ୟମ କରୁଛନ୍ତି। ଗତବର୍ଷ ଭଳି ଚଳିତ ବର୍ଷ ପୁଣି ସହଯୋଗ ଯୋଗାଇ ଦେବାକୁ ମୁଖ୍ୟ ଶାସନ ସଚିବ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ଦଶମ, ଦ୍ୱାଦଶ...

ହୋଇଥିଲା। ତେବେ କରୋନାର ଦ୍ୱିତୀୟ ଲହରି ସମୟରେ ପରୀକ୍ଷା କରିବା ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ନିରାପତ୍ତାକୁ ବିପଦରେ ପକାଇବ। ତେଣୁ ରାଜ୍ୟ ସରକାର ବର୍ତ୍ତମାନ ପରିସ୍ଥିତିରେ ପରୀକ୍ଷା ସ୍ଥଗିତ ରଖିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଜୁନ୍ ପ୍ରଥମ ସପ୍ତାହରେ ସ୍ଥିତି ସମୀକ୍ଷା କରାଯିବା ପରେ ପରୀକ୍ଷା ସମ୍ପର୍କିତ ନିଷ୍ପତ୍ତି ନିଆଯିବ। ଏଥିଲାଗି ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ସମୟ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ୨୦୨୦-୨୧ ଶିକ୍ଷାବର୍ଷର ନବମ ଓ ଏକାଦଶ ଶ୍ରେଣୀରେ ପାଠ ପଢୁଥିବା ସବୁ ଛାତ୍ରୀଛାତ୍ର ପାସ୍ ବୋଲି ଘୋଷଣା କରାଯାଇଛି। ଚଳିତ ଶିକ୍ଷାବର୍ଷରେ ସେମାନେ ସିଧାସଳଖ ଦଶମ ଏବଂ ଦ୍ୱାଦଶ ଶ୍ରେଣୀରେ ପଢ଼ିବା ଲାଗି ଯୋଗ୍ୟ ବିବେଚିତ ହେବ। ଏଥିଲାଗି ସେମାନଙ୍କୁ ଆଉ କୌଣସି ପରୀକ୍ଷା ଦେବାକୁ ପଡ଼ିବନାହିଁ। ଅନ୍ୟପଟେ ୨୦୨୦-୨୧ ଶିକ୍ଷା ବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀର ସମସ୍ତ କ୍ଲାସ୍ ଆସନ୍ତା ୧୯ ତାରିଖରୁ ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ସ୍କୁଲରେ କୌଣସି ପ୍ରକାର ଶୈକ୍ଷିକ କାର୍ଯ୍ୟକ୍ରମ କରାଯାଇପାରିବ ନାହିଁ। ଏହି ନିଷ୍ପତ୍ତି ଓଡ଼ିଶା ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ସହ ସହବନ୍ଧିତ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ତଥା ଘରୋଇ ବିଦ୍ୟାଳୟ କ୍ଷେତ୍ରରେ ଲାଗୁ ହେବ। ସେହିପରି ସିବିଏସ୍‌ଇ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ସହବନ୍ଧିତ ରାଜ୍ୟର ସମସ୍ତ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଲାଗି ଗତ ୧୪ରୁ ସିବିଏସ୍‌ଇ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ। ଆସନ୍ତା ୧୯ରୁ ରାଜ୍ୟର ସମସ୍ତ ଇଂଲିଶ ମାଧ୍ୟମ ସ୍କୁଲ ଓ ସେମାନଙ୍କ ଦ୍ୱାରା ପରିଚାଳିତ ହଷ୍ଟେଲଗୁଡିକ ମଧ ବନ୍ଦ ରହିବ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି।

## ଏନ୍ଇଇଟି...

ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଡାକ୍ତରମାନେ କରୋନା ରୋଗୀଙ୍କ ଚିକିତ୍ସା କରୁଥିବାରୁ ଏଭଳି ସମୟରେ ପରୀକ୍ଷା ହେଲେ ହଜାର ହଜାର ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବ ବୋଲି ସେମାନେ ପିଟିଶନରେ ଦର୍ଶାଇଥିଲେ। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଶୁକ୍ରବାର ଉକ୍ତ ଆବେଦନର ଶୁଣାଣି କରିବେ।

## ମେ ୧୫ ଯାଏ...

ସମାଗମକୁ ଅନୁମତି ମିଳିବ ନାହିଁ ବୋଲି ସଂସ୍କୃତି ମନ୍ତ୍ରଣାଳୟର ଗଣମାଧ୍ୟମ ଉପଦେଷ୍ଟା ନୀତିନ ତ୍ରିପାଠୀ କହିଛନ୍ତି। ପ୍ରକାଶ ଯେ, କରୋନା ମହାମାରୀ ଯୋଗୁ ଗତବର୍ଷ ମାର୍ଚ୍ଚ ୧୭ରୁ ଏଏସ୍‌ଆଇ ଅଧୀନ ସମସ୍ତ ଐତିହ୍ୟ ସ୍ଥଳକୁ ବନ୍ଦ କରିଦିଆଯାଇଥିଲା। ଜୁଲାଇରେ କୋଭିଡ୍ କଟକଣା ମଧ୍ୟରେ ସେଗୁଡ଼ିକ ପୁନର୍ବାର ଭକ୍ତ ଓ ପର୍ଯ୍ୟଟକମାନଙ୍କ ପାଇଁ ଖୋଲିଥିଲା। ମାସ୍କ ପରିଧାନ ଓ ସାମାଜିକ ଦୂରତାକୁ ବାଧ୍ୟତାମୂଳକ କରାଯିବା ସହ ପର୍ଯ୍ୟଟକଙ୍କ ସଂଖ୍ୟାକୁ ସୀମିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଏହି କଟକଣାକୁ କୋହଳ କରିଦିଆଯାଇଥିଲା। ତେବେ ସଂକ୍ରମଣର ଦ୍ୱିତୀୟ ଲହର ଭୟଙ୍କର ଭାବେ ବଢ଼ିଚାଲିଥିବାରୁ ପୁଣି ଥରେ ସମସ୍ତ ଐତିହ୍ୟ ସ୍ଥଳକୁ ବନ୍ଦ ରଖିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି।

## ବୁଡ଼ିଗଲେ...

ପୋଲିସକୁ ଜଣାଇଥିଲେ। ପୋଲିସ ଓ ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବୈତରଣୀ ଗୌରାଙ୍ଗପୁରଠାରେ ବ୍ରିଜ୍ କାମ ଚାଲିଥିବା ସ୍ଥାନରେ ଏକ ଖାଲରେ ଖୋଜାଖୋଜି କରି ଭଉଣୀ ଭାଇଙ୍କ ମୃତଦେହ ଠାବ କରିଥିଲେ। ମନ୍ମଥଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିଲେ। ସେମାନଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଧାମନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ପେଟ୍ରୋଲ କମିଲା...

ଏବଂ ୮୭.୮୧ ଟଙ୍କାରେ ବିକ୍ରି କରାଯାଉଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୩୦ରେ ଶେଷ ଥର ପାଇଁ ତେଲ ଦର ହ୍ରାସ ପାଇଥିଲା। ଗତ ୧୫ଦିନ ଧରି ସ୍ଥିର ରହିବା ପରେ ପୁଣି ଥରେ ତେଲ ଦର କମିଛି। ଫେବୃୟାରୀ ଶେଷ ସପ୍ତାହରୁ ତେଲ ଦର ବଢ଼ି ନ ଥିଲେ ମଧ ବର୍ତ୍ତମାନ ସମୟରେ ଦର ପୂର୍ବାପେକ୍ଷା ଅଧିକ ରହିଛି। ରାଜସ୍ଥାନ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟର ଅନେକ ସ୍ଥାନରେ ଏହା ୧୦୦ ଟପିଛି। ଦେଶର ଅନ୍ୟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୯୦ ଟଙ୍କା ଉପରେ ବିକ୍ରି ହେଉଛି। କରୋନା ମହାମାରୀ ସମୟରେ ଏଭଳି ତୈଳଦର ବୃଦ୍ଧିର ପ୍ରଭାବ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ାଇଛି, ଯାହା ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୨ମାସ ହେଲା ହ୍ରାସ ପାଉଛି। ବିଭିନ୍ନ କାରଣରୁ ଓପେକ୍ ରାଷ୍ଟ୍ରସମୂହ ତେଲ ଉତ୍ପାଦନ ହ୍ରାସ କରିଥିଲେ। ପରବର୍ତ୍ତୀ ସମୟରେ ସମସ୍ୟା ସମାଧାନ ହୋଇଛି। ତୈଳ ଉତ୍ପାଦନ ସ୍ୱାଭାବିକ ହେବାରେ ଲାଗିଛି। କେନ୍ଦ୍ର ସରକାର ଏହି ସମୟରେ ଆବଶ୍ୟକ ପଦକ୍ଷେପ ସ୍ୱରୂପ ତେଲ ଉପରେ ଲାଗୁ କରାଯାଇଥିବା ଶୁଳ୍କ ପରିମାଣକୁ (ପେଟ୍ରୋଲ ୩୨.୯୦ ଟଙ୍କା, ଡିଜେଲ ୩୧.୮୦ ଟଙ୍କା) ହ୍ରାସ କରିଦେଲେ ଦର ଆହୁରି କମିପାରନ୍ତା। ସେହିଭଳି ବିଭିନ୍ନ ରାଜ୍ୟରେ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଶୁଳ୍କର ପରିମାଣ ହ୍ରାସ ହେଲେ ଖାଉଟି ଉପକୃତ ହେବେ। ମହାମାରୀ ସମୟରେ ସେମାନଙ୍କ ଉପରେ ପଡୁଥିବା ଅତିରିକ୍ତ ଖର୍ଚ୍ଚ କମିପାରିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

## ହାଇଦରଙ୍କୁ ଧରିଲା...

ପ୍ରକାଶ ଯେ, ସମ୍ବଲପୁର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିବା କୁଖ୍ୟାତ ଅପରାଧୀ ହାଇଦର ଶାରୀରିକ ଅସୁସ୍ଥତା ଆଳ କରି ପ୍ରଥମେ ଭିମ୍‌ସାର ମେଡିକାଲ ଏବଂ ପରେ ମାର୍ଚ୍ଚ ୨୩ରେ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ତାଙ୍କ ସୁରକ୍ଷା ଦୃଷ୍ଟିରୁ ଜଣେ ହାବିଲ୍‌ଦାର ଓ ୫ଜଣ କନଷ୍ଟେବଳ ସାଙ୍ଗରେ ଆସିଥିଲେ। ସର୍ଜରି ବିଭାଗର ୫ନଂ କ୍ୟାବିନରେ ହାଇଦର ଚିକିତ୍ସିତ ହେଉଥିଲେ। ଜଣେ କୁଖ୍ୟାତ ଅପରାଧୀଙ୍କୁ ହସ୍ପିଟାଲରେ କଡ଼ା ସୁରକ୍ଷା ବ୍ୟବସ୍ଥାରେ ରଖାଯିବାର ନିୟମ ଥିଲେ ସୁଦ୍ଧା ହାଇଦରଙ୍କ ଠାରେ ସେଭଳି ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା। ଏପରି କି ହାଇଦର ଏସ୍‌ସିବିରେ ଭର୍ତ୍ତି ହେବା ନେଇ କୌଣସି ସୂଚନା ଏସ୍‌ସିବି ପରିସରରେ ଥିବା ଫାଣ୍ଡି କିମ୍ବା ମଙ୍ଗଳାବାଗ୍ ଥାନାକୁ ଦିଆଯାଇ ନ ଥିଲା। ଯାହାର ଫାଇଦା ଉଠାଇବାକୁ ହାଇଦର ଚେଷ୍ଟା କରିଥିଲେ। ଗତ ୧୦ତାରିଖ ଶନିବାର ହାଇଦର ରହୁଥିବା କ୍ୟାବିନକୁ ତାଙ୍କ ପୁଅ, ଭାଇ, ପୁତୁରା ସମେତ ୫ଜଣ ଆସିଥିଲେ। ସେଠାରେ ଦାୟିତ୍ୱରତ କନଷ୍ଟେବଳ ମହମ୍ମଦ ମୌସୁମିଙ୍କୁ ନିଶା ଦେଇ ଅପରାହ୍ନ ସାଢ଼େ ୪ଟାରେ ହାଇଦର ଫେରାର ହୋଇଯାଇଥିଲେ। ହାଇଦର ଫେରାର ହୋଇଯିବାର ପ୍ରାୟ ୨ଘଣ୍ଟା ପରେ ପୋଲିସକୁ ଖବର ମିଳିଥିଲା। ସହରକୁ ଚାରିପଟୁ ସିଲ୍ କରିବା ସହ ବିଭିନ୍ନ ପ୍ରବେଶ ପଥରେ ଯାଞ୍ଚକୁ କଡ଼ାକଡି କରାଯାଇ ଥିଲା। ହେଲେ ହାଇଦରଙ୍କ କୌଣସି ପତ୍ତା ମିଳି ନ ଥିଲା। ଗୋଇନ୍ଦା ତଥ୍ୟକୁ ଆଧାର କରି କମିଶନରେଟ ପୋଲିସର ୨ଟି ସ୍ୱତନ୍ତ୍ର ଟିମ୍ ଗତ ୩ଦିନ ହେବ ତେଲଙ୍ଗାନା ଯାଇ ସେଠାରେ ସ୍ଥାନୀୟ ପୋଲିସ ସହାୟତାରେ ହାଇଦରଙ୍କୁ ଖୋଜାଖୋଜି କରିବା ପରେ ଗୁରୁବାର ତାଙ୍କୁ ଧରିଥିବା ସୌମେନ୍ଦ୍ର ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ହାଇଦରଙ୍କୁ କଟକ ଅଣାଯାଇ ୨୪ଘଣ୍ଟା ମଧ୍ୟରେ କୋର୍ଟରେ ହାଜର କରାଯିବ ବୋଲି ସେ କହିଛନ୍ତି। ଏସ୍‌ସିବିରେ ଚିକିତ୍ସିତ ହେଉଥିବା ହାଇଦର କେମିତି ଫେରାର ହେଲେ ଏବଂ ଏଥିରେ ତାଙ୍କୁ କିଏ ସହଯୋଗ କରିଛନ୍ତି ସେନେଇ ଅଧିକ ତଦନ୍ତ ଜାରି ରହିବା ସହ ଫେରାର ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୌମେନ୍ଦ୍ର କହିଛନ୍ତି। ଏପରି କି ହାଇଦ୍ରାବାଦ ସିଟି ପୋଲିସ ହାଇଦରଙ୍କୁ ଧରିଥିବା ନେଇ ଯେଉଁ ଟୁଇଟ କରିଛି ତାହା ସତ୍ୟ ନୁହେଁ ବୋଲି କମିଶନର କହିଛନ୍ତି।


# classifieds Everyday
0674-2580101, 2549302

real estate

**SALE**

Gharabari Residential Plot for Sale- S.C Plot- 1200/- UttaraNH, Rangabazar- 700/- Near BJEM-2, Sundarpada- 1450/-, Samantarapur- 1750-3600/-. 9439049194, 7978551614. D-20516

**Bhubaneswar, Hanspal residential Colonyରେ 1500sqft. @ 23,25,000ରେ plot ମିଳୁଛି। 9853415415, 7008351926.** D-20248

Schedulecaste gharabari plot sale 6k.m. from Nakhara, Brahmanjharilo mainroad side 1200sqft. 9,60,000/-, Anantapur 2k.m. from main road 1500sqft. 9,75,000/-, 9439006524. D-70840

**Plot for Sale, 2000sqft (10nos) per sqft-1800 Yellowzone infront of Tata ariana, Vipul Garden Backside Ghatikia Mouza-sankarpur, BBSR. Water & Electricity available 30' Road NH-5 to 1km Contact: 7381564227.** D-20497

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70837

ଭୁବନେଶ୍ୱର ନଖରା **East Engineering College backside** ଘରବାରି **developed plot with electricity available.** ଯୋଗାଯୋଗ- **9937111658, 7381029351 (limited plots).** D-70816

Shree Krishna developer 55acres township plotting project near Sum Hospital for enquiry. 8337900881. D-70582

**Bhubaneswar Jaydev Vihar ଛକରେ Sqft. 5000/-ରେ ଘରବାରି Plot ମିଳୁଛି। Owner - 9090963952.** D-70832

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ଛକପାଖରେ ଘରବାରି **SC Plot 5,41,000/-**ରେ ବିକ୍ରି ହେବ। **9439832956.** D-70824

**Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254.** D-70825

Book 3BHK premium duplex, Hanspal Chhack, 1km. from NH (Low price, Bank finance). 7327043914. D-70586

**Demarcated** ପ୍ଲଟ୍ **KEC,** ଗୁଡ଼ିଆପୋଖରୀ ପାଖରେ **immediate registration & possession** ଅଗ୍ରିମ **boundarywall, electricity with 30ft. road sqft.650/-**ରେ ମିଳୁଛି। **Contact: 7008045582, 7749800648.** D-20490

ଭୁବନେଶ୍ୱର ଖୋର୍ଦ୍ଧା **NH side** ପିତାପଲ୍ଲୀ ଛକ ନିକଟରେ **plot** ମିଳୁଛି। **owner 9090963952.** D-70831

**Plot for Sale Near Pipili Toll Gate, Just 16 K.M. from Bhubaneswar, Kalpana Square. Contact: 9937446498.** D-70581

**2/3BHK flat at Bhubaneswar booking open, Discfount offer, limited period upto 5,00,000/-. 9040744989.** D-70836

to-let

Ground floor 2Bedroom independent house Laxmisagar, Bhubaneswar. Contact: 9437075580, 9437557580. D-69496

healthcare

Monalisa massage club : All types body massage with hiprofile smart lady rooms service available 9708545108. D-20518

Zen SPA positively health benefits with experts therapeutic genuinely massage. 7205084157. D-70585

New opening Saikrupa Panchakarma and Spa jointpain, fullbody massage, 8984068077. D-65915

Swarna SPA newly open positively health benefits with expert therapist. 9556978408. D-70584

Newly open full body massage ladies and gents. 9040900385. D-69547

astrology

ଜଗନ୍ନାଥ ଆଷ୍ଟ୍ରୋରେ ମାତ୍ର ୫ଘଣ୍ଟାରେ ସମସ୍ତ ପ୍ରକାର ପାରିବାରିକ/ ବ୍ୟବସାୟିକ ସମାଧାନ। 7894677450. D-59987

**AFFIDAVIT**

Affidavit before Executive Magistrate, Dhenkanal, I Rashmita Dash solemnly declared that Rashmita Dash and Rashmita Panigrahi, W/o. Pradeep Kumar Dash, D/o. Ramakanta Panigrahi, At-Bainsia, PS-Gondia, Dist-Dhenkanal, is one and same person. She can benefit all official purpose. D-70321

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୩,୯୩,୬୯,୫୦୩ | ୨୯,୯୧,୮୨୫ | ୧୧,୮୪,୯୩,୯୧୦ |
| ଭାରତ | ୧,୪୨,୬୮,୯୬୩ | ୧,୭୪,୧୭୨ | ୧,୨୫,୩୦,୬୬୦ |
| ଓଡ଼ିଶା | ୩,୫୮,୩୪୨ | ୧୯୩୫(+୫୩) | ୩,୪୨,୫୭୦ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବଜ୍ରପାତରେ ୨ ମୃତ

**ପାରଳାଖେମୁଣ୍ଡି,୧୫।୪(ଡି.ଏନ୍.ଏ.):** ଗଜପତି ଜିଲା ମୋହନା ଓ ରାୟଗଡ଼ ବ୍ଲକରେ ବୁଧବାର କାଳବୈଶାଖୀ ପ୍ରଭାବରେ ହୋଇଥିବା ବଜ୍ରପାତରେ ୨ ଜଣଙ୍କ ଜୀବନ ଯାଇଛି। ମୋହନା ବ୍ଲକ ଚୁଡଙ୍ଗପୁର ପଞ୍ଚାୟତ ରଥଦାଣ୍ଡ ଗ୍ରାମର ବେର୍ନିକା ରଇତ ପରିବାର ଲୋକଙ୍କ ସହ ଗ୍ରାମ ନିକଟ ଜଙ୍ଗଲକୁ କାଜୁ ସଂଗ୍ରହ ପାଇଁ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଘରକୁ ଫେରିବା ବେଳେ ବର୍ଷାପବନ ସହ ବଜ୍ରପାତ ହୋଇଥିଲା। ବଜ୍ରାଘାତରେ ବେର୍ନିକା ଅଚେତ ହୋଇପଡ଼ିଥିଲେ। ଏହାଦେଖି ସ୍ୱାମୀ ଦୁତିଆ ରଇତ ଗ୍ରାମବାସୀଙ୍କୁ ଡାକି ଦୋଳାରେ ତାଙ୍କୁ ଡାକ୍ତରଖାନା ନେବା ବେଳେ ବାଟରେ ବେର୍ନିକାଙ୍କ ମୃତ୍ୟୁ ଘଟିଥିଲା। ସେହିପରି ରାୟଗଡ଼ ବ୍ଲକ ଅନ୍ତର୍ଗତ କଲମସିଂ ଗ୍ରାମର ପ୍ରକାଶ ଶବର ସ୍ନାନଶୌଚ ନିମନ୍ତେ ବାହାରକୁ ଯାଇଥିବା ବେଳେ ହଠାତ୍ ବର୍ଷାପବନ ସହ ବଜ୍ରପାତ ହୋଇଥିଲା। ପ୍ରକାଶ କୌଣସି ପ୍ରକାରେ ଘରକୁ ଫେରିବା ପାଇଁ ଉଦ୍ୟମ କରିଥିଲେ ମଧ ବଜ୍ରାଘାତର ଶିକାର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

### ରାୟଗଡ଼ା ଜିଲାରେ ମୃଦୁ ଭୂମିକମ୍ପ

**ରାୟଗଡ଼ା ଅଫିସ,୧୫।୪:** ରାୟଗଡ଼ା ଜିଲାର କେତେକ ଅଞ୍ଚଳରେ ଗୁରୁବାର ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୋର୍ ୪ଟାବେଳେ ରାୟଗଡ଼ା ସହର ସମେତ ଜେକେପୁର ଏବଂ ଥେରୁବାଲି ଅଞ୍ଚଳରେ ଲୋକେ ୨ରୁ ୩ ସେକେଣ୍ଡ ପାଇଁ ଭୂମିକମ୍ପର ଝଟ୍‌କା ଅନୁଭବ କରିଥିଲେ। ଶୋଇଥିବା ଖଟ ଏବଂ ଆସବାବପତ୍ର ଥରିବା ଅନୁଭବକରି ଲୋକେ କିଛି ସମୟ ପାଇଁ ଭୟଭୀତ ହୋଇପଡ଼ିଥିଲେ। ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୩.୨ ରହିଥିବାବେଳେ ଏଥିରେ କୌଣସି ଧନଜୀବନ ହାନି ହୋଇ ନ ଥିବା ଜଣାପଡ଼ିଛି।

ତେଲଙ୍ଗାନାରୁ ହାଇଦର ଗିରଫ୍।




# କୋଭିଡ୍ ଦାୟିତ୍ୱରେ ୨୧ ଆଇଏଏସ୍ ଅଧିକାରୀ

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

କରୋନାର ୨ୟ ଲହର ସଂକ୍ରମଣ ମୁକାବିଲା ଲାଗି ଓଡ଼ିଶା ସରକାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଜିଲାସ୍ତରରେ କୋଭିଡ୍ ପରିଚାଳନା ଦାୟିତ୍ୱ ଗୁରୁବାର ପ୍ରଦାନ କରିଛନ୍ତି । ୨୧ ଜଣ ଆଇଏଏସ୍ ଅଫିସର କୋଭିଡ୍ ପର୍ଯ୍ୟବେକ୍ଷକ ଭାବେ ଜିଲାସ୍ତରରେ କାମ କରିବେ। ଉକ୍ତ ଅଧିକାରୀମାନଙ୍କ ଭିତରୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ସଂକ୍ରମଣ ପ୍ରତିରୋଧ କାର୍ଯ୍ୟକ୍ରମ ତଦାରଖ ଦାୟିତ୍ୱ ଆଇଏଏସ୍ ଅଧିକାରୀ ଅନୁ ଗର୍ଗ ଓ ଡ. ଏନ୍. ତିରୁମାଲା ନାୟକ ନେବେ। ସେହିପରି ବାଲେଶ୍ୱର ଏବଂ ଭଦ୍ରକ ଜିଲା ଦାୟିତ୍ୱ ମଧୁସୂଦନ ପାଢ଼ୀଙ୍କୁ ଦିଆଯାଇଥିବା ବେଳେ ବଲାଙ୍ଗୀର, ବରଗଡ଼ ଏବଂ ନୂଆପଡ଼ା ଜିଲା ଦାୟିତ୍ୱ ସତ୍ୟବ୍ରତ ସାହୁ ଓ ବେଣୁଧର ବେହେରାଙ୍କୁ ଦିଆଯାଇଛି। ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲା ପାଇଁ ନିକୁଞ୍ଜ ବିହାରୀ ଧଳଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ପାଇଁ ସୁରେନ୍ଦ୍ର କୁମାର ଓ ଶ୍ରୀକାନ୍ତ ପୃଷ୍ଟିଙ୍କୁ ନିଯୁକ୍ତ କରାଯାଇଛି । ଗଞ୍ଜାମ ଓ ଗଜପତି ଜିଲାରେ ଜି. ମାଥିଭାଥାନନ, ଯାଜପୁର-ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ପାଇଁ ହେମନ୍ତ ଶର୍ମା ଓ ସୁରେଶ ଚନ୍ଦ୍ର ଦଳାଇଙ୍କୁ ନିଯୁକ୍ତ କରାଯାଇଛି। ସେହିଭଳି ସମ୍ବଲପୁର ଓ ସୋନପୁର ଜିଲାରେ ଚିତ୍ରା ଅରୁମ୍‌ଗମଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ଶାଶ୍ୱତ ମିଶ୍ର ଓ ବିଷ୍ଣୁପ୍ରସାଦ ମିଶ୍ରଙ୍କୁ କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲା ଦାୟିତ୍ୱ ଦିଆଯାଇଛି। କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁର ଜିଲା ପାଇଁ ଭି.ଭି.ଯାଦବ ଓ ରସିଦ୍ ଖାନ୍ ଦାୟିତ୍ୱ ତୁଲାଇବେ। ଗଜପତି ଜିଲା ପାଇଁ ଟି. ୱାପଙ୍ଗ ଆଓଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଅନିଲ କୁମାର ସାମଲଙ୍କୁ କଟକ, ନୟାଗଡ଼,ପୁରୀ ଓ ଖୋର୍ଦ୍ଧା ଜିଲା ଦାୟିତ୍ୱ ଦିଆଯାଇଛି । କଟକ ନଗର ଓ ଗ୍ରାମାଞ୍ଚଳ ପାଇଁ କୋଭିଡ୍ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ସୁଶାନ୍ତ ମହାପାତ୍ର ରହିବେ ବୋଲି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ସ୍ୱେରେଜ ସଫେଇ ବେଳେ ୨ ମୃତ

**କଟକ ଅଫିସ, ୧୫।୪**

ସିଡିଏ ସେକ୍ଟର-୧୦ ଅଞ୍ଚଳରେ ଗୁରୁବାର ସ୍ୱେରେଜ ସଫେଇ ବେଳେ ଦୁଃଖଦ ଘଟଣା ଘଟିଛି। ଏହି କାମରେ ନିୟୋଜିତ ଥିବା ୩ ସଫେଇ କର୍ମଚାରୀଙ୍କ ମଧ୍ୟରୁ ୨ଜଣଙ୍କର ଶ୍ୱାସରୁଦ୍ଧ ଅବସ୍ଥାରେ ଜୀବନ ଯାଇଛି। ସେହିପରି ଜଣେ ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ ଉଦ୍ଧାର ପରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକ ଦ୍ୱୟ ହେଲେ କଟକ ମେରିଆ ବଜାର ମକରାବାଗ ସାହିର ପି. ଶଙ୍କର (୨୩) ଓ ବଡମ୍ବା ଅଞ୍ଚଳର ବିଷ୍ଣୁ ନାୟକ (୨୨)। ଗୁରୁତର ଜଣକ ହେଲେ ମକରାବାଗ ସାହିର ଡି. ଶିବା।

ସୂଚନା ଅନୁଯାୟୀ, ସିଡିଏ ସେକ୍ଟର-୧୦ ଗଡ଼ା ଛକ ରାସ୍ତା ପାର୍ଶ୍ୱରେ ସ୍ୱେରେଜ ସଫେଇ କାମ ଚାଲିଥିଲା। ଏହି କାମରେ ପି. ଶଙ୍କର, ଡି. ଶିବା ଓ ବିଷ୍ଣୁ ନାୟକଙ୍କୁ ନିୟୋଜିତ କରାଯାଇଥିଲା। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ପ୍ରଥମେ ଶଙ୍କର ସ୍ୱେରେଜ ଭିତରେ ପଶିଥିଲେ। ସେ ୧୦-୧୫ ଫୁଟ୍ ଗଭୀରକୁ ଯାଇ ନ ଫେରିବାରୁ ବିଷ୍ଣୁ କ'ଣ ହେଲା ଜାଣିବାକୁ ସ୍ୱେରେଜ ଭିତରକୁ ଯାଇଥିଲେ।

### ଜଣେ ଗୁରୁତର

ତେବେ ଉଭୟଙ୍କ ଫେରିବା ବିଳମ୍ବ ହେବାରୁ ଶିବା ବିବ୍ରତ ହୋଇପଡ଼ିଥିଲେ। ଶେଷରେ ସେ ବି ସ୍ୱେରେଜ ଭିତରକୁ ପଶିଥିଲେ। ପରେ ସେମାନଙ୍କୁ ରକ୍ଷା କରିବା ପାଇଁ ସେ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇଯିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ୩ଜଣଙ୍କୁ ସ୍ୱେରେଜରୁ ଉଦ୍ଧାର କରି ଚିକିତ୍ସା ପାଇଁ ଏସ୍‌ସିବିକୁ ପଠାଇଥିଲେ। ତେବେ ସେଠାରେ ପି. ଶଙ୍କର ଓ ବିଷ୍ଣୁ ନାୟକଙ୍କୁ ମୃତ ଘୋଷଣା କରାଯାଇଥିଲା। ଡି. ଶିବା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ହସ୍ପିଟାଲ ପକ୍ଷରୁ ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ଭୁବନେଶ୍ୱର ଟଙ୍କପାଣି ରୋଡ ଅଞ୍ଚଳରେ ମଧ ଏଭଳି ଘଟଣା ଘଟିଥିଲା। ସ୍ୱେରେଜ ସଫେଇ କରିବାବେଳେ ୨ଜଣ ଶ୍ରମିକଙ୍କର ଶ୍ୱାସରୁଦ୍ଧ ହୋଇପଡ଼ିଥିଲେ। ଉଭୟଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।


ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କାର୍ଯ୍ୟ ଚାଲିଛି।

# ୧୦ ଦିନ ଲାଗି ୨୫ ଲକ୍ଷ ଟିକା ପଠାଅ: ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୫।୪(ବ୍ୟୁରୋ)**

ସ୍ୱଳ୍ପ ପରିମାଣ ଏବଂ ଅନିୟମିତ ଟିକା ଯୋଗାଣ ଯୋଗୁ ରାଜ୍ୟରେ କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମ ପ୍ରଭାବିତ ହେଉଛି। ସମସ୍ୟାର ତ୍ୱରିତ ସମାଧାନ ପାଇଁ ୧୦ଦିନ ଲାଗି ପ୍ରାୟ ୨୫ ଲକ୍ଷ କୋଭାଶିଲ୍ଡ ଡୋଜ୍ ଜରୁରିକାଳୀନ ଭିତ୍ତିରେ ଯୋଗାଇଦେବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ। ମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ରାଜ୍ୟରେ ଦୈନିକ ଟିକାକରଣର କ୍ଷମତା ରହିଛି ୩ ଲକ୍ଷ। ଏହି ସମୟରେ ରାଜ୍ୟକୁ ୨ରୁ ୩ ଲକ୍ଷ ଡୋଜ୍ ଟିକା ମିଳୁଛି। ରାଜ୍ୟ ଭାକ୍ସିନ ଷ୍ଟୋରରୁ ଆଞ୍ଚଳିକ ଭାକ୍ସିନ୍ ସବ୍‌ସେଣ୍ଟର ଓ ଜିଲା ଭାକ୍ସିନ ସେଣ୍ଟରରେ ପହଞ୍ଚିବାକୁ ଏହାକୁ ୩ ଦିନ ଲାଗିଯାଉଛି। ଏଭଳି ଅନିୟମିତ ଟିକାଯୋଗାଣ ପାଇଁ କମ୍ୟୁନିଟି ସେଣ୍ଟରଗୁଡିକରେ ଯୋଜନା ମୁତାବକ ଟିକାଦାନ କାର୍ଯ୍ୟକ୍ରମ ସମ୍ଭବ ହୋଇପାରୁ ନାହିଁ। ବର୍ତ୍ତମାନ ସୁଦ୍ଧା ରାଜ୍ୟକୁ ୫୦ଲକ୍ଷ ୭୯ ହଜାର ୬୫୦ ଡୋଜ୍ ଟିକା ଯୋଗାଇ ଦିଆଯାଇଛି। ଏଥିମଧ୍ୟରୁ ୪୫ ଲକ୍ଷ ୪୨ ହଜାର ୮୭୦ ଡୋଜ୍ କୋଭାଶିଲ୍ଡ ଏବଂ ଅବଶିଷ୍ଟ ୫ ଲକ୍ଷ ୩୬ ହଜାର ୭୮୦ କୋଭାକ୍ସିନ ଟିକା। ବର୍ତ୍ତମାନ ରାଜ୍ୟ, ଜିଲା ତଥା ବ୍ଲକସ୍ତରୀୟ ଟିକାକରଣ କେନ୍ଦ୍ରଗୁଡ଼ିକରେ କୋଭାଶିଲ୍ଡ ଟିକା ନାହିଁ। ୧ ଲକ୍ଷ ୭୪ ହଜାର ୪ ଡୋଜ୍ କୋଭାଶିଲ୍ଡ ଓ ୨ ଲକ୍ଷ ୪୯ ହଜାର ୧୯୬ ଡୋଜ୍ କୋଭାକ୍ସିନ ଟିକା ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି।





For Institutional and Bulk Sales please write to bhubaneshwar@heromotocorp.com

**ଅଥରାଇଜ୍‌ଡ ଡିଲର: ବରଗଡ଼:** ଆକାଶ ହୀରୋ - 7799766396. **ଭବାନୀପାଟନା :** ଅରୁନ୍ଧତୀ ହୀରୋ - 7799766385. **ବଲାଙ୍ଗିର:** ଅରୁନ୍ଧତୀ ହୀରୋ - 7799766327. **ଝାରସୁଗୁଡ଼ା:** ବିଜୟଲକ୍ଷ୍ମୀ ହୀରୋ - 7799766368. **ରାଉରକେଲା:** ଦୁଆ ହୀରୋ - 7799766391. **ସମ୍ବଲପୁର:** ଶ୍ରୀ ଶ୍ୟାମ ହୀରୋ - 7799766356. **ସୋନପୁର:** ଜୟ ଜୱାନ ହୀରୋ - 7799766419. **ସୁନ୍ଦରଗଡ଼:** ରୋବୋଟେକ୍ ହୀରୋ - 8448183659. **ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବାମରା:** ଚୌଧୁରି ହୀରୋ - 9938274720. **ବରପାଲି:** ଦୁର୍ଗା ମୋଟର୍ସ- 9861265979. **ବେଲପାହାଡ଼:** ବର୍ଷା ମୋଟର୍ସ - 9437058417. **ବୌଧ:** ବନ୍‌ସଲ ଅଟୋ - 9437062948. **ବ୍ରଜରାଜନଗର:** ବୀନା ମୋଟର୍ସ - 9861078290. **ଦେବଗଡ଼ :** ଜିନ୍ଦାଲ ମୋଟର୍ସ - 9437056659. **କୁନାଗଡ଼:** ଶ୍ରୀ ବିମଳା ମୋଟର୍ସ - 7008407979. **କାନ୍ତାବାଞ୍ଜି:** ଆଶୀର୍ବାଦ ମୋଟର୍ସ - 9937535770. **ନୂଆପଡ଼ା:** ମାରୁତି ଅଟୋ - 9937928818, 7381199999. **ପଦ୍ମପୁର:** ଦେବେଶ ମୋଟର୍ସ - 9437253970. **ରାଜଖଡ଼ିଆଳ:** ଜଗଦମ୍ବା ଅଟୋ କମ୍ବାଇନ - 9937302262. **ରାଜଗାଙ୍ଗପୁର:** କେଡିଆ ଆଣ୍ଡ କେଡିଆ - 9437152881. **ସୁନ୍ଦରଗଡ଼:** ଯମୁନା ମୋଟର୍ସ - 9861078290. **ଟିଟିଲାଗଡ଼:** ସ୍ନେହା ମୋଟର୍ସ - 9437570237.

# ମହାମାରୀ ଓ ସାମାଜିକ ପୁଞ୍ଜି



ଏଡୋରାଡୋ କ୍ୟାମ୍ପେନେଲା

କୋଭିଡ୍-୧୯ ମହାମାରୀ ଭୌତିକ (ଉତ୍ପାଦନର ଏକ କାରକ ଯେଉଁଥିରେ ମେଶିନ, ଭବନ ଏବଂ କମ୍ପ୍ୟୁଟର ଆଦି ଅନ୍ତର୍ଭୁକ୍ତ) ଏବଂ ମାନବ ପୁଞ୍ଜିକୁ ବ୍ୟାପକ କ୍ଷତି କରିଛି। କମ୍ପାନୀଗୁଡ଼ିକ ସେମାନଙ୍କର ବିଭିନ୍ନ ପ୍ରୋଜେକ୍ଟରେ ନିବେଶ ସ୍ଥଗିତ କିମ୍ବା ବନ୍ଦ କରିଛନ୍ତି। କାର୍ଯ୍ୟରୁ ବାହାର କରାଯାଇଥିବା କିମ୍ବା ସାମୟିକ ଛୁଟିରେ ରହିଥିବା ଶ୍ରମିକମାନଙ୍କ କୌଶଳ ବି କ୍ଷତିଗ୍ରସ୍ତ ହୋଇଛି। ତେବେ ସାମାଜିକ ପୁଞ୍ଜି ଏହି ସଙ୍କଟ ସମୟରେ ଆଗକୁ ବଢ଼ିପାରିଛ ଏବଂ ଆର୍ଥିକ ଅଭିବୃଦ୍ଧିର ଏକ ପ୍ରମୁଖ ଉତ୍ସ ଭାବେ ଏହାର ଭୂମିକାକୁ ଦୃଢ଼ କରିଛି। ୧୯୯୦ରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ପଲିଟିକାଲ ସାଇଣ୍ଟିଷ୍ଟ ରବର୍ଟ ପୁଟନମ୍‌ଙ୍କ ମତରେ,ସାମାଜିକ ପୁଞ୍ଜି ସଂସ୍ଥାଗୁଡ଼ିକର ବୈଶିଷ୍ଟ୍ୟ ଯଥା ନେଟୱର୍କ, ମାନକ ଏବଂ ବିଶ୍ୱାସକୁ ସୂଚାଏ, ଯାହା ପାରସ୍ପରିକ ଲାଭ ଲାଗି କାର୍ଯ୍ୟ ଓ ସହଯୋଗକୁ ସୁଗମ କରିଥାଏ। ଭାଗୀଦାରି ମୂଲ୍ୟ, ବ୍ୟବହାରିକ ବୁଝାମଣା ଏବଂ ପାରସ୍ପରିକ ବିଶ୍ୱାସ ଓ ସମାନତାର ଉତ୍ସ ଏଥିରେ ସମାବିଷ୍ଟ, ଯାହା ସମାଜକୁ କାର୍ଯ୍ୟ କରିବା ଲାଗି ଅନୁମତି ଦେଇଥାଏ। କୌଣସି ଗ୍ରୁପ ବା ବର୍ଗର ସାମାଜିକ ପୁଞ୍ଜି ଯେତିକି ବେଶି, ମୂଲ୍ୟବୋଧଭିତ୍ତିକ ଲକ୍ଷ୍ୟ ହାସଲ କରିବାରେ ତାହାର ଇଚ୍ଛାଶକ୍ତି ଏବଂ ସାମଗ୍ରିକ କାର୍ଯ୍ୟ କରିବାର ଦକ୍ଷତା ସେତିକି ଅଧିକ। ଅନ୍ୟ ଅର୍ଥରେ, ସାମାଜିକ ପୁଞ୍ଜି ଗୋଷ୍ଠୀ ଓ ଦେଶକୁ ଏକସୂତ୍ରରେ ବାନ୍ଧି ରଖେ। ଅନୁକୂଳ ପରିବେଶରେ ଲଗାତର ଭାବେ ପାରସ୍ପରିକ ସାମାଜିକ ସମ୍ପର୍କ ତ୍ୱରିତ ଆର୍ଥିକ ଅଭିବୃଦ୍ଧି ,ସ୍ୱାସ୍ଥ୍ୟ ପରିଣାମ ଏବଂ ଅଧିକ ସ୍ଥାୟିତ୍ୱ ପାଇଁ ବାଟ କଢାଇ ନିଏ। କୋଭିଡ୍ ମହାମାରୀ ସମୟରେ ଟିକା ଏବଂ ପ୍ରଭାବୀ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ ନ ହୋଇଥିବାବେଳେ ଭୂତାଣୁ ବିରୋଧରେ ସାମାଜିକ ପୁଞ୍ଜି ଆଗଧାଡ଼ିର ସୁରକ୍ଷା ଯୋଗାଇ ଦେଇଛି। ଏଠାରେ ଲୋକମାନେ ସଂକ୍ରମଣ ରୋକିବା ପାଇଁ ପଦକ୍ଷେପ ନେଇ ଲୋକମାନଙ୍କୁ ମଧ୍ୟ ଉତ୍ତମ ସେବା ଯୋଗାଇ ଦେଇଛନ୍ତି। ଲୋକମାନେ କେମିତି ଭୂତାଣୁ ସଂସ୍ପର୍ଶରେ ନ ଆସିବେ ତାହା ପ୍ରତ୍ୟେକଟି ସଚେତନାଭିତ୍ତିକ କାର୍ଯ୍ୟର ଲକ୍ଷ୍ୟ ରହିଥିଲା। ଏହାଦ୍ୱାରା ଅନ୍ୟ ଗୋଷ୍ଠୀର ସମ୍ଭାବ୍ୟ ସଂକ୍ରମଣକୁ କମ୍ କରାଯାଇପାରିଥିଲା। ଅର୍ଥନୀତିଜ୍ଞଙ୍କ ଭାଷାରେ, ଯେଉଁମାନେ ବାହାରେ କମ୍ ବୁଲାବୁଲି କଲେ ଓ ସେମାନଙ୍କ ମଧ୍ୟରେ ପାରସ୍ପରିକ ସାମାଜିକ ସମ୍ପର୍କ କମ୍ ରଖିଲେ ଓ ବାହାରର ନକାରାତ୍ମକ ପରିସ୍ଥିତି ଉପରେ କମ୍ ଅବଗତ ହେଲେ,ସେମାନେ ହୁଏତ ସମାଜିକ ପୁଞ୍ଜି ଆଧାରରେ ସମାଜକୁ ପ୍ରଭାବିତ କରିପାରିଥାଆନ୍ତେ, କିନ୍ତୁ ତାହା ହେଲା ନାହିଁ।

ବୃହତ ଗ୍ରୁପ୍ ସହିତ ମିଶିବାର ଭାବନା ସଂଯମ ବ୍ୟବହାରର ଉଚ୍ଚ ବ୍ୟକ୍ତିଗତ ମୂଲ୍ୟବୋଧ ସହିବା ପାଇଁ ଏହା ଲୋକମାନଙ୍କୁ ପ୍ରେରିତ କରିଛି। ଏକାଡେମିକ ରିସର୍ଚ୍ଚର ଏକ ବୃହତ ଏବଂ ବିକାଶଶୀଳ ସଂସ୍ଥା ଦର୍ଶାଇଛି ଯେ,ଅଧିକ ଉନ୍ନତ ନାଗରିକ ସଂସ୍କୃତି ସହ ସ୍ୱାଭାବିକ ଭାବେ ସାମାଜିକ ଦୂରତା ରହିବାର ବହୁ ସମ୍ଭାବନା ରହିଛି। ଉଦାହରଣ ସ୍ୱରୂପ, ଏକ ୟୁରୋପିଆନ କ୍ରସ କଣ୍ଟ୍ରି କମ୍ପାରିଜନରୁ ଜାଣିବାକୁ ମିଳିଲା ଯେ, ସାମାଜିକ ପୁଞ୍ଜିରେ ଗୋଟିଏ ମାନକର ଉଲ୍ଲଂଘନ ୨୦୨୦ ମାର୍ଚ୍ଚ ମଧ୍ୟଭାଗରୁ ଜୁନ୍ ଶେଷସୁଦ୍ଧା କୋଭିଡ୍ କେସ୍ ୧୪% ରୁ ଆରମ୍ଭ କରି ୪୦%ରୁ ସମାନ୍ୟ ବେଶି ବୃଦ୍ଧି ଘଟିଥିଲା। ମୃତ୍ୟୁ ମଧ୍ୟ ୭%ରୁ ଆରମ୍ଭ କରି ୧୬%ରୁ ସାମାନ୍ୟ ଅଧିକ ବୃଦ୍ଧି ହୋଇଥିଲା । ଏହି ମୃତ୍ୟୁହାର ବାସ୍ତବରେ ଅଧିକ ଥିଲା। ତେବେ ଯେଉଁ ସ୍ଥାନରେ ସାମାଜିକ ପୁଞ୍ଜି ଅଧିକ ରହିଥିଲା ସେଗୁଡ଼ିକ ଲୋକମାନେ ଏକାନ୍ତରେ ରହିଥିବା ସ୍ଥାନଗୁଡ଼ିକ ତୁଳନାରେ ଆର୍ଥିକ ଦୃଷ୍ଟିକୋଣରୁ ଅଧିକ କ୍ରିୟାଶୀଳ ହେବା ଲକ୍ଷ୍ୟ କରାଯାଇଥିଲା। ମହାମାରୀର ପ୍ରାରମ୍ଭରେ ପ୍ୟାରିସ, ନ୍ୟୁୟର୍କ, ଲଣ୍ଡନ ଏବଂ ମିଲାନ ଭଳି ଜନବହୁଳ ସହରଗୁଡ଼ିକରେ ଭୂତାଣୁ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା, କାରଣ ଆଗକୁ କ'ଣ ଆସୁଥିଲା ତାହା କେହି ଅନୁଭବ କରୁନଥିଲେ। କିନ୍ତୁ ବ୍ୟବହାରିକ ପରିବର୍ତ୍ତନର ଆବଶ୍ୟକତା ଯେମିତି ପଡ଼ିଲା ନାଗରିକମାନଙ୍କ ଉପରେ ସଚେତନ ଥିବା ଅଞ୍ଚଳର ଅଧିବାସୀମାନେ ସାମାଜିକ ଦୂରତା ପାଳନ ନିୟମକୁ ଗ୍ରହଣ କରିନେଲେ। ଏମିତିକି ଆନୁଷ୍ଠାନିକ କଟକଣା ଲାଗୁ ହେବା ପୂର୍ବରୁ ସେମାନେ ଏହାକୁ ମାନିନେଇଥିଲେ। ସେମାନେ ମଧ୍ୟ ଦେଶର କୋଭିଡ୍ କଟକଣା ସମ୍ପର୍କିତ ନିର୍ଦ୍ଦେଶ ପ୍ରତି ଅଧିକ ଉତ୍ତରଦାୟୀ ରହିଥିଲେ।

ଲକ୍‌ଡାଉନ ମାସଗୁଡ଼ିକରେ ଏବଂ ଦୂରରେ(ଘରେ) ରହି କାମ କରିବା ସମୟରେ ଅର୍ଥନୀତିକୁ ଶକ୍ତି ଯୋଗାଇବାରେ ସାମାଜିକ ପୁଞ୍ଜି ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଡିଜିଟାଲ ଟେକ୍‌ନୋଲୋଜି ଲୋକମାନଙ୍କୁ ସମ୍ପର୍କ ରଖିବାରେ ସାହାଯ୍ୟ କରିଥିଲାବେଳେ ସାମାଜିକ ପୁଞ୍ଜି ଏହି ସବୁ ଯୋଗାଯୋଗକୁ ଉଜ୍ଜୀବିତ କରି ରଖିଲା। କର୍ମଚାରୀମାନେ ଘରେ ରହି ଅଧିକ କାମ କରିଥିଲେ, କାରଣ ସେମାନଙ୍କର ସେମାନଙ୍କ ସହକର୍ମୀମାନଙ୍କ ସହ ସମାନ ପ୍ରକାର ବିଶ୍ୱାସ, ଭାଗୀଦାରି ପରିଚୟ ବା ସମାନତା ଏବଂ ସାମୂହିକ ଉଦ୍ଦେଶ୍ୟର ଭାବନା ସୃଷ୍ଟି ହୋଇଥିଲା। ସେହି ଆଧାରରେ ଅନେକେ ମଧ୍ୟ ସମ୍ପୂର୍ଣ୍ଣ ନୂଆ ଡିଜିଟାଲ ସମ୍ପର୍କ ବିକାଶ କରିବାକୁ ସକ୍ଷମ ହୋଇଥିଲେ। ଅଧିକାଂଶ କ୍ଷେତ୍ରରେ ମହାମାରୀ ସମୟରେ ଅନେକ କମ୍ପାନୀ ସେମାନଙ୍କ ଆଭ୍ୟନ୍ତରୀଣ ସାମାଜିକ ପୁଞ୍ଜିର ସମ୍ପ୍ରସାରଣ ବନ୍ଦ କରି ଦେଇଥିଲେ। ସିଧାସଳଖ ଭାବେ ସେମାନଙ୍କ କର୍ମଚାରୀମାନଙ୍କୁ ନିୟନ୍ତ୍ରଣ କରିବାରେ ଆଂଶିକ କ୍ଷମତା ହରାଇ କମ୍ପାନୀଗୁଡ଼ିକ ସେମାନଙ୍କୁ ସଶକ୍ତ କରିବା ବନ୍ଦ କରିଦେଲେ। ହେଲେ କାର୍ଯ୍ୟକ୍ଷେତ୍ର ବାହାରେ ସେମାନଙ୍କ ସମୟ ଓ ଜୀବନକୁ ନିୟନ୍ତ୍ରଣ କରିବାକୁ ବହୁ କର୍ମଚାରୀ ଆହୁରି ଅଧିକ ଦାୟିତ୍ୱ ନେବାରେ ସକ୍ଷମ ହୋଇପାରିଛନ୍ତି ଏବଂ ଉଚ୍ଚମାନର ଉତ୍ପାଦନ କରୁଛନ୍ତି। ବୋଷ୍ଟନ କନସଲ୍ଟିଂ ଗ୍ରୁପ୍ ଦ୍ୱାରା କରାଯାଇଥିବା ଏକ କ୍ରସ କଣ୍ଟ୍ରି ସର୍ଭେ ଅନୁଯାୟୀ,ମହାମାରୀ କଟକଣା ସତ୍ତ୍ୱେ ୭୫% କର୍ମଚାରୀ ସେମାନଙ୍କ କାର୍ଯ୍ୟ ଜାରି ରଖିବା ସହ ଉତ୍ପାଦନ କ୍ଷମତା ବୃଦ୍ଧି କରିପାରିଛନ୍ତି। ଆଜିକାର ହାଇବ୍ରିଡ କାର୍ଯ୍ୟସ୍ଥଳୀରେ ଏହି ସବୁ ପରିଣାମ ପଛରେ ସାମାଜିକ ପୁଞ୍ଜି ସ୍ପଷ୍ଟତଃ ଏକ ଗୁରୁତ୍ୱପୂର୍ଣ୍ଣ କାରକ ଭାବେ କାମ କରୁଛି। ଏହାର ଭୌତିକ ପ୍ରତିପକ୍ଷ ଯଥା ଫ୍ୟାକ୍ଟ୍ରି, ଉପକରଣ ବା ସାମଗ୍ରୀ ଏବଂ ଆହୁରି ଏମତି ଅନେକ କ୍ଷତି ହେଉଥିଲେ ବି ସାମାଜିକ ପୁଞ୍ଜିର କୌଣସି କ୍ଷତି ହେବାର ସମ୍ଭାବନା ନାହିଁ। କିନ୍ତୁ ପୁଞ୍ଜିର ଅନ୍ୟ କୌଣସି ରୂପ ଭଳି ଏହାର ପରିଚାଳନା ଏବଂ ସୁଧାର ବା ଉନ୍ନତି ଦରକାର। ବିଶେଷ କରି ମହାମାରୀ ପର ପର୍ଯ୍ୟାୟରେ ଏହା ଆବଶ୍ୟକ ହେବ । ସାଧାରଣ ପରିସ୍ଥିତିରେ ଆମ ଯୋଗାଯୋଗ ଏବଂ ସମ୍ପର୍କ ସମୟକ୍ରମେ ବିକଶିତ ଏବଂ ସମ୍ପ୍ରସାରିତ ହୁଏ। ତଥାପି ସାମାଜିକ ନେଟ୍‌ୱର୍କକୁ ପୁନଃ କ୍ରିୟାଶୀଳ ଏବଂ କାର୍ଯ୍ୟକ୍ଷମ କରିବାର ଉପଯୁକ୍ତ ପଦକ୍ଷେପ ବିନା ମାସ ମାସ ଧରି ଲକ୍‌ଡାଉନ ଏବଂ କଟକଣା କିଛି ସମ୍ପର୍କକୁ ଶେଷ କରିଦେଲା କିମ୍ବା ଗୋଷ୍ଠୀ ସମୂହକୁ ଭାଗ ଭାଗ କରିଦେଲା। ଏଠାରେ ପୁଟ୍‌ନମଙ୍କ 'ବଣ୍ଡିଂ ସୋସିଆଲ କ୍ୟାପିଟାଲ' ସ୍ଲୋଗାନ ସ୍ମରଣ କରାଯାଇପାରେ। ତାଙ୍କ ଅନୁସାରେ ଲୋକମାନେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସହ ଏମିତି ସଂଶ୍ଳିଷ୍ଟ ହେବା ଉଚିତ ଯାହାଦ୍ୱାରା ସେମାନେ ନିଜ ଜାତି କିମ୍ବା ଜନଜାତି ସାମାଜିକ ଗ୍ରୁପର ସଂଗଠନଗୁଡ଼ିକର ମନୋଭାବକୁ ଗ୍ରହଣ କରିବେ। ବାସ୍ତବରେ ଲୋକବାଦ ଏବଂ ଜାତୀୟତାବାଦ ସାମାଜିକ ପୁଞ୍ଜିର ଖରାପ ରୂପ ଏବଂ ଏହା ମହାମାରୀ ସମୟରେ କେତେକ ସ୍ଥାନରେ ପ୍ରକାଶ ପାଇଆସୁଛି। ଏଣୁ ସରକାର ଏବଂ କର୍ପୋରେଶନଗୁଡ଼ିକ କୋଭିଡ-୧୯ ସଙ୍କଟ ସମୟରେ ସମାଜରେ ବିକାଶ ହୋଇଥିବା ଉତ୍ତରଦାୟିତ୍ୱ,ଏକତା ଏବଂ ପରୋପକାର ମନୋଭାବକୁ ସମାଜିକ ପୁଞ୍ଜି ସହ ଯୋଡ଼ି ଏହାକୁ ଆହୁରି ମଜଭୁତ କରିବା ପାଇଁ ଚେଷ୍ଟା କରିବା ଉଚିତ। ସାମାଜିକ ପୁଞ୍ଜିର ଏହି ରୂପ ବିଭିନ୍ନ ବର୍ଗରର ଲୋକମାନଙ୍କୁ ଯୋଡ଼ିଥାଏ । ଏହା ମଧ୍ୟ ଭବିଷ୍ୟତରେ ମହାମାରୀକୁ ରୋକିବାରେ ଆବଶ୍ୟକ ହେବ। କେବଳ ମହାହାରୀ ନୁହେଁ, ଏହା ମଧ୍ୟ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢେଇ କରିବାରେ ସକ୍ଷମ ହେବ। କିନ୍ତୁ କେବଳ ନାଗରିକଙ୍କ ଉପରେ ସଚେତନ ହେବା ଯଥେଷ୍ଟ ହେବ ନାହିଁ। ଲୋକମାନେ ସେମାନଙ୍କ କାର୍ଯ୍ୟ ବାହାରେ ସମାଜରେ କ'ଣ ନକାରାତ୍ମକ ପ୍ରଭାବ ପଡୁଛି ତାହା ସେମାନଙ୍କୁ ଅବଗତ କରିବାକୁ ହେବ।

ଏହି ଲକ୍ଷ୍ୟ ରଖି ସରକାର ନାଗରିକମାନଙ୍କୁ ଅଧିକ ସ୍ୱାଧୀନତା ଦେବା ଦରକାର। ସେମାନଙ୍କୁ ନିୟନ୍ତ୍ରକ ଏବଂ ସଞ୍ଚାଳକ କ୍ଷମତା କମ୍ ଦେଇ ପ୍ରେରକ ଏବଂ ସମନ୍ୱୟକ ଭାବେ ରଖିବା ଆବଶ୍ୟକ । କର୍ପୋରେଶନଗୁଡ଼ିକ ସେମାନଙ୍କ ପକ୍ଷରୁ ପାରସ୍ପରିକ ବିଶ୍ୱାସକୁ ପ୍ରୋତ୍ସାହିତ କରିବା ଉପରେ ଯତ୍ନବାନ ହେବା ଉଚିତ। ଡିଜିଟାଲ ଟ୍ରାନ୍ସମିଶନ ବା ପ୍ରସାରଣରେ ଅଧିକ ନିବେଶ କରିବା ସହ କାର୍ଯ୍ୟ ସଂଗଠିତ କରିବା ପାଇଁ ନୂଆ ଉପାୟ ବାହାର କରିବା ଦରକାର। କହିବାକୁ ଗଲେ ସାମାଜିକ ପୁଞ୍ଜିର ଆଧାର ଉତ୍ତରଦାୟିତ୍ୱବୋଧ ଏବଂ ପରୋପକାରବାଦକୁ ସାହାଯ୍ୟ କରିବ। ଆଗକୁ ବିଶ୍ୱ ବହୁ ଆହ୍ୱାନର ସମ୍ମୁଖୀନ ହେବାକୁ ଯାଉଥିବାରୁ ଏହାର ଆବଶ୍ୟକ ପଡ଼ିବ।

ଅର୍ଥନୀତିଜ୍ଞ ;ଫେଲୋ-ସେଣ୍ଟର ଫର ଦି ଗଭର୍ନାନ୍ସ ଅଫ ଚେଞ୍ଜ ( ଆଇଇ ୟୁନିଭର୍ସିଟି, ମାଡ୍ରିଡ)

# ନୂଆ କରୋନା ଭୂତାଣୁ



ପ୍ରଫେସର ଡ. ଉମେଶ ଚନ୍ଦ୍ର ପାତ୍ର

କରୋନାର ଦ୍ୱିତୀୟ ଲହର ଭୟଙ୍କର ରୂପ ନେଇ ଉଭାହେଲାଣି। ରାଜ୍ୟ ତଥା ଦେଶରେ ସଂକ୍ରମଣ ଦ୍ରୁତ ଗତିରେ ମାଡ଼ିଚାଲିଛି। ମହାରାଷ୍ଟ୍ର, ଗୁଜରାଟ, ପଞ୍ଜାବରେ ଏହାର ରୂପ ପ୍ରକଟିତ ହେଲାଣି। କୋଭିଡ୍-୧୯କୁ ନେଇ ଗତବର୍ଷ ସାରା ଦେଶ ତଥା ବିଶ୍ୱ କିଭଳି ବିପର୍ଯ୍ୟୟର ସମ୍ମୁଖୀନ ହେଲା, ତାହା ସମସ୍ତଙ୍କର ଅଜଣାନୁହଁ କଥା। ତାହାର ପୁନରାବୃତ୍ତିର ଭୟ ସମସ୍ତଙ୍କୁ ଘାରିବା ଭିତରେ ଯେମିତି ସାମାଜିକ ଉପଚାର ସମୂହର ଅନୁପାଳନର ମଧ୍ୟ ପୁନଃ ପ୍ରବର୍ତ୍ତନ ଉପରେ ପ୍ରଶାସନ ଜୋର୍ ଦେଉଥିବାର ଦେଖାଯାଉଛି। କାହାରି ହେଲେ କରୋନା ସଂକ୍ରମଣ ନେଇ କିଛି ଧାରଣା ନ ଥିଲା, ତେଣୁ ସମସ୍ତେ ଅନ୍ଧାରରେ ବାଡ଼ି ବୁଲାଉଥିଲେ। ବିଶ୍ୱବ୍ୟାପୀ ସଂକ୍ରମଣ ହେତୁ ଅସୁମାରି ଜନକ୍ଷୟ ହେଲା, କଳକାରଖାନାରେ ତାଲା ଝୁଲିଲା। ଲକ୍ଷ ସଂଖ୍ୟାରେ କୁଶଳୀ ଯୁବତୀଯୁବକ କାମ ବିନା ହାତବାନ୍ଧି ବସିଲେ। ପ୍ରବାସୀମାନଙ୍କ ପ୍ରତ୍ୟାବର୍ତ୍ତନଜନିତ ସଙ୍କଟ ଘନେଇଲା ଏବଂ ପ୍ରଶାସନ ଉପରେ ପଡ଼ିଲା ଅବାଞ୍ଛିତ ଚାପ। ବର୍ଷକ ଭିତରେ ପ୍ରତିଷେଧକ ଟିକାର ବିକାଶ ଓ ପ୍ରୟୋଗର ଅଭିଜ୍ଞତା କହୁଛି- ତମାମ ପ୍ରକରଣ ଶତପ୍ରତିଶତ ତ୍ରୁଟିମୁକ୍ତ ବୋଲି ଦାବି କରିହେବ ନାହିଁ। ସବୁ କିଛି ଟ୍ରାଏଲ ଏଣ୍ଡ ଏରର ପ୍ରଣାଳୀରେ କରାଯାଇଥିବାରୁ ପରିଣତି ଏଭଳି ହେଲା।

ସ୍ୱାସ୍ଥ୍ୟକର୍ମୀମାନଙ୍କର ଅଭିଜ୍ଞତା ତୁଳନାରେ ଭୂତାଣୁର ଭୟାବହତା ଥିଲା ବହୁତ ଗମ୍ଭୀର। ଏଥିପାଇଁ କାହାରି ମୁଣ୍ଡରେ ଅଠା ବୋଲି ଦେଇ ବସିଗଲେ ହେବନାହିଁ। ମାତ୍ର ଏବେ ଯେଉଁ ଦ୍ୱିତୀୟ ଲହର ଆସି ସାରିଥିବାର କୁହାଯାଉଛି, ସେଥିପାଇଁ ପୁରୁଣା ପ୍ରଣାଳୀ ଯେତେଦୂର ପ୍ରଯୁଜ୍ୟ, ତାହା ନେଇ ପୁନର୍ବିଚାରର ପ୍ରୟୋଜନ ରହିଥିବା ମନେହୁଏ। 'ଆମେ ଯଦି କୋଭିଡ୍ ନିୟମ ମାନିବା, ମାସ୍କ ଠିକ୍ ଭାବେ ପିନ୍ଧିବା, ତେବେ ବିନା ଲକ୍‌ଡାଉନରେ କରୋନା ସଂକ୍ରମଣକୁ ରୋକିପାରିବା'- ଏମିତି ଆହ୍ୱାନ ଦିଆଯାଇଛି। ସମସ୍ତେ ସଂକଳ୍ପ ନେଇ ମାସ୍କ ପିନ୍ଧିବେ, ବେକରେ ଝୁଲାଇ କରି ନୁହେଁ। ପୂରା ନାକ ଓ ମୁହଁକୁ ବନ୍ଦ କରି ପିନ୍ଧିବାକୁ ହେବ। ବିନା ମାସ୍କରେ କେବେ ବି ଘରୁ ବାହାରିବା ନାହିଁ। ଏମିତି ହେଲେ ଯାଇ କରୋନାକୁ ଜିତିପାରିବା। ଏବେ ଦେଶରେ ଟିକାକରଣ ଚାଲିଛି। ଏହା ମଧ୍ୟ କରୋନାକୁ ରୋକିବାରେ ସହାୟକ ହୋଇପାରିବ।

ଯେଉଁଭଳି ଚାରିପ୍ରକାର ସାମାଜିକ ପ୍ରତିଷେଧକ ଓ ଉପଚାର ଅନୁପାଳନ ଉପରେ ଜୋର୍ ଦିଆଯାଉଛି, ସେଥିରେ କିଛି ତ୍ରୁଟି ନ ଥାଇପାରେ। ଟିକାର ବିକାଶ ଓ ପ୍ରୟୋଗରୁ ଯାହାକିଛି ଅଭିଜ୍ଞତା ମିଳୁଛି, ତାହାର ଆଧାରରେ କେତେ କ'ଣ କରାଯାଇପାରିବ ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ନୂଆ ଉପାୟ ଓ ଉପଚାର ପାଇଁ ପ୍ରଶାସନ ତଥା ସାମାଜିକ କର୍ମୀମାନେ ଗୁରୁତ୍ୱର ସହ ଚିନ୍ତା କରି ପଦକ୍ଷେପ ପାଇଁ ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା ଜରୁରୀ ମନେହେଉଛି। ଅଭିଜ୍ଞତା ହେଉଛି ସମସ୍ତଙ୍କର ଶିକ୍ଷକ। ବ୍ୟାପକ ଟିକାକରଣ ସହିତ ସାମାଜିକ ଉପଚାର ପାଳନ ଉପରେ ଗୁରୁତ୍ୱ ଦେବା ଭିତରେ କ'ଣ ପାଇଁ ପୁରୁଷ ମହିଳା, ବିଶେଷକରି ବରିଷ୍ଠ ନାଗରିକମାନେ ଟିକା ନେବା ଲାଗି ଭିଡ଼ ଜମାଇବା ଭଳି କଷ୍ଟକର ଚିତ୍ର ଦେଖାଯାଉଛି। ପ୍ରଶାସନ ଆଉ କିଛି କରି ନ ପାରିଲେ ମଧ୍ୟ ଭ୍ରାମ୍ୟମାଣ ଟିକାକରଣ ଶିବିର ବ୍ୟବସ୍ଥା କରିପାରିବ। ତାହାହେଲେ ହଇରାଣ ହରକତରୁ ପରିଣତ ବୟସର ପୁରୁଷ ଓ ମହିଳାମାନେ ରକ୍ଷା ପାଇପାରନ୍ତେ। ଏଯାଏଁ କେହି ଦ୍ୱିତୀୟ ସଂକ୍ରମଣର ଚିତ୍ର ପାଇପାରି ନ ଥିଲେ ସୁଦ୍ଧା ରାତ୍ରିକାଳୀନ କର୍ଫ୍ୟୁଠାରୁ ଆରମ୍ଭ କରି ବିଭିନ୍ନ କଟକଣାର ପ୍ରବର୍ତ୍ତନ ଆରମ୍ଭ ହୋଇସାରିଲାଣି। ଯେତେବେଳେ କରୋନା ସଂକ୍ରମଣର ରୂପରେଖ ନେଇ କାହାରି କିଛି ସ୍ପଷ୍ଟ ଧାରଣା ନ ଥିଲା, ସେତେବେଳେ ସଙ୍ଗରୋଧଠାରୁ ଅବରୋଧ ଭଳି ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଉଥିଲା। କେଇମାସ ପରେ କୋହଳ ସ୍ଥିତିରେ ସମସ୍ତେ ବେପରୁଆ ହୋଇପଡ଼ିଲେ। ଯାନିଯାତ୍ରା, ବିବାହ, ପୂଜେଇଁଠାରୁ ଆରମ୍ଭ କରି ଭୋଟ ସମାବେଶରେ ଶହ ଓ ହଜାର ସଂଖ୍ୟାରେ ଭିଡ଼ କରୋନାକୁ ନୂଆ ବିକଟାଳ ରୂପରେ ଉଭା କରାଇବାକୁ ଯାଉଛି। ପ୍ରଶାସନ, ସାମାଜିକ କର୍ମୀ ଓ ଗଣମାଧ୍ୟମଗୁଡ଼ିକ ଯଦି ପୂର୍ବଭଳି କାର୍ଯ୍ୟ କରିବେ, ଯଥେଷ୍ଟ ଉପକାର ମିଳିପାରିବାର ଆଶା କରାଯାଉଛି। ଟିକାକରଣକୁ ସାର୍ବଜନୀନ ଅଭିଯାନ କରାଯିବା ଭିତରେ କେତେକ ସ୍ଥାନରେ ଟିକା ନଷ୍ଟ ଭଳି ଚିନ୍ତାଜନକ ଖବର ମିଳିଛି। କରୋନା ମୁକାବିଲା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ଏ କ୍ଷେତ୍ରରେ ପ୍ରତିଟି ଲୋକଙ୍କ ସଚେତନତା ଓ ସମାଜ ପ୍ରତି ସମର୍ପିତ ସେବା ମନୋଭାବସମ୍ପନ୍ନ ଗୁରୁଦାୟିତ୍ୱ ରହିଛି।

ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ,
କଟକ, ମୋ: ୯୪୩୭୦୫୧୯୫୭

## ଏଇ ଭାରତରେ

ପେସାରେ କମ୍ପ୍ୟୁଟର ଇଞ୍ଜିନିୟର କିନ୍ତୁ ନିଶା ଚାଷ । ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ତେଲଙ୍ଗାନାର ମାଭୁରୁମ ମଲିକାର୍ଜ୍ଜୁନ ରେଡ୍ଡୀ। ସମନ୍ୱିତ କୃଷି ପଦ୍ଧତିରେ ସେ ୨୬ ପ୍ରକାର ଧାନ ଉତ୍ପାଦନ କରୁଛନ୍ତି। ୨୦୧୪ରେ ବର୍ଷକୁ ୪ ଲକ୍ଷ ଟଙ୍କା ପାଉଥିବା ଚାକିରି ଛାଡ଼ି କୁର୍ମାପଲି ଗାଁର ବାସିନ୍ଦା ମଲିକାର୍ଜ୍ଜୁନ ଜୈବିକ ପଦ୍ଧତିରେ ଧାନ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସେବେଠାରୁ ତାଙ୍କ ଗାଁରେ ୧୩ ଏକର ଜମିରେ ଧାନ ଚାଷ କରୁଛନ୍ତି। ୨୬ ପ୍ରକାର ଧାନ ଚାଷ କରି ସେ ଇଣ୍ଡିଆନ କାଉନ୍‌ସିଲ ଅଫ୍ ଏଗ୍ରିକଲ୍‌ଚର ରିସର୍ଚ୍ଚ (ଆଇସିଏଆର୍) ପକ୍ଷରୁ ସମ୍ମାନିତ ହୋଇଛନ୍ତି। କେବଳ ଏତିକି ନୁହେଁ, ଧାନଚାଷରେ ସେ ଆହୁରି ୮ଟି ପୁରସ୍କାର ପାଇଛନ୍ତି। ଅଭିନବ ପଦ୍ଧତିରେ ଚାଷ କରି ବର୍ଷକୁ ସେ ୧୬ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏବେ ୨୦ ଏକର ଜମିରେ ଅଧିକ କିସମର ଧାନ ଚାଷ କରିବା ଲାଗି ଯୋଜନା ରଖିଛନ୍ତି ବୋଲି କହନ୍ତି ୪୦ ବର୍ଷୀୟ ମଲିକାର୍ଜ୍ଜୁନ। ସେ ୧ ଏକରରୁ ୪୨ କୁଇଣ୍ଟାଲ ଧାନ ଅମଳ କରୁଛନ୍ତି, ଯାହା ପାରମ୍ପରିକ ପଦ୍ଧତିର ଉତ୍ପାଦନ ଠାରୁ ୧୦-୧୨% ଅଧିକ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଏପ୍ରିଲ ୧୯୯୬

- ଆଜାରବୈଜାନର ପୂର୍ବତନ ରାଷ୍ଟ୍ରପତି ଅୟାଜ୍ ମୁତାଲିବୋଭ୍ ଓ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ରାଗିମ୍ ରାଜିୟେଭ ମସ୍କୋରେ ଗିରଫ।
- ଦିଲ୍ଲୀ ଗୃହ ବଣ୍ଟନ ଦୁର୍ନୀତିରେ ସାମିଲ ଥିବା ଅଭିଯୋଗରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟର ୧୦ କନିଷ୍ଠ ଅଫିସର କାର୍ଯ୍ୟରୁ ନିଲମ୍ବିତ।
- ଆନ୍ଧ୍ରପ୍ରଦେଶର ଟାଣୁଆ କଂଗ୍ରେସ (ଇ) ନେତା ଗାଦ୍ଦାମ ଗଙ୍ଗାରେଡ୍ଡୀ ଦଳର ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | 9 | | | 7 | | |
| 9 | | | | | | | 5 | |
| | 6 | 8 | 5 | | | 3 | | |
| 8 | | | | | | | 7 | |
| | 4 | 1 | | | 6 | 5 | 8 | |
| | | | | | | | | 2 |
| 3 | | | 1 | | | | | |
| | | 2 | 7 | | | | 6 | 4 |
| | 8 | 7 | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 1 | 7 | 4 | 8 | 9 | 5 | 3 |
| 9 | 8 | 4 | 5 | 1 | 3 | 2 | 6 | 7 |
| 5 | 7 | 3 | 9 | 2 | 6 | 8 | 4 | 1 |
| 7 | 2 | 6 | 3 | 8 | 1 | 4 | 9 | 5 |
| 3 | 9 | 5 | 4 | 6 | 7 | 1 | 8 | 2 |
| 1 | 4 | 8 | 2 | 9 | 5 | 7 | 3 | 6 |
| 4 | 5 | 2 | 6 | 7 | 9 | 3 | 1 | 8 |
| 8 | 3 | 9 | 1 | 5 | 2 | 6 | 7 | 4 |
| 6 | 1 | 7 | 8 | 3 | 4 | 5 | 2 | 9 |

ଗତକାଲିର ଉତ୍ତର

# ସହରୀକରଣ ଓ ରୋଜଗାର ସଙ୍କଟ



ଡ. ଲକ୍ଷ୍ମଣ ସାହୁ

ଦେଶରେ ବସବାସ କରୁଥିବା ପ୍ରତ୍ୟେକ ଲୋକ ସହର ମୁହାଁ ହେବାକୁ ଚାହାନ୍ତି। ଗ୍ରାମ୍ୟ ଜୀବନର ଅସ୍ୱାସ୍ଥ୍ୟକର ସ୍ୱାସ୍ଥ୍ୟ, ଶିକ୍ଷା ପରିବେଶ, କର୍ମ ଯୋଗାଣ ଅବହେଳାରେ ଅତିଷ୍ଠ ହୋଇ ସେମାନେ ସହରାଞ୍ଚଳ ପ୍ରତି ଆକୃଷ୍ଟ ହୋଇପଡ଼ିବା ସ୍ୱାଭାବିକ। ଏକ୍ଷେତ୍ରରେ ସହରର ବିକାଶ ଗୁରୁତ୍ୱ ବହନ କରେ। ଦେଶରେ ବାସ କରୁଥିବା ଜନସଂଖ୍ୟା ଦୃଷ୍ଟିକୋଣରୁ ସହରୀକରଣର ସର୍ବାଙ୍ଗୀନ ଉନ୍ନତି ଦାବି କରାଯାଇପାରେ; ଯାହା ଦ୍ୱାରା ହେବାକୁ ଥିବା ସହରର ସମସ୍ତ ପରିବର୍ତ୍ତନ ସହରର ସ୍ଥିତିକୁ ପ୍ରଭାବିତ କରିପାରିବ । କିନ୍ତୁ ସେହି ସହରଗୁଡ଼ିକ କିପରି ଓ ସେଗୁଡ଼ିକର ନିର୍ମାଣର କଳା କୌଶଳର ରୂପରେଖ କ'ଣ ହେବା ଆବଶ୍ୟକ ତାହା ଏପର୍ଯ୍ୟନ୍ତ ସ୍ଥିର କରାଯାଇ ପାରିନାହିଁ କି କୌଣସି ସ୍ପଷ୍ଟ ଚିତ୍ର ଦିଆଯାଇନାହିଁ। ଅବଶ୍ୟ, ସ୍ମାର୍ଟ ସିଟି ପରି ଏହି ପ୍ରକଳ୍ପଗୁଡ଼ିକୁ ଦେଶରେ ପ୍ରୋତ୍ସାହିତ କରାଯାଇଛି। ବାସ ଉପଯୋଗୀ ବାସଗୃହ ନିର୍ମାଣ ଦିଗରେ ନିକଟରେ ଏହି ପ୍ରକଳ୍ପ ଉପରେ କେବଳ ଦୃଷ୍ଟି ଦିଆଯାଇଛି, ଯାହା କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶ ପାଇଛି। ଏହି ସୂଚନାରେ ଦର୍ଶାଇ ଦିଆଯାଇଛି ଯେ, ଅଧିକାଂଶ ଉତ୍ତର ଭାରତୀୟ ସହର ଜୀବନଯାପନରେ ଅବହେଳାର ଶିକାର ହୋଇଛନ୍ତି। କିନ୍ତୁ ଦକ୍ଷିଣ ଭାରତୀୟ ଗଠିତ ସହରର ଜନଜୀବନ ପ୍ରଣାଳୀ ଏକ ଆଶା ବଢାଇଛି। ଜୀବନ ସହ ଜଡ଼ିତ ଏହି ସୂଚନା ଦ୍ୱାରା ଦେଶର ସହରଗୁଡ଼ିକର ବର୍ଗ ସ୍ୱଚ୍ଛତା ଏବଂ ଅନ୍ୟାନ୍ୟ ସୁବିଧା ଆଧାରରେ ନିର୍ଣ୍ଣୟ କରାଯାଇଛି। ଏହାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଆଧାର ରଖାଯାଇଛି।

ତନ୍ମଧ୍ୟରୁ ଗୋଟିଏ ଶ୍ରେଣୀକରଣରେ ଦିଲ୍ଲୀ, କାନପୁର, ଲୁଧିଆନା, ବାଙ୍ଗାଲୋର, ପୁଣେ ଏବଂ ଅହମ୍ମଦାବାଦ ଭଳି ଏକ ମିଲିୟନରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହର ଅନ୍ତର୍ଭୁକ୍ତ ହୋଇଛି। ଦ୍ୱିତୀୟରେ, ଏକ ମିଲିୟନରୁ କମ୍ ସହରଗୁଡ଼ିକ ବଛାଯାଇଛି। ସେ ସବୁ ସହରଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତା ଏବଂ ସୁବିଧାକୁ ଗ୍ରହଣ କରି ବଣ୍ଟନ କରାଯାଇଛି। ଏହି ସହରଗୁଡ଼ିକର ଜୀବନ ଧାରଣରେ ବାସ୍ତବତା କ'ଣ ତାହା ସ୍ଥିର କରିବାକୁ ଚେଷ୍ଟା କରାଯାଇଥିଲା। ଆକଳନରୁ ଜଣାପଡ଼ିଛି ଯେ, ବାଙ୍ଗାଲୋର, ପୁଣେ ଏବଂ ଅହମଦାବାଦ ଦେଶର ସର୍ବୋତ୍ତମ ସହର ମଧ୍ୟରେ ରହିଛି। ଶିମଲା, ଭୁବନେଶ୍ୱର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ସ୍ଥାନ ପାଇଛନ୍ତି। ଏହା ମଧ୍ୟ ଏକ ଆଧାରିତ ମୂଲ୍ୟାଙ୍କନ ଦ୍ୱାରା ପ୍ରକାଶ କରାଯାଇଛି। ପରିସ୍ଥିତି ଏପରି ହୋଇଛି ଯେ, ଜୀବନଧାରଣ ଦୃଷ୍ଟିରୁ ବାଙ୍ଗାଲୋର ବଡ଼ ସହର ତାଲିକାରେ ଶୀର୍ଷରେ ରହିଥାଇପାରେ, କିନ୍ତୁ ଗୁଣବତ୍ତା ଦୃଷ୍ଟିରୁ ଚେନ୍ନାଇ ଓ ମୁମ୍ବାଇକୁ ଉନ୍ନତ ସହର ଭାବେ ନିର୍ଣ୍ଣୟ କରାଯାଇଛି। ପାରାମିଟର ଦ୍ୱାରା ସହରଗୁଡ଼ିକର ଗୁଣବତ୍ତା ବିଚାର କରାଯାଇ ସହରଗୁଡ଼ିକ ବଛାଯାଇଛି। ଶସ୍ତା ଘର, ବିଶୁଦ୍ଧ ଜଳ, ଆଲୋକ, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ ହେବା ବ୍ୟତୀତ, ସୁରକ୍ଷା ଏବଂ ମନୋରଞ୍ଜନ ସୁବିଧା ପାଇଁ ଲୋକଙ୍କ ସହଜ ସୁବିଧା ଦର୍ଶାଉ ଥିବା ସହର ବାସ କରିବା ଉପଯୋଗୀ ଭାବେ ଦର୍ଶାଯାଇଛି।

କୁହାଯାଉଛି ଯେ, ୨୦୨୮ ସୁଦ୍ଧା ଦେଶରେ ସର୍ବାଧିକ ଜନସଂଖ୍ୟା-ଘନତା ରହିବ। ତାହା ହେଉଛି, ଆଗାମୀ ଛଅ-ସାତ ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ଭାରତ ଚାଇନା ସହିତ ସମକକ୍ଷ ହୋଇପାରିବ। କାରଣ ସେତେବେଳକୁ ଯଦି ଚାଇନା ଜନସଂଖ୍ୟା ହ୍ରାସ ସମୟ ଆରମ୍ଭ ହୋଇଯିବ ଏବଂ ଭାରତର ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବ। ଜନସଂଖ୍ୟା ଦୃଷ୍ଟିରୁ ଚାଇନା ପଛକୁ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଦେଶ ହୋଇଥିଲେ ମଧ୍ୟ ଚାଇନା ଆପାତତଃ ତା'ର ଜନସଂଖ୍ୟାକୁ ନିୟନ୍ତ୍ରଣ କରିଥିବା ବେଳେ ଭାରତ ସେହି ମାତ୍ରାରେ ସଫଳ ହୋଇନାହିଁ। ଜନସଂଖ୍ୟା ବୃଦ୍ଧି ଅର୍ଥନୈତିକ ଅଭିବୃଦ୍ଧିକୁ ପଙ୍ଗୁ କରି ଦେଇଛି। ମୁଣ୍ଡପିଛା ଆୟ ସମାନୁପାତିକ ଭାବେ ବୃଦ୍ଧି ନ ହେବା ଫଳରେ ଦାରିଦ୍ର୍ୟ ଦେଖାଦେଉଛି।

ଏସବୁ ମୂଲ୍ୟାଙ୍କନକୁ ଆଧାର କରି ମିଳିତ ଜାତିସଂଘର ଜନସଂଖ୍ୟା ରିପୋର୍ଟ ଦୃଷ୍ଟିରେ ରଖି ଭାରତର ସହରୀକରଣକୁ ଉତ୍ସାହିତ କରାଯାଇଛି। କିନ୍ତୁ ଏହି ପରିବର୍ତ୍ତନ ସରକାର ଏବଂ ଯୋଜନାକାରୀମାନେ କୌଣସି ଜ୍ଞାନକୌଶଳ ବିଶେଷଜ୍ଞଙ୍କଠାରୁ ଗ୍ରହଣ କରିବା ଅପରିହାର୍ଯ୍ୟ। କିନ୍ତୁ ତାହା କରାଯାଉ ନାହିଁ; ଫଳରେ ପରିସ୍ଥିତି ଏପରି ହେଉଛି ଯେ ଦେଶର ଅଧିକାଂଶ ସହର ଅନିୟନ୍ତ୍ରିତ ହେଉଛି। ଏ ସମ୍ପର୍କରେ ୨୦୧୮ରେ, ବିଶ୍ୱ ବ୍ୟାଙ୍କର ଆଉ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଭାରତରେ ସହରୀକରଣର ବହୁତ ଅଂଶ ଗୁପ୍ତ ଏବଂ ଅବିଶ୍ୱାସ ଭିତରେ ପ୍ରସ୍ତୁତ କରାଯାଉଛି। ଏସବୁ ଭୁଲ୍ ତଥ୍ୟଗତ ପ୍ରମାଣିତ ସହରୀକରଣକୁ ଅନ୍ଧ ଭାବରେ ଗ୍ରହଣ କରିନେବା ଠିକ୍ ନୁହେଁ। କାରଣ ଏହା ଦେଶକୁ ଏପରି ଦିଗକୁ ନେଉଛି, ଯେଉଁଥିରେ ସହରଗୁଡ଼ିକର ଅଭାବନୀୟ ଚିତ୍ର ଦେଖାଯାଉଛି ; ଯାହା ଅଳିଆ ଗଦାରେ ପରିପୂର୍ଣ୍ଣ ରହୁଛି। ଅନେକ ସମୟରେ ଭୂକମ୍ପ ଯୋଗୁ ଅସଂଖ୍ୟ ଅଟ୍ଟାଳିକା ଭୂତଳଗାମୀ ହେବା ସହିତ ବହୁ ଧନଜୀବନ କ୍ଷୟକ୍ଷତି ହେବାର ପ୍ରମାଣ ରହିଛି। ଦୁଇ ବର୍ଷ ପୂର୍ବେ ଅନ୍ତର୍ଜାତୀୟ ସ୍ତରରେ ପ୍ରକାଶିତ ଗ୍ଲୋବାଲ୍ ଲାଇଭଲିହୁଡ଼ ଇଣ୍ଡେକ୍ସ ୨୦୧୯ରେ ସହରଗୁଡ଼ିକରେ ଜୀବନ ଶୈଳୀରେ ଉନ୍ନତି ଆଣିବା ଆବଶ୍ୟକତାର ଏକ ସୂଚନା ଦେଇଥିଲା। ଏହା ପରିବେଶ, ସଂସ୍କୃତି, ସୂଚନାନୁସାରେ ସହରଗୁଡ଼ିକର ମୂଲ୍ୟାଙ୍କନ,ସ୍ୱାସ୍ଥ୍ୟ ସୁବିଧା, ଶିକ୍ଷା, ଆଲୋକ, ପାନୀୟ ଜଳ ଏବଂ ଭିତ୍ତିଭୂମି ସୁବିଧା ଇତ୍ୟାଦିକୁ ପର୍ଯ୍ୟାୟଭୁକ୍ତ କରିଥିଲା।

ବିଶେଷଜ୍ଞଙ୍କ ଦ୍ୱାରା ସହରୀକରଣକୁ ପାଞ୍ଚଟି ପ୍ରମୁଖ ପାରାମିଟରରେ ରଖାଯାଏ। ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍ ପକ୍ଷରୁ ବିଶ୍ୱର ଏକ ଶହ ଚାଳିଶ ଦେଶର ପ୍ରମୁଖ ସହରର ମୂଲ୍ୟାଙ୍କନ କରି ଏହି ସୂଚକାଙ୍କ ପ୍ରକାଶ କରିଛି। ଏଥିରେ ଉଲ୍ଲେଖଅଛି ଯେ, ୨୦୧୯ରେ ଏହି ସୂଚକାଙ୍କରେ ଭାରତର ମନୋନୀତ ସହରଗୁଡ଼ିକର ଅବସ୍ଥା ଆହୁରି ବିଗଡ଼ି ଯାଇଥିଲା। ୨୦୧୮ ତୁଳନାରେ ଦିଲ୍ଲୀ ଏହି ସୂଚକାଙ୍କରେ ପୂର୍ବର ସ୍ଥାନଠାରୁ ବହୁତ ତଳକୁ ଖସି ଆସିଛି । ଦିଲ୍ଲୀରେ ବାୟୁ ପ୍ରଦୂଷଣ ବ୍ୟତୀତ ଅପରାଧ ବୃଦ୍ଧି ଏହାର ମୁଖ୍ୟ କାରଣ ବୋଲି ବିବେଚନା କରାଯାଇଛି। ସେହିଭଳି ମୁମ୍ବାଇ ମଧ୍ୟ ତଳକୁ ଖସି ଆସିଛି। ଏହାର କାରଣ ପରିବେଶ ସହିତ ସାଂସ୍କୃତିକ ଅବନତି ଘଟିବାର ଦର୍ଶାଇ ଦିଆଯାଇଛି। ସହରଗୁଡ଼ିକରେ ରୋଜଗାରର ଅଭାବ ଦେଖାଦେଇଛି। ଜନସଂଖ୍ୟା ବୃଦ୍ଧି ଯୋଗୁ ଚାଷ ଜମିର ଆକାର ହ୍ରାସ ପାଇବାରେ ଲାଗିଛି।

ରୋଜଗାର ସହିତ ସହରୀକରଣ ହେଉଛି ଦେଶର ବିକାଶ ପାଇଁ ପ୍ରଥମ ଆବଶ୍ୟକତା। କିନ୍ତୁ କରୋନା ଦ୍ୱାରା ସୃଷ୍ଟି ହୋଇଥିବା ଭୟଙ୍କର ପରିସ୍ଥିତିରେ ଏହି ସମୀକରଣଗୁଡ଼ିକ ଓଲଟା ହୋଇଛି। ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ବ୍ୟତୀତ ସହରଗୁଡ଼ିକ ସ୍ୱଚ୍ଛତା ଏବଂ ମୌଳିକ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ହୋଇପଡ଼ିଛି। ଫଳରେ ଗ୍ରାମରୁ ଏଠାକୁ ଆସୁଥିବା ଲୋକେ ସଙ୍କଟ ସମୟରେ ସବୁକିଛି ଛାଡ଼ି ଘରକୁ ଫେରିବାର ବିକଳ୍ପ ଗ୍ରହଣ କରିବାକୁ ବାଧ୍ୟ ହୁଅନ୍ତେ ନାହିଁ। ଏକ ସହର ନିର୍ମାଣ କରିବାର ଉଦ୍ଦେଶ୍ୟ କେବଳ ଭିତ୍ତିଭୂମି ସୁବିଧା ଆଧାରରେ ରହିବା ପାଇଁ ଏକ ଉତ୍ତମ ସ୍ଥାନ ହୋଇ ନ ପାରେ। ବରଂ ବର୍ତ୍ତମାନ ଅଧିକ ଆବଶ୍ୟକ ହେଉଛି ରୋଜଗାର, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା। ଏହା ହେଉଛି ଏକ ମାନଦଣ୍ଡ, ଯେଉଁଥିରେ ବିଶେଷ ଭାବରେ ଉତ୍ତର ଭାରତୀୟ ସହରଗୁଡ଼ିକ ପଛରେ ଅଛନ୍ତି। ଏପର୍ଯ୍ୟନ୍ତ କେଉଁ ସହର କେତେ ଓ କେଉଁ ପ୍ରକାରର ନିଯୁକ୍ତି ସୁଯୋଗ ଯୋଗାଇ ପାରିବ ତାହା ସ୍ପଷ୍ଟ ହୋଇନାହିଁ।

- ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ, ମୋ:୯୦୪୦୧୫୧୪ ୭୫
Email: Laxmansahoo9040@gm

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାଗତଯୋଗ୍ୟ ପଦକ୍ଷେପ

ମହାଶୟ,

ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ସମୃଦ୍ଧ ସ୍ୱାସ୍ଥ୍ୟସେବା ଅପରିହାର୍ଯ୍ୟ। କ୍ଷମତାରେ ଥିବା ସରକାରଙ୍କ ଏଥିପ୍ରତି ଅଙ୍ଗୀକାର ବଦ୍ଧତା ଏବଂ ଆନ୍ତ୍ରିୟତା ହିଁ ଏକ ସମୃଦ୍ଧ ସ୍ୱାସ୍ଥ୍ୟସେବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ। ଅର୍ଥାଭାବରୁ କିମ୍ବା ସୁଯୋଗର ଅଭାବରୁ ଅନେକ ଲୋକ ଅକଥନୀୟ ଯନ୍ତ୍ରଣା ପାଇବା ସହ ଅକାଳରେ ମୃତ୍ୟୁ ବରଣ କରିବାର ଦାରୁଣ ଦୁଃଖକୁ କୌଣସି ମଣିଷ ସହ୍ୟ କରି ପାରିବ ନାହିଁ। ତେବେ ଫୁଲବାଣୀରେ ପରି ଜିଲ୍ଲାରେ ୧୦୦ ସିଟ ରହିବା ସହ ୫୦୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ୩୦ ମାସ ଭିତରେ ନିର୍ମାଣ ଶେଷ କରାଯିବା ଉଦ୍ୟମ ଆରମ୍ଭ ହୋଇଛି। ରାଜ୍ୟରେ ବ୍ୟାଧିଗ୍ରସ୍ତ ଓ ରୋଗଗ୍ରସ୍ତ ଗରୀବ ଲୋକଙ୍କ ପାଇଁ ଏହା ନୂଆ ଆଶା ସଂଚାର କରିଛି। ସ୍ୱାସ୍ଥ୍ୟସେବାରେ ସାମାନ୍ୟ ତ୍ରୁଟି, ବିଳମ୍ବ କିମ୍ବା ଅବହେଳା ମଣିଷ ଜୀବନ ପାଇଁ ସବୁଠାରୁ ଅଧିକ ବିପଦ ଜନକ ଏବଂ ଦୁଃଖଦାୟକ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କର ଏ କ୍ଷେତ୍ରରେ ତତ୍ପରତା ସ୍ୱାଗତଯୋଗ୍ୟ ।

-ସତୀଶ ବିଶ୍ୱାଳ, ଗଡମଧୁପୁର, ଧର୍ମଶାଳା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତାହାରି ଉଦ୍ଦେଶ୍ୟେ ଜାତ ସବୁ ଧର୍ମ
ନୀତି ଆଲୋଚନା
ସକଳ ସମସ୍ୟା ଦ୍ୱନ୍ଦ୍ୱ ଦିବା ନିଶି
ପ୍ରାଣାନ୍ତ ସାଧନା।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନଶତାବ୍ଦୀ ଏକ୍ସପ୍ରେସ୍ ଟ୍ରେନ୍ ଟଏଲେଟ୍‌ରେ ଧୂଆଁ

ସୋର, ୧୫।୪(ଡି.ଏନ୍.ଏ.): ଗୁରୁବାର ପୂର୍ବାହ୍ନ ୯ଟା ବେଳେ ଭୁବନେଶ୍ୱର ହାୱଡ଼ା ଜନ ଶତାବ୍ଦୀ ସୁପରଫାଷ୍ଟ ଟ୍ରେନ୍‌ରେ ନିଆଁ ଲାଗିଥିବା ସୂଚନା ମିଳିବା ପରେ ମାର୍କୋଣା ଷ୍ଟେଶନରୁ ବେଗ କମ୍ କରାଯାଇ ହଲ୍ଟ ଥିବା ସୋର ଷ୍ଟେଶନରେ କିଛି ସମୟ ପାଇଁ ଅଟକିଥିଲା। ଡି୬ କୋଚ୍ ଟଏଲେଟ୍‌ରେ ଥିବା ଡଷ୍ଟବିନ୍‌ରେ କେହି ଯାତ୍ରୀ ଅଧାଜଳା ସିଗାରେଟ୍ ପକାଇ ଦେଇଥିବାରୁ ସେଥିରୁ ଧୂଆଁ ବାହାରୁଥିଲା ବୋଲି ଷ୍ଟେଶନ କର୍ତ୍ତୃପକ୍ଷ ଜଣାଇଛନ୍ତି। ଏହାକୁ ଲିଭାଯିବା ପରେ ଟ୍ରେନ୍ ୧୫ ମିନିଟ୍ ଅଟକି ହାୱଡ଼ା ଅଭିମୁଖେ ଯାଇଥିଲା।



ଇସ୍ରୋ ବୈଜ୍ଞାନିକ ନମ୍ବି ନାରାୟଣନ୍ ଗୁପ୍ତଚର ମାମଲା

ଓ ମାସ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

# ନମ୍ବି ଇଫେକ୍ଟ



## ପୋଲିସ ଭୂମିକାର ସିବିଆଇ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୫।୪

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ପୂର୍ବତନ ବୈଜ୍ଞାନିକ ଏସ୍. ନମ୍ବି ନାରାୟଣନ୍‌ଙ୍କ ବିରୋଧରେ ଗୁପ୍ତଚରଗିରି ମାମଲାରେ ପୋଲିସ ଭୂମିକାକୁ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ହେବ। ଉଚ୍ଚସ୍ତରୀୟ ତଦନ୍ତ କମିଟି ପକ୍ଷରୁ ଦାଏର ପୋଲିସ ଭୂମିକା ସମ୍ପର୍କିତ ରିପୋର୍ଟକୁ ନେଇ କେନ୍ଦ୍ର ସରକାରଙ୍କ ଆବେଦନର ଶୁଣାଣି କରି ଗୁରୁବାର ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ନମ୍ବି ନାରାୟଣନ୍ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ସ୍ୱାଗତ କରିଛନ୍ତି।

ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, ଇସ୍ରୋ ବୈଜ୍ଞାନିକ ନମ୍ବି ନାରାୟଣନ୍‌ଙ୍କ ବିରୋଧରେ ଗୁପ୍ତଚରଗିରି ମାମଲାରେ ପୋଲିସ ଅଧିକାରୀମାନଙ୍କ ଭୂମିକାକୁ ନେଇ ଉଚ୍ଚସ୍ତରୀୟ କମିଟିର ରିପୋର୍ଟ ସିବିଆଇକୁ ଦିଆଯାଉ। ତଦନ୍ତକାରୀ ସଂସ୍ଥା ଏହି ପ୍ରସଙ୍ଗରେ ଅଧିକ ତଦନ୍ତ କରୁ। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଡି.କେ. ଜୈନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ କମିଟିକୁ ମିଳିଥିବା ତଥ୍ୟ ପ୍ରମାଣଗୁଡ଼ିକୁ ସିବିଆଇ ପ୍ରାଥମିକ ତଦନ୍ତର ଅଂଶ ଭାବେ ବ୍ୟବହାର କରିପାରିବ। ସିବିଆଇ ୩ ମାସ ମଧ୍ୟରେ ଏକ



ବନ୍ଦ ଲଫାପାରେ ରିପୋର୍ଟ ଦାଖଲ କରିବ, ଯାହାକୁ ପ୍ରକାଶ କରାଯିବ ନାହିଁ। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି)ର ନେତୃତ୍ୱ ନେଇଥିବା କେରଳର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସିବେ ମାଥ୍ୟୁସ୍ କହିଥିଲେ, ଶୁଣାଣି ବେଳେ ନାରାୟଣନ୍‌ଙ୍କୁ ପକ୍ଷ ରଖିବା ପାଇଁ ସୁଯୋଗ ମିଳିଥିବାବେଳେ ମୋ ଯୁକ୍ତିକୁ ଗ୍ରହଣ କରାଯାଇନାହିଁ। ତେବେ ମାଥ୍ୟୁସ୍‌ଙ୍କ ଅନୁରୋଧକୁ ଖଣ୍ଡପୀଠ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି ଯେ କମିଟି ଏହି ପ୍ରସଙ୍ଗରେ ଶୁଣାଣି କରିନାହିଁ। କେବଳ ପାରିପାର୍ଶ୍ୱିକ ପ୍ରମାଣକୁ ଭିତ୍ତିକରି ପୋଲିସ ଅଧିକାରୀମାନଙ୍କ ଭୂମିକାକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରିଛି।

ପ୍ରକାଶ ଯେ ଏପ୍ରିଲ ୫ରେ କେନ୍ଦ୍ର ସରକାର କମିଟି ରିପୋର୍ଟକୁ ଏକ 'ଜାତୀୟ ପ୍ରସଙ୍ଗ' ରୂପେ ଅଭିହିତ କରି ଏହାର ଜରୁରୀ ଶୁଣାଣି ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହା ପୂର୍ବରୁ ୨୦୧୮ ସେପ୍ଟେମ୍ବର ୧୪ରେ ସୁପ୍ରିମକୋର୍ଟ ନାରାୟଣନ୍‌ଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କେରଳ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନାରାୟଣନ୍‌ଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଏକ 'ସାଇକୋଲୋଜିକାଲ୍ ଟ୍ରିଟ୍‌ମେଣ୍ଟ' ଯାହାକି ତାଙ୍କ ମାନବାଧିକାରର ମୌଳିକ 'ସ୍ୱାଧୀନତା ଓ ମର୍ଯ୍ୟାଦା'କୁ କ୍ଷୁଣ୍ଣ କରିଛି। ତାଙ୍କୁ ଜେଲ୍ ପଠାଯିବା ପରେ ବୈଜ୍ଞାନିକ ନିଜ ସବୁ ଗରିମା ହରାଇଦେଇଥିଲେ ବୋଲି ଜଷ୍ଟିସ୍ ଦିନେଶ ମାହେଶ୍ୱରୀ ଓ କ୍ରିଷ୍ଣା ମୁରାରୀ ସାମିଲ ଥିବା ଖଣ୍ଡପୀଠ କହିଛନ୍ତି।

### ନମ୍ବି ନାରାୟଣନ୍ କିଏ

୧୯୪୧ ଡିସେମ୍ବର ୧୨ରେ କେରଳର ଟ୍ରାଭାନକୋରସ୍ଥିତ ନାଗେରକୋଇଲ (ଅଧୁନା କନ୍ୟାକୁମାରୀ)ର ଏକ ମଧ୍ୟବିତ୍ତ ପରିବାରରେ ଏସ୍. ନମ୍ବିନାରାୟଣନ୍‌ଙ୍କ ଜନ୍ମ। ୧୯୬୬ରେ ସେ ଇସ୍ରୋ ଅଧ୍ୟକ୍ଷ ବିକ୍ରମ ସରାଭାଇଙ୍କୁ ଭେଟିବା ପରେ ବୈଜ୍ଞାନିକ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କ ନେତୃତ୍ୱରେ ଭାରତ ପ୍ରଥମ ପିଏସ୍‌ଏଲ୍‌ଭି ରକେଟ ଇଞ୍ଜିନ ବିକଶିତ କରିଥିଲା। ଏହି ୮୦ ବର୍ଷୀୟ ପୂର୍ବତନ ବୈଜ୍ଞାନିକ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ରର ଶିକାର ହୋଇ ପଦ ଓ ଗରିମା ହରାଇଥିଲେ। ୨୦୧୯ରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ଉପାଧିରେ ସମ୍ମାନିତ କରିଥିଲେ।

### ମାମଲା କ'ଣ

୧୯୯୪ ଅକ୍ଟୋବରରେ ମାଳଦ୍ୱୀପ ମହିଳା ରଶିଦାଙ୍କୁ ଥିରୁଭାନନ୍ତପୁରମରେ ଗିରଫ କରାଯାଇଥିଲା। ଇସ୍ରୋ ରକେଟ୍ ଇଞ୍ଜିନର ଡ୍ରଇଂଗୁଡ଼ିକୁ ଚୋରି କରି ପାକିସ୍ତାନକୁ ବିକ୍ରି କରିବାକୁ ଯାଉଥିବାବେଳେ ତାଙ୍କୁ ଧରାଯାଇଥିବା ପୋଲିସ କହିଥିଲା। ସେତେବେଳେ ଇସ୍ରୋ ବୈଜ୍ଞାନିକ ଏସ୍. ନମ୍ବି ନାରାୟଣନ୍ କ୍ରାୟୋଜେନିକ୍ ପ୍ରକଳ୍ପର ନିର୍ଦ୍ଦେଶକ ଥିଲେ। ତାଙ୍କ ସହ ଇସ୍ରୋ ଡେପୁଟି ଡାଇରେକ୍ଟର ଡି. ଶଶୀକୁମାର ଏବଂ ରଶିଦାଙ୍କ ବନ୍ଧୁ ମାଳଦ୍ୱୀପ ନାଗରିକ ଫୌଉସିୟା ହାସନଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଭାରତର ମହାକାଶ କାର୍ଯ୍ୟକ୍ରମର ଗୋପନୀୟ ଦସ୍ତାବିଜକୁ ନାରାୟଣନ୍ ବିଦେଶକୁ ପଠାଉଥିବା ନେଇ ଖବର ଶିରୋନାମା ମଣ୍ଡନ କରିଥିଲା। ଅନ୍ୟପକ୍ଷରେ ଜଷ୍ଟିସ୍ ଡି.କେ. ଜୈନଙ୍କ ଅଧ୍ୟକ୍ଷତାରେ ଗଠିତ ୩ ସଦସ୍ୟ ବିଶିଷ୍ଟ ତଦନ୍ତ କମିଟି ଅଢ଼େଇ ବର୍ଷ ଧରି ଯାଞ୍ଚ କରିବା ପରେ ନିକଟରେ ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିଥିଲା। କଂଗ୍ରେସର ଗୋଟିଏ ଗୋଷ୍ଠୀ ଏହି ପ୍ରସଙ୍ଗରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ କେ. କରୁଣାକରନ୍‌ଙ୍କୁ ଟାର୍ଗେଟ କରିଥିଲେ। ରାଜନୈତିକ ଝଡ଼ ସୃଷ୍ଟି ହେବାରୁ କରୁଣାକରନ୍ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ସିବିଆଇ ନାରାୟଣନ୍‌ଙ୍କୁ କ୍ଲିନ୍‌ଚିଟ୍ ଦେବା ସହ ତାଙ୍କ ବେଆଇନ ଗିରଫଦାରି ପାଇଁ କେରଳ ପୋଲିସର ବରିଷ୍ଠ ଅଧିକାରୀମାନଙ୍କୁ ଦାୟୀ କରିଥିଲା। ପୋଲିସ ଏହି ମାମଲା ପାଇଁ ମନଗଢ଼ା କାହାଣୀ ରଚିଥିଲା। ନାରାୟଣନ୍ ୧୯୯୪ରେ ଯେଉଁ ଟେକ୍ନୋଲୋଜି ଚୋରି କରି ବିକ୍ରି କରିଥିଲେ ବୋଲି ଅଭିଯୋଗ ଅଣାଯାଇଥିଲା, ସେତେବେଳେ ସେଭଳି କାରିଗରି ଆସି ନ ଥିଲା ବୋଲି ସିବିଆଇ ସ୍ପଷ୍ଟ କରିଥିଲା। ଅନ୍ୟପକ୍ଷେ ଏସ୍‌ଆଇଟି ମୁଖ୍ୟ ଡିଜିପି ସିବେ ମାଥ୍ୟୁସ୍ ଓ ଅନ୍ୟ ୨ ଅବସରପ୍ରାପ୍ତ ଏସ୍‌ପି କେ.କେ. ଜୋଶୁଆ ଏବଂ ଏସ୍. ବିଜୟନ୍‌ଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି କେରଳ ହାଇକୋର୍ଟ ରାୟ ଦେଇଥିଲେ। ନାରାୟଣନ୍ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୨୦୧୮ ସେପ୍ଟେମ୍ବରରେ ସର୍ବୋଚ୍ଚ ଅଦାଲତ ନିଜ ରାୟରେ କହିଥିଲେ, ପୋଲିସର ଖାମଖିଆଲ ମନୋବୃତ୍ତି ଯୋଗୁ ଜଣେ ଜାତୀୟସ୍ତରୀୟ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ଚାକିରି ସହ ସମ୍ମାନ ହରାଇଛନ୍ତି।

### ରକେଟ୍ରି



ଆର୍. ମାଧବନ୍

ପାକିସ୍ତାନକୁ ସ୍ପେସ୍ ଟେକ୍ନୋଲୋଜିର ଗୁପ୍ତ ଦସ୍ତାବିଜ ବିକ୍ରି ଅଭିଯୋଗରେ ଗିରଫ ହୋଇଥିବା ଇସ୍ରୋ ବୈଜ୍ଞାନିକ ନମ୍ବି ନାରାୟଣନ୍‌ଙ୍କୁ ସିବିଆଇ କୋର୍ଟ କ୍ଲିନ୍‌ଚିଟ୍ ଦେଇଥିଲେ। ୧୯୯୮ରେ ସେ ସୁପ୍ରିମକୋର୍ଟରେ ଦୋଷମୁକ୍ତ ହୋଇଥିଲେ। ଏହାସତ୍ତ୍ୱେ ତାଙ୍କୁ ୫୦ ଦିନ ଜେଲରେ ରହିବାକୁ ପଡ଼ିଥିଲା। ଆମେରିକାର ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ)ର କେତେଜଣ ଏଜେଣ୍ଟ ଓ ଭାରତୀୟ ପୋଲିସର ମିଳିତ ଉଦ୍ୟମରେ ଜଣେ ଦେଶଭକ୍ତ ବୈଜ୍ଞାନିକଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଇଥିଲା। ମିଥ୍ୟା ଗୁପ୍ତଚର ମାମଲାରେ ଫସିବା ଯୋଗୁ ସେ କିଭଳି କଠିନ ସମୟ ଦେଇ ଗତି କରିଥିଲେ ସେନେଇ ଆତ୍ମଜୀବନୀ 'ଓର୍ମାକଲୁଡେ ଭ୍ରମଣପଥମ୍'ରେ ବର୍ଣ୍ଣନା କରିଛନ୍ତି ନାରାୟଣନ୍। ଉକ୍ତ ପୁସ୍ତକ ଉପରେ ପର୍ଯ୍ୟବସିତ କାହାଣୀକୁ ନେଇ ଗତିଶୀଳ ହୋଇଛି ଫିଲ୍ମ 'ରକେଟ୍ରି: ଦି ନମ୍ବି ଇଫେକ୍ଟ'। ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ଆର୍. ମାଧବନ୍ ଏଥିରେ ନାରାୟଣନ୍‌ଙ୍କ ଭୂମିକାରେ ଅଭିନୟ କରିଛନ୍ତି। କିଛି ମାସ ମଧ୍ୟରେ ଏହା ମୁକ୍ତିଲାଭ କରିବ।

# ଆଉ ୨,୯୮୯ ପଜିଟିଭ୍ ଚିହ୍ନଟ, ୨ ମୃତ

ଭୁବନେଶ୍ୱର, ୧୫।୪ (ବ୍ୟୁରୋ)

ରାଜ୍ୟରେ ମହାମାରୀ କରୋନା ଦିନକୁ ଦିନ ବେକାବୁ ହେବାରେ ଲାଗିଛି। ନୂଆ ଷ୍ଟ୍ରେନ୍‌ର ସଂକ୍ରମଣ ହାର ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ନୂଆ ରେକର୍ଡ କରୁଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ଦୈନିକ ସଂକ୍ରମଣ ୩ହଜାର ପାଖାପାଖି ପହଞ୍ଚିଛି। ଆଉ ୨୯୮୯ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୭୩୩ଜଣ କ୍ୱାରାଣ୍ଟାଇନ୍ ଓ ୧୨୫୬ ଲୋକାଲ୍ କେସ୍ ରହିଛି। ତେବେ ସୁନ୍ଦରଗଡ ଜିଲାରୁ ପୁଣିଥରେ ସର୍ବାଧିକ ୬୩୧ଜଣ କରୋନା ପଜିଟିଭ୍ ବାହାରିଥିବାବେଳେ ଦୈନିକ ସଂକ୍ରମଣରେ ଦ୍ୱିତୀୟରେ ଥିବା ଖୋର୍ଦ୍ଧାରେ ୪୩୮ଜଣ ରହିଛନ୍ତି। ସେହିପରି କଳାହାଣ୍ଡିରୁ ୨୬୦, କଟକ ୨୦୮, ନୂଆପଡା ୧୫୧, ସମ୍ବଲପୁର ୧୪୮, ବରଗଡ ୧୨୬, ପୁରୀ ୧୧୨, ବଲାଙ୍ଗୀର ୧୧୦, ଝାରସୁଗୁଡା ୮୪, ବାଲେଶ୍ୱର ୮୩, କେନ୍ଦୁଝର ୭୭, ଅନୁଗୋଳ ୬୫, ଗଞ୍ଜାମ ୬୩, ଯାଜପୁର ୫୧, ନବରଙ୍ଗପୁର ୪୩, ମୟୂରଭଞ୍ଜ ୩୮, ଭଦ୍ରକ ୩୪, ରାୟଗଡା ୨୭, ଜଗତ୍‌ସିଂହପୁର ୨୪, ଦେବଗଡ ୨୩, ଢେଙ୍କାନାଳ ୨୧, ଗଜପତି ୧୫, କୋରାପୁଟ ୧୪, ନୟାଗଡ ୧୨, କେନ୍ଦ୍ରାପଡା ୧୧, ବୌଦ୍ଧ ୧୦, କନ୍ଧମାଳ ୮, ସୋନପୁରରୁ ୬, ମାଲକାନଗିରିରେ ୨ ଓ ଷ୍ଟେଟ୍ ପୁଲ୍‌ରୁ ୯୪ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩ଲକ୍ଷ ୫୮ହଜାର ୩୨୪ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୩ଲକ୍ଷ ୪୧ହଜାର ୭୩୩ଜଣ ସୁସ୍ଥ ହୋଇଥିବାବେଳେ ୧୪,୬୨୧ଜଣ ଚିକିତ୍ସାଧୀନ ଅଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ଆଉ ୨ଜଣଙ୍କ ଜୀବନ ନେଇଛି କରୋନା। ମୃତ ଦୁଇ କରୋନା ରୋଗୀଙ୍କ ମଧ୍ୟରୁ ଜଣଙ୍କ ଘର କଳାହାଣ୍ଡିରେ ହୋଇଥିବାବେଳେ ଅନ୍ୟଜଣେ କେନ୍ଦୁଝରର ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଫଳରେ ରାଜ୍ୟରେ କରୋନାଜନିତ ମୃତକଙ୍କ ସଂଖ୍ୟା ୧୯୩୫ରେ ପହଞ୍ଚିଛି। କଳାହାଣ୍ଡିରେ ମୃତ୍ୟୁ ସଂଖ୍ୟା ୩୪ ଓ କେନ୍ଦୁଝରରେ ୩୭କୁ ବୃଦ୍ଧି ପାଇଛି।

**ରାଜ୍ୟରେ ହୁହୁ ମାଡୁଛି କରୋନା**

- ସୁନ୍ଦରଗଡ଼ ସ୍ଥିତି ସଙ୍ଗିନ, ଦିନକରେ ସର୍ବାଧିକ ୬୩୧ ଆକ୍ରାନ୍ତ
- ସଂକ୍ରମଣରେ ଦ୍ୱିତୀୟ ଖୋର୍ଦ୍ଧା ଜିଲା

# ଭାରତ ଛାଡିବ ସିଟି ଗ୍ରୁପ

ନୂଆଦିଲ୍ଲୀ,୧୫।୪

ଭାରତ ସମେତ ବିଶ୍ୱର ୧୨ ପ୍ରମୁଖ ବଜାରର କଞ୍ଜ୍ୟୁମର ବ୍ୟାଙ୍କିଙ୍ଗ୍ ବିଜ୍‌ନେସରୁ ଓହରିବାକୁ ସିଟି ଗ୍ରୁପ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। କମ୍ପାନୀ ରିଟେଲ ବ୍ୟାଙ୍କିଙ୍ଗକୁ ବାଦ ଦେଇ ୱେଲଥ ମ୍ୟାନେଜମେଣ୍ଟ ଉପରେ ବର୍ତ୍ତମାନ ଧ୍ୟାନ କେନ୍ଦ୍ରିତ କରିଥିବା ଜଣାପଡିଛି। ସିଟି ଗ୍ରୁପ ଏହାର ଗ୍ଲୋବାଲ କଞ୍ଜ୍ୟୁମର ବ୍ୟାଙ୍କିଙ୍ଗକୁ ସିଙ୍ଗାପୁର, ହଂକଂ, ଲଣ୍ଡନ ଏବଂ ୟୁନାଇଟେଡ ଆରବ ଏମିରେଟ୍ସ ଭଳି ୪ ବଜାରରେ ସୀମିତ ରଖିବାକୁ ଏବେ ଗୁରୁତ୍ୱ ଦେଉଛି। ଭାରତ ଏବଂ ଚାଇନା ଭଳି ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ସେହି ଅନୁସାରେ ଉପସ୍ଥିତି ନ ଥିବା ଏହି ପରିପ୍ରେକ୍ଷୀରେ ସିଟି ଗ୍ରୁପର ମୁଖ୍ୟ ନିର୍ବାହୀ ଜାନେ ଫ୍ରେଜର ଗୁରୁବାର କହିଛନ୍ତି। ଉଲ୍ଲେଖଯୋଗ୍ୟ, ଫ୍ରେଜର ମାର୍ଚ୍ଚ ମାସରେ ସିଇଓ ପଦବୀରେ ଅବସ୍ଥାପିତ ହୋଇଥିଲେ। ୱେଲଥ ମ୍ୟାନେଜମେଣ୍ଟରେ ସୁଯୋଗ ଅଧିକ ରହିଥିବାରୁ କମ୍ପାନୀ ଏହି କାରବାରକୁ ବର୍ତ୍ତମାନ ଅଧିକ ଫୋକସ କରୁଛି। ଏସିଆ ବଜାରରେ ସିଟି ଗ୍ରୁପର ୨୨୪ ରିଟେଲ ଶାଖା ରହିଛି। ୨୦୨୦ ସୁଦ୍ଧା କମ୍ପାନୀ ମୋଟ ରାଜସ୍ୱ ୬.୫ ବିଲିୟନ ଡଲାର ଥିଲା। ଏହି ସମୟରେ ବ୍ୟାଙ୍କରେ ୧୨୩.୯ ବିଲିୟନ ଡଲାର ଜମା ରହିଛି। କମ୍ପାନୀ ଛାଡିବାକୁ ଥିବା ଅନ୍ୟ ବଜାର ମଧ୍ୟରେ ଅଷ୍ଟ୍ରେଲିଆ, ବାହାରିନ, ଇଣ୍ଡୋନେସିଆ, ଦକ୍ଷିଣ କୋରିଆ, ମାଲେସିଆ, ଫିଲିପାଇନ୍ସ, ପୋଲାଣ୍ଡ, ରୁଷିଆ, ତାଇୱାନ ଏବଂ ଭିଏତନାମ ରହିଥିବା ଜଣାପଡିଛି।

# ତଣ୍ଟିକାଟି ବାପାଙ୍କୁ ହତ୍ୟା, ପୁଅ ଅଟକ

ଗୋପାଳପୁର,୧୫।୪

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଞ୍ଚଳରେ ଗୁରୁବାର ଏକ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସାମାନ୍ୟ କଥାରେ ଉତ୍ୟକ୍ତ ହୋଇ ପୁଅ ନିଜ ହିତାହିତ ଜ୍ଞାନ ହରାଇ ବାପାଙ୍କ ତଣ୍ଟିକାଟି ହତ୍ୟା କରିଛନ୍ତି। ମୃତକ ହେଲେ ସରୋଜ ନନ୍ଦ (୬୫)। ଅଭିଯୁକ୍ତ ପୁଅ ଆଶିଷ ନନ୍ଦଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା ଚଳାଇଛି। ପ୍ରକାଶ ଯେ, ସରୋଜ ପଞ୍ଜାବ ଲୁଧିଆନାରେ କୃଷି ବୈଜ୍ଞାନିକ ଭାବେ କାର୍ଯ୍ୟ କରି ଗତ ତିନିବର୍ଷ ହେଲା ଅବସର ନେଇଥିଲେ। ସ୍ତ୍ରୀ ଓ ପୁଅଙ୍କ ସହ ସରୋଜ ଗୋପାଳପୁର ଥାନା ଅନ୍ତର୍ଗତ ଭକ୍ତ ସାଲବେଗ ନଗରରେ ରହୁଥିଲେ। ଘରେ ପୁରୁଣା ଜିନିଷ ରଖିବାକୁ ନେଇ ବାପପୁଅଙ୍କ ମଧ୍ୟରେ ସବୁବେଳେ କଳହ ଲାଗିରହୁଥିଲା। ଗୁରୁବାର ପୂର୍ବାହ୍ନରେ ମଧ୍ୟ ଏହି ସାମାନ୍ୟ କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଉତ୍ୟକ୍ତ ହୋଇ ଆଶିଷ ଏକ ଛୁରିରେ ବାପା ସରୋଜଙ୍କ ବେକ କାଟି ଦେଇଥିଲେ। ପ୍ରଚୁର ରକ୍ତସ୍ରାବ ହେବାରୁ ବାପାଙ୍କୁ ସେ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ସରୋଜଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆଶିଷ ଆମ୍ବୁଲାନ୍ସ ଡାକି ବାପାଙ୍କ ମୃତଦେହ ନେଇ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଡାକ୍ତର ଏ ସମ୍ପର୍କରେ ଗୋପାଳପୁର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ଆଶିଷଙ୍କୁ ଥାନାକୁ ଆଣିଥିଲା। ଥାନାଧିକାରୀ ବିବେକାନନ୍ଦ ମହନ୍ତ ଓ ସାଇଣ୍ଟିଫିକ ଟିମ୍ ମୃତ ସରୋଜଙ୍କ ଘରୁ ରକ୍ତ ଲାଗିଥିବା ବେଡଶିଟ, ଛୁରି ଓ ଚପଲ ଜବତ କରିଛି। ଏ ନେଇ ନଂ.୬୮/୨୧ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ଝିଅ ଆତ୍ମହତ୍ୟା ପରେ ଜୀବନ ହାରିଲେ ମା'

ଗୋପାଳପୁର,୧୫।୪

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ହଳଦିଆପଦର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଝିଅ ଆତ୍ମହତ୍ୟା କରିବାର ୩ ଦିନ ପରେ ବୁଧବାର ରାତିରେ ଟ୍ରେନ୍ ଆଗକୁ ଡେଇଁ ମା' ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହେଲେ ସନ୍ତୋଷିନୀ ସାହୁ (୨୯)। ଗୁରୁବାର ବ୍ରହ୍ମପୁର ଜିଆରପି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସ୍ୱାମୀଙ୍କ ସହ ମତାନ୍ତର ହେବାରୁ ସନ୍ତୋଷିନୀ ଗତ ଦୁଇବର୍ଷ ହେଲା ଗୋଳନ୍ଥରା ଥାନା ହଳଦିଆପଦର ଗ୍ରାମରେ ଦୁଇଝିଅ ଓ ପୁଅଙ୍କୁ ଧରି ଭଡ଼ାଘରେ ରହୁଥିଲେ। ବଡ଼ଝିଅ ସ୍ୱାତୀଙ୍କର ଚାଉଳ ଖାଇବା ଅଭ୍ୟାସ ଥିବାରୁ ସନ୍ତୋଷିନୀ ତାଙ୍କୁ ଆକଟ କରି ଆସୁଥିଲେ। ଏହି କାରଣକୁ ନେଇ ସ୍ୱାତୀ ଗତ ସୋମବାର ଘରେ କେହି ନ ଥିବା ବେଳେ ଦେହରେ କିରୋସିନ ଢାଳି ଆତ୍ମହତ୍ୟା କରିଥିଲେ। ସ୍ୱାତୀଙ୍କ ମୃତ୍ୟୁ ପରେ ସନ୍ତୋଷିନୀ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ।

# ସର୍ବଭାରତୀୟ ପୋଏଟ୍ରି ଇୟର୍ ବୁକ୍‌ରେ ଦୁର୍ଗାପ୍ରସାଦଙ୍କ କବିତା

ସମ୍ବଲପୁର, ୧୫।୪ (ବ୍ୟୁରୋ)

ସର୍ବଭାରତୀୟ ପୋଏଟ୍ରି ଇୟର୍ ବୁକ୍‌ରେ ସମ୍ବଲପୁର ସହରର କବି ଦୁର୍ଗା ପ୍ରସାଦ ପଣ୍ଡାଙ୍କ କବିତା ସ୍ଥାନ ପାଇଛି। ସର୍ବଭାରତୀୟ ସ୍ତରର



ପ୍ରତିଷ୍ଠିତ କବି, ସମାଲୋଚକଙ୍କୁ ନେଇ ୮ ଜଣିଆ ଚୟନ କମିଟି କବିତାଗୁଡିକୁ ଦେଖି ଚୟନ କରିଥିଲେ। ଏଥିରେ ଓଡିଶାରୁ ଦୁର୍ଗାପ୍ରସାଦ ଏକମାତ୍ର କବି ଭାବେ ସ୍ଥାନ ପାଇ ଗୌରବ ଆଣିଛନ୍ତି। ସୁପ୍ରିତା ପଲ୍ କୁମାର ଓ ବିନିତା ଅଗ୍ରୱାଲଙ୍କ ଦ୍ୱାରା ସମ୍ପାଦିତ ଇୟର୍ ବୁକ୍ ଅଫ୍ ଇଣ୍ଡିଆନ୍ ପୋଏଟ୍ରି ଇନ୍ ଇଂଲିଶ୍ ସଂକଳନଟି ଆସନ୍ତା ମେ ମାସ ଶେଷ ସପ୍ତାହରେ ପ୍ରକାଶ ପାଇବ। ସୂଚନାଯୋଗ୍ୟ ଯେ, କବି ଦୁର୍ଗାପ୍ରସାଦ ବିଗତ ଦୁଇଦଶନ୍ଧି ଧରି ଇଂରାଜୀ ଓ ଓଡିଆ ଭାଷାରେ କବିତା, ସମାଲୋଚନାଧର୍ମୀ ଲେଖା ଲେଖି ଆସୁଛନ୍ତି। ବିଭିନ୍ନ ସମୟରେ ଆନ୍ତର୍ଜାତୀୟ ପତ୍ରପତ୍ରିକା ଓ ସଂକଳନରେ ତାଙ୍କ କବିତା ସ୍ଥାନିତ ହୋଇଆସୁଛି। ନିକଟରେ ବିଶିଷ୍ଟ କବି ଜୟନ୍ତ ମହାପାତ୍ରଙ୍କ ସାମଗ୍ରୀକ କୃତିକୁ ନେଇ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ପୁସ୍ତକଟି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିଲା, ଯାହାକି ରାଜ୍ୟରେ ଆଦୃତି ଲାଭ କରିଥିଲା। ଗୁରୁବାର ସମ୍ବଲପୁର ସହରର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଦିଆଯାଇଛି।

# ବ୍ରହ୍ମପୁର କୋର୍ଟରେ ବିଧାୟକ ପ୍ରଦୀପ, ପାଠକ ବାପ-ପୁଅ



ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ଅଭୟକାନ୍ତ ପାଠକ ଏବଂ ପୁଅ ଆକାଶ।

**ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା**

- ମାମଲାରେ ଜଡିତ ପରେ ମଣ୍ଡଳ କାରାଗାର ପଠାଗଲା

ବ୍ରହ୍ମପୁର ଅଫିସ,୧୫।୪-ଟାଟା ମୋଟର୍ସରେ ଚାକିରି ନାଁରେ ଟଙ୍କା ଠକେଇ ମାମଲାରେ ଗୁରୁବାର ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକ, ପୁଅ ଆକାଶଙ୍କୁ କଡ଼ା ସୁରକ୍ଷାରେ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଏସ୍‌ଡିଜେଏମ୍ ଜିତେନ୍ଦ୍ରୀୟ ପଣିଗ୍ରାହୀ ଅଭିଯୁକ୍ତ ପ୍ରଦୀପ ଓ ପାଠକ ବାପ-ପୁଅଙ୍କୁ ବୈଦ୍ୟନାଥପୁର ଥାନାରେ ତାଙ୍କ ବିରୋଧରେ ପୂର୍ବରୁ ରୁଜୁ ହୋଇଥିବା ମାମଲାରେ ଗୁରୁବାର ଜଡିତ କରିଥିଲେ। ସେହିପରି ପ୍ରଦୀପ ଓ ପାଠକ ବାପ-ପୁଅଙ୍କୁ ଏହି ମାମଲାରେ ଜାମିନ ପାଇଁ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଦୀପକ ପଟ୍ଟନାୟକ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। ଏସ୍‌ଡିଜେଏମ୍ ଏହି ଜାମିନ ଆବେଦନର ଶୁଣାଣି କରିଛନ୍ତି। ସନ୍ଧ୍ୟା ସୁଦ୍ଧା ଏହାର ରାୟ କୋର୍ଟ ପ୍ରକାଶ କରି ନ ଥିବା ଓକିଲ ପଟ୍ଟନାୟକ କହିଛନ୍ତି। ଅନ୍ୟପଟେ ସମସ୍ତ ଅଭିଯୁକ୍ତଙ୍କୁ ଏହି ମାମଲାରେ କୋର୍ଟ ଜଡିତ କରିବା ପରେ ସେମାନଙ୍କୁ ମଣ୍ଡଳ କାରାଗାରକୁ ପଠାଇ ଦେଇଥିବା କୋର୍ଟ ସୂତ୍ରରୁ ପ୍ରକାଶ। ସରକାର ଜାଣିଶୁଣି ତାଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରୁଛନ୍ତି ବୋଲି ମଣ୍ଡଳ କାରାଗାରକୁ ଯିବା ପୂର୍ବରୁ ପ୍ରଦୀପ ଖବରଦାତାଙ୍କୁ କହିଛନ୍ତି।

ସୂଚନାଯୋଗ୍ୟ, ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ନେଇ ମାର୍ଚ୍ଚ ୨୪ରେ ବୈଦ୍ୟନାଥପୁର ଥାନାରେ ବିଧାୟକ ପ୍ରଦୀପ ଓ ପାଠକ ବାପ-ପୁଅଙ୍କ ନାମରେ ନଂ.୮୧/୨୧ରେ ମାମଲା ରୁଜୁ ହୋଇଥିଲା। ରିମାଣ୍ଡରେ ୩ ଜଣଙ୍କୁ ଝାରପଡ଼ା ଜେଲରୁ ବ୍ରହ୍ମପୁର ଆଣିବା ପାଇଁ ପୋଲିସ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲା। କୋର୍ଟ ଦିନିକିଆ ଟ୍ରାନ୍‌ଜିଟ୍ ରିମାଣ୍ଡ ମଞ୍ଜୁର କରିଥିଲେ। ଏଣୁ ବ୍ରହ୍ମପୁର ପୋଲିସର ଏକ ଟିମ୍ ଗତ ୮ ତାରିଖରେ ଭୁବନେଶ୍ୱର ଯାଇଥିଲା। ସେଠାରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କ ଅନୁମତି ମାଗିଥିଲା। ହେଲେ ଭୁବନେଶ୍ୱର ଏସ୍‌ଡିଜେଏମ୍ ୩ ଜଣଙ୍କୁ ପଠାଇବା ପାଇଁ ଅନୁମତି ଦେଇ ନ ଥିଲେ। ଫଳରେ ଗତ ୮ ରେ ବିଧାୟକ ପ୍ରଦୀପ ଓ ପାଠକ ବାପ-ପୁଅ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର ହୋଇ ନ ଥିଲେ ବୋଲି ତାଙ୍କ ଓକିଲ ଦୀପକ ପଟ୍ଟନାୟକ ପୂର୍ବରୁ ସୂଚନା ଦେଇଥିଲେ।

## ୪ଦିନରେ ୫ କରୋନା ପଜିଟିଭ୍ ଚିହ୍ନଟ

ନାକଟିଦେଉଳ,(ଡି.ଏନ.ଏ.): ନାକଟିଦେଉଳ ବ୍ଲକ ଅଞ୍ଚଳରେ ୪ଦିନ ମଧ୍ୟରେ ୫ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତ ୧୨ତାରିଖରେ ଡଇଁଚା ଗ୍ରାମର ଜଣେ ୨୭ବର୍ଷୀୟ ଯୁବକ, ୧୪ରେ ପାଣିମୁରା ଗ୍ରା.ପ. ପୋଡ଼ାମାଳ ଗ୍ରାମର ଜଣେ ୨୩ବର୍ଷୀୟା ଯୁବତୀ ଓ ବେଠିଆବେର୍ଣ୍ଣା ଗ୍ରାମର ୪୮ବର୍ଷୀୟ ବ୍ୟକ୍ତି କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେହିପରି ଗୁରୁବାର ଜଗନ୍ନାଥପ୍ରସାଦ ଗ୍ରାମର ୨୦ବର୍ଷୀୟା ଯୁବତୀ ଓ ସରାପାଲି ପଞ୍ଚାୟତର ଜଣେ ୪୫ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏହି ସମସ୍ତ ଆକ୍ରାନ୍ତ ନିଜ ଘରେ ସଙ୍ଗରୋଧରେ ରହିଛନ୍ତି।

## ସଂକ୍ଷେପରେ

### ବୋଲେରୋ ଧକ୍କାରେ ନାବାଳକ ଆହତ

ସମ୍ବଲପୁର, ୧୫।୪ (ବ୍ୟୁରୋ): ସମ୍ବଲପୁର ଧମା ଥାନା ଅନ୍ତର୍ଗତ ଗୁଣ୍ଡେରପୁର ଛକ ନିକଟରେ ଗୁରୁବାର ବୋଲେରୋ ଧକ୍କାରେ ଜଣେ ନାବାଳକ ସାମାନ୍ୟ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଜିଲା ସଦର ଡାକ୍ତରଖାନାକୁ ନିଆଯାଇଥିଲା। ତାଙ୍କ ମୁଣ୍ଡ, ପିଠି ଓ ଗୋଡରେ ଆଘାତ ଲାଗିଛି। ଚିକିତ୍ସା ପରେ ସେ ଘରକୁ ଫେରିଥିବା ଜଣାପଡିଛି। ଏ ସମ୍ପର୍କରେ ମାନେଶ୍ୱର ବିଡିଓ ନିଳାମ୍ବର ମହାନନ୍ଦ କହିଛନ୍ତି ଯେ, ସାମାନ୍ୟ ଦୁର୍ଘଟଣା ହୋଇଥିଲା। ପିଲାଟିର ଚିକିତ୍ସା କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେ ଏବେ ସୁସ୍ଥ ଅଛନ୍ତି।

### ଓପିଜିସିରେ ନୂଆ ଡାଇରେକ୍ଟର ଅପରେଶନ ନିଯୁକ୍ତି

ଝାରସୁଗୁଡ଼ା ଅଫିସ,୧୫।୪: ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର



ଅଂଶୀଦାର ବହୁଦେଶୀୟ ଏଇଏସ୍ କମ୍ପାନୀ ଓପିଜିସିରୁ ଓହରିଯିବା ଫଳରେ ଡାଇରେକ୍ଟର ଅପରେଶନ (ଡିଓ) ପଦବୀ ଖାଲି ରହିଥିଲା। ଏହି ପଦବୀ ପାଇଁ ଶକ୍ତି ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ବହୁ ଆଶାୟୀ ଆବେଦନ କରିଥିଲେ। ଏବେ ଏହି ପଦବୀରେ ମାନସ ରଞ୍ଜନ ରାଉତଙ୍କୁ ନିଯୁକ୍ତି ଦିଆଯାଇଛି। ରାଉତ ଏହା ପୂର୍ବରୁ ଆଦାନୀ ପାୱାର, ବେଦାନ୍ତ, ଟିଟିପିଏସ୍ ଓ ଓପିଜିସି ଆଦି କମ୍ପାନୀର ଉଚ୍ଚପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ ତୁଲାଇଛନ୍ତି।

### କୋଚିଂ ସେଣ୍ଟରରେ ଅଙ୍କୁଶ ଲଗାଇବାକୁ ଦାବି

କୁଚିଣ୍ଡା, ୧୫।୪ (ଡି.ଏନ.ଏ.): କୁଚିଣ୍ଡା ଉପଖଣ୍ଡରେ ମଧ ଦିନକୁ ଦିନ କରୋନା ସ୍ଥିତି ବିଗିଡିବାକୁ ବସିଲାଣି। ଗତ ମାର୍ଚ୍ଚ ୨୦ରୁ ଆଜି ପର୍ଯ୍ୟନ୍ତ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଟପିଲାଣି। ସଂକ୍ରମଣକୁ ଆଖିଆଗରେ ରଖି ପ୍ରଶାସନ ସାପ୍ତାହିକ ଶୁକ୍ରବାର ବଜାର ବନ୍ଦ କରିଦେଇଛି। ସେହିପରି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମତେ ସମସ୍ତ ଶିକ୍ଷା ଅନୁଷ୍ଠାନ, ବିବାହବ୍ରତ ଆଦିରେ ରୋକ ଲଗାଯାଇଛି। କମ୍ପ୍ୟୁଟର ସେଣ୍ଟର, କୋଚିଂ ସେଣ୍ଟର ଖୋଲାଯାଇ ଶିକ୍ଷାଦାନ ଚାଲିଥିବରୁ ପ୍ରଶାସନ ଏହା ଉପରେ ଅଙ୍କୁଶ ଲଗାଇବାକୁ ସାଧାରଣରେ ଦାବି ହେଉଛି।

### ଦେବଗଡ଼ ଜିଲାରେ ପୁଣି ଖୋଲିଲା କରୋନା ସେଲ୍

ଦେବଗଡ଼,୧୫।୪(ଡି.ଏନ୍.ଏ.): ଜିଲାରେ କରୋନା ଦ୍ୱିତୀୟ ଲହରରେ ବଢୁଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି କୋଭିଡ୍ ସୁପରିଚାଳନା ନିମନ୍ତେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାରଠାରୁ ଜିଲା କାର୍ଯ୍ୟାଳୟଠାରେ କରୋନା ସେଲକୁ ପୁଣି କାର୍ଯ୍ୟକ୍ଷମ କରାଯାଇଛି। ପୂର୍ବଭଳି ଏହି ସେଲ୍ କରୋନା ମୁକାବିଲାରେ କ୍ଷେତ୍ର ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କ ସହ ପ୍ରତ୍ୟେକ ଦିନ ଯୋଗାଯୋଗ ରକ୍ଷା କରି ଆବଶ୍ୟକୀୟ ସୂଚନା ସଂଗ୍ରହ ସହିତ କୋଭିଡ୍ ପରିଚାଳନା ସମ୍ବନ୍ଧୀୟ କାର୍ଯ୍ୟଗୁଡିକର ତଦାରଖ କରିବେ। ଜିଲା ଆପାତ୍କାଳୀନ ଅଧିକାରୀ ସୁଶାନ୍ତ କୁମାର ନାୟକ ଏହି ସେଲର ପରିଚାଳନା ପାଇଁ ନୋଡାଲ ଅଫିସର ଭାବେ ନିୟୋଜିତ ହୋଇଥିବାବେଳେ ସହକାରୀ କଲେକ୍ଟର କୈବଲ୍ୟ କିଶୋର କର ତାଙ୍କୁ ସହାୟତା କରିବେ। ଏହି ସେଲ ସକାଳ ୧୦ଟାରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୩ଟାରୁ ୬ଟା ପର୍ଯ୍ୟନ୍ତ ୨ଟି ସିଫ୍ଟରେ କାର୍ଯ୍ୟ କରିବ। ଏଥିପାଇଁ ଜିଲାସ୍ତରୀୟ ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି।

### ପୂର୍ବତନ ସରପଞ୍ଚଙ୍କ ଦେହାନ୍ତ

କୁଚିଣ୍ଡା, ୧୫।୪ (ଡି.ଏନ.ଏ.): ଭୋଜପୁର ନିକଟ ଡିମ୍ବିରିମୁଣ୍ଡା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବାମଣ୍ଡାଗଡର ଗୌନ୍ତିଆ ନାରାୟଣ ଚନ୍ଦ୍ର ପଲେଇଙ୍କ ୧୩ ତାରିଖ ମଧ୍ୟରାତ୍ରିରେ ବାର୍ଦ୍ଧକ୍ୟଜନିତ କାରଣରୁ ମୃତ୍ୟୁ ହୋଇଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନି ପୁଅ ଓ ପୁତ୍ରବଧୂ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବଢୁଛି ସଂକ୍ରମଣ, ବିଗୁଡୁଛି ସ୍ଥିତି

- ଆକ୍ସିସ୍ ବ୍ୟାଙ୍କ ୨ ଦିନ ବନ୍ଦ
- ଜିଲାରେ ନୂଆ ଗାଇଡ୍ ଲାଇନ
- ୮୬୯ ଜଣ ଚିକିତ୍ସିତ

ସମ୍ବଲପୁର, ୧୫।୪ (ବ୍ୟୁରୋ)

ସମ୍ବଲପୁର ଜିଲାରେ କୋଭିଡ୍ ସଂକ୍ରମଣ ସଂଖ୍ୟା କିଛିଦିନ ହେଲା ନିୟମିତ ଭାବେ ଶତକ ଉପରେ ରହୁଛି। ଗୁରୁବାର ୧୪୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତ ସଂଖ୍ୟା ୧୧,୨୨୬ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୦,୨୭୯ଜଣ ଚିକିତ୍ସା ପରେ ସୁସ୍ଥ ହୋଇଥିବାବେଳେ ୭୮ ଜଣଙ୍କ ମୃତ୍ୟୁ ଘଟିଛି ଓ ୮୬୯ ଜଣ ଚିକିତ୍ସାଧୀନ ଅଛନ୍ତି। ସେହିପରି ଗ୍ରାମାଞ୍ଚଳ ଓ ଅନ୍ୟ ସହରାଞ୍ଚଳରେ ସ୍ଥିତି ସଙ୍ଗିନ ହେବାରେ ଲାଗିଛି।

ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୦ ଜିଲାରେ ନୂତନ କଟକଣା ଲାଗୁ କରିଛନ୍ତି। ସେଥିରେ ସମ୍ବଲପୁର ଜିଲା ମଧ୍ୟ ସାମିଲ ହୋଇଛି। ଶନିବାର ଓ ରବିବାର ଲକ୍ଡାଉନ ଏବଂ ପ୍ରତିଦିନ ସନ୍ଧ୍ୟା ୬ଟାରୁ ସକାଳ ୫ଟା




ଆକ୍ସିସ ବ୍ୟାଙ୍କ ସାକ୍ଷୀପଡା ଶାଖା ବନ୍ଦ କରାଯାଇଛି ।

ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଛି। ଅନ୍ୟପଟେ ଗ୍ରାମାଞ୍ଚଳରେ ପୂର୍ବଭଳି ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଛି। ସମ୍ବଲପୁର ସଦର ଉପଜିଲାପାଳ କାର୍ଯ୍ୟାଳୟ ପକ୍ଷରୁ ନୂତନ ଗାଇଡ୍ ଲାଇନ ଜାରି କରାଯାଇଛି। ବିବାହ ଉତ୍ସବରେ ଫଟକା, ଡିଜେ ସାଉଣ୍ଡ, ବାଜା ଉପରେ ରୋକ ଲଗାଯାଇଛି। ଏହାସହ ବିବାହ, ବ୍ରତ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ପାଇଁ ମାତ୍ର ୫୦ ଲୋକଙ୍କ ଉପସ୍ଥିତି ଲାଗି ଅନୁମତି ଦିଆଯାଇଛି। ନାମଯଜ୍ଞ, ପୂଜା କେବଳ କର୍ତ୍ତା ଓ ପୂଜକମାନେ ଉପସ୍ଥିତ ରହି ରୀତିନୀତି ଅନୁସାରେ ପାଳନ କରିବେ। ସମସ୍ତ ସ୍ଥାନରେ ମାସ୍କ, ସାନିଟାଇଜର ବ୍ୟବହାର କରାଯିବ। କୌଣସି ସାମୂହିକ କାର୍ଯ୍ୟ ପୂର୍ବରୁ ସ୍ଥାନୀୟ ପ୍ରଶାସନ ନିକଟରୁ ଅନୁମତି ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ବ୍ୟତିକ୍ରମ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଅନ୍ୟପଟେ ସାକ୍ଷୀପଡାସ୍ଥିତ ଆକ୍ସିସ୍ ବ୍ୟାଙ୍କ ବନ୍ଦ କରି ଦିଆଯାଇଛି। ବ୍ୟାଙ୍କ ମ୍ୟାନଜର କୋଭିଡ୍ ସଂକ୍ରମିତ ଜଣାପଡିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି। ଦୁଇଦିନ ପାଇଁ ବ୍ୟାଙ୍କ କାର୍ଯ୍ୟ ବନ୍ଦ କରାଯିବ ବୋଲି ନୋଟିସ ଜାରି କରାଯାଇଛି। ମ୍ୟାନଜରଙ୍କ ସଂସ୍ପର୍ଶରେ ଆସିଥିବା ୫ଜଣ କର୍ମଚାରୀଙ୍କ ସ୍ୱାବ୍ ସଂଗ୍ରହ କରି ପଠାଯାଇଛି। ଏହାସହ ସେମାନଙ୍କୁ ହୋମ ଆଇସୋଲେଶନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି।

## ନାବାଳିକା ବଳାତ୍କାର: ଯୁବକ ଗିରଫ

ଝାରସୁଗୁଡ଼ା ଅଫିସ,୧୫।୪

ନାବାଳିକା ବଳାତ୍କାର ଅଭିଯୋଗରେ ଝାରସୁଗୁଡ଼ା ଜିଲା ବଡମାଲ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ହିର୍ମା ଗ୍ରାମ ମୁଣ୍ଡାପଡା ନିବାସୀ ମୁଞ୍ଚୁ ମୁଣ୍ଡା (୨୦)। ସିଡିପିଓ ସୁପ୍ରଭା ମହାପାତ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବଡମାଲ ଥାନା କେସ୍ ନଂ.୭୨/୨୧ରେ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅଭିଯୋଗ ଅନୁଯାୟୀ ମୁଞ୍ଚୁ ନାବାଳିକାଙ୍କୁ ନିଜ ଘରେ ରଖି ବାରମ୍ବାର ବଳାତ୍କାର କରିଥିଲେ। ଫଳରେ ନାବାଳିକା ଜଣକ ୬ମାସର ଗର୍ଭବତୀ ହୋଇଥିଲେ। ଏ ସମ୍ପର୍କରେ କେହି ଚାଇଲ୍ଡ ଲାଇନ୍‌କୁ ଫୋନ୍‌କରି ଜଣାଇଥିଲେ। ଚାଇଲ୍ଡ ଲାଇନ୍ ଜିଲା ସଂଯୋଜକ ଆଶିଷ କୁମାର ପଣ୍ଡା ଓ ସିଡିପିଓ ସୁପ୍ରଭା ମହାପାତ୍ର ପ୍ରମୁଖ ଯୁବକଙ୍କ ଘରେ ପହଞ୍ଚି ଘଟଣାର ଅନୁସନ୍ଧାନ କରିଥିଲେ। ସତ୍ୟତା ଜଣାପଡିବା ପରେ ସ୍ଥାନୀୟ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏବେ ପୀଡିତା ନାବାଳିକାଙ୍କୁ ଚାଇଲ୍ଡ ଲାଇନ୍ ଉଦ୍ଧାର କରି ଶିଶୁଯତ୍ନ ଅନୁଷ୍ଠାନରେ ଥଇଥାନ କରିଛି।

## ଜୈବିକ ଚାଷକୁ ପ୍ରୋତ୍ସାହନ ଦେବାକୁ ଦାବି



ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ ସହ ଆଲୋଚନା କରୁଛନ୍ତି ଭାଜପା କର୍ମକର୍ତ୍ତା।

ସମ୍ବଲପୁର,୧୫।୪(ବ୍ୟୁରୋ)

ଧାନ ହେଉ କି ପନିପରିବା ଚାଷୀମାନେ ପ୍ରାୟ ରାସାୟନିକ ସାର ପ୍ରୟୋଗ କରୁଥିଲେ। ଏବେ ସେମାନେ ଜୈବିକ ସାର ପ୍ରୟୋଗ କରିବା ଆରମ୍ଭ କରିଛନ୍ତି। ଏହି ଚାଷୀମାନଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ସରକାରୀ ପ୍ରୋତ୍ସାହନ ଦିଆଯାଉ। ଏହାସହ ସଚେତନ କାର୍ଯ୍ୟକ୍ରମ କରି ଯେପରି ଅଧିକ ଚାଷ ହୋଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଉଦ୍ୟାନ କୃଷି ଡେପୁଟି ନିର୍ଦ୍ଦେଶକ ରଞ୍ଜନଦାସ ମହାପାତ୍ରଙ୍କୁ ଭାଜପା ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରିଛି। ସେମାନେ ଦର୍ଶାଇଛନ୍ତି, ଚାଷୀମାନେ ପନିପରିବା ଓ ବିଭିନ୍ନ ପ୍ରକାର ଫସଲ ଅମଳ କରୁଛନ୍ତି। ହେଲେ ବଜାର ସୁବିଧା ନ ଥିବାରୁ କେଉଁଠି ଅମଳ ଫସଲ ଫିଙ୍ଗି ଦିଆଯାଉଛି ତ କେଉଁଠି ସାଗମାଛ ଦରରେ ବିକ୍ରି କରି ଦେଉଛନ୍ତି। ତେଣୁ ବିଭିନ୍ନ ଅଞ୍ଚଳରେ ବିଭାଗ ପକ୍ଷରୁ ଷ୍ଟଲ ସହ ଶୀତଳ ଭଣ୍ଡାର ନିର୍ମାଣ କରାଯାଉ। ଫଳରେ ଚାଷୀମାନେ ଉତ୍ପାଦିତ ଫସଲ ଉଚିତ ମୂଲ୍ୟରେ ବିକ୍ରି କରିପାରିବେ। ଏହା ଦ୍ୱାରା ଅନ୍ୟ ଚାଷୀମାନେ ଜୈବିକ ଚାଷପ୍ରତି ଆକୃଷ୍ଟ ହେବେ। ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲଙ୍କ ନେତୃତ୍ୱରେ ଶ୍ରୀକାନ୍ତ ପାଣିଗ୍ରାହୀ, ଡ. ପ୍ରଭାସ ଦେବତା, ପ୍ରଦୀପ ସୁପକାର, ସୂର୍ଯ୍ୟ ପାଣିଗ୍ରାହୀ, ରଞ୍ଜିତ ରଥ, ମୁକେଶ ଜରିୱାଲା ପ୍ରମୁଖ ଉପସ୍ଥିତ ଥିଲେ।

## ୨ରାସ୍ତା ବନ୍ଦ: ନିର୍ବାହୀଯନ୍ତ୍ରୀଙ୍କୁ ଅଭିଯୋଗ

ସମ୍ବଲପୁର,୧୫।୪(ବ୍ୟୁରୋ)

ବ୍ରିଜ ନିର୍ମାଣ ପାଇଁ ସହରର ମୁଦିପଡା-କୁଞ୍ଜେଲପଡା ଓ ମୁଦିପଡା-କ୍ଷେତରାଜପୁର ଦୁଇ ପ୍ରମୁଖ ରାସ୍ତା ବନ୍ଦ କରିଦିଆଯାଇଛି। ବ୍ରିଜ ଭାଙ୍ଗିବା ପୂର୍ବରୁ ଏହାର ବିକଳ୍ପ ରାସ୍ତା ବ୍ୟବସ୍ଥା କରାଯାଉ ନାହିଁ ବୋଲି ପଶ୍ଚିମାଞ୍ଚଳ ଏକତାମଞ୍ଚ ପକ୍ଷରୁ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ବିଜୟ ମହାନ୍ତିଙ୍କଠାରେ ଅଭିଯୋଗ ହୋଇଛି। ମଞ୍ଚ କର୍ମକର୍ତ୍ତା ଦର୍ଶାଇଛନ୍ତି, ସହର ମଝିରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଉଛି। ଅବଧି ସରିଯାଇଥିଲେ ମଧ୍ୟ କାମ ସରୁନାହିଁ। ଡ୍ରେନ ଅଧାପନ୍ତରିଆ ଥିବାବେଳେ ସର୍ଭିସ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ହେଉଛି। ସେହିପରି ଅମୃତ ଯୋଜନା, ସ୍ୱେରେଜ ପ୍ରକଳ୍ପ ପାଇଁ ରାସ୍ତା ଖୋଳିଦିଆଯାଉଛି। ହେଲେ ମରାମତି ଓ ନିର୍ମାଣ କରାଯାଉ ନାହିଁ। ଫଳରେ




ସମ୍ବଲପୁର ମୁଦିପଡା-କ୍ଷେତରାଜପୁର ରାସ୍ତା ଖୋଳି ଦିଆଯାଇଛି ।

ଯାତାୟାତ କରୁଥିବା ଲୋକମାନେ ସମସ୍ୟା ଭୋଗୁଛନ୍ତି। ଏଥିଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ତେଣୁ ଧାର୍ଯ୍ୟ ସମୟ ଭିତରେ କାମ ଶେଷ ସହ କାମର ମାନ ଉପରେ ଗୁରୁତ୍ୱ ଦିଆଯାଉ ବୋଲି ଦାବି କରିଥିଲେ। ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ, ଭବାନୀ ଭୋଇ, ମାନସ ରଞ୍ଜନ ବକ୍ସି, ଦେବାଶିଷ ବେହେରା, ରାହୁଲ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କୁ ଅଣଶିକ୍ଷକ କାର୍ଯ୍ୟରୁ ନିବୃତ୍ତି ଦାବି

ସମ୍ବଲପୁର,୧୫।୪(ବ୍ୟୁରୋ)

ଶିକ୍ଷକଙ୍କୁ ଅଣଶିକ୍ଷକ କାର୍ଯ୍ୟରୁ ନିବୃତ୍ତି ଦାବିନେଇ ଗୁରୁବାର ସମ୍ବଲପୁର ଜିଲା ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଧନକଉଡା ବ୍ଲକ ପକ୍ଷରୁ ଡିଆର୍‌ଡିଏ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସଂଘ କର୍ମକର୍ତ୍ତା ଦର୍ଶାଇଥିଲେ, ସମସ୍ତ ବ୍ଲକର ଶିକ୍ଷକମାନଙ୍କୁ ବସ୍‌ଷ୍ଟାଣ୍ଡରେ ୨୪ ଘଣ୍ଟିଆ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରି କି ରେଳ ଷ୍ଟେଶନ, ଟିଏମ୍‌ସି କେନ୍ଦ୍ରରେ ନିୟୋଜିତ କରାଯାଉଛି। ଏବେ ସ୍କୁଲରେ ଟିସି ଦେବା, ନାମଲେଖା, ଖାଦ୍ୟ ବାବଦକୁ ଟଙ୍କା ଦେବା, ବହି ବଣ୍ଟନ ସହ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ କରାଯାଉଛି। ଏହା ବାଦ୍ ଅନ୍ୟାନ୍ୟ କାର୍ଯ୍ୟ ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ତେଣୁ ଆଗକୁ ଏଭଳି କାମ ଦିଆ ନ ଯାଉ ବୋଲି ଦାବି କରିଥିଲେ।

## ଭୂଷଣରୁ ନିର୍ଗତ ପାଉଁଶ ଯୋଗୁ ପ୍ରଦୂଷଣ ବୃଦ୍ଧି

ସମ୍ବଲପୁର,୧୫।୪(ବ୍ୟୁରୋ)

ସମ୍ବଲପୁର ଜିଲା ଠେଲକୋଲିଠାରେ ଥିବା ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ କମ୍ପାନୀରୁ ନିର୍ଗତ ପାଉଁଶ ଯୋଗୁ ପ୍ରଦୂଷଣ ବୃଦ୍ଧି ପାଉଛି। ବାମଲୋଇ ଗ୍ରାମ ନିକଟରେ ପାଉଁଶଗଦା ଯୋଗୁ ଗ୍ରାମବାସୀଙ୍କ ଜୀବନଜୀବିକା ପ୍ରଭାବିତ ହେଉଛି। ତେଣୁ ଏହି ସ୍ଥାନରେ ପାଉଁଶ ପକାଇବା ଉପରେ ରୋକ ଲଗାଯାଉ ବୋଲି ଗ୍ରାମବାସୀ ଗୁରୁବାର ଜିଲାପାଳ ଶୁଭମ୍ ସକ୍‌ସେନାଙ୍କଠାରେ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଗ୍ରାମରେ ଅଧିକାଂଶ ଏସ୍‌ଟିଏସ୍‌ସି ପରିବାର ବସବାସ କରୁଛନ୍ତି। ୨୦୧୫ ମସିହାରୁ ବାରମ୍ବାର ଏ ନେଇ ଅଭିଯୋଗ କରିଆସୁଛୁ। ଏବେ ରୟତି ଜମି ଉପରେ ମଧ୍ୟ ପାଉଁଶ ପକାଯାଉଛି। ୨୦୧୯ ଜୁନରେ ପ୍ରତିବାଦ କରିବାରୁ କିଛିଦିନ ପାଇଁ କମ୍ପାନୀ ପାଉଁଶ ପକାଇବା ବନ୍ଦ



ଜିଲାପାଳଙ୍କ ଅଫିସ ସମ୍ମୁଖରେ ବାମଲୋଇ ଗ୍ରାମବାସୀ ।

**ଜିଲାପାଳଙ୍କୁ ବାମଲୋଇବାସୀଙ୍କ ଫେରାଦ**

କରିଦେଇଥିଲା। ଏବେ ଗ୍ରାମ ନିକଟରେ ଥିବା ଗ୍ରାମ୍ୟ ଜଙ୍ଗଲରେ ମଧ୍ୟ ପାଉଁଶ ପକାଇବା ଆରମ୍ଭ କରିଦେଇଛି। ଗାଁ ମନ୍ଦିର ପଛପଟେ ମଧ୍ୟ ପାଉଁଶ ଗଦା ହୋଇଛି। ଶତାଧିକ ଭାରିଯାନ ଚଳାଚଳ ଯୋଗୁ ଗ୍ରାମ ରାସ୍ତା ଖରାପ ହେବା ସହ ଧୂଳିଉଡି ପ୍ରଦୂଷଣ ବୃଦ୍ଧି ପାଉଛି। ତେଣୁ ପାଉଁଶ ପକାଇବା ବନ୍ଦ କରାଯାଉ। ସରସ୍ୱତୀ କିଷାନ, ଭଗବତୀ କିସାନ, ଅଞ୍ଜଳି କିସାନ, ପଦ୍ମ ମିର୍ଦ୍ଧା, ପୁଷ୍ପାଞ୍ଜଳି କିଷାନ, ସୁକାନ୍ତ କିଷାନ, ଲଳିତା କିଷାନ ପ୍ରମୁଖ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ଥିବା ଦାବିପତ୍ର ପ୍ରଦାନ କରାଯାଇଛି।

## ରକ୍ତ ସମସ୍ୟା ଦୂର କରିବା ଲକ୍ଷ୍ୟ: ବିଜେଡି

ସମ୍ବଲପୁର,୧୫।୪(ବ୍ୟୁରୋ)

ସମଗ୍ର ରାଜ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସମୟରେ କଟକଣା ଓ ଅନ୍ୟାନ୍ୟ କାରଣରୁ ଜିଲାର ରକ୍ତଭଣ୍ଡାରରେ ରକ୍ତ ସମସ୍ୟା ଯେପରି ନ ହେବ ସେଥିଲାଗି ଜିଲା ବିଜେଡି ପକ୍ଷରୁ ପ୍ରୟାସ କରାଯାଉଥିବା କୁହାଯାଇଛି। ଦଳ ପକ୍ଷରୁ ଶାନ୍ତି ନଗରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୧୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମରେ ସରକାରୀ ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାରୀ, ସମ୍ବଲପୁର ଓ ଦେବଗଡ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ବିଜେଡି ମହାନଗର ସଭାପତି ପ୍ରଫୁଲ୍ଲ ଦାସ, ସୁରେଖା ସାହୁ, ହୀରାଲାଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରମିକ ଦିବସରୁ ଆନ୍ଦୋଳନ

**କେନ୍ଦୁପତ୍ର ଉପରେ ଜିଏସ୍‌ଟି ପ୍ରତ୍ୟାହାର ଦାବି**

ସମ୍ବଲପୁର,୧୫।୪(ବ୍ୟୁରୋ)

କେନ୍ଦ୍ର ସରକାର କେନ୍ଦୁପତ୍ର ଉପରେ ୧୮ ଭାଗ ଜିଏସ୍‌ଟି ଲାଗୁ କରିଛନ୍ତି। ଏହାକୁ ପ୍ରତ୍ୟାହାର ଦାବିରେ ମେ ୧ରୁ ଆନ୍ଦୋଳନ କରାଯିବ। କେନ୍ଦୁପତ୍ର ସଂଗ୍ରହ କେନ୍ଦ୍ର (ଫଡିଘର)ରେ କଳାବ୍ୟାଜ୍ ପିନ୍ଧି କର୍ମଚାରୀ କାର୍ଯ୍ୟ କରିବେ। ପର୍ଯ୍ୟାୟକ୍ରମେ ରାସ୍ତାରୋକୋ କରି ପ୍ରତିବାଦ କରାଯିବ ବୋଲି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତି ସୂଚନା ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି, କେନ୍ଦୁପତ୍ର ଉପରେ ୨୦୧୭ରୁ କେନ୍ଦ୍ର ସରକାର ଜିଏସ୍‌ଟି ଲାଗୁ କରିଛନ୍ତି। ବାରମ୍ବାର ଦାବି ପରେ ଏହା ଉଚ୍ଛେଦ ନ ହେବାରୁ କେନ୍ଦୁପତ୍ର ସଂଗ୍ରହକାରୀ ସଂସ୍ଥା, ବିଡି କମ୍ପାନୀ, ଏଥିରେ ସମ୍ପୃକ୍ତ ଥିବା ପ୍ରାୟ ୧୨ ଲକ୍ଷ ବିଡି ଶ୍ରମିକ, କର୍ମଚାରୀଙ୍କ ଉପରେ ପ୍ରଭାବ ପକାଇଛି। କ୍ଷତି ହେବାରୁ କମ୍ପାନୀ ପକ୍ଷରୁ କେନ୍ଦୁପତ୍ର ସଂଗ୍ରହ କରାଯାଉ ନାହିଁ। ଫଳରେ ବର୍ଷ ବର୍ଷ ଧରି କେନ୍ଦୁପତ୍ର ସଂଗ୍ରହ ହୋଇ ନ ପାରି ନଷ୍ଟ ହୋଇଯାଉଛି। ଅନ୍ୟପଟେ କ୍ରମାଗତ ଭାବେ ସରକାର ଜିଏସ୍‌ଟି ଆଦାୟ କରିଚାଲିଛନ୍ତି। ୩ ବର୍ଷରେ ୩୧୧ କୋଟି ୧୨ ଲକ୍ଷ ୬୫ ହଜାର ଟଙ୍କା ଜିଏସ୍‌ଟି ଅଦାୟ ହୋଇଛି। ଏହି ଟିକସ ସରକାରୀ ପରିଚାଳିତ ବ୍ୟବସ୍ଥାରୁ ଆଦାୟ ହେଉଛି। ତେଣୁ କର୍ମଚାରୀମାନେ ବୋନସ, ସମାଜିକ ସୁରକ୍ଷାରେ ଲାଭ ପାଇପାରୁ ନାହାନ୍ତି। ଏହାକୁ ନେଇ ଗତ ଜାନୁୟାରୀ ୨୪ରେ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆନ୍ଦୋଳନ କରାଯିବାକୁ ସ୍ଥିର ହୋଇଥିଲା ବୋଲି ସେ ସୂଚନା ଦେଇଛନ୍ତି।

## ମହୁଲ ବୋଝେଇ ପିକ୍‌ଅପ୍ ଜବତ: ୩ ଗିରଫ

ଦେବଗଡ଼,୧୫।୪(ଡି.ଏନ୍.ଏ.)

ଗୁରୁବାର ପୂର୍ବାହ୍ନରେ ମହୁଲ ଚୋରା ଚାଲାଣ ବେଳେ ଦେବଗଡ଼ ଜିଲା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୨ଟି ମହୁଲ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରାଯାଇଛି। ଏହା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଦେବଗଡ଼ ଜିଲାର ତିଲେଇବଣି ବ୍ଲକ ଅଞ୍ଚଳରୁ ୨ଟି ପିକ୍‌ଅପ୍ ଭ୍ୟାନ ଯୋଗେ ବିପୁଳ ପରିମାଣର ମହୁଲ ଅନ୍ୟତ୍ର ଚୋରା ଚାଲାଣ ହେଉଥିଲା। କୌଣସି ସୂତ୍ରରୁ ସୂଚନା ପାଇ ଦେବଗଡ଼ ଅବକାରୀ ଅଧୀକ୍ଷକ ଅଜିତ କୁମାର ମହାପାତ୍ର ସେଠାରେ ଚଢ଼ାଉ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ଦେବଗଡ଼ ଅବକାରୀ ଇନ୍ସପେକ୍ଟର ପଦ୍ମଲୋଚନ ପ୍ରଧାନ ବିଭାଗୀୟ କର୍ମଚାରୀଙ୍କ ସହ ସଦଳବଳେ ଚଟି ବରଘାଟ ନିକଟରେ ଛକି ରହିଥିଲେ । ଉପରୋକ୍ତ ପିକଅପ୍ ଦ୍ୱୟ ସେଠାରେ ପହଞ୍ଚିବାରୁ ଅବକାରୀ କର୍ମଚାରୀମାନେ ସେଗୁଡିକୁ ଅଟକାଇ ଯାଞ୍ଚ କରିବାରୁ ମହୁଲ ସମ୍ବନ୍ଧୀୟ କୌଣସି କାଗଜପତ୍ର ମିଳି ନ ଥିଲା। ଫଳରେ ଉଭୟ



ଜବତ ମହୁଲ ବୋଝେଇ ପିକ୍‌ଅପ୍।

ପିକ୍‌ଅପ୍ ସହ ସେଥିରେ ଥିବା ୬୦ କୁଇଣ୍ଟାଲ ମହୁଲ ଜବତ କରାଯାଇଥିଲା। ଏଥିସହ ବେଆଇନ ମହୁଲ କାରବାର ଅଭିଯୋଗରେ ତିଲେଇବଣି ବ୍ଲକ ଅନ୍ତର୍ଗତ ଭାଲିଆଡିହି ଗ୍ରାମର ମନୋଜ କୁମାର ଦେହୁରୀ(୪୨), ପ୍ରଦୀପ କୁମାର ବେହେରା(୩୪) ଓ ତାଳକୁଣ୍ଡି ଗ୍ରାମର ସୁଜ୍ଞାନୀ ପ୍ରଧାନଙ୍କୁ ଗିରଫ କରିଥିଲେ । ଜବତ ମହୁଲର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ସୂଚନା ମିଳିଛି।

# ୯ଜଣଙ୍କୁ ଜେରାକଲା ଭିଜିଲାନ୍ସ

**ବେଲପାହାଡ଼ ପୌର ପରିଷଦରେ ଏଲ୍‌ଇଡି ଲାଇଟ୍‌କିଣା ଦୁର୍ନୀତି**

- ତଥ୍ୟ ସଂଗ୍ରହ ପରେ ପ୍ରସ୍ତୁତ ହେବ ରିପୋର୍ଟ

ଝାରସୁଗୁଡ଼ା ଅଫିସ,୧୫।୪

ବେଲପାହାଡ଼ ପୌର ପରିଷଦରେ ୬ବର୍ଷ ତଳେ ହୋଇଥିବା ଏଲ୍‌ଇଡି ଲାଇଟ୍‌କିଣା ଦୁର୍ନୀତିକୁ ନେଇ ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ହେଲେ ତଦନ୍ତରେ ଶିଥିଳତା ଦେଖାଦେଇଥିଲା। ଦୀର୍ଘଦିନ ପରେ ଭିଜିଲାନ୍ସ ବିଭାଗ ଏହି ମାମଲାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ଆରମ୍ଭ କରିଛି। ଭିଜିଲାନ୍ସ ତରଫରୁ ଜେରା ପାଇଁ ୯ଜଣଙ୍କୁ ନୋଟିସ୍ ଜାରି ହୋଇଥିଲା। ସେମାନେ ହେଲେ ପୂର୍ବତନ ପୌରାଧ୍ୟକ୍ଷା ରଶ୍ମିରେଖା ମିଶ୍ର, ପୂର୍ବତନ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ପୂର୍ବତନ ପୌର ପରିଷଦ ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ, ପୂର୍ବତନ ପୌର ପରିଷଦ ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ଜେନା, କିରାଣୀ ଅଶୋକ ସାହୁ, ଲାଇନ୍‌ମ୍ୟାନ୍ ପ୍ରମୋଦ କୁମାର ରଥ, ହେଲ୍‌ପର୍




ବେଲପାହାଡ଼ ପୌର ପରିଷଦ କାର୍ଯ୍ୟାଳୟ ।

ଦେବାନନ୍ଦ ପ୍ରଧାନ, ହେଲ୍‌ପର୍ ଅଶୋକ ଭଇଁସାଲ ଓ ଲାଇଟ୍ ସପ୍ଲାଇ କରିଥିବା ଭୁବନେଶ୍ୱରର ଟେକ୍‌ମେକ୍ ସଂସ୍ଥାର ମାଲିକ ସଚ୍ଚିତାନନ୍ଦ ମିଶ୍ର। ଭିଜିଲାନ୍ସ ୫ ପର୍ଯ୍ୟାୟରେ ଜେରା କରି ଏମାନଙ୍କ ନିକଟରୁ ତଥ୍ୟ ସଂଗ୍ରହ କରିଛି। ଏହା ସହିତ କେତେକ କାଗଜପତ୍ରରେ ହୋଇଥିବା ଦସ୍ତଖତ ସେମାନଙ୍କର କି ନାହିଁ ଜାଣିବାପାଇଁ ପରୀକ୍ଷାଗାରକୁ ପଠାଯିବ ବୋଲି ତଦନ୍ତକାରୀ ଭିଜିଲାନ୍ସ ଇନ୍‌ସ୍ପେକ୍ଟର ପ୍ରଦୀପ କୁମାର ଆଇନ୍ଦ କହିଛନ୍ତି। ଏହାସହ ରିପୋର୍ଟ ଆସିବା ପରେ ସଂଗୃହୀତ ସମସ୍ତ ତଥ୍ୟକୁ ନେଇ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି। ଭିଜିଲାନ୍ସ କେବେ ଏହାର ପର୍ଦ୍ଦାଫାଶ୍ କରି ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଆତ୍ମସାତ୍ ସରକାରୀ ଅର୍ଥ ଅସୁଲ୍ କରିବ ତାହା ଉପରେ ସମସ୍ତଙ୍କ ନଜର ରହିଛି । ସୂଚନାଯୋଗ୍ୟ ୨୦୧୫ରେ ପୌର ପରିଷଦ ତରଫରୁ କୌଣସି ଟେଣ୍ଡର କରା ନ ଯାଇ ୪୩୨ ଏଲ୍‌ଇଡି ଲାଇଟ୍ କିଣାଯାଇଥିଲା। ସେତେବେଳେ ଗୋଟିଏ ଲାଇଟ୍‌ର ରିଟେଲିଂ ପ୍ରାଇସ୍ ୧୦ ହଜାର ୪୦୪ଟଙ୍କା ରହିଥିବାବେଳେ ଏହାର ୪ଗୁଣା ଦର ଅର୍ଥାତ୍ ଗୋଟାକୁ ୪୪ହଜାର ୧୫୧ଟଙ୍କା ୫୦ପଇସାରେ କିଣାଯାଇଥିଲା । ଏହା ଜଣାପଡିବା ପରେ ଭିଜିଲାନ୍ସ ବିଭାଗ ଏଥିରେ ହସ୍ତକ୍ଷେପ କରି ମାମଲା ରୁଜୁ କରିଥିଲା ।

**ମାସ୍କ ଚେକିଂ, ୭ ହଜାର ଜରିମାନା ଆଦାୟ**

କୁଆଁରମୁଣ୍ଡା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ପକ୍ଷରୁ ଗୁରୁବାର ୧୪୩ ନମ୍ବର ଜାତୀୟ ରାଜପଥରେ ମାସ୍କ ଚେକିଂ କରାଯାଇଛି। ଏହି ସମୟରେ ବାଇକ୍ ଓ ଅନ୍ୟାନ୍ୟ ଗାଡି ଚାଳକ ଯେଉଁମାନେ କି ମାସ୍କ ବ୍ୟବହାର କରି ନ ଥିଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଅମାନିଆ ଗାଡି ଚାଳକଙ୍କ ଠାରୁ ମୋଟ୍ ୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମଙ୍କ ଠାରୁ ସୂଚନା ମିଳିଛି।

**ସଂକ୍ଷେପରେ**

## କୁଆଁରମୁଣ୍ଡାରେ ପୁଣି ୫ କରୋନା ପଜିଟିଭ୍ ଚିହ୍ନଟ

**କୁଆଁରମୁଣ୍ଡା,୧୫।୪(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲାରେ କରୋନା ସଂକ୍ରମଣ ଗତ ଏକ ସପ୍ତାହ ଧରି ସାରା ରାଜ୍ୟରେ ଶୀର୍ଷରେ ରହି ଆସୁଛି। ଏପରିକି ଗୁରୁବାର ସୁନ୍ଦରଗଡ଼ ଜିଲାରେ ଗୋଟିଏ ଦିନରେ ୬୩୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ କେବଳ ରାଉରକେଲା ସହରରେ ୪ଶହ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ରାଉରକେଲା ସହର ପାର୍ଶ୍ୱବର୍ତ୍ତୀ କୁଆଁରମୁଣ୍ଡା ବ୍ଲକରେ ଗୁରୁବାର ମଧ୍ୟ ୫ ଜଣ ଚିହ୍ନଟ ହୋଇଛନ୍ତି। ଏହାସହ ଗୁରୁବାର କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୬ଟି ଆରଟିପିସିଆର ଟେଷ୍ଟ କରାଯାଇଥିବା ବେଳେ ୮ଟି ଆଣ୍ଟିଜେନ୍ ଟେଷ୍ଟ କରାଯାଇଛି ବୋଲି କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକଙ୍କ ସୂଚନା ଦେଇଛନ୍ତି। ଏପରିକି ୮ଟି ଆଣ୍ଟିଜେନ୍ ଟେଷ୍ଟରୁ ୨କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ କୁଆଁରମୁଣ୍ଡା ବିଡିଓ ମଧ୍ୟ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡା.ପଟ୍ଟନାୟକ କହିଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳବାସୀ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି।

# ତଦନ୍ତ ଆରମ୍ଭ: କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି

**ଧାନବିକ୍ରିର ଅଢେଇ ମାସ ପରେ ବି ଚାଷୀଙ୍କୁ ପ୍ରାପ୍ୟ ନ ମିଳିବା ଘଟଣା**

**ଦେବଗଡ଼,୧୫।୪ (ଡି.ଏନ୍.ଏ.)**

ସରକାରୀ ଆଇନ କାନୁନକୁ ଖୋଲାଖୋଲି ଉଲ୍ଲଙ୍ଘନ କରିବା ସହ 'ଆଇ ସ୍କାନ' ନ କରି ଧାନବିକ୍ରି ପାଇଁ ଚାଷୀଙ୍କ ହାତରେ ଟୋକନ ଧରାଇ ମିଲକୁ ପଠାଇବା ଏବଂ ଧାନ ବିକ୍ରିର ଅଢେଇ ମାସ ପରେ ମଧ୍ୟ ସେମାନଙ୍କୁ ପ୍ରାପ୍ୟ ନ ମିଳିବା ଘଟଣାର ଗୁରୁବାର ଏଆର୍‌ସିଏସ୍‌ଙ୍କ ଦ୍ୱାରା ବିଧିବଦ୍ଧ ତଦନ୍ତ ଆରମ୍ଭ ହୋଇଛି। ଏ ଘଟଣାରେ ଦଣ୍ଡାସିଂହା କୃଷି ସମବାୟ ସମିତିର ସମ୍ପାଦକଙ୍କ ଦୋଷ ରହିଥିବା ତଦନ୍ତ ବେଳେ ଜଣାପଡିଛି। ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ଏଆର୍‌ସିଏସ୍ ପଦ୍ମଲୋଚନ ବେହେରା ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ଜାନୁୟାରୀରେ ଧାନବିକ୍ରି ପାଇଁ ଟୋକନ ଆସିବା ପରେ ୫୦କୁଇଣ୍ଟାଲ ବା ତଦୁର୍ଦ୍ଧ୍ୱ ପରିମାଣର ଧାନ ବିକ୍ରି କରିବାକୁ ଥିବା ୨୯ଜଣ ଚାଷୀଙ୍କୁ ବାରକୋଟ ବ୍ଲକ ଅନ୍ତର୍ଗତ ଦଣ୍ଡାସିଂହା କୃଷି ସମବାୟ ସମିତି ସମ୍ପାଦକ ହରେକୃଷ୍ଣ ଦେହୁରୀ ଟୋକନ ପ୍ରଦାନ କରିଥିଲେ। ଏହାସହ ବଣିଆକିଲିଣ୍ଡା ସ୍ଥିତ ରାଇସ୍ ମିଲରେ ସେମାନଙ୍କର ଧାନ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ଦେହୁରୀଙ୍କ ପରାମର୍ଶ ଅନୁଯାୟୀ ସମ୍ପୃକ୍ତ ଚାଷୀମାନେ ନିଜେ ଗାଡିଭଡା କରି ଉକ୍ତ ରାଇସମିଲକୁ ଧାନ ଆଣିଦେଇଥିଲେ ହେଁ ରାଇସ ମିଲ କର୍ତ୍ତୃପକ୍ଷ ବିଭିନ୍ନ କାରଣ ଦର୍ଶାଇ ସେମାନଙ୍କର ଧାନରୁ କୁଇଣ୍ଟାଲ ପିଛା ୭କିଲୋ ଲେଖାଏଁ କଟନୀ ଛଟନୀ କରି ଏବାବଦକୁ ରସିଦ ଦେଇଥିଲେ । ଚାଷୀମାନେ ସେଠାରୁ ଉକ୍ତ ରସିଦ ସଂଗ୍ରହ କରି କୃଷି ସମବାୟ ସମିତି କାର୍ଯ୍ୟାଳୟରେ ଜମା କରିବାରୁ ଫୋନ କଲେ 'ଆଇ ସ୍କାନ'ପାଇଁ ଆସିବାକୁ କୃଷି ସମବାୟ ସମିତି ସମ୍ପାଦକ ଦେହୁରୀ ଉକ୍ତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ମାତ୍ର ସେମାନଙ୍କର 'ଆଇ ସ୍କାନ' କରାଯାଇ ନ ଥିଲା କି ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କର ପ୍ରାପ୍ୟ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇନାହିଁ। ଫଳରେ ଚାଷୀମାନେ ଏ ସମ୍ପର୍କରେ ପଚାରିବାରୁ ସମ୍ପାଦକ ଦେହୁରୀ ବିଭିନ୍ନ ଆଳ ଦେଖାଇ ଦିନ ଗଡାଇ ଚାଲିଥିଲେ। ପ୍ରାପ୍ୟ ପାଇ ନ ପାରି ଚାଷୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ସହ ପ୍ରାପ୍ୟ ପ୍ରଦାନ ପାଇଁ ସମ୍ପାଦକ ଦେହୁରୀଙ୍କୁ କହିବାରୁ ସମ୍ପୃକ୍ତ ଚାଷୀମାନଙ୍କୁ 'କୁଇଣ୍ଟାଲ ପିଛା ୧୨ଶହ ଟଙ୍କା ନେବ ଯଦି ମିଲରୁ ନେଇଯାଅ, ନଚେତ ଆସନ୍ତା ବର୍ଷ ପ୍ରଥମ ପର୍ଯ୍ୟାୟରେ ସର୍ବନିମ୍ନ ସହାୟକ ମୂଲ୍ୟ ମିଳିବ'ବୋଲି ଉତ୍ତର ଦେଇଥିଲେ। ଫଳରେ ନିରାଶ ଚାଷୀମାନେ ଗତ ମାର୍ଚ୍ଚ ୨୨ରେ ଏ ସମ୍ପର୍କରେ ଦେବଗଡ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସେମାନେ ଗତ ୧୨ ତାରିଖ ପୁଣିଥରେ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପ୍ରାପ୍ୟ ପାଇଁ ଲିଖିତ ଗୁହାରୀ କରିଥିଲେ। ଅନ୍ୟପକ୍ଷରେ ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଗୁରୁବାର ଦେବଗଡ ଏଆର୍‌ସିଏସ୍ ପଦ୍ମଲୋଚନ ବେହେରା ବିଭାଗୀୟ ଏସ୍‌ଏଆର୍‌ସିଏସ୍ ନିମାଇଁ ଚରଣ ନାୟକଙ୍କ ସହ ଦଣ୍ଡାସିଂହା କୃଷି ସମବାୟ ସମିତି କାର୍ଯ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ କୃଷି ସମବାୟ ସମିତି ସମ୍ପାଦକ ଦେହୁରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ ହେଁ କାଗଜପତ୍ର ଯାଞ୍ଚ ସମୟରେ ତାଙ୍କ (ସମ୍ପାଦକଙ୍କ) ପରାମର୍ଶ କ୍ରମେ ୨୯ ଜଣ ଚାଷୀ ଦଣ୍ଡାସିଂହା କୃଷି ସମବାୟ ସମିତିରୁ ଟୋକନ ନେଇ ୧୧୫୩ କୁଇଣ୍ଟାଲ ୫୬ କିଲୋ ଧାନ ରାଇସମିଲରେ ପ୍ରଦାନ କରିଥିବା ଜାଣିବାକୁ ପାଇଥିଲେ। ଯାହାର ମୂଲ୍ୟ ୨୧ ଲକ୍ଷ ୫୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି। ଫଳରେ ଚାଷୀମାନଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ପ୍ରଦାନ ନିମନ୍ତେ ସରକାରୀ ସ୍ତରରେ ଉଦ୍ୟମ କରାଯିବ। ଏହି ଅନିୟମିତତା ଘଟଣାରେ ସମ୍ପୃକ୍ତ ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଆର୍‌ସିଏସ୍ ବେହେରା ପ୍ରତିଶ୍ରୁତି ଦେଇଛନ୍ତି।



ଧାନବିକ୍ରିର ଅଢେଇ ମାସ ପରେ ବି ଚାଷୀଙ୍କୁ ପ୍ରାପ୍ୟ ନ ମିଳିବା ଘଟଣାର ତଦନ୍ତ ଚାଲିଛି।

## ଲାଞ୍ଜିବେର୍ଣ୍ଣା ଖଣି ପାଇଁ ଜମି ଅଧିଗ୍ରହଣ ଶୁଣାଣି ସ୍ଥଗିତ

**କୁତ୍ରା/ରାଜଗାଙ୍ଗପୁର, ୧୫।୪ (ଡି.ଏନ.ଏ)**

ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର ଲାଞ୍ଜିବେର୍ଣ୍ଣାସ୍ଥିତ ଖଣି ପାଇଁ ଜମି ଅଧିଗ୍ରହଣ ଚିଠା ଶୁଣାଣି ଉପରେ ଦୁଇ ସରପଞ୍ଚ ଶୁଣାଣି ବୈଠକକୁ ସ୍ଥଗିତ ରଖିବା ପାଇଁ ଘୋଷଣା କରିଛନ୍ତି। ସୁନ୍ଦରଗଡ଼ ଜିଲାପାଳଙ୍କ ବିଜ୍ଞପ୍ତି ସଂଖ୍ୟା ୨୯୮ ତାରିଖ ୧୮।୩।୨୧ ଅନୁଯାୟୀ ଲାଞ୍ଜିବେର୍ଣ୍ଣା ଖଣି ଜମି ଅଧିଗ୍ରହଣ ଚିଠା ଉପରେ କୁକୁଡା ଗ୍ରାମ ପଞ୍ଚାୟତ ଓ କଟଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ବୈଠକ ପାଇଁ ଆସନ୍ତା ୧୬।୪।୨୧ ଦିନ ସ୍ଥିରିକୃତ ହୋଇଥିଲା। ଗୁରୁବାର ୧୫ ତାରିଖ କୁକୁଡା ପଞ୍ଚାୟତ ସରପଞ୍ଚ ରିଲା ସୁଶିଲା ଟପ୍ପୋ ଓ କଟଙ୍ଗ ସରପଞ୍ଚ ପୁଷ୍ପା କେରକେଟା ଉଭୟ ନିଜ ପତ୍ର ମାଧ୍ୟମରେ ଏହି ଶୁଣାଣିକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ କରିଛନ୍ତି ଓ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସୁନ୍ଦରଗଡ ଜିଲାରେ କୋଭିଡ–୧୯ ସଂକ୍ରମଣ ସଂଖ୍ୟା ଅଣାୟତ୍ତ ହେଲାଣି, ଆଦିବାସୀ ମଫସଲ ଗ୍ରାମବାସୀ କୋଭିଡ– ୧୯ ପ୍ରତି ସଚେତନ ନାହାନ୍ତି ଓ ଜୀବନଜୀବିକାର ଏକମାତ୍ର ସ୍ରୋତ ଜମିକୁ ଛଡାଇ ନିଆଯିବାର ପ୍ରସ୍ତାବ ରହିଥିବାରୁ ହଜାର ହଜାର ନିରୀହ ଆଦିବାସୀ ସଚେତନ ଅଭାବରୁ ଏହି ଶୁଣାଣିରେ ରୁଣ୍ଡ ହେବେ। ଯଦ୍ୱାରା କୋଭିଡ ନିୟମପାଳନ ସମ୍ଭବ ହେବନାହିଁ। ଏହି ପତ୍ର ନକଲ ରାଜଗାଙ୍ଗପୁର ବିଡିଓ ଏବଂ କୁତ୍ରା ବିଡ଼ିଓଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିବା ସହ ନକଲ ସୁନ୍ଦରଗଡ ଜିଲାପାଳଙ୍କୁ ଦିଆଯାଇଛି।

## ଇତମା ପଞ୍ଚାୟତ ୩ ଦିନ ଲକ୍‌ଡାଉନ

**ବଡଗାଁ, ୧୫।୪ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଞ୍ଚଳରେ କୋଭିଡ ଉଗ୍ରରୂପ ଧାରଣ କରିଛି । ଅଞ୍ଚଳର ୨ଜଣ କୋଭିଡରେ ମୃତ୍ୟୁ ହୋଇଥିଲା ବେଳେ ୨ଜଣ ଡାକ୍ତରଖାନାରେ ଗୁରୁତର ଅଛନ୍ତି । ପରିସ୍ଥିତି ଜଟିଳ ହେବାରୁ ବଡଗାଁ ଓ ତୁଡାଲଗା ପଞ୍ଚାୟତ ଲକ ଡାଉନ ଘୋଷଣା କରାଯାଇଥିଲା ବେଳେ ଇତମା ପଞ୍ଚାୟତ ଶୁକ୍ରବାର ଠାରୁ ରବିବାର ୩ ଦିନ ପାଇଁ ଲକ୍‌ଡାଉନ କରାଯାଇଛି । ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଥିବାରୁ ଭୟର ବାତାବରଣ ସୃଷ୍ଟି କରିଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.C-SBP-VP-02887-02888-21, ତା.07.04.2021ରିଖ

**କାର୍ଯ୍ୟର ନାମ :** ପାର୍ସଲଗୁଡ଼ିକର ପରିବହନ ନିମନ୍ତେ ରାଉଣ୍ଡ ଟ୍ରିପ୍ ଭିତ୍ତିରେ 05 (ପାଞ୍ଚ) ବର୍ଷ ସମୟାବଧି ପାଇଁ ସ୍ପେଶାଲ ଟ୍ରେନ୍ ନଂ.02887 / 02888 (ଅନୁରୂପ ଟ୍ରେନ୍ ନଂ. 12807 / 12808) (ବିଶାଖାପାଟଣା-ହଜରତ୍ ନିଜାମୁଦ୍ଦିନ-ବିଶାଖାପାଟଣା ସ୍ପେଶାଲ)ରେ ମଧ୍ୟବର୍ତ୍ତୀ ଷ୍ଟେସନ ଠାରୁ ଅନ୍ତିମ ଷ୍ଟେସନ ଅର୍ଥାତ୍ ଟିଟିଲାଗଡ଼ ଠାରୁ ହଜରତ୍ ନିଜାମୁଦ୍ଦିନ ପର୍ଯ୍ୟନ୍ତ ତଥା ଫେରନ୍ତ ଟିଟିଲାଗଡ଼ ଦିଗରେ 23 ଟନ୍ କ୍ଷମତା ବିଶିଷ୍ଟ ପାର୍ସଲ ଭ୍ୟାନ୍ (VP) ର ଲିଜ୍ ନିମନ୍ତେ ଚୁକ୍ତି ।

**ପ୍ରତ୍ୟେକ ରାଉଣ୍ଡ ଟ୍ରିପ୍ ନିମନ୍ତେ ସଂରକ୍ଷଣ ମୂଲ୍ୟ (ଟଙ୍କାରେ) :** 2,09,226/-, EMD (ଟଙ୍କାରେ) : 4,00,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/- (18% GST ସହିତ), ଚୁକ୍ତି ଅବଧି : 05 (ପାଞ୍ଚ) ବର୍ଷ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.04.2021 ରିଖ 1100 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

PR-21/M/21-22
ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର

## ଅଟଳ ଟିଙ୍କରିଙ୍ଗ ଗୋଷ୍ଠୀ ଦିବସ ପାଳିତ

**କୁତ୍ରା, ୧୫।୪(ଡି.ଏନ.ଏ.)**

କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଅଟଳ ଟିଙ୍କରିଙ୍ଗ ବିଜ୍ଞାନ ଗାର ତରଫରୁ ଅଟଳ ଟିଙ୍କରିଙ୍ଗ ଗୋଷ୍ଠୀ ଦିବସ ଆୟୋଜିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଅଧ୍ୟକ୍ଷତା କରିଥିବାବେଳେ ଲକ୍ଷ୍ମୀ ମୁଣ୍ଡାରୀ, ସୁନିତା ପଟେଲ, ବୈଜୟନ୍ତୀ ପଟେଲ, ବିଭୀଷଣ ବାରିକ ପ୍ରମୁଖ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହାସହ ଅଟଳ ଟିଙ୍କରିଙ୍ଗ ବିଜ୍ଞାନଗାରର ଲକ୍ଷ୍ୟ ଉପରେ ବିଶଦ ଆଲୋଚନା କରିଥିଲେ। ଅଟଳ ଟିଙ୍କରିଙ୍ଗ ବିଜ୍ଞାନଗାର ତତ୍ତ୍ୱାବଧାରିକା ଦୀପିକା କେର୍କେଟା ଆରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଯସ୍ମିନ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅଟଳ ଟିଙ୍କରିଙ୍ଗ ବିଜ୍ଞାନଗାରର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ।

## ଲକ୍ଷେଘର ବିକାଶ ସଂଘ ଓ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଆମ୍ବେଡକର ଜୟନ୍ତୀ

**ସୁନ୍ଦରଗଡ, ୧୫।୪ (ଡି.ଏନ୍.ଏ)**

ସୁନ୍ଦରଗଡ଼ ସାଂସ୍କୃତିକ ବିକାଶ ସଂଘ ପକ୍ଷରୁ ଦେଉଳି ଗୋଷ୍ଠୀ କେନ୍ଦ୍ରଠାରେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ଶ୍ରବଣ ଗର୍ଡିଆ, ହେମେନ୍ଦ୍ର ବନଛୋର, ନବୀନ ସା, ବାପି ଗୋଶାଲ ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ମଧ୍ୟ ଭାରତ ରତ୍ନ ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଶାଳ ପଟେଲଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ନଗର ସମ୍ପାଦକ ଗୋପାଳ ନାଏକ, ସୌମ୍ୟରଞ୍ଜନ ବାରିକ, ସୋମନାଥ ସାହୁ, ଚେତନ ସାହୁ, ଚନ୍ଦ୍ରଶେଖର ଓଡା, ନରେଶ ପାତ୍ର, ଅଭିଷେକ ଖାଲକୋ, ନିତେଶ ଧରୁଆ, ଶୁଭମ ପୋଢ ପ୍ରମୁଖ ଯୋଗଦେଇ ଡ. ଆମ୍ବେଡକରଙ୍କ ଜୀବନୀ ଓ ସମ୍ବିଧାନ ନିର୍ମାଣରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

**OFFICE OF THE REGULATED MARKET COMMITTEE, SARGIPALI, SUNDARGARH**
**INVITATION OF BIDS THROUGH E-PROCUREMENT**
**TENDER CALL NOTICE NO. 219 DATED 13.04.2021**
**BID IDENTIFICATION NO.01/2020-21**

The Office of the R.M.C. Sargipali, Sundargarh invites percentage rate bids in single cover system on online mode from eligible contractors for execution of the different works under RMC, Sargipali. The details of which are available at e-procurement portal www.tenderorissa.gov.in from 19.04.2021. The interested tenderers are advised to visit the above website for submission of e-tender.

Tender will be closed at 5.00 P.M. on 28.04.2021.

**Sd./- Collector, Sundargarh-cum-Chairman, R.M.C., Sargipali, Sundargarh**

## ବିରିଙ୍ଗାଟୋଲି ଗ୍ରାମ ପଞ୍ଚାୟତ ୬ ଦିନ ଲକ୍‌ଡାଉନ

**କୁତ୍ରା ୧୫।୪(ଡି.ଏନ.ଏ)**

ସମଗ୍ର ରାଜ୍ୟରେ କରୋନା ସଂକ୍ରମଣ ସଂଖ୍ୟା ହୁହୁ ହୋଇ ବଢ଼ିବାରେ ଲାଗିଛି। ବର୍ତ୍ତମାନ ରାଜ୍ୟରେ ସୁନ୍ଦରଗଡ଼ ଜିଲା ସଂକ୍ରମଣ ସଂଖ୍ୟାରେ ଆଗରେ ରହିଛି। ସେହିପରି କୁତ୍ରା ବ୍ଲକରେ ମଧ ଦିନକୁ ଦିନ ବଢିବାରେ ଲାଗିଛି। ଗୁରୁବାର କୁତ୍ରା ବ୍ଲକର ବିଭିନ୍ନ ଅଞ୍ଚଳରେ ୧୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥି ମଧ୍ୟରୁ ବିରିଙ୍ଗାଟୋଲି ଗ୍ରାମ ପଞ୍ଚାୟତରେ ସର୍ବାଧିକ ରହିଥିବାରୁ ବିରିଙ୍ଗାଟୋଲି ଗ୍ରାମ ପଞ୍ଚାୟତକୁ ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲକ୍‌ଡାଉନ କରାଯାଇଛି। ଗତ କିଛି ଦିନ ଭିତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଆଗାମୀ ଦିନରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବା ଆଶଙ୍କାକୁ ଦୃଷ୍ଟିରେ ରଖି ବିରିଙ୍ଗାଟୋଲି ଗ୍ରାମ ପଞ୍ଚାୟତକୁ ୬ ଦିନ ପାଇଁ ଲକଡାଉନ ଘୋଷଣା କରିଛନ୍ତି ବିରିଙ୍ଗାଟୋଲି ସରପଞ୍ଚ। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଛାଡ଼ି ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିବା ନେଇ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ଓ ସୋମବାର ବସୁଥିବା ହଟଲି ହାଟକୁ ମଧ ବନ୍ଦ କରାଯାଇଛି।

## କୃଷକ ବଜାରରେ ଖୋଲିଲା ଦେଶୀ ଉତ୍ପାଦକ ପରିବା ଦୋକାନ



ଉଦ୍‌ଘାଟିତ ପରିବା ବଜାର ।

**ସୁନ୍ଦରଗଡ,୧୫।୪ (ଡି.ଏନ୍.ଏ.)**

ମହିଳା ଚାଷୀମାନଙ୍କ ଦ୍ୱାରା ଜୈବିକ ପଦ୍ଧତିରେ ଉତ୍ପାଦିତ ପରିବା ଓ ଅନ୍ୟାନ୍ୟ କୃଷିଜାତ ସାମଗ୍ରୀର ବିକ୍ରୟ ସୁବିଧା କରି ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ବୁଧବାର ସ୍ଥାନୀୟ କୃଷକବଜାରଠାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସ୍ୱତନ୍ତ୍ର ଦେଶୀ ଉତ୍ପାଦକ ପରିବା ଦୋକାନ ଉଦ୍‌ଘାଟିତ ହୋଇଛି । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଦୋକାନକୁ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ସାଧାରଣ ଲୋକେ ଉଚିତ୍ ମୂଲ୍ୟରେ ମହିଳା ଚାଷୀଙ୍କ ଦ୍ୱାରା ଜୈବିକ ପଦ୍ଧତିରେ ଉତ୍ପାଦିତ ତଟକା ଦେଶୀ ପନିପରିବା ଓ କୃଷିଜାତ ସାମଗ୍ରୀ ପାଇପାରିବେ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ଓରମାସ ଓ ନିୟନ୍ତ୍ରିତ ବଜାର କମିଟି ସର୍ଗିପାଲି ସୁନ୍ଦରଗଡ ଆନୁକୂଲ୍ୟରେ ଉଦ୍‌ଘାଟିତ ସଂସ୍କାର ଉତ୍ପାଦକ ଗୋଷ୍ଠୀ ଦ୍ୱାରା ଏହି ପନିପରିବା ଦୋକାନ ସପ୍ତାହର ବୁଧବାର ଓ ରବିବାର ଖୋଲାଯିବ। ପରବର୍ତ୍ତୀ ସମୟରେ ପ୍ରତ୍ୟେକ ଦିନ ଏହା ଖୋଲାଯିବା ପାଇଁ ବ୍ୟବସ୍ଥା କରାଯିବ । ଏହି କାର୍ଯ୍ୟକ୍ରମରେ ଓରମାସର ସହକାରୀ ମୁଖ୍ୟ ନିର୍ବାହୀ ଅଧିକାରୀ ସାମୁଏଲ ଟପ୍ପୋ, ନିୟନ୍ତ୍ରିତ ବଜାର କମିଟି ସୁନ୍ଦରଗଡର ସଂପାଦକ ବନମାଳୀ ନାଏକ, ନାବାର୍ଡର ଡିଡିଏମ୍ ଶକ୍ତିପ୍ରସନ୍ନ ମହାପାତ୍ର ଯୋଗଦେଇ ଉତ୍ପାଦକ ଗୋଷ୍ଠୀକୁ ଉତ୍ସାହିତ କରିଥିଲେ।

## ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ଜଳସେବା ଶିବିର

**ସୁନ୍ଦରଗଡ,୧୫।୪ (ଡି.ଏନ୍.ଏ.)**

ସ୍ଥାନୀୟ ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଓ ଗାଇଡ୍‌ସ୍‌ମାନଙ୍କ ଦ୍ୱାରା ବୁଧବାର ଜଳସେବା ଶିବିର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ନିକଟସ୍ଥ ଛକରେ ଆୟୋଜିତ ଏହି ଶିବିରକୁ ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ବର୍ତ୍ତମାନ ଟାଣ ଖରା ସମୟରେ ଛାତ୍ରୀଛାତ୍ରମାନେ ପଥଚାରୀଙ୍କୁ ସର୍ବତ ବଣ୍ଟନ କରି ଅଂଶୁଘାତ ଓ କରୋନା ସଂପର୍କରେ ସଚେତନତା ବାର୍ତ୍ତା ପ୍ରଚାର କରିବା କାର୍ଯ୍ୟକୁ ମୁଖ୍ୟଅତିଥି ଷଡଙ୍ଗୀ ପ୍ରଶଂସା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ଚୌଧୁରୀ, ଜିଲା କ୍ରୀଡା ଶିକ୍ଷା ନିରୀକ୍ଷକ ସଂଯୁକ୍ତା ବହିଦାର ଓ ବିଦ୍ୟାଳୟର ଗାଇଡ କ୍ୟାପଟେନ୍ ଅନିତା ଦାସ, ସ୍କାଉଟ ମାଷ୍ଟର ଦେବେନ୍ଦ୍ର ଭୈଷାଁଲ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**DIDAYI DEVELOPMENT AGENCY**
**KUDUMULUGUMMA**
**TENDER CALL NOTICE**

**No. 01/2020-21** **Dt.13.04.2021**

The Special Officer, DDA, K.gumma invites sealed percentage rate tenders vide Letter No. 156 dated 13.04.2021 on behalf of Governor of Odisha from registered & eligible reigstered contractors of Odisha State PWD/CPWD having experience in construction of road, bridges and building works in conformity with Detailed Tender Call Notice for execution of 02 Nos. of work namely (1) Ghat cutting with guard wall on the road from Oringi to Tikarapada via Sanyasiguda of Rasbeda GP & (2) Construction of Ladies Hostel for Didayi Student of D.D. College, K.gumma of K.gumma GP on drawl of agreement in DDA contract forms of Govt. of Odisha. Tender papers will be sold from 19.04.2021 to 28.04.2021 office hour working days only from this office as well as office of the P.A., ITDA, Malkangiri and received within 29.04.2021 in the office hour of Office of the Special Officer, DDA, K.gumma through Registered Post/Speed Post only. The tender shall be opened on 30.04.2021 at 10.30 A.M. in the Office of the DDA, K.gumma. Term & Condition and other details will be available in the Office notice board and district website i.e. **https://malkangiri.nic.in**. Purchasing & depositing of tender paper is the sole responsibility of the tender applicant within the due time.

**Sd./- Special Officer**
**Didayi Development Agency, Kudumulugumma**

## ହନୁମାନ ଜୟନ୍ତୀ ପାଳିତ

**ଟେନସା, ୧୫।୪ (ଡି.ଏନ.ଏ)**

କୋଇଡା ଖଣି ଅଞ୍ଚଳ ଅନ୍ତର୍ଗତ ଏସଆର ରୁଙ୍ଗଟା ଗ୍ରୁପ ଅଫ୍ ମାଇନ୍ସର ଓରାଘାଟ ଲୌହଖଣିର ସାମାଜିକ ଦାୟିତ୍ୱବୋଧ ବିଭାଗ ସିଏସଆର ଆନୁକୂଲ୍ୟରେ ଓରାଘାଟ ହନୁମାନ ମନ୍ଦିରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । କୋଭିଡ ନିୟମ ପାଳନ ପୂର୍ବକ ଶୃଙ୍ଖଳିତ ଭାବେ ସୂର୍ଯ୍ୟ ପୂଜା, କଳସ ପୂଜା, ହୋମଯଜ୍ଞ ସହ ବେଲପଣା ବଣ୍ଟନ କରାଯାଇଥିଲା। ଖଣି ପରିଚାଳକ ଅନୀଲ କୁମାର ଚୌଧୁରୀ, କାର୍ମିକ ପ୍ରବନ୍ଧକ ଅଜୟ କୁମାର କର, ସିଏସ୍‌ଆର ଉପପ୍ରବନ୍ଧକ ଅଞ୍ଜନ କୁମାର ଲେଙ୍କା, ଆରଟି ପ୍ରବନ୍ଧକ ରସିକ ଶେଖର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କର୍ତ୍ତା, କର୍ତ୍ତ୍ରୀ ଭାବେ ରାମେଶ୍ୱର ପାଇକରାୟ ସସ୍ତ୍ରୀକ ଅଂଶ କରିଥିଲେ। ମହିଳାମାନେ କଳସ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସମଗ୍ର ବିଶ୍ୱ କଲ୍ୟାଣ ଲାଗି ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା।

## ୨୪ଘଣ୍ଟାରେ ପୁଣି ୬୩୧ ପଜିଟିଭ ଚିହ୍ନଟ

**ସୁନ୍ଦରଗଡରେ ହୁହୁ ହୋଇ ବଢୁଛି କରୋନା ସଂକ୍ରମଣ**

**ସୁନ୍ଦରଗଡ଼,୧୫।୪ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲାରେ ଆରମ୍ଭ ହୋଇଥିବା କରୋନାର ଦ୍ୱିତୀୟ ଲହର ପୁଣି ଚିନ୍ତା ବଢାଇଛି। ଏଠାରେ ପ୍ରତିଦିନ କରୋନା ସଂକ୍ରମଣ ସଂଖ୍ୟା ହୁହୁ ହୋଇ ବଢିବାରେ ଲାଗିଛି। ଗତ ୨୪ଘଣ୍ଟା ମଧ୍ୟରେ ଜିଲାରେ ୬୩୧ ପଜିଟିଭ ଚିହ୍ନଟ ହୋଇଛନ୍ତି। ଗତ ଏପ୍ରିଲ ପହିଲାରୁ କରୋନା ସଂକ୍ରମଣ ଆରମ୍ଭ ହୋଇ ୨ଅଙ୍କରେ ରହିଥିବା ବେଳେ ୭ଦିନ ପରେ ଏହା ୩ଅଙ୍କକୁ ଛୁଇଁଥିଲା । ଦୈନିକ ସର୍ବକାଳୀନ ରେକର୍ଡ ସଂଖ୍ୟା ବୃଦ୍ଧିପାଇ ରାଜ୍ୟରେ କରୋନା ସଂକ୍ରମଣରେ ସୁନ୍ଦରଗଡ଼ ଜିଲା ଶୀର୍ଷରେ ରହୁଛି। ପଡ଼ୋଶୀ ଛତିଶଗଡ଼ ଓ ଝାଡଖଣ୍ଡ ସୀମାକୁ ଲାଗିଥିବା ଏହି ସୁନ୍ଦରଗଡ଼ ଜିଲାରେ ଏଭଳି କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ଉଭୟ ରାଜ୍ୟର ସୀମାରେ ସ୍ୱତନ୍ତ୍ର ତନଖି ଫାଟକ କରାଯାଇ ବାହାର ରାଜ୍ୟରୁ ଆସୁଥିବା ଲୋକମାନଙ୍କୁ କଡାଯାଞ୍ଚ କରାଯିବା ସହ ଛତିଶଗଡ଼କୁ ବସ ଚଳାଚଳ ବନ୍ଦ ରଖାଯାଇଛି। ପୋଲିସ ବିଭାଗ ପକ୍ଷରୁ ମାସ୍କ ଚେକିଂକରାଯାଉଥିବା ବେଳେ ଦୋକାନବଜାର ଗୁଡିକରେ ମାତ୍ରାଧିକ ଗହଳି ବଢୁଛି। ସାମାଜିକ ଦୂରତା ଓ କୋଭିଡ କଟକଣାକୁ ଠିକ ଭାବେ ପାଳନ କରାଯାଉନାହିଁ। ଏପରିକି ଗଳାବାଟ ଦେଇ ପଡ଼ୋଶୀ ଛତିଶଗଡ଼ରୁ ଗାଡିମୋଟର ଯୋଗେ ଲୋକେ ସୁନ୍ଦରଗଡ ଜିଲାକୁ ପ୍ରବେଶ କରୁଥିବା ଦେଖାଯାଉଛି। ପ୍ରତିଦିନ ଜିଲାରେ କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବା ନେଇ କୋଭିଡ କଟକଣା ମାନୁ ନ ଥିବା ଓ ମାସ୍କ ବ୍ୟବହାର କରୁ ନ ଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ପ୍ରଶାସନ କଠୋର ହୋଇଛି। ଏହାକୁ କଡାକଡି କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ମାସ୍କ ଚେକିଂକୁ କଡାକଡି କରାଯାଇ ଅମାନିଆଙ୍କଠାରୁ ଜରିମାନା ମଧ୍ୟ ଆଦାୟ କରାଯାଉଛି। ଦ୍ରୁତ କରୋନା ସଂକ୍ରମଣ ବୃଦ୍ଧିକୁ ନେଇ ରାଜ୍ୟ ସରକାର ଗମ୍ଭୀରତାର ସହ ଗ୍ରହଣ କରି ସୁନ୍ଦରଗଡ଼ ସମେତ ୧୦ଟି ଜିଲାରେ ଶୁକ୍ରବାରଠାରୁ ପ୍ରତ୍ୟହ ସନ୍ଧ୍ୟା ୬ରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଘୋଷଣା କରିବା ସହ ଶନିବାର ଓ ରବିବାରକୁ ଲକଡାଉନ ଘୋଷଣା କରିଛନ୍ତି। ସେହିପରି ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀମାନଙ୍କ ସକାଶେ ବାଲିଶଙ୍କରା ବ୍ଲକର ରାଉଲଡେଗା ସେବାଶ୍ରମରେ ଅସ୍ଥାୟୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ଏଥିପାଇଁ ଏହି କେନ୍ଦ୍ରରେ ଶଯ୍ୟା, ପାନୀୟ ଜଳ, ଶୌଚାଳୟ ବ୍ୟବସ୍ଥା ଓ ପ୍ରବାସୀମାନେ ଆସିବା ପରେ ଖାଦ୍ୟର ବ୍ୟବସ୍ଥା କରାଯିବ ବୋଲି କୁହାଯାଉଛି।

**O/O MEDICAL OFFICER I/C CHC, BAUNSUNI**
**BLOCK PROGRAMME MANAGEMENT UNIT**
**NATIONAL HEALTH MISSION**
**BAUNSUNI, DIST.- BOUDH**
e-mail: bpmuboudh2@gmail.com

**Sealed tenders are invited from registered, reputed and experienced Agencies/Firms/Individuals for engagement of Vehicles on hiring basis for BPMU, MHT (1 & 2) & MHU.**

Interested bidders may send their complete bid in double cover system (Technical & Financial). Bidders may apply for all or any of the above categories in separate envelopes only. Combined bids will not be considered. Category of supply must be superscribed in the top of the bid envelope and addressing clearly to the MEDICAL OFFICER I/C CHC, BAUNSUNI. The details of the tender may be downloaded from the District website https://boudhnic.in. Last date for receipt of tender is 30.04.2021 latest by 12.30 P.M. only through Speed Post/ Regd Post and the bids so received will be opened on 03.05.2021 at 11.00 A.M. in the Office Chamber of the MEDICAL OFFICER I/C CHC, BAUNSUNI. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

**Sd./- MEDICAL OFFICER I/C CHC BAUNSUNI**

**ୟୁରୋପରେ ୧୦ ଲକ୍ଷ ଟପିଲା କରୋନା ମୃତ୍ୟୁ**

ୟୁରୋପରେ କରୋନାଜନିତ ମୃତ୍ୟୁସଂଖ୍ୟା ୧୦ ଲକ୍ଷ ଅତିକ୍ରମ କରିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଶୀର୍ଷ ଅଧିକାରୀ ହଂସ କ୍ଲୁଗେ କହିଛନ୍ତି। ସେଠାରେ ପ୍ରତି ସପ୍ତାହରେ ୧୬ ଲକ୍ଷ ସଂକ୍ରମିତ ହେଉଛନ୍ତି। ଆଷ୍ଟ୍ରାଜେନିକା ଟିକା ନେଇଥିବା ଲୋକଙ୍କ ତୁଳନାରେ କରୋନା ସଂକ୍ରମିତଙ୍କଠାରେ ରକ୍ତ ଜମାଟ ବାନ୍ଧିବା ସମସ୍ୟା ଅଧିକ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନିଜାମୁଦ୍ଦିନ ମରକ୍‌ଜ: ୫୦ ଜଣରେ ନମାଜ ଅନୁମତି

**ନୂଆଦିଲ୍ଲୀ, ୧୫।୪(ପି.ଟି.):** ରମ୍‌ଜାନ ବେଳେ ଦିଲ୍ଲୀର ନିଜାମୁଦ୍ଦିନ ମରକ୍‌ଜ ମସ୍‌ଜିଦରେ ୫୦ ଜଣରେ ଦିନକୁ ୫ ଥର ନମାଜ ପାଠ ପାଇଁ ଗୁରୁବାର ଦିଲ୍ଲୀ ହାଇକୋର୍ଟ ଅନୁମତି ଦେଇଛନ୍ତି। ସେହି ଅନୁଯାୟୀ ଦିନକୁ ୫ ଥର ନମାଜ ପାଇଁ ୫୦ ଜଣ ଲେଖାଏଁ ଲୋକଙ୍କୁ ପ୍ରବେଶ ପାଇଁ ଅନୁମତି ଦେବାକୁ ଜଷ୍ଟିସ୍ ମୁକ୍ତା ଗୁପ୍ତା ନିଜାମୁଦ୍ଦିନ ଥାନାର ଷ୍ଟେଶନ ହାଉସ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମସ୍‌ଜିଦର କେବଳ ପ୍ରଥମ ମହଲାରେ ନମାଜ ପାଠ ହେବ। ଅନ୍ୟ ମହଲା ପାଇଁ ଅନୁମତି ଦେବାକୁ ଅଦାଲତ ମନା କରିଦେଇଛନ୍ତି। ଦିଲ୍ଲୀ ୱାକଫ ବୋର୍ଡ ପକ୍ଷରୁ ବରିଷ୍ଠ ଆଇନଜୀବୀ ରମେଶ ଗୁପ୍ତା ନମାଜ ପାଠ ପାଇଁ ହାଇକୋର୍ଟଙ୍କୁ ନିବେଦନ କରିଥିଲେ।

### ଦିଲ୍ଲୀ ଦଙ୍ଗା ମାମଲା: ଉମର ଖଲିଦଙ୍କୁ ଜାମିନ



**ନୂଆଦିଲ୍ଲୀ, ୧୫।୪:** ଗତବର୍ଷ ଦିଲ୍ଲୀ ଦଙ୍ଗା ଘଟଣାରେ ସମ୍ପୃକ୍ତ ସାମାଜିକ କର୍ମୀ ତଥା ଜେଏନ୍‌ୟୁର ପୂର୍ବତନ ଛାତ୍ରନେତା ଉମର ଖଲିଦଙ୍କୁ ଗୁରୁବାର ସ୍ଥାନୀୟ ଏକ ଅଦାଲତ ଜାମିନ ମଞ୍ଜୁର କରିଛନ୍ତି। ଦେଶରେ କୋଭିଡ୍ ସଂକ୍ରମଣ ବଢ଼ିଚାଲିଥିବାରୁ ଜେଲ୍ ଛାଡ଼ିବା ପୂର୍ବରୁ ଫୋନ୍‌ରେ ଆରୋଗ୍ୟ ସେତୁ ଆପ୍ ଇନ୍‌ଷ୍ଟଲ୍ କରିବା ଲାଗି ଅଦାଲତ ତାଙ୍କୁ କହିଛନ୍ତି। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ଉତ୍ତରପୂର୍ବ ଦିଲ୍ଲୀରେ ସଂଘର୍ଷ ହୋଇଥିଲା। ଖଜୁରି ଖସ୍ ହିଂସା ସହ ସମ୍ପୃକ୍ତି ଅଭିଯୋଗରେ ଉମରଙ୍କୁ ଗତବର୍ଷ ଅକ୍ଟୋବରରେ ଗିରଫ କରାଯାଇଥିଲା। ହିଂସାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କିମ୍ବା ଗିରଫ କରାଯାଇ ନଥିବାରୁ ଉମରଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜେଲ୍‌ରେ ରଖାଯାଇପାରିବ ନାହିଁ ବୋଲି କୋର୍ଟ କହିଥିଲେ। ଦଙ୍ଗା ପାଇଁ ଷଡ଼ଯନ୍ତ୍ର ଅଭିଯୋଗରେ ମଧ ଉମରଙ୍କୁ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ଗିରଫ କରାଯାଇଥିଲା। ଦଙ୍ଗାର କିଛିଦିନ ପୂର୍ବରୁ ଜାନୁୟାରୀ ୮ରେ ଶାହିନବାଗ୍‌ଠାରେ ଗୋଟିଏ ଗୋଷ୍ଠୀ ହିଂସାକାଣ୍ଡର ଯୋଜନା କରିଥିଲେ। ଉମର ସେମାନଙ୍କ ସହ ସାମିଲ ଥିଲେ ବୋଲି ଦିଲ୍ଲୀ ପୋଲିସ କ୍ରାଇମ ବ୍ରାଞ୍ଚ୍ ଚାର୍ଜଶିଟ୍‌ରେ ଦର୍ଶାଇଥିଲା।

### କରୋନାରେ କଂଗ୍ରେସ ପ୍ରାର୍ଥୀଙ୍କ ମୃତ୍ୟୁ

**କୋଲକାତା, ୧୫।୪(ଆଇଏଏନ୍‌ଏସ୍):**



ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ସମ୍‌ସେରଗଞ୍ଜ କଂଗ୍ରେସ ପ୍ରାର୍ଥୀ ରେଜୌଲ ହକ୍‌ଙ୍କର ଗୁରୁବାର ସକାଳେ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି। ସେ କରୋନାରେ ପୀଡ଼ିତ ଥିଲେ। ତାଙ୍କ ନିର୍ବାଚନମଣ୍ଡଳୀରେ ଆସନ୍ତା ୨୬ ତାରିଖ ସପ୍ତମ ପର୍ଯ୍ୟାୟରେ ଭୋଟ ହୋଇଥାନ୍ତା। କିଛିଦିନ ପୂର୍ବରୁ ହକ୍ କରୋନା ପଜିଟିଭ୍ ଚିହ୍ନଟ ହୋଇ ହୋମ୍ ଆଇସୋଲେଶନରେ ରହିଥିଲେ। ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ ସ୍ଥାନୀୟ ହସ୍ପିଟାଲ ଓ ପରେ କୋଲକାତା ସ୍ଥାନାନ୍ତର କରାଯାଇଥିଲା।

### ବିନା ପୋଷାକରେ ବୈଠକକୁ ଆସିଲେ ଏମ୍‌ପି

**ଅଟୱା, ୧୫।୪:** କାନାଡା ପାର୍ଲାମେଣ୍ଟରେ ଭର୍ଚୁଆଲ ବୈଠକ ଚାଲିଥିବାବେଳେ ବିନା ପୋଷାକରେ ଜଣେ ଏମ୍‌ପି କନଫରେନ୍ସକୁ ଆସିବା ଘଟଣା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ବୁଧବାର ପାର୍ଲାମେଣ୍ଟରେ ଭିଡିଓ କନଫରେନ୍ସିଂ ଚାଲିଥିବାବେଳେ ଲିବେରାଲ ପାର୍ଟି ସଦସ୍ୟ ତଥା ଏମ୍‌ପି ୱିଲିୟମ ଆମୋସ୍ ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ଲାପ୍‌ଟପ୍ ସାମ୍ନାକୁ ଆସିଯାଇଥିଲେ। ଜଗିଂରୁ ଫେରି ସେ ପୋଷାକ ବଦଳାଉଥିବାବେଳେ ତାଙ୍କ ଲାପଟପ୍ ଅନ୍ ରହିଥିଲା। ପରେ ସେ ଇଣ୍ଟରନେଟ ସଂଯୋଗ କାଟିଦେଇଥିଲେ। ଏହାର ଫଟୋ ଏବଂ ଭିଡିଓ ସ୍ଥାନୀୟ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ଏଥିପାଇଁ ୱିଲିୟମ କ୍ଷମାପ୍ରାର୍ଥନା କରିଛନ୍ତି।

## ଜଣଙ୍କୁ କୋଭାକ୍ସିନ ପରେ କୋଭିଶିଲ୍ଡ ଡୋଜ୍



**ଲକ୍ଷ୍ନୌ:** କରୋନା ଟିକାକରଣରେ ଅବହେଳାର ଆଉ ଏକ ଉଦାହରଣ ଉତ୍ତରପ୍ରଦେଶରେ ଦେଖିବାକୁ ମିଳିଛି। ମହାରାଜଗଞ୍ଜର ମୁଖ୍ୟ ଉନ୍ନୟନ ଅଧିକାରୀ(ସିଡିଓ)ଙ୍କ ଡ୍ରାଇଭର ଭାବେ କାମ କରୁଥିବା ଗୌରବ ସିଂ ସୋଗରୱାଲଙ୍କୁ ଭୁଲରେ ୨ ଟିକାର ଦୁଇଟି ଡୋଜ୍ ଦିଆଯାଇଥିବା ଜଣାପଡ଼ିଛି। ଫେବୃୟାରୀ ୨୫ରେ ସେ କୋଭାକ୍ସିନର ପ୍ରଥମ ଡୋଜ୍ ନେଇଥିବାବେଳେ ଏପ୍ରିଲ ୧୩ରେ ତାଙ୍କୁ କୋଭିଶିଲ୍ଡର ଦ୍ୱିତୀୟ ଡୋଜ୍ ଦିଆଯାଇଛି। ଗୌରବ ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଟିକାର ଦୁଇଟି ଡୋଜ୍ ଦିଆଯିବା ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗାଇଡ୍‌ଲାଇନ ରହିଛି। ପୂର୍ବରୁ କାନପୁରର ଜଣେ ନର୍ସ ଫୋନ୍‌ରେ କଥା ହେଉଥିବାବେଳେ ଜଣେ ବ୍ୟକ୍ତିଙ୍କୁ ଏକାଥରରେ ଟିକାର ଦୁଇଟି ଡୋଜ୍ ଦେଇଥିଲେ।

## ‘ମହିଳା ସିଜେଆଇ ହେବାର ସମୟ ଆସିଛି’



**ନୂଆଦିଲ୍ଲୀ:** ଜଣେ ମହିଳା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଦାୟିତ୍ୱ ନିର୍ବାହ କରିବାର ସମୟ ଆସିଛି ବୋଲି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏସ୍. ଏ. ବୋବ୍‌ଡେ ଗୁରୁବାର କହିଛନ୍ତି। କିନ୍ତୁ ଯେତେବେଳେ ମହିଳା ଆଇନଜୀବୀଙ୍କୁ ବେଞ୍ଚକୁ ଆସିବାକୁ କୁହାଯାଉଛି, ସେମାନେ ପାରିବାରିକ ଦାୟିତ୍ୱ ଓ ସମସ୍ୟା ଦର୍ଶାଇ ଏଥିପାଇଁ ମନା କରୁଥିବା ବୋବ୍‌ଡେଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟର ମହିଳା ଓକିଲ ସଂଘ(ଏସ୍‌ସିଡବ୍ଲ୍ୟୁଏଲ୍‌ଏ) ପକ୍ଷରୁ ସ୍ନେହା କଲିତାଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନ ଉପରେ ସିଜେଆଇ ଏପରି କହିଛନ୍ତି। ଲିଙ୍ଗଗତ ସମାନତା, ସାମାଜିକ କ୍ଷେତ୍ରରେ ଉନ୍ନତି ପାଇଁ ମହିଳା ବିଚାରପତିଙ୍କ ଆବଶ୍ୟକତା ରହିଛି। ନ୍ୟାୟପାଳିକାରେ ସେମାନଙ୍କ ସଂଖ୍ୟା ବଢ଼ାଇବା ପାଇଁ ପଦକ୍ଷେପ ନେବା ସହ ଅଭିଜ୍ଞ ମହିଳା ବିଚାରପତିଙ୍କୁ ଉଚ୍ଚ ନ୍ୟାୟାଳୟର ବିଚାରପତି କରାଯିବା ନେଇ ଆବେଦନରେ ଦର୍ଶାଯାଇଥିଲା।

# ୨ ଲକ୍ଷ ଟପିଲା ଦୈନିକ ସଂକ୍ରମଣ

## ▶ ୧୦ ଦିନରେ ଦୁଇଗୁଣ ▶ ସକ୍ରିୟ ମାମଲା ୧୪.୭୧ ଲକ୍ଷ

ନୂଆଦିଲ୍ଲୀ, ୧୫।୪

ଭାରତରେ ଦ୍ୱିତୀୟ ଲହର କରୋନା ସଂକ୍ରମଣ ଭୟଙ୍କର ଭାବେ ବଢ଼ିଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ୨ ଲକ୍ଷରୁ ଅଧିକ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧,୪୦,୭୪,୫୬୪ରେ ପହଞ୍ଚିଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ୧୪ ଲକ୍ଷ ଅତିକ୍ରମ କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ, ଗୁରୁବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୨,୦୦,୭୩୯ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଦିନକରେ ୧,୦୩୮ ଜଣଙ୍କ ମୃତ୍ୟୁ ସହ କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ୧,୭୩,୧୨୩ରେ ପହଞ୍ଚିଛି, ଯାହା କି ଗତବର୍ଷ ଅକ୍ଟୋବର ୩ ପରେ ସର୍ବାଧିକ।

ଦେଶରେ ଦୈନିକ ସଂକ୍ରମଣ ୧ ଲକ୍ଷରୁ ୨ ଲକ୍ଷରେ ପହଞ୍ଚିବାକୁ ମାତ୍ର ୧୦ ଦିନ ଲାଗିଛି। କରୋନା ଦ୍ୱାରା ସର୍ବାଧିକ ଆକ୍ରାନ୍ତ ଆମେରିକାରେ ଗତବର୍ଷ ଦୈନିକ ସଂକ୍ରମଣ ୧ ଲକ୍ଷରୁ ୨ ଲକ୍ଷରେ ପହଞ୍ଚିବା ପାଇଁ ୨୦ ଦିନ ଲାଗିଥିଲା। କ୍ରମାଗତ ୯ ଦିନ ହେଲା ଭାରତରେ ଦୈନିକ ସଂକ୍ରମଣ ଲକ୍ଷାଧିକ ରହିଛି। ୯ ଦିନରେ ମୋଟ ୧୩,୮୮,୫୧୫ ଜଣ ସଂକ୍ରମିତ ହୋଇଛନ୍ତି। ୩୬ ଦିନ ହେଲା ସଂକ୍ରମଣ ବଢ଼ି ଚାଲିଥିବାବେଳେ ମୋଟ ସକ୍ରିୟ ମାମଲା ସଂଖ୍ୟା ୧୪,୭୧,୮୭୭ରେ ପହଞ୍ଚିଛି, ଯାହା କି ମୋଟ ମାମଲାର ୧୦.୪୬ ପ୍ରତିଶତ। କୋଭିଡ୍ ଆରୋଗ୍ୟ ହାର ୮୮.୩୧ ପ୍ରତିଶତକୁ ହ୍ରାସ ପାଇଛି।

କରୋନା ଦିନକରେ ୧,୦୩୮ ଜଣଙ୍କ ଜୀବନ ନେଇଥିବାବେଳେ ସେଥିରୁ ମହାରାଷ୍ଟ୍ରରେ ସର୍ବାଧିକ ୨୭୮, ଛତିଶଗଡ଼ରେ ୧୨୦, ଦିଲ୍ଲୀରେ ୧୦୪, ଗୁଜରାଟରେ ୭୩, ଉତ୍ତରପ୍ରଦେଶରେ ୬୭ ଏବଂ ପଞ୍ଜାବରେ ୬୩ ଜଣ ରହିଛନ୍ତି। ଏହାବ୍ୟତୀତ ମଧ୍ୟପ୍ରଦେଶରେ ୫୧, କର୍ଣ୍ଣାଟକରେ ୩୮, ଝାଡ଼ଖଣ୍ଡରେ ୩୧, ରାଜସ୍ଥାନରେ ୨୯, ତାମିଲନାଡୁରେ ୨୫, ପଶ୍ଚିମବଙ୍ଗରେ ୨୪ ଏବଂ କେରଳରେ ୨୨ ଜଣଙ୍କର ଗତ ୨୪ ଘଣ୍ଟା ମଧ୍ୟରେ କରୋନାରେ ମୃତ୍ୟୁ ହୋଇଛି।

ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଦିଲ୍ଲୀ, ଛତିଶଗଡ଼, କର୍ଣ୍ଣାଟକ, ମଧ୍ୟପ୍ରଦେଶ, କେରଳ, ତାମିଲନାଡୁ, ଗୁଜରାଟ ଓ ରାଜସ୍ଥାନରେ ସଂକ୍ରମଣ ଦ୍ରୁତ ବେଗରେ ମାଡ଼ିଚାଲିଛି। ମୋଟ ଦୈନିକ ସଂକ୍ରମଣର ୮୦.୭୬ ପ୍ରତିଶତ ଏହି ୧୦ ରାଜ୍ୟରେ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମହାରାଷ୍ଟ୍ରରେ ଗୋଟିଏ ଦିନରେ ୫୮,୯୫୨ ସଂକ୍ରମିତ ହୋଇଥିବାବେଳେ ଉତ୍ତରପ୍ରଦେଶରେ ୨୦,୪୩୯, ଦିଲ୍ଲୀରେ ୧୭,୨୮୨ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ମୋଟ ସକ୍ରିୟ ମାମଲାର ୬୭.୧୬ ପ୍ରତିଶତ ୬ଟି ରାଜ୍ୟରେ ରହିଛି। ସେଗୁଡ଼ିକ ହେଲା ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତରପ୍ରଦେଶ, କର୍ଣ୍ଣାଟକ ଏବଂ କେରଳ। କେବଳ ମହାରାଷ୍ଟ୍ରରେ ସକ୍ରିୟ ମାମଲା ସଂଖ୍ୟା ଦେଶର ୪୩.୫୪ ପ୍ରତିଶତ।



ଦିଲ୍ଲୀର ନିଗମବୋଧ ଶ୍ମଶାନଘାଟରେ କୋଭିଡ୍ ମୃତକଙ୍କ ଚିତା ଜଳୁଛି।

## ଦିଲ୍ଲୀ ସବୁଠୁ ସଂକ୍ରମିତ ମହାନଗର

### ଲାଗିଲା ସପ୍ତାହାନ୍ତ ଶଟ୍‌ଡାଉନ

ନୂଆଦିଲ୍ଲୀ, ୧୫।୪

ଜାତୀୟ ରାଜଧାନୀ ନୂଆଦିଲ୍ଲୀ ଏବେ ସଂକ୍ରମଣର ଚତୁର୍ଥ ଲହରକୁ ସାମ୍ନା କରୁଛି। ଏଠାରେ ଦୈନିକ ସଂକ୍ରମଣ ୧୭ ହଜାର ଅତିକ୍ରମ କରିଥିବାବେଳେ ମୁମ୍ବାଇକୁ ଟପି ଏହା ଦେଶର ସବୁଠୁ ସଂକ୍ରମିତ ମହାନଗରରେ ପରିଣତ ହୋଇଛି। ମୁମ୍ବାଇରେ ଏପ୍ରିଲ ୪ରେ ଦୈନିକ ସଂକ୍ରମଣ ସର୍ବାଧିକ ୧୧,୧୬୩ ରେକର୍ଡ ହୋଇଥିବାବେଳେ ଦିଲ୍ଲୀରେ ବୁଧବାର ଗୋଟିଏ ଦିନରେ ୧୭,୨୮୨କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବେଙ୍ଗାଲୁରୁରେ ବୁଧବାର ସଂକ୍ରମଣ ୮,୧୫୫ ରହିଥିବାବେଳେ ଚେନ୍ନାଇରେ ୨,୫୬୪ ରହିଛି। ପୁଣେରେ ସର୍ବାଧିକ ସଂକ୍ରମଣ ଏପ୍ରିଲ ୪ରେ ୧୨,୪୯୪ ରେକର୍ଡ କରାଯାଇଥିଲା।

ଅତ୍ୟଧିକ ସଂକ୍ରମଣକୁ ରୋକିବା ଲାଗି ଦିଲ୍ଲୀ ସରକାର ଶୁକ୍ରବାରଠାରୁ ସପ୍ତାହାନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ସପ୍ତାହାନ୍ତ କର୍ଫ୍ୟୁ ସମୟରେ ସମସ୍ତ ଅତ୍ୟାବଶ୍ୟକ ସେବା ଜାରି ରହିବ। ଅଡିଟୋରିୟମ, ରେଷ୍ଟୁରାଣ୍ଟ, ମଲ୍, ଜିମ୍, ସ୍ପା ଆଦି ବନ୍ଦ ରହିବ। ସିନେମା ହଲ୍‌ଗୁଡ଼ିକ ଏକତୃତୀୟାଂଶ ଦର୍ଶକରେ ଚଳାଇବାକୁ କୁହାଯାଇଛି। ହୋଟେଲ, ରେଷ୍ଟୁରାଣ୍ଟରେ ଖାଇବା ନିଷେଧ ହୋଇଥିବାବେଳେ ସେଗୁଡ଼ିକ ହୋମ୍ ଡେଲିଭରି ଦେଇପାରିବେ। ସାପ୍ତାହିକ ହାଟଗୁଡ଼ିକ କଟକଣା ମଧ୍ୟରେ ଖୋଲିବ। ଗୋଟିଏ ଜୋନ୍‌ରେ ଗୋଟିଏ ହାଟ ଖୋଲିବାକୁ ଅନୁମତି ମିଳିବ। ଏଥର ସଂକ୍ରମଣ ଲହର ପୂର୍ବାପେକ୍ଷା ଅଧିକ ମାରାତ୍ମକ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ଦିଲ୍ଲୀରେ ସମସ୍ତ ସାମାଜିକ, ଧର୍ମୀୟ ଏବଂ ରାଜନୈତିକ ସମାବେଶକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ବିବାହ କାର୍ଯ୍ୟରେ ସର୍ବାଧିକ ୫୦ ଏବଂ ଅନ୍ତ୍ୟେଷ୍ଟିକ୍ରିୟାରେ ୨୦ ଜଣଙ୍କୁ ଅନୁମତି ଦିଆଯିବ। ଉପରାଜ୍ୟପାଳ ଅନିଲ ବୈଜଲ ଏବଂ ଉଚ୍ଚ ପଦାଧିକାରୀମାନଙ୍କ ସହ ବୈଠକ ପରେ କେଜ୍‌ରିୱାଲ ଉପରୋକ୍ତ କଟକଣା ଘୋଷଣା କରିଛନ୍ତି। ଦିଲ୍ଲୀର ଅଧିକାଂଶ ଅଭିଭାବକ ସ୍କୁଲ ଖୋଲିବା ସପକ୍ଷରେ ନାହାନ୍ତି। କରୋନା ସ୍ଥିତି ନିୟନ୍ତ୍ରଣକୁ ଆସିବା ପରେ ଶିକ୍ଷାନୁଷ୍ଠାନ ଖୋଲିବା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି କେଜ୍‌ରିୱାଲ କହିଛନ୍ତି।

## କୁମ୍ଭମେଳାରେ ୧୭୦୦ ପଜିଟିଭ୍

**ଡେରାଡୁନ୍/ଋଷିକେଶ, ୧୫।୪(ପି.ଟି.):** ହରିଦ୍ୱାର କୁମ୍ଭମେଳା ଅଞ୍ଚଳରେ ୫ ଦିନରେ ୧୭୦୦ରୁ ଊର୍ଦ୍ଧ୍ୱ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବିଶ୍ୱର ସର୍ବବୃହତ୍ ଧର୍ମୀୟ ସମାବେଶ ସଂକ୍ରମଣକୁ ଆହୁରି ବଢ଼ାଇପାରେ ବୋଲି ଆଶଙ୍କା କରାଯାଉଛି। ମେଳା ଅଞ୍ଚଳରେ ଗତ ୫ ଦିନ ମଧ୍ୟରେ ୨,୩୬,୭୫୧ ନମୁନା ପରୀକ୍ଷା କରାଯାଇ ୧,୭୦୧ ପଜିଟିଭ୍ ଚିହ୍ନଟ ହୋଇଥିବା ହରିଦ୍ୱାରର ମୁଖ୍ୟ ମେଡିକାଲ ଅଫିସର ଶମ୍ଭୁ କୁମାର ଝା ସୂଚନା ଦେଇଛନ୍ତି।

## ୟୁପି: ନାଇଟ୍ କର୍ଫ୍ୟୁ ସମୟ ବଢ଼ିଲା

**ଲକ୍ଷ୍ନୌ, ୧୫।୪:** ଉତ୍ତରପ୍ରଦେଶରେ ସଂକ୍ରମଣ ବଢ଼ୁଥିବାରୁ ରାଜ୍ୟ ସରକାର କଟକଣାକୁ କଡ଼ାକଡ଼ି କରିବା ସହ ନାଇଟ୍ କର୍ଫ୍ୟୁ ସମୟ ବଢ଼ାଇଛନ୍ତି। ଲକ୍ଷ୍ନୌ, ପ୍ରୟାଗରାଜ, ନୋଇଡା, କାନପୁର, ବାରାଣସୀ, ମିରଟ ଓ ଗାଜିଆବାଦରେ ପୂର୍ବରୁ ଲାଗିଥିବା ରାତ୍ରକାଳୀନ କର୍ଫ୍ୟୁକୁ ରାତି ୮ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ପୂର୍ବରୁ ଏହି କଟକଣା ରାତି ୧୦ରୁ ସକାଳ ୫ ପର୍ଯ୍ୟନ୍ତ ଲାଗୁ ହୋଇଥିଲା। ଏଥିସହିତ ରାଜ୍ୟରେ ହେବାକୁ ଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ମଧ ସ୍ଥଗିତ ରଖାଯାଇଛି।

## କୋଭିଡ୍‌କୁ ପ୍ରାକୃତିକ ବିପତ୍ତି ଘୋଷଣା କରାଯାଉ

**ନୂଆଦିଲ୍ଲୀ, ୧୫।୪:** କରୋନା ମହାମାରୀକୁ ଜାତୀୟ ବିପତ୍ତି ଘୋଷଣା କରିବା ଲାଗି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଫଳରେ ସରକାର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍)କୁ ତୁରନ୍ତ ଖର୍ଚ୍ଚ କରିପାରିବେ। ଏଥିସହିତ ମହାରାଷ୍ଟ୍ରକୁ ବିମାନ ଯୋଗେ ଅକ୍ସିଜେନ୍ ଏବଂ ରେମଡେସିଭିର୍ ଇଞ୍ଜେକ୍‌ଶନ ଯୋଗାଇଦେବାକୁ ଠାକ୍‌ରେ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ମହାମାରୀରେ କ୍ଷତିଗ୍ରସ୍ତଙ୍କୁ ସହାୟତା କରିବା ନିମନ୍ତେ ସମସ୍ତ ରାଜ୍ୟ ଏସ୍‌ଡିଆର୍‌ଏଫ୍ ପାଣ୍ଠିର ବିନିଯୋଗ ପାଇଁ କେନ୍ଦ୍ର ସରକାରଙ୍କ ଅନୁମତି ଆବଶ୍ୟକ କରୁଛନ୍ତି। ମହାମାରୀକୁ ପ୍ରାକୃତିକ ବିପତ୍ତି ଭାବେ ସରକାର ବିଜ୍ଞପ୍ତି ପ୍ରକାଶ କଲେ ରାଜ୍ୟଗୁଡ଼ିକୁ ଉକ୍ତ ପାଣ୍ଠି ଖର୍ଚ୍ଚ କରିବା ଲାଗି କ୍ଷମତା ମିଳିଯିବ। ଫଳରେ ଅନ୍ତ୍ୟୋଦୟ ଅନ୍ନ ଯୋଜନା କିମ୍ବା ରାଶନ କାର୍ଡଧାରୀ ପରିବାରଙ୍କୁ ସହାୟତା ଦିଆଯାଇପାରିବ।



ଉଦ୍ଧବ ଠାକ୍‌ରେ

## ମମତାଙ୍କ ନାଁରେ ମାମଲା

**କୁଚ୍‌ବିହାର, ୧୫।୪:** କୁଚ୍‌ବିହାରରେ ହିଂସା ଉସୁକାଇବା ଅଭିଯୋଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ମାମଲା ଦାଏର ହୋଇଛି। କୁଚ୍‌ବିହାରର ଭାଜପା ସଂଖ୍ୟାଲଘୁ ସେଲ୍ ଜିଲା ସଭାପତି ସ୍ଥାନୀୟ ମଟହାଭଙ୍ଗା ଥାନାରେ ଟିଏମ୍‌ସି ସୁପ୍ରିମୋଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଏପ୍ରିଲ ୧୦ରେ ଶୀତଲକୁଚିରେ ମତଦାନ ଚାଲିଥିବାବେଳେ ମମତା ବାନେରଶ୍ୱରରେ ଏକ ସଭାକୁ ସମ୍ବୋଧିତ କରିଥିଲେ। ସେ କେନ୍ଦ୍ରୀୟ ସୁରକ୍ଷା ବଳ ଯବାନଙ୍କୁ ଘେରିବା ପାଇଁ ଲୋକଙ୍କୁ ଉସୁକାଇଥିଲେ। ତାଙ୍କ କଥାରେ ଉତ୍ୟକ୍ତ ଲୋକେ ସିଆଇଏସ୍‌ଏଫ୍‌କୁ ଆକ୍ରମଣ କରିବାରୁ ଯବାନଙ୍କ ଗୁଳିରେ ୪ ଜଣଙ୍କ ଜୀବନ ଯାଇଥିଲା। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ଭାଜପା ସଭାପତି ଦିଲୀପ ଘୋଷ ଅନେକ ସ୍ଥାନରେ ଶୀତଲକୁଚି ଭଳି ସ୍ଥିତି ସୃଷ୍ଟି ହେବ ବୋଲି କହିଥିଲେ। ତେଣୁ ତାଙ୍କ ପ୍ରଚାର ଉପରେ ୨୪ ଘଣ୍ଟିଆ ରୋକ ଲଗାଯାଇଛି।

### ଦିଲୀପ ଘୋଷଙ୍କୁ ୨୪ ଘଣ୍ଟା ପ୍ରଚାର ମନା



ମମତା ବାନାର୍ଜୀ

## ସର୍ବଦଳୀୟ ବୈଠକ ଡାକିଲେ ଇସି

କୋଲକାତା, ୧୫।୪

ଦେଶରେ ସଂକ୍ରମଣ ବଢ଼ିଚାଲିଥିବାବେଳେ ପଶ୍ଚିମବଙ୍ଗରେ ଅବଶିଷ୍ଟ ୪ ପର୍ଯ୍ୟାୟ ନିର୍ବାଚନ ପରିଚାଳନା ଚ୍ୟାଲେଞ୍ଜ ପାଲଟିଛି। ଏଥିପାଇଁ କୋଭିଡ୍-୧୯ ଗାଇଡ୍‌ଲାଇନ୍ ପାଳନ କରି ପ୍ରଚାର କରାଯିବା ନେଇ ଶୁକ୍ରବାର ସର୍ବଦଳୀୟ ବୈଠକ ଡାକିଛନ୍ତି ନିର୍ବାଚନ କମିଶନ (ଇସି)। ପଶ୍ଚିମବଙ୍ଗ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସବୁ ଦଳର ନେତାଙ୍କୁ ନେଇ କୋଲକାତାରେ ଶୁକ୍ରବାର ବୈଠକ କରିବେ। କାଲକାଟା ହାଇକୋର୍ଟଙ୍କ ଏପ୍ରିଲ ୧୩ ରାୟ ପରେ ଏହି ବୈଠକ ବସିବାକୁ ଯାଉଛି। ତେବେ ପଶ୍ଚିମବଙ୍ଗରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ପର୍ଯ୍ୟାୟ ନିର୍ବାଚନକୁ ଏକାଠି କରିବା ପାଇଁ ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଉଛି ତାହା ଭୁଲ୍ ବୋଲି ଇସି କହିଛନ୍ତି।

## ୟୁପି ପଞ୍ଚାୟତ ନିର୍ବାଚନ: ୬୧% ମତଦାନ

ଲକ୍ଷ୍ନୌ, ୧୫।୪: ଉତ୍ତର ପ୍ରଦେଶରେ ଜିଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ନିର୍ବାଚନ ଗୁରୁବାର ଶେଷ ହୋଇଛି। ଅପରାହ୍ନ ୫ଟା ସୁଦ୍ଧା ୬୧% ମତଦାନ ହୋଇଥିବା ରାଜ୍ୟ ନିର୍ବାଚନ କମିଶନ (ଏସ୍‌ଇସି) ସୂଚନା ଦେଇଛନ୍ତି। କେତେକ ସ୍ଥାନରେ ସାମାନ୍ୟ ବିବାଦକୁ ଛାଡ଼ିଦେଲେ ଭୋଟ ଗ୍ରହଣ ଶାନ୍ତିପୂର୍ଣ୍ଣ ହୋଇଛି। ଝାନ୍ସିରେ ସର୍ବାଧିକ ୬୯.୭୫% ମତଦାନ ହୋଇଛି। ୨.୨୧ ଲକ୍ଷ ସିଟ୍ ପାଇଁ ମଇଦାନକୁ ୩.୩୩ ଲକ୍ଷ ପ୍ରାର୍ଥୀ ଓହ୍ଲାଇଥିଲେ। କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ କୃଷକ ଆନ୍ଦୋଳନର ନେତୃତ୍ୱ ନେଉଥିବା ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ଉକ୍ତ ନିର୍ବାଚନରେ ଭାଜପାକୁ ଭୋଟ ନ ଦେବା ପାଇଁ ମତଦାତାଙ୍କୁ ଅନୁରୋଧ କରିଥିଲା।



ଆଗ୍ରା ନିକଟସ୍ଥ ଏକ ବୁଥ୍‌ରେ ଗ୍ରାମପଞ୍ଚାୟତ ନିର୍ବାଚନ ପାଇଁ ଭୋଟ ଦେବାକୁ ଯାଇଛନ୍ତି ମତଦାତା।

## ଜେଲରେ ଗଲା ମ୍ୟାଡ୍‌ଅଫ୍‌ଙ୍କ ଜୀବନ

ହଜାର ହଜାର ନିବେଶକଙ୍କ ପାଇଁ ଭରସାର ଅନ୍ୟନାମ ପାଲଟିଥିଲେ ବର୍ନାଡ ମ୍ୟାଡ୍‌ଅଫ୍। ତାଙ୍କ ନିକଟରେ ନୋବେଲ ବିଜେତା ଏଲି ୱିସେଲ, ଫିଲ୍ମ ନିର୍ମାତା ଷ୍ଟିଭେନ ସ୍ପାଇଲବର୍ଗ, ଅଭିନେତା କେଭିନ୍ ବେକନ, କାଏରା ସେଜ୍‌ୱିକ୍‌ଙ୍କ ସମେତ ବହୁ ବ୍ୟାଙ୍କ, କଲେଜ, ୟୁନିଭର୍ସିଟି ଓ ଘରୋଇ ସଂସ୍ଥା ଅର୍ଥ ଜମା କରିଥିଲେ। ହେଲେ ପ୍ରତିଶ୍ରୁତି ଓ ଭରସା ଅନୁସାରେ ନିବେଶକଙ୍କୁ ଲାଭ ମିଳି ନ ଥିଲା। ଶେଷରେ ନିବେଶକଙ୍କୁ ବୁଡାଇଦେବା ଏହି ଆମେରିକୀୟ ଫାଇନାନ୍ସର୍‌ଙ୍କୁ ୧୫୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିବାବେଳେ କାରାଗାରରେ ହିଁ ତାଙ୍କ ମୃତ୍ୟୁ ଘଟିଛି।



**ୱାଶିଂଟନ୍, ୧୫।୪:** ବିଶ୍ୱ ଇତିହାସରେ ସବୁଠାରୁ ବଡ଼ ଚିଟ୍‌ଫଣ୍ଡ ଦୁର୍ନୀତିର ମାଷ୍ଟରମାଇଣ୍ଡ ବର୍ନାଡ ମ୍ୟାଡ୍‌ଅଫ୍‌ଙ୍କ ବୁଧବାର ଆମେରିକାର ଏକ ଜେଲ୍‌ରେ ମୃତ୍ୟୁ ଘଟିଛି। ତାଙ୍କୁ ୮୨ ବର୍ଷ ହୋଇଥିଲା। ଷ୍ଟକ୍ ମାର୍କେଟ୍‌ରେ ଆମେରିକୀୟ ନିବେଶକଙ୍କୁ ଭଲ ଲାଭର ଗ୍ୟାରେଣ୍ଟି ଦେଇ ସେମାନଙ୍କଠାରୁ ବର୍ନାଡ ପ୍ରାୟ ୬୪.୮ ବିଲିୟନ ଡଲାର (୪୮,୪୮,୯୬, ୧୩,୨୦,୦୦୦ ଟଙ୍କା) ଠକି ନେଇଥିଲେ। ୨୦୦୮ରେ ଗିରଫ ହେବା ପରେ ତାଙ୍କୁ ୧୫୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ହୋଇଥିଲା। ନିବେଶକଙ୍କ ପାଇଁ ଭରସାର ଅନ୍ୟନାମ ପାଲଟିଥିବା ବର୍ନାଡଙ୍କ ନିକଟରେ କେବଳ ଆମେରିକା ନୁହେଁ, ବିଶ୍ୱର ବହୁ ପ୍ରମୁଖ ବ୍ୟକ୍ତି ବିଶେଷ ଏପରିକି ନୋବେଲ ବିଜେତା ଏଲି ୱିସେଲ, ଫିଲ୍ମ ନିର୍ମାତା ଷ୍ଟିଭେନ ସ୍ପାଇଲବର୍ଗ, ଅଭିନେତା କେଭିନ୍ ବେକନ, କାଏରା ସେଜ୍‌ୱିକ୍‌ଙ୍କ ସମେତ ବହୁ ବ୍ୟାଙ୍କ, କଲେଜ, ୟୁନିଭର୍ସିଟି, ବେସରକାରୀ ସଂସ୍ଥା ସେମାନଙ୍କ ଅର୍ଥ ଜମା କରିଥିଲେ। ଅନେକ ଲୋକ ଅଧିକ ଲାଭ ଆଶାରେ ସେମାନଙ୍କ ଜୀବନସାରା ଅର୍ଜିତ ପୁଞ୍ଜିକୁ ବର୍ନାଡଙ୍କୁ ଦେବାରେ ପଛେଇ ନ ଥିଲେ। ଦୀର୍ଘ ୧୬ ବର୍ଷ ପର୍ଯ୍ୟନ୍ତ ସେ ଏହି କାରବାର ଜାରି ରଖିଥିଲେ। ଖୁବ କମ୍ ଦିନରେ ବର୍ନାଡ ବିପୁଳ ସମ୍ପତ୍ତିର ଅଧିକାରୀ ହୋଇଯାଇଥିଲେ। ହେଲେ ପ୍ରତିଶ୍ରୁତି ଓ ଭରସା ଅନୁସାରେ ନିବେଶକଙ୍କୁ ଲାଭ ମିଳି ନ ଥିଲା। ଏପରିକି ବର୍ନାଡ ନୂଆ ଜମାକାରୀଙ୍କ ଟଙ୍କାକୁ ପୁରୁଣା ନିବେଶକଙ୍କୁ ଦେଉଥିଲେ। ୨୦୦୮ରେ ଆମେରିକା ଅର୍ଥନୀତିରେ ସଙ୍କଟ ଆସିବା ପରେ ବଡ଼ ନିବେଶକମାନେ ସେମାନଙ୍କ ଟଙ୍କା ଫେରସ୍ତ ଚାହିଁଥିଲେ। ପରେ ସେମାନେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

**ପାଇକାରୀ ମୁଦ୍ରାସ୍ଫୀତି ୭.୩୯%**

ଚଳିତ ବର୍ଷ ମାର୍ଚ୍ଚ ମାସରେ ଦେଶ ମଧ୍ୟରେ ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ୮ ମାସର ସର୍ବୋଚ୍ଚ ସ୍ତର ୭.୩୯% ସ୍ତର ଛୁଇଁଛି। ଅଶୋଧିତ ତେଲ ଏବଂ ମେଟାଲ ଦର ବଢ଼ିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ୨୦୨୦ ଫେବୃୟାରୀରେ ପାଇକାରୀ ମୁଦ୍ରାସ୍ଫୀତି ୪.୧୭% ସ୍ତରରେ ରହିଥିବା ବେଳେ ମାର୍ଚ୍ଚରେ ଏହା ୦.୪୨% ଥିଲା। ଚଳିତ ବର୍ଷ ମାର୍ଚ୍ଚରେ ଲଗାତର ତୃତୀୟ ମାସ ଲାଗି ପାଇକାରୀ ମୁଦ୍ରାସ୍ଫୀତି ବଢ଼ିଚାଲିଛି। ଏହି ମାସର ପାଇକାରୀ ମୁଦ୍ରାସ୍ଫୀତି ୮ ମାସର ସର୍ବୋଚ୍ଚ ସ୍ତର। ଶେଷ ଥର ଲାଗି ଅକ୍ଟୋବର ୨୦୧୨ରେ ପାଇକାରୀ ମୁଦ୍ରାସ୍ଫୀତି ୭.୪% ରହିଥିଲା।

# ନାମ ଚୂଡ଼ାନ୍ତ କରିବ ନୀତି ଆୟୋଗ

**ନୂଆଦିଲ୍ଲୀ,୧୫।୪**

ଚଳିତ ଆର୍ଥିକ ବର୍ଷରେ ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣ ନେଇ କେନ୍ଦ୍ର ସରକାର ଯୋଜନା ରଖିଛନ୍ତି। ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକରୁ ପୁଞ୍ଜି ପ୍ରତ୍ୟାହାର ଯୋଜନା ଅନ୍ତର୍ଗତ ଏଭଳି ନିଷ୍ପତ୍ତି ନିଆଯାଇଛି। କେଉଁ ୨ ବ୍ୟାଙ୍କର ଘରୋଇକରଣ ହେବ ସେ ନେଇ ସରକାରଙ୍କ ଥିଙ୍କ୍ ଟ୍ୟାଙ୍କ୍ ନୀତି ଆୟୋଗ ନାମ ଚୂଡ଼ାନ୍ତ କରିବ। ଏହି ପ୍ରସଙ୍ଗ ଉପରେ ନୀତି ଆୟୋଗ ବର୍ତ୍ତମାନ ଅର୍ଥ ମନ୍ତ୍ରଣାଳୟ ସହିତ ବିଚାରବିମର୍ଶ କରୁଛି। ବିଭିନ୍ନ ଦିଗକୁ ବିଚାର କରିବା ପରେ ବ୍ୟାଙ୍କଗୁଡିକର ନାମ ଚୟନ କରାଯିବ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି।

୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ଗୋଟିଏ ସାଧାରଣ ବୀମା କମ୍ପାନୀର ଘରୋଇକରଣ କରିବା ନେଇ ସରକାର ଚଳିତ ବର୍ଷର ସାଧାରଣ ବଜେଟରେ ଘୋଷଣା କରିଥିଲେ। କେଉଁ ସଂସ୍ଥା ଘରୋଇ ହାତକୁ ଯିବେ ସେ ସଂକ୍ରାନ୍ତ ଚୟନ କାର୍ଯ୍ୟକୁ ନୀତି ଆୟୋଗ ହାତରେ ସରକାର ଛାଡିଛନ୍ତି। ପ୍ରକ୍ରିୟା ସହ ଜଡିତ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏ ଦିଗରେ ବର୍ତ୍ତମାନ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ନୀତି ଆୟୋଗ ଏଥିଲାଗି କିଛି ବୈଠକ ମଧ୍ୟ ଡାକି ସାରିଛି। ନିୟାମକ ପ୍ରସଙ୍ଗ, ମାନବ ସମ୍ବଳ ପରିଚାଳନା, ସଂସ୍ଥାଗୁଡିକର ଆର୍ଥିକ ସ୍ଥିତି ଭଳି ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଆୟୋଗ ବିଚାର କରିବ। ନୀତି ଆୟୋଗ ଏହାର ପ୍ରସ୍ତାବ ରଖିବା ପରେ କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ସଚିବଙ୍କ କମିଟିକୁ ପଠାଇ ଦିଆଯିବ।

ଏହି ଉଚ୍ଚସ୍ତରୀୟ କମିଟିରେ ଅର୍ଥନୈତିକ ବ୍ୟାପାର ସଚିବ, ରାଜସ୍ୱ ସଚିବ, କର୍ପୋରେଟ ବ୍ୟାପାର ସଚିବ, ଆଇନ ବ୍ୟାପାର ସଚିବ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିଭାଗ ସଚିବ, ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ଏବଂ ନିବେଶ ବିଭାଗ ସଚିବ, ପ୍ରଶାସନିକ ବିଭାଗ ସଚିବ ପ୍ରମୁଖ ରହିଛନ୍ତି। କୋର୍ ଗ୍ରୁପ୍ ସଚିବଙ୍କ ଅନୁମୋଦନ ପରେ ଏହା ଅଲ୍‌ଟରନେଟିଭ ମେକାନିଜମ ଦେଇ କ୍ୟାବିନେଟ ଅନୁମୋଦନ ଲାଗି ପଠାଇଦିଆଯିବ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସୁଥିବା କ୍ୟାବିନେଟ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ଜଣାପଡ଼ିଛି। କ୍ୟାବିନେଟ ଅନୁମୋଦନ ପରେ ଘରୋଇକରଣ ନେଇ ନିୟାମକ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି।

## ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣ




# ଇନ୍‌ଫୋସିସ୍ ଦେବ ୨୫ ହଜାର ନିଯୁକ୍ତି

**ବାଙ୍ଗାଲୋର,୧୫।୪**

ଆଇଟି କମ୍ପାନୀ ଇନ୍‌ଫୋସିସ୍ ୨୫ ହଜାର ନିଯୁକ୍ତି ଦେବା ଲାଗି ଘୋଷଣା କରିଛି। କେବଳ ଭାରତୀୟ କ୍ୟାମ୍ପସଗୁଡ଼ିକରୁ ୨୪ହଜାର ନିଯୁକ୍ତି ଏଥିରେ ସାମିଲ ରହିଛି। ଉଲ୍ଲେଖଯୋଗ୍ୟ, ଗତ ବର୍ଷ କମ୍ପାନୀ ୨୧ ହଜାର ଫ୍ରେସରଙ୍କୁ ନିଯୁକ୍ତି ପ୍ରଦାନ କରିଥିଲା। ବର୍ତ୍ତମାନ ବଜାରରେ ଚାହିଦା ଫେରୁଥିବାରୁ କମ୍ପାନୀ ପୁଣି ଥରେ ନିଯୁକ୍ତିକୁ ବଢ଼ାଉଥିବା ସୂଚନା ଦେଇଛି। ଚଳିତ ବର୍ଷ ୪୦ କ୍ୟାମ୍ପସ ନିଯୁକ୍ତି ଦେବା ନେଇ ଅନ୍ୟ ଏକ ପ୍ରମୁଖ କମ୍ପାନୀ ଟିସିଏସ୍ ଗୋଟିଏ ସପ୍ତାହ ତଳେ ଘୋଷଣା କରିଥିଲା। ବର୍ତ୍ତମାନ ଇନ୍‌ଫୋସିସ୍‌ର ଏହି ଘୋଷଣା ନିଯୁକ୍ତି ଆଶାୟୀଙ୍କ ମନରେ ନିଶ୍ଚିତ ପକ୍ଷେ ଖୁସି ସଞ୍ଚାର କରିବ ବୋଲି ଆଶା। ଫଳରେ ଟିସିଏସ୍‌ର କର୍ମଚାରୀ ସଂଖ୍ୟା ୫ ଲକ୍ଷରେ ପହଞ୍ଚିବ। ସୂଚନାଯୋଗ୍ୟ, ବର୍ତ୍ତମାନ ଏହି କମ୍ପାନୀରେ ୪.୮୮ ଲକ୍ଷ କର୍ମଚାରୀ କାମ କରୁଛନ୍ତି।

# ତନିସ୍କ ପକ୍ଷରୁ ବର୍ଷପୂର୍ତ୍ତି ଅଫର

**ଭୁବନେଶ୍ୱର,୧୫।୪**

ଦେଶର ପ୍ରମୁଖ ଗହଣା ବ୍ରାଣ୍ଡ ତନିସ୍କ ରିଟେଲ ଜୁଏଲେରି ଶିଳ୍ପରେ ସଫଳତାର ସହ ଆଉ ଏକ ବର୍ଷ ପୂରଣ କରିଛି। ବିଗତ ଦିନଗୁଡ଼ିକରେ ଏହି ବ୍ରାଣ୍ଡ ଗ୍ରାହକଙ୍କ ଅଳଙ୍କାର କିଣିବା ପଦ୍ଧତିରେ ପରିବର୍ତ୍ତନ ଆଣିଛି। ଗ୍ରାହକଙ୍କୁ ବିଶ୍ୱାସ, ଶୁଦ୍ଧତା, ଚମତ୍କାର ଡିଜାଇନ ଏବଂ ଅତୁଳନୀୟ ରିଟେଲ ଅଭିଜ୍ଞତା ଦୃଷ୍ଟିରୁ ରିଟେଲ ଗହଣା ଶିଳ୍ପକୁ ଉନ୍ନତି ପଥରେ ଆଗେଇନେବାରେ ଯୋଗଦାନ ଜାରି ରହିଥିବା ଏହା କହିଛି। ଏହି ଉତ୍ସବ ପାଳନ କରିବା ପାଇଁ ତନିସ୍କ ତା'ର ଗ୍ରାହକମାନଙ୍କୁ ସୁନାଗହଣାର ଗଢ଼ା ମଜୁରି ଓ ହୀରା ଗହଣାର ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରଖିଛି। ଏହି ଅଫର ଚଳିତ ମାସ ୧୬ ରୁ ୧୯ ଯାଏ ଉପଲବ୍ଧ ରହିବ। ତନିସ୍କ ପକ୍ଷରୁ ମଧ୍ୟ ଆକର୍ଷଣୀୟ ସୁନା ବିନିମୟ ନୀତି ପ୍ରଦାନ କରାଯାଉଛି; ଯେଉଁଥିରେ ଗ୍ରାହକମାନେ ସେମାନଙ୍କ ୨୨ କ୍ୟାରେଟ୍ ପୁରୁଣା ସୁନା ଗହଣାକୁ ବିନିମୟ କରିପାରିବେ ଓ ୦% କାଟ୍‌ତି ବ୍ୟବସ୍ଥା ରହିଛି।

ଗ୍ରାହକଙ୍କୁ ସର୍ବଶ୍ରେଷ୍ଠ ଡିଜାଇନର ସୁନାଗହଣା ଯୋଗାଣ ସହ ଅତ୍ୟାଧୁନିକ କଲେକ୍ସନ ଯଥା ମୁଡ୍‌ସ ଅଫ୍ ଦି ଆର୍ଥ, ଏକ୍‌ତାଭମ, ଆରମ୍ଭ, ବିରାସତ, ଅହଲ୍ୟା ଓ ସ୍ୱୟମ୍ ଆଦି ପ୍ରଦାନ କରିଆସୁଛି। ଆରମ୍ଭ ପରଠାରୁ ତନିସ୍କ ବିଭିନ୍ନ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣକରି ରିଟେଲ ଜୁଏଲେରି ଶିଳ୍ପରେ ନିଜର ସ୍ୱଚ୍ଛ ବ୍ୟବସାୟିକ ଆଭାସ ଜାରି ରଖିବା ସହ ଏହାର ଉଲ୍ଲେଖନୀୟ ନୀତି ଓ ପରିବେଶ ଉପଯୋଗୀ ପରିଚାଳନା ପଦ୍ଧତି ରହିଛି। ଗ୍ରାହକମାନଙ୍କର ଆସ୍ଥାଭାଜନ ହେବା ସହ ସୁନାର ଶୁଦ୍ଧତା, ଗୁଣବତ୍ତା ଆଶ୍ୱାସନା, ମଜଭୁତ ଡିଜାଇନ, ସୌନ୍ଦର୍ଯ୍ୟ ଓ ଗ୍ରାହକମାନଙ୍କୁ ସର୍ବୋତ୍ତମ ଉତ୍ପାଦ ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଥିବା କମ୍ପାନୀ କହିଛି। ଗତ ଦୁଇ ଦଶନ୍ଧି ଧରି ଟାଟାର ତନିସ୍କ ଭାରତର ଶୁଦ୍ଧତାର ଏକ ଉଦାହରଣ ଭାବେ ବିକଶିତ ହୋଇଛି। ପ୍ରତ୍ୟେକ ଷ୍ଟୋରରେ ଷ୍ଟେଟ୍-ଅଫ୍-ଦି-ଆର୍ଟ କାରାଟମିଟରର ଶୁଭାରମ୍ଭ କରିବା ସହ ଏବଂ ଏହା ସୁନାର ଶୁଦ୍ଧତା ମାପିବାର ଠିକ୍ ଉପାୟକୁ ଗ୍ୟାରେଣ୍ଟି ଦେଇଥାଏ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।



# ଆମାଜନର ଆତ୍ମନିର୍ଭର ଭାରତ ପ୍ରତିଶ୍ରୁତି

## ଏସ୍‌ଏମ୍‌ଇ ଲାଗି ଭେଞ୍ଚର ଫଣ୍ଡ ଘୋଷଣା



**ନୂଆଦିଲ୍ଲୀ,୧୫।୪:** ପ୍ରମୁଖ ଇ-କମର୍ସ କମ୍ପାନୀ ଆମାଜନ ପକ୍ଷରୁ ଭାରତରେ ସମ୍ଭବ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି ଅବସରରେ କମ୍ପାନୀ ଆତ୍ମନିର୍ଭର ଭାରତ ପ୍ରତିଶ୍ରୁତି ଦିଗରେ କାର୍ଯ୍ୟକ୍ରମ ଜାରି ରଖିଥିବା କହିଛି। କମ୍ପାନୀ ଭାରତର କ୍ଷୁଦ୍ର ଏବଂ ମଧ୍ୟମ ବାଣିଜ୍ୟ (ଏସ୍‌ଏମ୍‌ଇ) ଗୁଡିକର ବିକାଶ ଲାଗି ପ୍ରାୟ ୧୯ ଶହ କୋଟି ଭେଞ୍ଚର ଫଣ୍ଡ ସମ୍ପର୍କରେ ଘୋଷଣା କରିଛି। ଏହି ଅର୍ଥକୁ ଟେକ୍ନୋଲୋଜି ଷ୍ଟାର୍ଟଅପ୍‌ଗୁଡିକରେ ବିନିଯୋଗ କରାଯିବା କାର୍ଯ୍ୟକ୍ରମ ରହିଛି। ଡିଜିଟାଲ ଇଣ୍ଡିଆକୁ ନଜରରେ ରଖି ଏସ୍‌ଏମ୍‌ବି ଡିଜିଟାଇଜେଶନ, କୃଷି ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରକୁ ମଧ୍ୟ କମ୍ପାନୀ ଗୁରୁତ୍ୱ ଦେଉଥିବା ଜଣାପଡିଛି।୨୦୨୫ ସୁଦ୍ଧା ଆମାଜନ ୧୦ ଲକ୍ଷ ଅଫ୍‌ଲାଇନ ଖୁଚୁରା ବ୍ୟବସାୟୀଙ୍କ ସହ ଯୋଡ଼ିହେବାକୁ ଲକ୍ଷ୍ୟ ରଖିଛି। ଆମାଜନ ଡଟ୍ ଇନ୍‌ରେ ସ୍ଥାନୀୟ ନେବର ହୁଡ୍ ଶପ୍ ସ୍ଥାପନ ଯୋଜନା ରଖାଯାଇଛି। ସେହିଭଳି କମ୍ପାନୀ ସ୍ମଟ୍ ଲାଇଟ ନର୍ଥ ଇଷ୍ଟର ଶୁଭାରମ୍ଭ କରିଥିବା ଆମାଜନ ଇଣ୍ଡିଆର କଣ୍ଟ୍ରି ହେଡ୍ ଅମିତ ଅଗ୍ରୱାଲ କହିଛନ୍ତି।

# ଗୋଦ୍‌ରେଜର ନୂଆ ଏସି

**ନୂଆଦିଲ୍ଲୀ,୧୫।୪:** ଗୋଦ୍‌ରେଜ ଗ୍ରୁପ୍ ପକ୍ଷରୁ ଶତ ପ୍ରତିଶତ ମେଡ୍ ଇନ୍ ଇଣ୍ଡିଆ ପରିବେଶ ଉପଯୋଗୀ ଏୟାର କଣ୍ଡିସନର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏଥିରେ ସ୍ୱତନ୍ତ୍ର ନାନୋ କୋଟେଡ ଆଣ୍ଟି ଭାଇରାଲ ଫିଲ୍‌ଟରେଶନ ଟେକ୍ନୋଲୋଜି ଯୋଗ କରାଯାଇଛି। ଏସିର ନାନୋ କୋଟେଡ ଫିଲ୍‌ଟର ସର୍‌ଫେସ୍ ସଂସ୍ପର୍ଶରେ ଆସୁଥିବା ୯୯.୯% ଭାଇରାଲ ଏବଂ ବ୍ୟାକ୍ଟେରିଆକୁ ଏହି ଟେକ୍ନୋଲୋଜି ଦ୍ୱାରା ଦୂରକରିବା ଦିଗରେ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହା ଗ୍ରାହକଙ୍କ ସ୍ୱାସ୍ଥ୍ୟ ଏବଂ ଘରର ପରିବେଶକୁ ସୁରକ୍ଷିତ କରିବା ଦିଗରେ ସହାୟକ ହେବ। ମେକ୍ ଇନ୍ ଇଣ୍ଡିଆ ପ୍ରତିଶ୍ରୁତିକୁ ଦୋହରାଇବା ସହ କମ୍ପାନୀ ଏହାର ସିରୱାଲ ଫ୍ୟାକ୍ଟ୍ରିରେ ଏକ ଏସି ମାନୁଫାକଚରିଂ ଫାସିଲିଟି ଯୋଗ କରିଛି। ଏହାକୁ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରିକା ହୋଲ୍‌କାର ଏବଂ ସିଇଓ କମଲ ନନ୍ଦୀ ଉଦ୍‌ଘାଟନ କରିଥିଲେ। କମ୍ପାନୀର ନୂଆ ରେଞ୍ଜରେ ୩୦ ମଡେଲ ସାମିଲ କରାଯାଇଛି। ମଡେଲଗୁଡିକରେ ପରିବେଶ ଉପଯୋଗୀ ରେଫ୍ରିଜରାଣ୍ଟ ଆର୍‌୨୯୦ ଏବଂ ଆର୍‌୩୨ ରହିଛି। ଗତ ୭ ବର୍ଷରେ କମ୍ପାନୀ ସମ୍ପ୍ରସାରଣରେ ୧୧୦୦ କୋଟି ଟଙ୍କା ନିବେଶ କରିଥିବା ସିଇଓ ନନ୍ଦୀ କହିଛନ୍ତି।

# ନୂଆ ବଜାଜ ସିଟି ୧୧୦ ଏକ୍ସ

**ନୂଆଦିଲ୍ଲୀ,୧୫।୪:** ବଜାଜ ଅଟୋ ନୂଆ ସିଟି ୧୦୦ଏକ୍ସ ଭାରତରେ ପ୍ରଚଳନ କରିଛି। ନୂଆ ମଡେଲଟି ସିଟି ବର୍ଗମାଳାର ଶୀର୍ଷସ୍ତରର ସଂସ୍କରଣ ଏବଂ ଏଥିରେ 'ଏକ୍ସଟ୍ରାକଡକ' ଲୁକ୍, ପ୍ରଦର୍ଶନ ଏବଂ ଏକ ମଜଭୁତ ନିର୍ମାଣକୁ ସନ୍ନିହିତ କରାଯାଇଛି। ଚ୍ୟାଲେଞ୍ଜପୂର୍ଣ୍ଣ ଚାଳନା ପରିସ୍ଥିତିକୁ ନଜରରେ ରଖି ନୂଆ ଯାନଟିକୁ ଡିଜାଇନ କରାଯାଇଛି। ମଜଭୁତ ଏବଂ ହୃଷ୍ଟପୁଷ୍ଟ ଲୁକ୍ ସହିତ ଏହାର ତୁଳନାତ୍ମକ ଭାବେ ପ୍ରଶସ୍ତ କ୍ରସ୍ ସେକ୍ସନ, ଦମ୍‌ଦାର ଗୋଲାକାର ହେଡ୍‌ଲାଇଟ ଏବଂ ସମ୍ପୂର୍ଣ୍ଣ କଳା ଭାଇଜରକୁ ନେଇ ସିଟି ୧୦୦ଏକ୍ସ ଏହି ଶ୍ରେଣୀରେ ତାହାର ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ କିଛି ଅଧିକ ଉପସ୍ଥାପନ କରୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଅଧିକ ମୋଟା କ୍ରାସ୍ ଗାର୍ଡ ଏବଂ ମୋଲ୍‌ଡେଡ୍ ଫୁଟ୍‌ହୋଲ୍‌ଡ ଏହାର ଚାଳନା ସମୟରେ ଅଧିକ ନିରାପତ୍ତା ଏବଂ ସ୍ୱାଚ୍ଛନ୍ଦ୍ୟ ପ୍ରଦାନ କରୁଛି। ଏହାର ଶୁଭାରମ୍ଭ ଅବସରରେ ବଜାଜ ଅଟୋ ମୋଟରସାଇକେଲ୍ସର ପ୍ରେସିଡେଣ୍ଟ ସାରଙ୍ଗ କାନାଡେ କହିଛନ୍ତି, ସିଟି୧୧୦ଏକ୍ସ ପ୍ରଚଳନ ସହିତ ଆମେ ଅଧିକ ବୈଶିଷ୍ଟ୍ୟ ଅଧିକ ଚାଳନା ସ୍ୱାଚ୍ଛନ୍ଦ୍ୟ ଏବଂ ମାଇଲେଜ ସହିତ ସାଲିସ ନ କରି ଅଧିକ ସ୍ଥାୟିତ୍ୱ ଜରିଆରେ ମୂଲ୍ୟ ସଂଯୋଗ କରୁଥିବା ଏବଂ ବାରିହୋଇ ପଡୁଥିବା ଉତ୍ପାଦ ଯୋଗାଇ ଦେଉଛୁ। ଯାନଟିର ଏକ୍ସ ଶୋ ରୁମ୍ ଦିଲ୍ଲୀ ମୂଲ୍ୟ ୫୫,୪୯୪ ଟଙ୍କା ରହିଥିବା ବେଳେ ଏହା ଚାରିଟି ରଙ୍ଗରେ ଉପଲବ୍ଧ ହେଉଛି।




**ROURKELA SMART CITY LTD.**
(A SPV OF GOVERNMENT OF ODISHA, RMC & RDA)

Advt. No.: RSCL/CFO/3054/2021 Date: 13.04.2021

**Advertisement**

**WALK-IN-INTERVIEW**

**No. C-91:-** RSCL intends to engage a personnel to work as an Manager (F&A) of the company on contractual basis for a period of 1 (one) year subject to extendable to a further period based on satisfactory performance with a consolidated fees.

| Sl. No. | Name of the Post | No. of Post | Basic Eligibility | Monthly Consolidated Remuneration |
|---|---|---|---|---|
| 1 | Manager (F&A) | 01 | **Qualification:-** Chartered Accountant **Experience:-** Working experience in the field of finance relating to Govt. Local Bodies. | Negotiable |

The interested candidate may send their C.V. through e-mail to rourkelascl@gmail.com on or before 21.04.2021 by 5:00 PM and should appear in walk-in-interview on 23.04.2021 at 11 AM in the Conference Hall of Rourkela Smart City Limited, Uditnagar, Rourkela. No separate interview letter will be issued and no TA/DA will be paid for appearing in the walk-in-interview. Candidate should produce all the original documents and two passport size photographs along with one set of photocopies at the time of walk-in-interview. No interim correspondence will be entertained. Canvassing any form will be a disqualification and RSCL reserves the right either to cancel the notification or increase the number of posts; including devising in its own method in selecting the candidates.

**Sd./- Director & CEO, RSCL**
OIPR-13131/11/0004/2122



**ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, କେନ୍ଦୁଝର**

ସଂଖ୍ୟା: ୯୯ ତାରିଖ: ୧୫।୦୪।୨୧

No. g-05: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଉଦ୍ଧାର କରାଯାଇଥିବା ନିମ୍ନଲିଖିତ ଶିଶୁମାନଙ୍କୁ କେନ୍ଦୁଝର ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶନାମା ବଳରେ କେନ୍ଦୁଝର ଜିଲ୍ଲାର ଆମ୍ ସମୀକ୍ଷା କେନ୍ଦ୍ର (SRM) ଘଷିପୁରା ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଅଛି। ଏହି ଶିଶୁମାନଙ୍କର ଯଦି କେହି ପିତାମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର କେନ୍ଦୁଝର, ଫୋନ ନଂ. ୦୬୭୬୬-୨୫୫୦୫୨ କିମ୍ବା ଶିଶୁ ମଙ୍ଗଳ ସମିତି ଫୋନ୍ ନଂ. ୦୬୭୬୬-୨୫୩୨୧୩ରେ ଯୋଗାଯୋଗ କରିପାରିବେ। ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ। ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ ଆଇନ - ୨୦୧୫ ଧାରା ୩୮(୧) ଅନୁଯାୟୀ ଶିଶୁମାନଙ୍କୁ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ କରାଯିବ।

| କ୍ର.ନଂ. | ନାମ | ଫଟୋ |
|---|---|---|
| ୧ | ନାମ : ମୁକେଶ ମୁଣ୍ଡ<br>ବୟସ : ୨୪।୦୮।୨୦୧୫<br>ଉଦ୍ଧାର ତାରିଖ : ୨୧।୧୦।୨୦୧୮<br>ଶିଶୁ ମଙ୍ଗଳ ସମିତି ନଂ. : ୪୦୦୭<br>ଉଦ୍ଧାର କରାଯାଉଥିବା ସ୍ଥାନ : ଯୋଡ଼ା ବସ୍ ଷ୍ଟାଣ୍ଡ |  |
| ୨ | ନାମ : ସମୀକ୍ଷା<br>ବୟସ : ୨୪।୦୯।୨୦୧୯<br>ଉଦ୍ଧାର ତାରିଖ : ୨୬।୧୧।୨୦୧୯<br>ଶିଶୁ ମଙ୍ଗଳ ସମିତି ନଂ. : ୪୬୦୬<br>ଉଦ୍ଧାର କରାଯାଉଥିବା ସ୍ଥାନ : ଘଷିପୁରା ମେଡ଼ିକାଲ |  |

ସ୍ୱା./- ଜିଲ୍ଲାପାଳ, କେନ୍ଦୁଝର
OIPR-33015/11/0001/2122



**BHUBANESWAR MUNICIPAL CORPORATION**
*Progress through Partnership for better Bhubaneswar*

No. 25755/XXII(L)-39/2019 Date: 15.04.2021

**Corrigendum - 1: Extension of Submission Date**

**Auction Sale Notice for Package of/ Individual Parking Lots in BMC Area**

No. C-102: In reference to the Auction Sale Notice for Package of Parking/Individual Parking Lots in BMC area, Tender No. 20402 dated 18.03.2021, the scheduled date of submission of tender paper is 19.04.2021, has been exended to 29.04.2021 (upto 4.00 P.M.). Subsequently, the date for opening of tender paper for the respective package/ individual parking lots have been revised as mentioned below:

| Sl. No. | Description | Date & Time |
|---|---|---|
| 1 | Package - 10 | 29.04.2021 at 5.00 P.M. |
| 2 | Individual Parking Lots | |

The last date of sale of tender paper is also extended to 28.04.2021 (During Office hour). The details of the tender are available in BMC/Zone Office notice boards and BMC website: **http://bmc.gov.in**.

**Sd./- Deputy Commissioner (Revenue)**
**Bhubaneswar Municipal Corporation**
OIPR-13002/11/0010/2122



Annexure - II

**OFFICE OF DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC), KANDHAMAL (DISTRICT)**

**Phone: 9438200046, District Website: www.kandhamal.nic.in**

**Tender No. 1029** **Dt.13.04.2021**

No. CAD-102: District Manager, Odisha State Civil Supplies Corporation Ltd., Kandhamal (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) Level-I Transport Contractor for transportation of food grains (Wheat) from FSD, FCI to RRCs in the district - Kandhamal of the State of Odisha |
| 2 | Availability of bid document in the portal | From 14.04.2021 (Date) |
| 3 | Last Date/time for receipt of bids in the portal | Dt.27.04.2021 upto 05.00 (P.M.) |
| 4 | Date/Time of Opening of Technical Bid | Dt.28.04.2021 at 11.00 (A.M.) |
| 5 | Name and address of the Officer Inviting Tender | District Manager, OSCSC Ltd., Kandhamal (District) |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/retenders etc. if any shall be published only in above websites.

**Sd./- District Manager**
**OSCSC Ltd., Kandhamal**
**OIPR-07032/11/0001/2122**



**PANCHAYAT SAMITI OFFICE, BIJATALA**
**E-mail ID: ori-bijatola@nic.in**

**TENDER CALL NOTICE**

**TCN No. 01/2021-2022** **Dt.13.04.2021**

No. i-11: Sealed tenders (Percentage Rate) in conformity with the DTCN are invited from the **"D", "C", "B" & "A"** Class contractors registered with the State Govt. for execution of different works under Panchayat Samiti, Bijatala as per **Annexure - I of DTCN**. The tender document **(DTCN & BOQ)** can be obtained from O/o. the Block Development Officer, Bijatala from **Dt.19.04.2021 to 29.04.2021 till 1.00 P.M.** The tender document **(DCN & BOQ)** duly signed by the Contractors should be accompanied with the self attested photo copy of valid GST Clearance Certificate, PAN Card, Registration Certificate and requisite EMD in shape of Demand Draft drawn in favour of BDO, Bijatala" payable at "BIJATALA" from any Nationalized Bank and NSC/KVP/Time Deposit duly pledged. The tender document **(DTCN & BOQ)** should accompanied with requisite tender paper cost in shape of Demand Draft drawn in favour of BDO, "Bijatala" payable at "BIJATALA" from any Nationalized Bank. The tenders will be received upto to **Dt.29.04.2021 till 1.00 P.M.** and addressed to O/o. the Block Development Officer, Bijalala, Mayurbhanj - 757048 through **Registered/Speed Post/ Hand Dropping**. The tender is scheduled to be opened on **Dt.30.04.2021 at 11.00 A.M.** at Block Conference Hall, O/o. the Block Development Officer, Bijatala, Mayurbhanj - 757048 in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials. The detail terms and conditions, list of works can be seen at NIC website **(www.mayurbhanj.nic.in)**. The name of the work should be written on the top of the envelope. The undersigned reserves the right to cancel the tender without assigning any reason thereroff.

**Sale of Tender Paper from** : **19.04.2021 to 29.04.2021 till 1.00 P.M.**
**Last date of submission of tender paper** : **29.04.2021 till 1.00 P.M.**
**Date of Opening of Tender Paper** : **30.04.2021 at 11.00 A.M.**

The authority reserves the right to accept or reject any proposal without assigning any reason thereoff.

**Sd./- Block Development Officer, Bijatala**
**OIPR-19103/11/0001/2122**



**OFFICE OF THE LOKAYUKTA, ODISHA**
**B-2, Ground Floor, Toshali Bhawan, Satya Nagar, BBSR-751007**
**(Phone No: 0674-2572563,**
**E-mail ID: lokayukta.odisha@gov.in)**

**ADVERTISEMENT**

**No. 01/LY** **Date: 13.04.2021**

**CONTRACTUAL ENGAGEMENT OF RETIRED PRIVATE SECRETARY/ PERSONAL ASSISTANT**

No. T-:03: Applications are invited for filling up of 2 posts of Private Secretaries/ Personal Assistants on re-employment basis as per the terms and conditions stipulated in the erstwhile GA&PG Department Resolution No. 23750/Gen, dated27.08.2014 for a period of 1 (one) year from the date of joining or till the posts are filled up on regular/ deputation basis or as to the satisfaction of Appointing Authority, whichever is earlier. The engagement shall be made with a consolidated remuneration fixed by the Finance Department vide their FDOM No. 7022/F, dated 17.03.2018.

**ELIGIBILITY**

Government Servant below 64 years of age who have already retired or due to retire by 30.04.2021 from High Court/ Sub-Ordinate Courts and Government Organisation having good service career and physically fit.

The Application should be addressed to the Secretary, Office of the Lokayukta, Odisha, B-2 Ground floor, Toshali Bhawan, Satya Nagar, Bhubaneswar-751007. Last date of receipt of application along with Bio-Data in the prescribed format should reach within 10 days from the date of publication of the advertisement.

Only shortlisted candidates will be called for interview.

The undersigned reserves the right to accept or reject the application(s) without assigning any reason thereof.

**Sd./- M.R.Tripathy**
**13.04.2021**
**Secretary, Lokayukta, Odisha**

**FORMAT**

| | | | |
|---|---|---|---|
| 1 | Name of the post applied | | Affix a self attested Passport Size Photograph |
| 2 | Name of the retired employee | | |
| 3 | Father's/ Husband's name | | |
| 4 | Name of the Department/ Office and post held at the time of retirement (Attach copy of P.P.O./ Retirement notification/ or any other related document) | | |
| 5 | Scale of pay with pay level under ORSP Rules, 2017 at the time of retirement (Last pay) | | |
| 6 | Pension/ Provisional Pension drawn per month by the retired employee | | |
| 7 | Permanent address | | |
| 8 | Present address | | |
| 9 | Date of birth (in word & figure) | | |
| 10 | Date of retirement from Government service | | |
| 11 | Whether any disciplinary/ criminal proceeding/ vigilance case is pending/ disposed of against the retired Government employee | | |
| 12 | Contact telephone No. | | |
| 13 | E-mail ID (if any) | | |

**SIGNATURE OF THE APPLICANT**

**DECLARATION**

I do hereby declare and state that the statements made above are true and correct to the best of my knowledge and belief and based on records.

**Place:**
**Date:**

**SIGNATURE OF THE APPLICANT**
**OIPR-09010/11/0001/2122**



**OFFICE OF THE CHIEF CONSERVATOR OF FORESTS: (KL) CUTTACK CIRCLE**
**C.B-8, CANTONMENT ROAD, CUTTACK-1**
**Tele Fax No. 0671-2306496, e-mail- ccfctc.kl@gmail.com**

**Tender Call Notice**

**Engagement of Service Provider for Services of Data Entry Operators and Computer Programmers in Kendu Leaves Wing**

No.MM-09:- Sealed tenders are invited from reputed Manpower Agencies/Service Providers to provide the services of Data Entry Operators for a period of one year w.e.f. May, 2021 to March-2022 for placement in different field units of Keonjhar KL Division under Cuttack KL Circle.

The detailed information for outsourcing of the services of aforesaid post has been given in the Tender Document which will be available in the O/o the DFO (KL), Keonjhar Division between, 11 AM to 5 PM on any working days on payment of Rs.500/- (Rupees Five Hundred only) as EMD in shape of Demand Draft drawn in favour of Deputy Conservator of Forests, Kendu Leaf, Keonjhar Division. The Demand Draft shall be payable in any Nationalized Bank at Keonjhar. The tender offer in sealed cover superscribed as "Offer for service of DEO & Computer Programmer" should be sent either by speed post/Regd. post to the D.F.O., (KL) Keonjhar Division. The detail address is available in the Tender document. The last date and time for submission of Tender document is **29th April, 2021 by 5.00 PM.** The tender papers shall be opened by the Authorized officer at O/o the CCF (Kendu Leaves), Cuttack Circle, C.B.-8, Cantonment Road, Cuttack on **30.04.2021 at 3.30 P.M.** in presence of service providers or their authorized representatives. No offer received beyond the stipulated time/date and without EMD will be entertained. The authority reserves right to reject the tender without assigning any reason thereof.

**Chief Conservator of Forests, Cuttack (KL) Circle**
OIPR-08025/11/0001/2122



**MSME DEPARTMENT**
**GOVERNMENT OF ODISHA**
**DIRECTORATE OF EXPORT PROMOTION & MARKETING**
**Raptani Bhawan, 1st Floor, Nayapalli, BBSR - 751015**
**Tel. No. 0674-2552675, E-mail: depmodisha@gmail.com**
**Contact No.: 9438397956 / 9437488244**

**INVITATION OF APPLICATION FOR STATE EXPORT AWARDS 2019-20**

No. h-03: Online applications are invited from the exporters of Odisha for consideration of State Export Award for the year 2019-20.

(1) **Eligibility:** All exporters of Odisha including Micro, Small, Medium and Large Scale Enterprises, Export Houses, Merchant Exporters, Government of India undertakings based in Odisha as well as State Government undertakings, Start-up Units and Women Entrepreneurs are eligible to participate in the above competition furnishing the required information in the prescribed format available in the website "**www.depmodisha.nic.in**".

(2) Interested exporters are required to fill up the Online application as per the State Export Award Scheme available in the website "**www.depmodisha.nic.in**".

(3) The last date of submission of Online application for State Export Awards 2019-20 is **Dt.20.05.2021**.

**Sd./- Director**
**Export Promotion & Marketing**
**Odisha, Bhubaneswar**
**OIPR-14007/11/0001/2122**

ଧରିତ୍ରୀ
DHARITRI
ଶୁକ୍ରବାର, ୧୬ ଏପ୍ରିଲ, ୨୦୨୧



# ରୟାଲ୍ସର ରୋମାଞ୍ଚକ ବିଜୟ





ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଜୟଦେବ ଉନାଡକଟ୍। ଅର୍ଦ୍ଧଶତକ ହାସଲକାରୀ ରିଷଭ ପନ୍ତ।

**ମୁମ୍ବାଇ, ୧୫।୪**

ଜୟଦେବ ଉନାଡକଟ୍‌ଙ୍କ ପ୍ରଭାବୀ ବୋଲିଂ ପରେ ଡେଭିଡ ମିଲର ଓ କ୍ରିସ୍ ମୋରିସଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ରାଜସ୍ଥାନ ରୟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ରୋମାଞ୍ଚକ ବିଜୟ ହାସଲ କରିଛି। ସଞ୍ଜୁ ସାମସନଙ୍କ ଦଳ ଦିଲ୍ଲୀ କ୍ୟାପିଟାଲ୍ସକୁ ୩ ଉଇକେଟରେ ପରାସ୍ତ କରିଛି। ଦିଲ୍ଲୀ କ୍ୟାପିଟାଲ ଇନିଂସ ୨୦ ଓଭରରେ ୮ ଉଇକେଟ ହରାଇ ୧୪୭ ରନ କରିଥିବାବେଳେ ରାଜସ୍ଥାନ ୧୯.୪ ଓଭରରେ ୭ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରି ନେଇଥିଲା। ଚଳିତ ଆଇପିଏଲରେ ୨ ମ୍ୟାଚରୁ ରାଜସ୍ଥାନର ଏହା ପ୍ରଥମ ବିଜୟ।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମ୍‌ସନ। ଦିଲ୍ଲୀର ଆରମ୍ଭ ଭଲ ହୋଇ ନ ଥିଲା। ପୂର୍ବ ମ୍ୟାଚରେ ଆକର୍ଷଣୀୟ ପ୍ରଦର୍ଶନ କରିଥିବା ପୃଥ୍ୱୀ ଶ’ ଓ ଶିଖର ଧାୱନ ଏଠାରେ ଫେଲ୍ ମାରିଥିଲେ। ୩ ନମ୍ବରରେ ଆସିଥିବା ଅଜିଙ୍କ୍ୟ ରାହାନେ ମଧ୍ୟ ବିଫଳ ହୋଇଥିଲେ। ମାର୍କସ ଷ୍ଟୋଇନିସ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ଫଳରେ ୩୭ ରନ ମଧ୍ୟରେ ୪ଟି ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା କ୍ୟାପିଟାଲ୍ସ। ଜୟଦେବ ଉନାଡକଟ୍ ଘାତକ ବୋଲିଂ କରି ଦିଲ୍ଲୀର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସେ ପୃଥ୍ୱୀ ଶ’ (୨ ରନ)ଙ୍କୁ ଅଫ୍‌ଷ୍ଟମ୍ପ ବାହାରର ସ୍ଲୋ ବଲ୍‌ରେ ପରାସ୍ତ କରି ମିଡ୍ ଉଇକେଟରେ ଡେଭିଡ ମିଲରଙ୍କ ହାତରେ କ୍ୟାଚ କରାଇଥିବାବେଳେ ଗୁଡ୍‌ଲେନ୍ଥ ବଲରେ ଧାୱନ (୯)ଙ୍କୁ ଚକ୍‌ମା ଦେଇ ଉଇକେଟ କିପର ସାମ୍‌ସନଙ୍କ ହାତରେ କଟ୍ ବିହାଇଣ୍ଡ କରିଥିଲେ। ଏହାପରେ ସେ ସ୍ଲୋ ଲେନ୍ଥ ବଲ୍‌ରେ ରାହାନେ (୮)ଙ୍କୁ କଟ୍ ଆଣ୍ଡ ବୋଲ୍ଡ କରିଥିଲେ। ଷ୍ଟୋଇନିସଙ୍କୁ ପ୍ୟାଭିଲିୟନ ରାସ୍ତା ଦେଖାଇଥିଲେ ମୁସ୍ତାଫିଜୁର ରହମନ। ଅଧିନାୟକ ରିଷଭ ପନ୍ତ ଓ ଆଇପିଏଲ ପଦାର୍ପଣକାରୀ ଲଳିତ ଯାଦବ ଇନିଂସ ସମ୍ଭାଳିଥିଲେ। ତେବେ ୫ମ ଉଇକେଟରେ ୩୬ ବଲ୍‌ରୁ ୫୧ ରନର ଭାଗୀଦାରି ହୋଇଥିବାବେଳେ ପନ୍ତ ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ ହୋଇ ଯାଇଥିଲେ। ସେ ଏକ ସିଙ୍ଗଲ ରନ ନେବାକୁ ଯାଉଥିବାବେଳେ ରିୟାନ ପରାଗଙ୍କ ଡାଇରେକ୍ଟ ହିଟ୍‌ର ଶିକାର ହୋଇଥିଲେ। ୩୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ପନ୍ତ ୯ ଚୌକା ସହାୟତାରେ ୫୧ ରନ କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଜ ଇନିଂସ ଆରମ୍ଭରେ ଧିମା ଖେଳିଥିବା ପନ୍ତ ଆକ୍ରମଣାତ୍ମକ ପନ୍ଥା ଆପଣେଇବା ବେଳକୁ ରନଆଉଟ ହେବା ଦିଲ୍ଲୀ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଥିଲା। ଯୋଡ଼ି ଭାଙ୍ଗିବା ପରେ ଦିଲ୍ଲୀ ଇନିଂସ ଦିଗହରା ହୋଇଯାଇଥିଲା। କ୍ରିଜ୍‌ରେ ଜମିରହି ଖେଳୁଥିବା ଲଳିତ ୨୪ ବଲ୍‌ରୁ ୨୦(୩ ଚୌକା) ରନ କରିଥିବାବେଳେ କ୍ରିସ୍ ମୋରିସଙ୍କ ବଲ୍‌ରେ ମିଡ୍ ଅନ୍‌ରେ ରାହୁଲ ଟେୱାଟିଆଙ୍କୁ କ୍ୟାଚ ଦେଇଥିଲେ। ଫଳରେ ୧୦୦ ରନରେ ଦଳର ୬ଷ୍ଠ ଉଇକେଟର ପତନ ଘଟିଥିଲା। ଶେଷଭାଗରେ ଟମ୍ କୁରାନ ୧୬ ବଲ୍‌ରୁ ୨୧(୨ ଚୌକା) ଓ କ୍ରିସ୍ ୱକ୍ସ ୧୧ ବଲ୍‌ରୁ ୧୫*(୨ ଚୌକା) ରନ କରିବାରୁ ଦିଲ୍ଲୀ ସ୍କୋର ୨୦ ଓଭରରେ ୧୪୭ରେ ପହଞ୍ଚିଥିଲା। ରାଜସ୍ଥାନ ପକ୍ଷରୁ ଜୟଦେବ ଉନାଡକଟ୍ ଚମତ୍କାର ବୋଲିଂ କରି ନିଜ ୪ ଓଭର ସ୍ପେଲ୍‌ରେ ମାତ୍ର ୧୫ ରନ ଦେଇ ୩ଟି ଉଇକେଟ ନେଇଥିବାବେଳେ ମୁସ୍ତାଫିଜୁର ରହମନ ୨ଟି ଏବଂ କ୍ରିସ୍ ମୋରିସ ଗୋଟିଏ ଉଇକେଟ ନେଇଥିଲେ। ପନ୍ତ ଓ ରବିଚନ୍ଦ୍ରନ ଅଶ୍ୱିନ ରନ୍‌ଆଉଟ ହୋଇଥିଲେ।

୧୪୮ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ରାଜସ୍ଥାନ ୪୨ ରନରେ ୫ ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟପ୍ ଓ ମିଡିଲ ଅର୍ଡରର ୫ ବ୍ୟାଟ୍ସମ୍ୟାନ ଜୋସ ବଟଲର (୨), ମନନ ଭୋରା(୯), ସଞ୍ଜୁ ସାମସନ (୪), ଶିବମ ଦୁବେ (୪) ଓ ରିୟାନ ପରାଗ (୨) ଦୁଇଅଙ୍କ ଛୁଇଁପାରି ନ ଥିଲେ। ଡେଭିଡ ମିଲର ଓ ରାହୁଲ ଟେୱାଟିଆ ଇନିଂସ ସମ୍ଭାଳିଥିଲେ। ତେବେ ୬ଷ୍ଠ ଉଇକେଟରେ ୩୪ ବଲ୍‌ରୁ ୪୮ ରନ ଯୋଗ ହେବାପରେ ଟେୱାଟିଆ (୧୯ ରନ, ୧୭ ବଲ, ୨ ଚୌକା)ଙ୍କୁ ଆଉଟ କରି ଦିଲ୍ଲୀକୁ ବ୍ରେକ୍ ଥ୍ରୁ ଦେଇଥିଲେ କାଗିଶୋ ରାବାଡ଼ା। ଏକାକୀ ଲଢ଼େଇ କରିଥିବା ଡେଭିଡ ମିଲର ୪୩ ବଲ୍‌ରୁ ୭ ଚୌକା ଓ ୨ ଛକା ସହାୟତାରେ ୬୨ ରନ କରି ଆଉଟ ହେବାସହ ରାଜସ୍ଥାନ ଆଶା ମଉଳିଥିଲା। ତେବେ କ୍ରିସ୍ ମୋରିସ ଧୈର୍ଯ୍ୟହରା ନ ହୋଇ ୧୮ ବଲ୍‌ରୁ ୪ ଛକା ସହ ୩୬ ରନରେ ଅପରାଜିତ ରହି ଦଳକୁ ରୋମାଞ୍ଚକ ବିଜୟ ପ୍ରଦାନ କରିଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ଆଭେସ ଖାଁ ୩ଟି, ଏବଂ କ୍ରିସ୍ ୱକ୍ସ ଓ କାଗିଶୋ ରାବାଡ଼ା ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୭/୮ (ରିଷଭ ପନ୍ତ-୫୧, ଟମ୍ କୁରାନ-୨୧, ଜୟଦେବ ଉନାଡକଟ୍-୩/୧୫, ମୁସ୍ତାଫିଜୁର ରହମନ-୨/୨୯, କ୍ରିସ୍ ମୋରିସ-୧/୨୭)। ରାଜସ୍ଥାନ ରୟାଲ୍ସ ୧୯.୪ ଓଭରରେ ୧୫୦/୭ (ଡେଭିଡ ମିଲର-୬୨, କ୍ରିସ୍ ମୋରିସ-୩୬*, ଆଭେସ ଖାଁ-୩/୩୨, କ୍ରିସ୍ ୱକ୍ସ-୨/୨୨, କାଗିଶୋ ରାବାଡ଼ା-୨/୩୦)।

## ଆଇପିଏଲ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୨ | ୨ | ୦ | ୪ | +୦.୧୭୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୨ | ୧ | ୧ | ୨ | +୦.୨୨୫ |
| ପଞ୍ଜାବ କିଙ୍ଗ୍ସ | ୧ | ୧ | ୦ | ୨ | +୦.୨୦୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୧ | ୧ | ୨ | +୦.୧୯୫ |
| ରାଜସ୍ଥାନ ରୟାଲ୍ସ | ୨ | ୧ | ୧ | ୨ | +୦.୦୫୨ |
| ନାଇଟ ରାଇଡର୍ସ | ୨ | ୧ | ୧ | ୨ | ୦.୦୦୦ |
| ସନ୍‌ରାଇଜର୍ସ | ୨ | ୦ | ୨ | ୦ | -୦.୪୦୦ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧ | ୦ | ୧ | ୦ | -୦.୭୭୯ |

# ଗ୍ରେଡ୍ ଏ’ରେ ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ, ୧୫।୪(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବାର୍ଷିକ ଚୁକ୍ତି ତାଲିକା (ସେଣ୍ଟ୍ରାଲ କଣ୍ଟ୍ରାକ୍ଟ) ଗୁରୁବାର ପ୍ରକାଶ ପାଇଛି। ଏଥିରେ ୪ଟି କାଟେଗୋରିରେ ମୋଟ ୨୮ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଗ୍ରେଡ୍-ଏ’+ କାଟେଗୋରିରେ ଭାରତର ୩ ଷ୍ଟାର ଖେଳାଳି ଅଧିନାୟକ ବିରାଟ କୋହଲି, ତାଙ୍କ ହ୍ୱାଇଟ୍ ବଲ୍ ଡେପୁଟି ରୋହିତ ଶର୍ମା ଓ ଯଶପ୍ରୀତ ବୁମ୍‌ରା ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ପ୍ରତ୍ୟେକ ୭କୋଟି ଲେଖାଏ ପାଇବେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ ଏହା ଇଞ୍ଜୁରିପ୍ରବଣ ସିଜନ ରହିଥିଲେ ମଧ୍ୟ ସେ ପଦୋନ୍ନତି ପାଇଛନ୍ତି। ସେ ଗ୍ରେଡ୍-ଏ’ କାଟେଗୋରିରେ ସ୍ଥାନ ପାଇଛନ୍ତି। ଏହାଦ୍ୱାରା ସେ ଏଣିକି ବାର୍ଷିକ ୫ କୋଟି ଟଙ୍କା ପାଇବେ। ଗତ ବର୍ଷ ସେ ଗ୍ରେଡ୍-ବି’ରେ ରହିଥିଲେ। ଯୁବ ଖେଳାଳି ଶୁବମନ ଗିଲ୍ ଓ ମହମ୍ମଦ ସିରାଜ ପ୍ରଥମ ଥର ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ସ୍ଥାନ ପାଇଛନ୍ତି। ଉଭୟଙ୍କୁ ଗ୍ରେଡ୍ ସି’ରେ ସ୍ଥାନ ମିଳିଛି। ସେମାନେ ବାର୍ଷିକ ୧ କୋଟି ଟଙ୍କା ଲେଖାଏ ପାଇବେ। ଅନ୍ୟପକ୍ଷରେ ଶାର୍ଦ୍ଦୁଳ ଠାକୁର ଗ୍ରୁପ୍ ବି’କୁ ପଦୋନ୍ନତି ପାଇଛନ୍ତି। ଚଳିତ ବର୍ଷ ଅଷ୍ଟ୍ରେଲିଆରେ ଭାରତର ଐତିହାସିକ ଟେଷ୍ଟ ସଫଳତାରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଏହି ୩ ଖେଳାଳିଙ୍କୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ତାଲିକାରେ ସ୍ଥାନ ମିଳିଛି। ଯେଉଁମାନେ ତଳକୁ ଖସିଛନ୍ତି ସେମାନଙ୍କ ମଧ୍ୟରେ ପେସ୍ ବୋଲର ଭୁବନେଶ୍ୱର କୁମାର ରହିଛନ୍ତି। ସେ ଗ୍ରେଡ୍-ବି’ ତାଲିକାରେ ସ୍ଥାନ ପାଇଛନ୍ତି। ତାଙ୍କ ମୂଲ୍ୟ ଏବେ ୩ କୋଟି ଟଙ୍କା। କେଦାର ଯାଦବ ମଧ୍ୟ ତଳ ପାହ୍ୟାକୁ ଖସିଛନ୍ତି।

# ଟାଇଟଲ ବଜାୟ ରଖିଲେ ସରିତା

**ଅଲମାଟି, ୧୫।୪ (ପି.ଟି.):** ଭାରତର ସରିତା ମୋର୍ ଏସିଆନ୍ ରେସ୍‌ଲିଂ ଚାମ୍ପିୟନଶିପ୍ ୫୯କେଜି ଶ୍ରେଣୀରେ ତାଙ୍କ ଟାଇଟଲ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ସୀମା ବିସ୍‌ଲା (୫୦କେଜି) ଓ ପୂଜା(୭୬କେଜି) ସେମାନଙ୍କ ବିଭାଗରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ୨୦୨୦ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଥିବା ସରିତା ଫାଇନାଲ ମୁକାବିଲାରେ ମଙ୍ଗୋଲିଆର ଶୁଭଦୋର୍ ବାଟାରଜାଭ୍‌ଙ୍କୁ ୧୦-୭ରେ ହରାଇ ଦେଇଛନ୍ତି। ୨୦୧୮ ବିଶ୍ୱଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ମୁକାବିଲା ପରଠାରୁ ଏହା ତାଙ୍କ ପାଇଁ ଏକ କଷ୍ଟସାଧ ବିଜୟ ଥିଲା ବୋଲି ସରିତା ପ୍ରକାଶ କରିଛନ୍ତି। ମଙ୍ଗୋଲିଆନ ବକ୍ସରଙ୍କ ବିପକ୍ଷ ଲଢେଇ ପାଇଁ ସେ ନିଜକୁ ପ୍ରସ୍ତୁତ କରିଥିଲେ। ପ୍ରଥମ ରାଉଣ୍ଡରେ ହାରିଯାଇଥିଲେ ମାତ୍ର ରଣ କୌଶଳକୁ କାର୍ଯ୍ୟକାରୀ କରି କ୍ରମାଗତ ୯ପଏଣ୍ଟ ସହ ବିଜୟ ହାସଲ କରିଥିଲେ। ୫୦କେଜି ଶ୍ରେଣୀରେ କାଜାକସ୍ତାନର ଭାଲେଣ୍ଟିନା ଇଭାନୋଭ୍‌ନାଙ୍କ ବିପକ୍ଷରେ ସୀମାଙ୍କ ଆରମ୍ଭ ଉତ୍ସାହଜନକ ନ ଥିଲା। ମାତ୍ର ପରବର୍ତ୍ତୀ ରାଉଣ୍ଡରେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ମଙ୍ଗୋଲିଆର ଅନୁଦାରି ନନ୍ଦିନସେତ୍‌ସେଗ୍‌ଙ୍କୁ ୭-୩ରେ ହରାଇ ଦେଇଥିଲେ। ସେମିଫାଇନାଲରେ ତାଙ୍କୁ ଉଜ୍‌ବେକିସ୍ତାନର ଜସ୍ମିନା ଇମାଏଭାଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେ ୨-୩ରେ ଏହି ଲଢେଇ ହାରିଯାଇଥିଲେ। ଭାରତୀୟ ମହିଳା ବକ୍ସର ପରେ ଟେକ୍ନିକାଲ ସୁପରିଅରିଟିରେ ତାଇପେଇର ୟୁଙ୍ଗ୍ ହୁନ୍ ଲିନ୍‌ଙ୍କୁ ହରାଇ ବ୍ରୋଞ୍ଜ ଜିତିଥିଲେ। ସେହିପରି ପୂଜା ସେମିଫାଇନାଲରେ କାଜାକସ୍ତାନର ଇଲମିରା ସିଜ୍‌ଦିକୋଭଙ୍କଠାରୁ ପରାଜିତ ହୋଇଥିଲେ। ମାତ୍ର କୋରିଆର ସିୟନ ଜେଅଙ୍ଗ୍‌ଙ୍କ ବିପକ୍ଷରେ ୫-୨ରେ ବିଜୟ ହାସଲ କରି ବ୍ରୋଞ୍ଜ ପାଇଥିଲେ।



# ଭାରତୀୟ ଦଳରେ ସ୍ନେହା, ଝିଲ୍ଲୀ

**ତାସକେଣ୍ଟ, ୧୫।୪(ପି.ଟି.)**

ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଶୁକ୍ରବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ଭାଗ ନେବାକୁ ଯାଉଥିବା ୪ ଜଣିଆ ମହିଳା ଭାରତୀୟ ଦଳରେ ଓଡ଼ିଶାର ସ୍ନେହା ସୋରେନ ଓ ଝିଲ୍ଲୀ ଦଳବେହେରା ସ୍ଥାନ ପାଇଛନ୍ତି। ସ୍ନେହା ୪୯ କେଜି ଓ ଝିଲ୍ଲୀ ୪୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଭାରତରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଅନ୍ୟ ୨ ମହିଳା ଭାରୋତ୍ତୋଳିକା ହେଲେ ମୀରାବାଇ ଚାନୁ (୪୯ କେଜି) ଓ ପି.ଅନୁରାଧା (୮୭ କେଜି)। ସେହିପରି ପୁରୁଷ ଦଳରେ ଜେରେମି ଲାଲରିନୁଙ୍ଗା (୬୭ କେଜି), ଅଚିନ୍ତ ଶେଉଲି (୭୩ କେଜି) ଓ ସତୀଶ ଶିବଲିଙ୍ଗମ୍ (୮୧ କେଜି) ଭାଗ୍ୟ ପରୀକ୍ଷା କରିବେ। ପୂର୍ବତନ ବିଶ୍ୱ ଚାମ୍ପିୟନ ଚାନୁ ଆଗାମୀ ପ୍ରତିଯୋଗିତାରେ ପ୍ରଦର୍ଶନର ଛାପ ଛାଡ଼ିବାକୁ ଦୃଢ଼ ଆଶାୟୀ ଅଛନ୍ତି। କୋଭିଡ୍-୧୯ ମହାମାରୀ ଯୋଗୁ ଭାରୋତ୍ତୋଳନ କାର୍ଯ୍ୟସୂଚୀ ପ୍ରଭାବିତ ହୋଇଥିଲା। ଫଳରେ ଚାନୁ ଶେଷଥର ପାଇଁ ୨୦୨୦ ଫେବୃୟାରୀରେ ଜାତୀୟ ଚାମ୍ପିୟନଶିପ୍ ଓ ୨୦୧୯ ଡିସେମ୍ବରରେ କାତାରଠାରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମହାମାରୀ ଯୋଗୁ ଗତବର୍ଷ ଏସିଆନ ଚାମ୍ପିୟନଶିପ୍ ସ୍ଥଗିତ ରହିଥିଲା। ଅଲିମ୍ପିକ୍ସ କ୍ୱାଲିଫାଇଂ ଇଭେଣ୍ଟଭାବେ ପରିଚିତ ଏହି ପ୍ରତିଯୋଗିତାରେ ୨୬ ବର୍ଷୀୟା ଚାନୁ ଭାରତ ପାଇଁ ସ୍ୱର୍ଣ୍ଣ ପଦକର ପ୍ରବଳ ଦାବିଦାର ଅଛନ୍ତି। ସେ ନିଜ ବ୍ୟକ୍ତିଗତ ଶ୍ରେଷ୍ଠ (୨୦୩ କେଜି) ପ୍ରଦର୍ଶନରେ ଉନ୍ନତି ଆଣି ପୋଡିୟମ ଫିନିଶ୍ ଉପରେ ନଜର ରଖିଛନ୍ତି। ୨୦୧୯ ସଂସ୍କରଣରେ ସେ ଅଳ୍ପକେ ବ୍ରୋଞ୍ଜ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ୨୦୧୮ରେ ପିଠି ଯନ୍ତ୍ରଣାରୁ ମୁକୁଳିବାପରେ ସେ ନିଜ ପ୍ରଦର୍ଶନରେ କ୍ରମାଗତ ଉନ୍ନତି ଆଣିବାରେ ସଫଳ ହୋଇଛନ୍ତି। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ଏହି ମଣିପୁରୀ ମହିଳା ୨୦୧ (୮୭ + ୧୧୪) କେଜି ଭାରୋତ୍ତୋଳନ କରିଥିଲେ। ଏହାପରେ ଜାତୀୟ ଚାମ୍ପିୟନଶିପ୍‌ରେ ସେ ୨୦୩ (୮୮ + ୧୧୫) କେଜି ଭାର ଉଠାଇ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ। ପୁରୁଷ ପ୍ରତିଯୋଗୀଙ୍କ ମଧ୍ୟରେ ସମସ୍ତଙ୍କ ନଜର ୨୦୧୮ ଯୁଥ୍ ଅଲିମ୍ପିକ୍ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଟିନ୍‌ଏଜର ଜେରେମି ଲାଲରିନୁଙ୍ଗାଙ୍କ ଉପରେ କେନ୍ଦ୍ରୀଭୂତ ହୋଇଛି। ଏହି ମିଜୋରାମ ଭାରୋତ୍ତୋଳକ ଗତ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ରେକର୍ଡ କରିଥିଲେ। ସେ ୩୦୬ (୧୪୦ + ୧୬୬) କେଜି ଭାରୋତ୍ତୋଳନ କରି ସ୍ନାଚ୍, କ୍ଲିନ୍ ଆଣ୍ଡ ଜର୍କ ଏବଂ ଓଭରଅଲ୍‌ରେ ନିଜ ଯୁଥ୍ ୱାର୍ଲ୍ଡ ଏବଂ ଏସିଆନ ରେକର୍ଡ ଭଙ୍ଗ କରିଥିଲେ।





ସ୍ନେହା ସୋରେନ ଓ ଝିଲ୍ଲୀ ଦଳବେହେରା।

# ଗୋଆର ପ୍ରଶଂସନୀୟ ପ୍ରଦର୍ଶନ

**ମାର୍ଗାଓ, ୧୫।୪(ପି.ଟି.)**

ଭାରତର ପ୍ରଥମ ଦଳ ଭାବେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ର ଗ୍ରୁପ୍ ଷ୍ଟେଜ୍ ଖେଳିଥିବା ଏଫ୍‌ସି ଗୋଆ ନିଜ ଓପନିଂ ମ୍ୟାଚରେ ପ୍ରଶଂସନୀୟ ପ୍ରଦର୍ଶନ କରିଛି। ଫ୍ରେଞ୍ଚ୍ ବିଶ୍ୱକପ ବିଜେତା ଲୌରେଣ୍ଟ ବ୍ଲାଙ୍କ୍‌ଙ୍କ ପ୍ରଶିକ୍ଷଣପ୍ରାପ୍ତ କାତାରର ଅଲ୍-ରାୟାନ ସହିତ ବୁଧବାର ଅନୁଷ୍ଠିତ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖି ଗୋଆ ଉଲ୍ଲେଖନୀୟ ସଫଳତା ପାଇଛି। ଗୋଆର ପ୍ରଭାବୀ ପ୍ରଦର୍ଶନରେ ଚକିତ ହୋଇଥିଲେ ପୂର୍ବତନ ପ୍ୟାରିସ ସେଣ୍ଟ-ଜର୍ମନ ମ୍ୟାନେଜର ବ୍ଲାଙ୍କ୍। ଅଲ୍-ରାୟାନ ଆଧିପତ୍ୟ ବିସ୍ତାର କରିବାକୁ ଚେଷ୍ଟା କରିଥିଲେ ହେଁ ପୂରା ମ୍ୟାଚରେ ଗୋଆ ଦଳ ତାକୁ ପ୍ରତିହତ କରିବାରେ ସକ୍ଷମ ହୋଇଥିଲା। ଗୋଆର ଯୁବ ଗୋଲକିପର ଧୀରଜ ସିଂ ୮୭ତମ ମିନିଟରେ ଚମତ୍କାର ସେଭ୍ କରି ପ୍ରତିପକ୍ଷ ଦଳର ଆଶାରେ ପାଣିଭରି ଦେଇଥିଲେ। ଇଶାନ ପଣ୍ଡିତଙ୍କ ପ୍ରଦର୍ଶନ ମଧ୍ୟ ବହୁତ ଭଲ ରହିଥିଲା।

## ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍

ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆଶାନୁରୂପ ଅଲ୍-ଆୟାନ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ୟାସିନେ ବ୍ରାହିମି ଆକ୍ରମଣର ନେତୃତ୍ୱ ନେଇଥିଲେ। ତେବେ ଗୋଆ ରକ୍ଷଣଭାଗ ଏହାର ସଫଳ ପ୍ରତିହତ କରିଥିଲା। ଏଫ୍‌ସି ଗୋଆର ଶୃଙ୍ଖଳିତ ଖେଳ ବିପକ୍ଷ ଦଳକୁ ନିରାଶ କରିଥିଲା। କୋଚ୍ ଜୁଆନ ଫେରାଣ୍ଡୋ ଦଳୀୟ ପ୍ରଦର୍ଶନରେ ବେଶ୍ ସନ୍ତୋଷ ପ୍ରକାଶ କରିଛନ୍ତି। ଏକ ପ୍ରିମିୟର ପ୍ରତିଯୋଗିତାରେ ଶକ୍ତିଶାଳୀ ଦଳ ବିପକ୍ଷରେ ସମକକ୍ଷ ପ୍ରଦର୍ଶନ କରି କ୍ଲିନ୍ ଶିଟ୍ ପାଇବା ବହୁତ ବଡ଼ କଥା। ୨୦୧୯-୨୦ ସିଜନରେ ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ) ବିଜେତା ଶିଲ୍ଡ ହାସଲ କରି ଏଫ୍‌ସି ଗୋଆ ୨୦୨୧ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ଗ୍ରୁପ୍ ଷ୍ଟେଜ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଅଲ୍-ରାୟାନ ବ୍ୟତୀତ ଗୋଆ ଅନ୍ୟତମ ଶକ୍ତିଶାଳୀ କ୍ଲବ ପେର୍ସେପୋଲିସ ଏଫ୍‌ସି (ଇରାନ) ଓ ଅଲ୍ ୱାହଦା (ୟୁଏଇ)କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଗୋଆ ଶେଷଥର ପାଇଁ ଏକମାସ ପୂର୍ବରୁ ଆଇଏସ୍ଏଲ ପ୍ଲେ-ଅଫ୍‌ରେ ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଫୁଟ୍‌ବଲ ଖେଳିଥିଲା। ଅନ୍ୟପକ୍ଷରେ ଅଲ୍-ଆୟାନ ଷ୍ଟାର୍ସ ଲିଗ୍‌ରେ ଏହାର ଶେଷ ମ୍ୟାଚ ଏପ୍ରିଲ ୯ରେ ଖେଳିଥିଲା।



ଗୋଆ ଓ ଅଲ୍-ରାୟାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଆଇପିଏଲ୍‌ର ନାଟକୀୟ ମୋଡ଼

**ଭିଭିଏସ୍ ଲକ୍ଷ୍ମଣ**

ବୁଧବାର ସୁଦ୍ଧା ଚଳିତ ଆଇପିଏଲ ସିଜନର ମାତ୍ର ୬ଟି ଗେମ୍ ଖେଳାଯାଇଛି। ମ୍ୟାଚରେ ଅନେକ ନାଟକୀୟ ମୋଡ଼ ଦେଖିବାକୁ ମିଳିଛି। ୱାଙ୍ଖେଡେ ଷ୍ଟାଡିୟମରେ ସଞ୍ଜୁ ସାମ୍‌ସନଙ୍କ ନେତୃତ୍ୱରେ ରାଜସ୍ଥାନ ରୟାଲ୍ସ ଭଲ ଖେଳିଥିଲେ ମଧ୍ୟ ଅଳ୍ପକେ ଦୁର୍ଭାଗ୍ୟଜନକ ଭାବେ ବିଜୟ ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଥିଲା। ଅନ୍ୟପକ୍ଷରେ ଚେନ୍ନାଇରେ କୋଲକାତା ନାଇଟ ରାଇଡର୍ସ ଓ ସନରାଇଜର୍ସ ହାଇଦ୍ରାବାଦ ବ୍ୟାଟିଂ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ମଧ୍ୟ କୌଣସିମତେ ବିଜୟ ହାସଲ କରିପାରିଛନ୍ତି। ଅଧିନାୟକ ଭାବେ ସାମ୍‌ସନଙ୍କ ବ୍ୟାଟିଂ ଦର୍ଶନୀୟ ଥିଲା। କିଛି ସମୟ ପାଇଁ ସେ ଆଇପିଏଲ୍‌ର ସୁପରଷ୍ଟାର ବନିଗଲେ। କିନ୍ତୁ ଏହି ଶତକୀୟ ଇନିଂସ ଦୀର୍ଘଦିନ ଧରି ତାଙ୍କ ମନୋବଳକୁ ଦୃଢ଼ କରି ରଖିବ ବୋଲି ମୋର ଆଶା। ସାମ୍‌ସନ ଜାତୀୟ ଦଳରେ ନିଜ ସ୍ଥାନ ପକ୍କା କରିବାକୁ ଚାହୁଁଛନ୍ତି। ଏହା ପୂର୍ବରୁ ପଞ୍ଜାବ କିଙ୍ଗ୍ସ ଦ୍ୱାରା ପଦୋନ୍ନତି ପାଇ ଦୀପକ ହୁଡା ପ୍ରଭାବୀ ବ୍ୟାଟିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବରୋଦା ଦ୍ୱାରା ସସ୍‌ପେଣ୍ଡ ହେବା ପରେ କିଛି ସମୟ ହେଲା ଖରାପ ସମୟ ଦେଇ ଗତି କରିଥିଲେ ଏହି କ୍ରିକେଟର। ଭଲ ପ୍ରଦର୍ଶନ ଦ୍ୱାରା ମାନସିକ ସ୍ତରରେ ସେ ଅନେକାଂଶରେ ଆଶ୍ୱସ୍ତି ଅନୁଭବ କରିଥିବେ ନିଶ୍ଚୟ। ଅନ୍ୟପକ୍ଷରେ ମୁମ୍ବାଇ ଦଳ ଦ୍ରୁତ ବ୍ୟାଟିଂକୁ ଉତ୍ସାହିତ କରିଥିଲା। ହେଲେ ଚେନ୍ନାଇଠାରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚର ଶେଷ କେତୋଟି ଓଭରରେ ଏହାର ବ୍ୟାଟିଂରେ ମନ୍ଥର ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ରାତିରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚରେ ଆମ ଦଳ ଏହି ତ୍ରୁଟି ଦୋହରାଇଥିଲା। ପ୍ରଥମ ୩୫ ଓଭରରେ ଆମ ସ୍ଥିତି ମଜଭୁତ ଥାଇ ମଧ୍ୟ ମ୍ୟାଚ ଜିତିପାରି ନ ଥିଲୁ। ରସିଦ ଖାଁ ଭଲ ବୋଲିଂ କରିଥିଲେ। ମାତ୍ର ଉଇକେଟର ଅପରପାର୍ଶ୍ୱରୁ ତାଙ୍କୁ ଉପଯୁକ୍ତ ବୋଲିଂ ପାର୍ଟନରର ଅଭାବ ପରିଲକ୍ଷିତ ହୋଇଥିଲା। ଡେଭିଡ ୱାର୍ନର ତାଙ୍କର ସ୍ୱାଭାବିକ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ସେ ଓ ମନୀଷ ପାଣ୍ଡେ କ୍ରିଜ୍‌ରେ ଥିବା ପର୍ଯ୍ୟନ୍ତ ମ୍ୟାଚ ଆମ ନିୟନ୍ତ୍ରଣରେ ରହିଥିବା ଭଳି ମନେ ହେଉଥିଲା। ମାତ୍ର ୱାର୍ନର ଆଉଟ ପରେ ମ୍ୟାଚର ମୋଡ଼ ବଦଳି ଯାଇଥିଲା। ଗୋଟିଏ ଓଭରରେ ଶାହାବାଜ ଅହମ୍ମଦ ଆମର ୩ ଜଣ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରି ପ୍ୟାଭିଲିୟନ ପଠାଇ ଦେଇଥିଲେ। ଜନି ବେୟାରଷ୍ଟୋଙ୍କ ଉଇକେଟ ପତନ ପରେ ପରେ ମନୀଷଙ୍କ ଉଇକେଟ ପତନ ଘଟିଥିଲା। ମନୀଷ ଯେପରି ଭାବେ ଆଉଟ ହେଲେ ସେ ସନ୍ତୁଷ୍ଟ ନ ଥିଲେ। ଏହି ଅଭିଜ୍ଞ ଖେଳାଳି ଜାଣିଥିଲେ ଉକ୍ତ ପିଚ୍‌ରେ ନିଜ ସହ ସେଟ୍ ହୋଇଥିବା ଜଣେ ବ୍ୟାଟ୍ସମ୍ୟାନ ଯେପରି ଦାୟିତ୍ୱ ତୁଲାଇପାରିବ ଜଣେ ନୂଆ ବ୍ୟାଟ୍ସମ୍ୟାନଙ୍କ ପକ୍ଷେ ତାହା କାଠିକର ପାଠ ହେବ। ପ୍ରଥମ ଦୁଇଟି ମ୍ୟାଚରେ ଆମ ଦଳ କରିଥିବା ତ୍ରୁଟିକୁ ସୁଧାରି ପାରିଲେ ଟୁର୍ନାମେଣ୍ଟକୁ ସଫଳ ପ୍ରତ୍ୟାବର୍ତ୍ତନ କରିପାରିବ।

-(ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୬ ଏପ୍ରିଲ, ୨୦୨୧



# ସଂକ୍ଷେପରେ

## ଶିକାରୀ ଗୁଳିରେ ଆହତ ମାଆ, ୨ ଶାବକ କୁଟୁରା ମୃତ

ଝାରସୁଗୁଡ଼ା ଅଫିସ,୧୫।୪: ଝାରସୁଗୁଡ଼ା ରେଞ୍ଜ କାତିକେଲା ସଂରକ୍ଷିତ ଜଙ୍ଗଲରୁ ଶିକାରୀ ଗୁଳିରେ ଗୁରୁତର ଆହତ କୁଟୁରାକୁ ବନ ବିଭାଗ ଗୁରୁବାର ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଛି। ମୃତ କୁଟୁରା ଗର୍ଭବତୀ ରହିଥିଲା। ବ୍ୟବଚ୍ଛେଦ ପରେ ତା' ଗର୍ଭରୁ ୨ମୃତ କୁଟୁରା ଶାବକ ଉଦ୍ଧାର ହୋଇଛି। ମା'କୁଟୁରା ଓ ଶାବକଙ୍କ ମୃତଦେହକୁ ବନ ବିଭାଗ ତରଫରୁ କୁମୁଡାପାଲି ନର୍ସରୀ ପରିସରରେ ପୋତିଦିଆଯାଇଛି। ଏହି ସମୟରେ ଏସିଏଫ୍ ସସ୍ମିତା ସାହୁ, ରେଞ୍ଜର ପ୍ରଦୀପ୍ତ କୁମାର ମହାନ୍ତି, ଫରେଷ୍ଟର ରମେଶ ଚନ୍ଦ୍ର ନାଥ ଓ ଉଦେକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗର ପାରାଫୋର୍ସ, ୱାଇଲ୍ଡଲାଇଫ୍ ଓ ଫାୟାର ଗାର୍ଡମାନେ କାତିକେଲା ସଂରକ୍ଷିତ ଜଙ୍ଗଲରେ ଦେଖାରଖା କରୁଥିବାବେଳେ ଏକ କୁଟୁରାକୁ କୁକୁରମାନେ ଦୌଡାଉଥିବା ଦେଖିଥିଲେ। ପରେ ବନ କର୍ମଚାରୀ କୁଟୁରାକୁ ଆହତ ଅବସ୍ଥାରେ ଉଦ୍ଧାର କରି ସରବାହାଲ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଥିଲା। କୁଟୁରାର ଗୋଡ଼ ଓ ଅନ୍ୟ ସ୍ଥାନରେ ଗୁଳିଚିହ୍ନ ଥିବାରୁ କେହି ଶିକାରୀ ଗୁଳି କରିଥିବା ଆଶଙ୍କା କରାଯାଉଛି।

## କୋଟିଆ ପଞ୍ଚାୟତରେ ଆନ୍ଧ୍ର ଅନୁପ୍ରବେଶକୁ ବିରୋଧ

ପଟ୍ଟାଙ୍ଗୀ,୧୫।୪(ଡି.ଏନ୍.ଏ.): କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସୀମାନ୍ତ କୋଟିଆ ପଞ୍ଚାୟତକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ଲାଗି ରହିଥିବା ବିବାଦର କୌଣସି ସମାଧାନ ରାସ୍ତା ବାହାରି ନ ଥିବା ବେଳେ କୋଟିଆରେ ଆନ୍ଧ୍ରର ଅନୁପ୍ରବେଶକୁ ବିରୋଧକରି ଗୁରୁବାର ଜିଲା ଆଦିବାସୀ ମହାସଂଘ ଏକାଠି ହୋଇଛି। ସଦର ମହକୁମାସ୍ଥିତ ଆଶ୍ରମ ବିଦ୍ୟାଳୟଠାରେ ହୋଇଥିବା କାର୍ଯ୍ୟକ୍ରମରେ ୭ଟି ସଂଘର ଆଦିବାସୀ ନେତା ଓ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଏହା ପୂର୍ବରୁ ସେମାନେ ଆନ୍ଧ୍ର ସରକାରଙ୍କ ବିରୋଧରେ ଏକ ଶୋଭାଯାତ୍ରା କରି ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ। ଏକ ବୈଠକ କରି ସେମାନେ ଆନ୍ଧ୍ର ସରକାର କୋଟିଆ ପଞ୍ଚାୟତରେ ବାରମ୍ବାର ଅନୁପ୍ରବେଶ କରି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରି ଉନ୍ନୟନମୂଳକ କାର୍ଯ୍ୟ କରୁଥିବା ଅଭିଯୋଗ କରିଥିଲେ। ସଂଘ ପକ୍ଷରୁ ଏହାକୁ ବିରୋଧ କରାଯାଇ ଏକ ୨୦ ଜଣିଆ କମିଟି ଗଠନ ହୋଇଥିଲା। କମିଟି ସଦସ୍ୟମାନେ ପଞ୍ଚାୟତର ସମସ୍ତ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ଆନ୍ଧ୍ରକୁ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରୁଥିବା ମଧ୍ୟସ୍ଥମାନଙ୍କୁ ବୁଝାଇବ। ଓଡ଼ିଶା ସରକାରଙ୍କ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ କୋଟିଆ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସର୍ଭେ କରିବ। ପଞ୍ଚାୟତବାସୀଙ୍କ ଜୀବନ ଜୀବିକା ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରି ୨୨ ତାରିଖରେ କୋରାପୁଟ ଜିଲାପାଳଙ୍କୁ ଭେଟି ପ୍ରଦାନ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ଜିଲା ସଭାପତି ଦାମୋଦର ଜାନି, ସମ୍ପାଦକ ଶିବ ମୁଦୁଲି, ଉପଦେଷ୍ଟା ମଦନ କିର୍ଷାନି, ଜିଲା କୁଇ ସମାଜର ସଦସ୍ୟ ଶାମ୍ଭା ପାଙ୍ଗୀ, ମୋହନ ଜାନି, କାମେଶ ଗେମେଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗୋଡାଳରେ ନନୀଦେଈଙ୍କ ଚୈତ୍ର ପର୍ବ ପାଳିତ

ନୂଆପଡ଼ା ଅଫିସ, ୧୫।୪: ନୂଆପଡା ଜିଲା ସିନାପାଲି ବ୍ଲକ ଗୋଡାଳ ଅଞ୍ଚଳର ନନୀ ଦେଈଙ୍କ ଚୈତ୍ର ପର୍ବ ପାଳିତ ହୋଇଯାଇଛି। ଏହି ପର୍ବକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁତ ଲୋକେ ଆସିଥାନ୍ତି। କିନ୍ତୁ ଚଳିତବର୍ଷ କୋଭିଡ୍ କଟକଣା ଯୋଗୁ ଭକ୍ତମାନଙ୍କ ସମାଗମ କମ୍ ହୋଇଥିଲା। ଗୋଡାଳ ଗାଁରେ ଥିବା ଦେବୀଙ୍କ ମନ୍ଦିରରେ ପୂଜକ ସନାତନ ମାଝି ପୂଜା କରିଥିଲେ। ମହାମାରୀ କରୋନାରୁ ମୁକ୍ତି ପାଇଁ ସେ ଦେବୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ମନ୍ଦିରରୁ ଗ୍ରାମ ପରିକ୍ରମା କରିବା ସମୟରେ ପ୍ରତ୍ୟେକ ଘରେ ଦୀପ ଜାଳି ମା'ଙ୍କ ଦର୍ଶନ କରିଥିଲେ। ଗ୍ରାମ ପରିକ୍ରମା ପରେ ଦେବୀଙ୍କ ଉପୃତିସ୍ଥଳରେ ରାତ୍ରି ସମୟରେ ପୂଜା କାର୍ଯ୍ୟ କରାଯାଇଥିଲା। କିମ୍ବଦନ୍ତୀରୁ ଜଣାଯାଏ ଯେ, ସିଙ୍ଗଝର ଗାଁର ଗୌଡିଆ ଘର ଝିଅ ଗୋଡାଳ ଗାଁର ପୁଅ ସହିତ ବିବାହ କରିଥିଲେ। ସେହି ସମୟରେ ଦେବୀ ଝିଅ ପ୍ରତି ଖୁସି ହୋଇ ତାଙ୍କ ସହ ଚାଲି ଆସି ଆଉ ଗଲେନାହିଁ। ଗୋଡାଳ ଗାଁରେ ପୂଜା ପାଉଛନ୍ତି। ସିଙ୍ଗଝର ଗାଁରୁ ପୂଜା ସାମଗ୍ରୀ ଆସିଲେ ପ୍ରଥମେ ପୂଜା ହୋଇ ପରେ ଗାଁ ଲୋକଙ୍କ ପୂଜା ସାମଗ୍ରୀ ଲଗିଥାଏ। ବର୍ଷକୁ ଥରେ ଦେବୀ ମା' ବାପାଙ୍କ ଘରକୁ ଯାଇ ଫେରି ଆସନ୍ତି। ଏହି ପରମ୍ପରା ଏବେବି ଚାଲିଛି।

# ସାର ଦର ଆକାଶଛୁଆଁ, ଚାଷୀଙ୍କୁ ମହଙ୍ଗା ମାଡ଼

ବରଗଡ଼ ଅଫିସ୍,୧୫।୪


ବରଗଡର ଚାଷୀମାନେ ଧାନ ଫସଲରେ ସାର ପ୍ରୟୋଗ କରୁଛନ୍ତି ।(ଫାଇଲ ଫଟୋ)

- ବଢୁନି କୃଷିଜାତ ଦ୍ରବ୍ୟର ସହାୟକ ମୂଲ୍ୟ
- ସାର ଦରବୃଦ୍ଧି ନେଇ ଚାଷୀକୁଳ ଚିନ୍ତିତ
- ଆୟ ବଦଳରେ ଉତ୍ପାଦନ ଖର୍ଚ୍ଚ ଦ୍ୱିଗୁଣିତ

ଉନ୍ନତ ଫସଲ ଏବଂ ଅଧିକ ଅମଳ ଆଶାରେ ଚାଷୀ କୃଷିକ୍ଷେତ୍ରରେ ସାର ପ୍ରୟୋଗ କରିଥାଏ। ପାରମ୍ପରିକ ଚାଷରେ ଚାଷୀ ଜମିରେ ଜୈବିକ ସାର ପ୍ରୟୋଗ କରିଆସୁଥିବାବେଳେ ଏବେ ଆଧୁନିକ କୃଷି ପ୍ରଣାଳୀକୁ ଆଦରି ନେବା ପରେ କୃଷିକ୍ଷେତ୍ରରେ ରାସାୟନିକ ସାରର ଚାହିଦା ବଢ଼ି ଯାଇଛି। ହେଲେ ରାସାୟନିକ ସାରର ଦରବୃଦ୍ଧି ଏବେ ଚାଷୀଙ୍କ ଚିନ୍ତାର ବିଷୟ ପାଲଟିଛି। ପୂର୍ବ ଦରରେ ସାର କିଣି ଫସଲରେ ପ୍ରୟୋଗ କରିବା ଚାଷୀଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡୁଥିଲା। ଏବେ କୃଷିଜାତ ଦ୍ରବ୍ୟର ମୂଲ୍ୟ ଆଶାନୁରୂପଭାବେ ବୃଦ୍ଧି ପାଉ ନଥିବାବେଳେ ସାରର ବର୍ଦ୍ଧିତ ଦର ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି।

ସରକାର ଚାଷୀଙ୍କୁ କେବଳ ୟୁରିଆ ସାର ରିହାତିଦରରେ ଯୋଗାଇ ଦେଉଛନ୍ତି। ଏହି ସାର ଦର ୪୫କି.ଗ୍ରା. ପ୍ୟାକେଟ ପ୍ରତି ୨୬୬ ଟଙ୍କା ୫୦ପଇସା ରହିଛି। କିନ୍ତୁ ବାକି ସବୁ ସାରଦର ଆକାଶଛୁଆଁ ହୋଇଛି। ଗତବର୍ଷ ୫୦କି.ଗ୍ରା. ପ୍ୟାକେଟ୍ ବିଶିଷ୍ଟ ଡିଏପି ସାର(ଇଫ୍‌କୋ) ୧୨୦୦ଟଙ୍କାରେ ମିଳୁଥିଲା। ବର୍ତ୍ତମାନ ଏହି ସାର ଦର ୧୯୦୦ ଟଙ୍କାରେ ପହଞ୍ଚିଛି। ସେହିପରି ଡିଏପି(ପିପିଏଲ)ର ଦର ୧୨୫୫ଟଙ୍କା ରହିଥିବାବେଳେ ଏବେ ୪୫୫ଟଙ୍କା ବୃଦ୍ଧି ପାଇ ୧୭୦୦ଟଙ୍କାରେ ପହଞ୍ଚିଛି। ଅନୁରୂପ ଭାବେ ଗ୍ରୋମର(ଏନପିକେ) ୨୮:୨୮:୦ ସାରର ଦର ୫୦କି.ଗ୍ରା. ପ୍ରତି ୧୩୦୦ ଟଙ୍କା ରହିଥିଲା। ଏବେ ତାହା ୧୭୫୦ଟଙ୍କାକୁ ବୃଦ୍ଧିପାଇଛି। ସେହିପରି ଗ୍ରୋମର ୨୦:୨୦:୦:୧୩ ସାର ଦର ୧୦୩୫ ଟଙ୍କାରୁ ୧୪୦୦ଟଙ୍କା ଏବଂ ଗ୍ରୋମର ୧୦:୨୬:୨୬ ଦର ୧୩୫୦ଟଙ୍କାରୁ ୧୫୭୫ ଟଙ୍କାରେ ପହଞ୍ଚିଛି। ପଟାସ୍(ଏମଓପି) ସାର ଦର ପୂର୍ବରୁ ୫୦କି.ଗ୍ରା. ପ୍ରତି ୯୫୦ ଟଙ୍କା ଥିବାବେଳେ ବର୍ତ୍ତମାନ ତାହା ୧ହଜାର ଟଙ୍କାରେ ପହଞ୍ଚିଛି। ସାର ଦରବୃଦ୍ଧି ନେଇ ବରଗଡ ଜିଲାର ଚାଷୀନେତା ରମେଶ ମହାପାତ୍ର କହିଛନ୍ତି ଯେ, ସରକାର ଆଧୁନିକ ପ୍ରଣାଳୀରେ ଚାଷ କଲେ ଉତ୍ପାଦନ ବୃଦ୍ଧି ସହିତ ଆୟ ବଢ଼ିବ ବୋଲି କହୁଛନ୍ତି। ମାତ୍ର ଆୟ ତ ଦୂରର କଥା ଚାଷୀଙ୍କୁ କ୍ଷତି ସହିବାକୁ ପଡୁଥିବାବେଳେ ଉତ୍ପାଦନ ଖର୍ଚ୍ଚ ବଢ଼ି ଚାଲିଛି। ଏଭଳି ସ୍ଥଳେ ସ୍ୱାମୀନାଥନ କମିଶନ କାର୍ଯ୍ୟକାରୀ କରି କୃଷିଜାତ ଦ୍ରବ୍ୟର ଦର ନିର୍ଦ୍ଧାରଣ ବଦଳରେ ସାରଦର ବୃଦ୍ଧି ଏକ ଗମ୍ଭୀର ପ୍ରସଙ୍ଗ ବୋଲି ସେ କହୁଛନ୍ତି। ସୋହେଲା ବ୍ଲକ ସରକଣ୍ଡା ଗାଁର ଚାଷୀ ହର ବଣିଆ କହନ୍ତି, ଚାଷୀଙ୍କ ଆୟ ଦୁଇଗୁଣା ହେବ ବୋଲି କେନ୍ଦ୍ର ସରକାର କହି ଆସୁଥିଲେ, ମାତ୍ର ଏବେ ଉତ୍ପାଦନ ଖର୍ଚ୍ଚ ଦ୍ୱିଗୁଣିତ ହୋଇପଡ଼ିଛି। କୃଷି ଯନ୍ତ୍ର ଚଳାଇବା ପାଇଁ ପେଟ୍ରୋଲ, ଡିଜେଲ ଦରକାର। ସରକାର ତହିଁରେ ଆକାଶଛୁଆଁ ଦରବୃଦ୍ଧି କଲେ। ଏବେ ପୁଣି ସାର ଦରବୃଦ୍ଧି ସହିତ ସରକାର ଏଭଳି ପରିସ୍ଥିତି ସୃଷ୍ଟି କଲେଣି ଯେ ଚାଷୀଙ୍କୁ ଚାଷ କରିବା ମଧ୍ୟ ଆଗକୁ କାଠିକର ହୋଇ ପଡ଼ିବ।

# ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ନିଲମ୍ବିତ

ଦେବଗଡ଼,୧୫।୪(ଡି.ଏନ୍.ଏ.)

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା**

- ପୂର୍ବରୁ ୩ ଶିକ୍ଷୟିତ୍ରୀଶିକ୍ଷକ ନିଲମ୍ବିତ ହୋଇଥିଲେ

ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଓଟିଇଟି (ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ) ପରୀକ୍ଷା ବେଳେ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ପୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗୁରୁବାର କେନ୍ଦ୍ର ଅଧୀକ୍ଷକ କୁମୁଦ ବନ୍ଧୁ ପୃଷ୍ଟିଙ୍କୁ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବିତ କରିଛନ୍ତି। ମୋବାଇଲରେ ପ୍ରଶ୍ନପତ୍ରର ଚିତ୍ର ଉତ୍ତୋଳନ କରିଥିବା ପରୀକ୍ଷାର୍ଥିନୀ ରଜନୀ ବେହେରାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସମ୍ବଲପୁର ଜିଲାପାଳ ତଥା ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କୁ ସମ୍ବଲପୁର ଜିଲା ନାକଟିଦେଉଳ ୟୁଜିୟୁପି ସ୍କୁଲର କନିଷ୍ଠ ଶିକ୍ଷୟିତ୍ରୀ ପଦବୀରୁ ବହିଷ୍କୃତ କରିବା ସହ ଲଗାତର ୩ ବର୍ଷ ପାଇଁ ପରୀକ୍ଷା ଦେବାରୁ ବଞ୍ଚିତ କରିଥିଲେ। ଅନୁରୂପ ଭାବେ କାର୍ଯ୍ୟରେ ଅବହେଳା ଅଭିଯୋଗରେ ମାଧ୍ୟମିକ ଶିକ୍ଷା ବୋର୍ଡଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଶିକ୍ଷା ଅଧିକାରୀ ବେହେରା ଗତ ୧୨ ତାରିଖରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ଗେଟ୍ ଚେକିଂ ଓ ଇନ୍‌ଭିଜିଲେଟର ଦାୟିତ୍ୱରେ ଥିବା ଶିକ୍ଷକ ସୁଶାନ୍ତ କୁମାର ରାୟ, ବିଶ୍ୱନାଥ କିଷାନ ଓ ଶିକ୍ଷୟିତ୍ରୀ (ରିଲିଭର) ରଞ୍ଜିତା ମିଶ୍ରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ମାତ୍ର ମାଧ୍ୟମିକ ଶିକ୍ଷା ବୋର୍ଡଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ପୃଷ୍ଟିଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଜିଲା ଶିକ୍ଷା ଅଧିକାରୀ ବେହେରାଙ୍କ ଭୂମିକା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।

ଗତ ୯ ତାରିଖରେ ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଓଟିଇଟି ପରୀକ୍ଷା ଚାଲିଥିବା ବେଳେ ପରୀକ୍ଷାର୍ଥିନୀ ଭାବେ ସମ୍ବଲପୁର ଜିଲା ନାକଟିଦେଉଳ ୟୁଜିୟୁପି ସ୍କୁଲର କନିଷ୍ଠ ଶିକ୍ଷୟିତ୍ରୀ ରଜନୀ ବେହେରା ଅଂଶଗ୍ରହଣ କରିଥିଲେ। ବେହେରା ନିଜର ମୋବାଇଲ ଫୋନ୍‌ରେ ପ୍ରଶ୍ନପତ୍ରର ଚିତ୍ର ଉତ୍ତୋଳନ କରି ଭାଇରାଲ କରିଥିବା ଅଭିଯୋଗ ହେବା ସହ ତାଙ୍କ ନିକଟରୁ ସମ୍ପୃକ୍ତ ମୋବାଇଲ ଫୋନ୍‌କୁ ଜବତ କରାଯାଇଥିଲା।

# ହାଇଡ୍ରୋଜୋନ ଇକୋସିଷ୍ଟମ ବିକଶିତ ଲାଗି ପଦକ୍ଷେପ ନେଉଛି ଭାରତ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୫।୪(ବ୍ୟୁରୋ)



ହାଇଡ୍ରୋଜେନ୍ ଇକୋସିଷ୍ଟମକୁ ବିକଶିତ କରିବା ପାଇଁ ଭାରତ ପଦକ୍ଷେପ ନେଉଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୁରୁବାର ଭାରତ ସରକାରଙ୍କ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଅନ୍ତର୍ଗତ ଦ ଏନର୍ଜି ଫୋରମ (ଟିଇଏଫ୍) ଏବଂ ଫେଡେରେଶନ ଅଫ୍ ପେଟ୍ରୋଲିୟମ ଇଣ୍ଡଷ୍ଟ୍ରି(ଏଫ୍‌ଆଇପିଆଇ) ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ହାଇଡ୍ରୋଜେନ୍ ଗୋଲଟେବୁଲ ସମ୍ମିଳନୀରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ସ୍ଥାୟୀ ଭବିଷ୍ୟତ ପାଇଁ ସବୁଜ ଉର୍ଜାର ବିକଳ୍ପ ଉତ୍ସ ହାଇଡ୍ରୋଜେନ୍ । ତେଣୁ ହାଇଡ୍ରୋଜୋନ୍‌ର ଇକୋସିଷ୍ଟମକୁ ବିକଶିତ କରିବା ପାଇଁ ଉନ୍ନତମାନର ଟେକ୍ନୋଲୋଜି ବ୍ୟବହାର ତଥା ନୀତିଗତ ପଦକ୍ଷେପ ନେବା ଦରକାର। ହାଇଡ୍ରୋଜେନକୁ ସ୍ୱଚ୍ଛ ଉର୍ଜା ବ୍ୟବସ୍ଥାର ଏକ ଅଂଶ କରିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ। ଭାରତ ୭ଟି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ମାଧ୍ୟମରେ ନୂଆ ଉର୍ଜା ମାନଚିତ୍ର ପ୍ରସ୍ତୁତ କରିଛି। ଏହି ପଦକ୍ଷେପରୁ ହାଇଡ୍ରୋଜେନକୁ ବିକଶିତ କରିବା ମଧ୍ୟ ଏକ କାର୍ଯ୍ୟ। ଭାରତକୁ ଆତ୍ମନିର୍ଭର କରିବା ଦିଗରେ ଉର୍ଜା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କମ୍ ଅଙ୍ଗାରକାମ୍ଳ ନିର୍ଗମନ ମାର୍ଗ ହାସଲ କରିବା ଦିଗରେ ହାଇଡ୍ରୋଜେନକୁ ଭାରତ ଉର୍ଜା ମିଶ୍ରଣରେ ଅଧିକ ବ୍ୟବହାର ପାଇଁ ପଦକ୍ଷେପ ନିଆଯାଉଛି। ଏହାସହ ଜାତୀୟ ହାଇଡ୍ରୋଜେନ ମିଶନର ଶୁଭାରମ୍ଭ, ବ୍ଲୁ ଗ୍ରୀନ୍ ହାଇଡ୍ରୋଜେନ ଏବଂ ହାଇଡ୍ରୋଜେନ ସିଏନ୍‌ଜିକୁ ନେଇ ପାଇଲଟ ପ୍ରକଳ୍ପ ଆରମ୍ଭ ହୋଇଛି। ଭାରତ ସରକାରଙ୍କ ଦ୍ୱାରା ହାଇଡ୍ରୋଜେନ ଇକୋସିଷ୍ଟମ ବିକଶିତ କରିବା ପାଇଁ ବୃହତ୍ ସମନ୍ୱୟ ସ୍ଥାପନା କରାଯାଉଛି। ପେଟ୍ରୋଲିୟମ ମନ୍ତ୍ରଣାଳୟର ବିଭିନ୍ନ ଯୋଜନାରେ ହାଇଡ୍ରୋଜେନ୍‌ର ଏକୀକରଣ କରାଯିବା ସହ ରସାୟନ, ଆଇରନ, ଇସ୍ପାତ, ସାର, ଶକ୍ତି, ବିଶୋଧନ, ପରିବହନ ଭଳି ବିଭିନ୍ନ କ୍ଷେତ୍ରରେ ହାଇଡ୍ରୋଜୋନ୍ ବ୍ୟବହାର କରିବା ପାଇଁ ପଦକ୍ଷେପ ନିଆଯାଉଛି। ଦେଶରେ ହାଇଡ୍ରୋଜେନ କ୍ଷେତ୍ରର ମଜଭୁତ ପାଇଁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପ୍ରତିବଦ୍ଧ । ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ୟୁଏଇର ଉଦ୍ୟୋଗ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ସୁଲତାନ ଅଲ୍ ଜାବେର, ଅଷ୍ଟ୍ରେଲିଆର ଉର୍ଜା ମନ୍ତ୍ରୀ ଅଙ୍ଗସ ଟ୍ରେଲର ,ଡେନ୍‌ମାର୍କର ଜଳବାୟୁ, ଉର୍ଜା ଓ ୟୁଟିଲିଟିଜ୍ ମନ୍ତ୍ରୀ ଡ୍ୟାନ୍ ୟୁର୍ଗେନସେନ୍, ଆମେରିକାର ସହାୟକ ଉର୍ଜାଙ୍କ ସମେତ ବିଶ୍ୱର ୧୫ଟି ଦେଶରୁ ୨୫ ଜଣ ବକ୍ତା ସାମିଲ ହୋଇଥିଲେ।


ଅଫ୍‌ଲାଇନ୍ ବଦଳରେ ଅନ୍‌ଲାଇନ୍ ପରୀକ୍ଷା କରିବାକୁ ଦାବିକରି ଭୁବନେଶ୍ୱର ବିଜେବି କଲେଜ ଛାତ୍ରୀଛାତ୍ରମାନେ ଗୁରୁବାର କଲେଜ ଫାଟକକୁ ବନ୍ଦ କରିବା ସହ ସମ୍ମୁଖ ରାସ୍ତାକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## 'ଭାରତମାଳା ପ୍ରକଳ୍ପରେ ସାମିଲ ହେଉ ଚିଲିକା ପୂର୍ବ ଉପକୂଳ'

ଭୁବନେଶ୍ୱର, ୧୫।୪(ବ୍ୟୁରୋ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ହ୍ରଦର ପୂର୍ବ ଉପକୂଳକୁ ଭାରତମାଳା ପ୍ରକଳ୍ପରେ ସାମିଲ କରିବା ଏବଂ ସାତପଡ଼ାରୁ ଜହ୍ନିକୁଦା ଯାଏ ବ୍ରିଜ୍ ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କୃଷ୍ଣପ୍ରସାଦ ଅଞ୍ଚଳର ବିକାଶ ଏବଂ ଯୋଗାଯୋଗକୁ ସୁଗମ କରିବା ଲାଗି ପଞ୍ଚମଶ୍ରେଣୀ ଛାତ୍ର ରିଶପ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ମାରକପତ୍ର ଦେଇଥିଲେ। ତଦନୁଯାୟୀ ଗୁରୁବାର ଧର୍ମେନ୍ଦ୍ର ଏହି ଚିଠି ଲେଖିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କୁ ଚିଠି ଲେଖି ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି ଯେ, କୃଷ୍ଣପ୍ରସାଦ ଅଞ୍ଚଳର ରିଶପ ପ୍ରଧାନ ମାତାପିତାଙ୍କ ସହଯୋଗରେ ଯୁକ୍ତିଯୁକ୍ତ କାରଣ ଦର୍ଶାଇ ଏକ ଦାବିପତ୍ର ତାଙ୍କୁ ପଠାଇଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି, କୃଷ୍ଣପ୍ରସାଦ ବ୍ଲକର ୯୬ ଗ୍ରାମର ବାସିନ୍ଦା ପୁରୀ ମୁଖ୍ୟାଳୟକୁ ଆସିବା ଲାଗି ଜଳପଥ ଉପରେ ନିର୍ଭର କରୁଛନ୍ତି। ଜରୁରୀ ସମୟରେ ଦୈନିକ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ହ୍ରଦର ପୂର୍ବ ଉପକୂଳକୁ ଭାରତମାଳା ପ୍ରକଳ୍ପରେ ସାମିଲ କରିବା ପ୍ରସଙ୍ଗର ପୁନର୍ବିଚାର କରିବାକୁ ସେ ଅନୁରୋଧ କରିଛନ୍ତି। କୃଷ୍ଣପ୍ରସାଦ ବ୍ଲକ ସାତପଡ଼ାରୁ ଜହ୍ନିକୁଦା ଯାଏ ବ୍ରିଜ୍ ନିର୍ମାଣ କରିବା ଉଚିତ ବୋଲି ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ସ୍ୱପ୍ନ ସାକାର କରିବା ହିଁ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି: ନିରଞ୍ଜନ


ପୁରୀ ଜିଲା କଂଗ୍ରେସ କମିଟି ସଭାପତି ଅଜିତ ମଙ୍ଗରାଜଙ୍କ ବିୟୋଗରେ କଂଗ୍ରେସ ଭବନଠାରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୫।୪(ବ୍ୟୁରୋ)

**ଅଜିତଙ୍କ ପାଇଁ ଶୋକସଭା କଲା ପିସିସି**

ପିପିଲି ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ତଥା ପୁରୀ ଜିଲା କଂଗ୍ରେସ କମିଟି ସଭାପତି ଅଜିତ ମଙ୍ଗରାଜଙ୍କ ଅକାଳ ବିୟୋଗରେ ଗୁରୁବାର କଂଗ୍ରେସ ଭବନଠାରେ ଏକ ଶୋକସଭା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତ ମଙ୍ଗରାଜଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ନିରଞ୍ଜନ କହିଥିଲେ, ଅଜିତବାବୁଙ୍କ ମୃତ୍ୟୁ ଦଳ ପାଇଁ ଅପୂରଣୀୟ କ୍ଷତି। ସେ ପୁରୀ ଜିଲା କଂଗ୍ରେସ କମିଟି ସଭାପତି ଦାୟିତ୍ୱ ନେବା ପରଠାରୁ କଂଗ୍ରେସକୁ ମଜଭୁତ କରିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିଲେ। ଦଳ ପ୍ରତି ତାଙ୍କର ସ୍ୱପ୍ନକୁ ଆମ୍ଭେମାନେ ସାକାର କରିପାରିଲେ ତାହା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ। ଏହାସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ପିସିସି ସଭାପତି ଗଭୀର ସମବେଦନା ଜଣାଇଛନ୍ତି। ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଜି. ରୁଦ୍ର ରାଜୁ କହିଛନ୍ତି, ସ୍ୱର୍ଗତ ମଙ୍ଗରାଜ କଂଗ୍ରେସ ଦଳର ଜଣେ ସଚ୍ଚା କର୍ମୀ ଥିଲେ। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ପ୍ରଭାରୀ ଏ ଚେଲ୍ଲାକୁମାରଙ୍କ ପକ୍ଷରୁ ତାଙ୍କୁ ଗଭୀର ସମବେଦନା ଜଣାଇଥିଲେ।

# ପୂର୍ବ ସ୍ଥାନକୁ ଫେରିଲେ ୨୮ ଇନ୍‌ଚାର୍ଜ ଡିଏସ୍‌ପି

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଓଡିଶା ପୋଲିସ୍‌ର ୨୮ଜଣ ଇନ୍‌ଚାର୍ଜ ଡିଏସ୍‌ପିଙ୍କୁ ତାଙ୍କ ପୂର୍ବ ସ୍ଥାନକୁ ଫେରାଇ ଅଣାଯାଇଛି। ସେମାନେ ଇନ୍‌ସ୍ପେକ୍ଟର ପ୍ୟାହାରେ କାର୍ଯ୍ୟ କରିବେ। ଏନେଇ ପୋଲିସ ମୁଖ୍ୟାଳୟ ପକ୍ଷରୁ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ଜାନୁୟାରୀରେ ଗୃହ ବିଭାଗ ପକ୍ଷରୁ ୩୦୧ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିଲା। ଏମାନଙ୍କ ମଧ୍ୟରୁ କେତେଜଣ ପୂର୍ବରୁ ଇନ୍‌ଚାର୍ଜ ଡିଏସ୍‌ପି ଭାବେ କାର୍ଯ୍ୟରତ ଥିଲେ। ହେଲେ ପଦୋନ୍ନତି ବିଜ୍ଞପ୍ତିରେ ୨୮ଜଣ ଇନ୍‌ଚାର୍ଜ ଡିଏସ୍‌ପିଙ୍କ ନାମ ନ ଥିଲା। କେତେଜଣଙ୍କ ନାମରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଚାଲିଥିବାବେଳେ ଆଉ କେତେଜଣ ନିଜ ସିସିଆର୍ ଉପରିସ୍ଥ ଅଧିକାରୀଙ୍କ ନିକଟରେ ପ୍ରଦାନ କରି ନ ଥିବାରୁ ପଦୋନ୍ନତିରୁ ବଞ୍ଚିତ ହୋଇଥିଲେ। ତେବେ ଏନେଇ ସମ୍ପୃକ୍ତ ଅଫିସରମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ଏବେ କୋର୍ଟରେ ବିଚାରାଧୀନ ଥିବାବେଳେ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ସେମାନଙ୍କୁ ଇନ୍ସପେକ୍ଟର ପାହ୍ୟାକୁ ନିଆଯାଇଛି। ସେମାନେ ହେଲେ ଅମର କୁମାର ନାୟକ, ଜୟ ନାରାୟଣ ପଟେଲ, ରମେଶ କୁମାର ମୁଖି, ହାଡିବନ୍ଧୁ ସ୍ୱାଇଁ, ଲଳିତ ପରିଡା, କୃଷ୍ଣପ୍ରସାଦ ଦାସ, ଅନୂପ କୁମାର କାନୁନ୍‌ଗୋ, ସୁରେନ୍ଦ୍ରନାଥ ରାଏଗୁରୁ, ବିଶ୍ୱ ପ୍ରକାଶ ପଟ୍ଟନାୟକ, ସତ୍ୟଜିତ୍ ମିଶ୍ର, ରାମକୃଷ୍ଣ ପତି, ସୂର୍ଯ୍ୟମଣୀ ପ୍ରଧାନ, ବିଚିତ୍ରାନନ୍ଦ ସାମଲ, କୈଳାସ ଚନ୍ଦ୍ର ଆଚାର୍ଯ୍ୟ, ଇତି ଦାସ, ମନୋଜ କୁମାର ସାମନ୍ତ, ସୁପ୍ରସନ୍ନ କୁମାର ମଲିକ, ରଞ୍ଜନ କୁମାର ଦେ, ପୁଷ୍ପଲତା ବାରିକ, ଅତନୁକୁମାର ରାଉତ, ଅଶୋକ କୁମାର ଦାସ, ପ୍ରଫୁଲ୍ଲ ବାର୍ଲା, ରମାକାନ୍ତ ସାହୁ, ଶ୍ରୀମନ୍ତ ବାରିକ, ଗୋବିନ୍ଦ ଚନ୍ଦ୍ର ବୁରୁଦ, ଅଜୟ ମିଶ୍ର, ମନୋଜ କୁମାର ରାଉତ ଓ ରବିନାରାୟଣ ପାଢୀ।

## ୮ ଦିନରେ ୨.୪୩ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

କଟକ ଅଫିସ, ୧୫।୪

କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ ଜାରି ରହିଛି। ୮ଦିନ ମଧ୍ୟରେ ୨କୋଟି ୪୩ ଲକ୍ଷ ୬୪ ହଜାର ୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗତ ୭ତାରିଖରୁ ଆରମ୍ଭ ହୋଇଥିବା ସ୍ପେଶାଲ ଡ୍ରାଇଭ ୧୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଡ୍ରାଇଭର ଅଷ୍ଟମ ଦିନରେ ଗୁରୁବାର ସାମାଜିକ ଦୂରତା ନିୟମ ଭଙ୍ଗ କରିଥିବା ୭୭୩ ବ୍ୟକ୍ତିଙ୍କଠାରୁ ୧ଲକ୍ଷ ୩୧ ହଜାର ୫୦୦ ଟଙ୍କା ଓ ମାସ୍କ ପିନ୍ଧି ନ ଥିବା ୭, ୯୪୧ ଜଣଙ୍କଠାରୁ ୨୪ ଲକ୍ଷ ୮୪ ହଜାର ୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ରାଜ୍ୟରେ କରୋନା ନିୟମ ଉଲ୍ଲଂଘନକାରୀଙ୍କ ଉପରେ ରୋକ ଲଗାଇବା ପାଇଁ ୧୩୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଏକ ପ୍ରେସ ବିବୃତିରେ ଗୁରୁବାର ସୂଚନା ଦିଆଯାଇଛି।

# ଗୃହ ସଚିବ, ଡିଜିପି, ଏସ୍‌ପିଙ୍କୁ ଜବାବ ତଲବ

ଯାଜପୁର ଅଫିସ,୧୫।୪

- ଲୋକାୟୁକ୍ତରେ ସର୍ବେଶ୍ୱରଙ୍କୁ ବୋମା ମାଡ଼ ମାମଲା
- ୩ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ସୂଚନା କର୍ମୀ ତଥା ଭାଜପା ନେତା ସର୍ବେଶ୍ୱର ବେହୁରାଙ୍କ ଉପରକୁ ବୋମା ମାଡ଼ ହୋଇଥିଲା । ଏହି ଘଟଣାକୁ ନେଇ ଲୋକାୟୁକ୍ତରେ ଏକ ମାମଲା (ନଂ.୨୫୫/୨୦୨୧)ରୁଜୁ ହୋଇଛି। ଏହି କ୍ରମରେ ତା.୧୨।୪।୨୦୨୧ରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଭ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶରେ ଦର୍ଶାଯାଇଛି, ଏହିଘଟଣାରେ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ଏବଂ ଖଣି ମାଫିଆମାନେ ସମ୍ପୃକ୍ତ ଥିବାରୁ ପୋଲିସ ଦ୍ୱାରା ଉପଯୁକ୍ତ ଅନୁସନ୍ଧାନ ଏବଂ ଗିରଫଦାରି ହେଉନାହିଁ। ଏହି ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସଚିବ, ଡିଜିପି, ଯାଜପୁର ଏସ୍‌ପି, ଧର୍ମଶାଳା ଥାନା ଆଇଆଇସିଙ୍କୁ ଜବାବ ତଲବ କରାଯାଇଛି। ଏନେଇ ୩ ସପ୍ତାହ ମଧ୍ୟରେ ରେଜିଷ୍ଟର୍ଡ୍ ପୋଷ୍ଟ ଓ ଏଡି ଜରିଆରେ ଜବାବ ଦାଖଲ କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ତା୨୭।୩।୨୦୨୧ରିଖ ରାତି ପ୍ରାୟ ୯ଟାରେ ଯାଜପୁର ଜିଲା ଧର୍ମଶାଳା ଥାନା ଇମାମନଗରଠାରେ ସର୍ବେଶ୍ୱର ଓ ତାଙ୍କ ୨ ସାଙ୍ଗଙ୍କ ଉପରକୁ ବୋମା ମାଡ ହୋଇଥିଲା। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର ଶିବାନୀ ବେହେରା(୧୯), ଯାଜପୁର ଜିଲା ବଡଚଣା ଥାନା ଅନ୍ତର୍ଗତ କୁଆଁରପୁର ଗ୍ରାମର ଶମ୍ଭୁନାଥ ନାୟକ(୩୨) ଓ ଢେଙ୍କାନାଳ ଜିଲା ଗଁଦିଆ ଥାନା ଅନ୍ତର୍ଗତ ଷଣ୍ଢପକ୍ଷି ପାଟଣା ଗ୍ରାମର କାଳିଆ ଦାସ(୨୮) । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବେହୁରାଙ୍କ ଉପରେ ୪ଟି ବୋମା ମାଡ ହୋଇଥିଲା। ଧର୍ମଶାଳା ତହସିଲ ଅଞ୍ଚଳରେ ବେଆଇନ କଳାପଥର ଉତ୍ତୋଳନ କାରବାର ଉପରେ ବେହୁରା ବିଭିନ୍ନସ୍ତରରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ମଧ୍ୟ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବାରମ୍ବାର ବେଆଇନ କାରବାର ଉପରେ ହସ୍ତକ୍ଷେପ କରୁଥିବା ବେହୁରାଙ୍କୁ ଜୀବନରେ ମାରି ଦେବାକୁ ଅଭିଯୁକ୍ତମାନେ ଯୋଜନା କରିଥିଲେ। ଡଙ୍କାରୀରେ କଳାପଥର ଉତ୍ତୋଳନ କରୁଥିବା ଜଣେ ପଥର ବ୍ୟବସାୟୀଙ୍କ ପ୍ରରୋଚନାରେ ବୋମାମାଡ ଯୋଜନା ହୋଇଥିଲା। ତେବେ ପୂର୍ବରୁ ଡଙ୍କାରୀ ଆର୍‌ଆଇଙ୍କ ରିପୋର୍ଟ ଆଧାରରେ ଧର୍ମଶାଳା ତହସିଲଦାର ପତ୍ରସଂଖ୍ୟା ୪୩୦୨ରେ ଜେନାପୁର ଥାନା ଆଇଆଇସିଙ୍କୁ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତାହା କାର୍ଯ୍ୟକାରୀ ନ ହେବାରୁ ଉପରୋକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣଙ୍କ ନିର୍ଦ୍ଦେଶରେ ବୋମାମାଡ ହୋଇଥିବା ଅଭିଯୋଗ ହୋଇଛି। ତେବେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟମାନଙ୍କୁ ଏଯାଏ ପୋଲିସ ଗିରଫ କରି ପାରି ନ ଥିବାରୁ ସୂଚନା କର୍ମୀ ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି।

**ରାମ କପୁର ପିତାଙ୍କ ପରଲୋକ**

**ମୁମ୍ବାଇ:** ଛୋଟ ପରଦାର ଲୋକପ୍ରିୟ ଧାରାବାହିକ 'ବଡେ ଅଚ୍ଛେ ଲଗତେ ହେଁ' ଅଭିନେତା ରାମ କପୁରଙ୍କ ପିତା ଅନିଲ କପୁରଙ୍କ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲା। ଅନିଲ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଥିଲେ। ସୋମବାର ତାଙ୍କର ଦେହାନ୍ତ ଘଟିଥିବାବେଳେ ବୁଧବାର ରାମ ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ଏନେଇ ସୂଚନା ଦେଇଛନ୍ତି। ପ୍ରଶଂସକମାନେ ଶୋକବ୍ୟକ୍ତ କରିବା ସହ ରାମଙ୍କୁ ସମବେଦନା ଜଣାଇଛନ୍ତି।



# କରୋନା ବଢ଼ାଇଛି କଫିନ୍ ବ୍ୟବସାୟ

**୨୦୧୯ରୁ ବିଶ୍ୱକୁ ଭୟଭୀତ କରି ରଖିଛି ଅଦୃଶ୍ୟ ଭୂତାଣୁ। ପାଖାପାଖି ଦେଢ଼ବର୍ଷ ଧରି କରୋନା କାୟାରେ ସନ୍ତୁଳି ହେଉଛି ମାନବ ଜାତି। କୋଭିଡ୍‌ରେ ଆକ୍ରାନ୍ତ ହୋଇ ୨୯.୬ ଲକ୍ଷରୁ ଊର୍ଦ୍ଧ୍ୱ ସଂକ୍ରମିତଙ୍କ ଜୀବନ ଗଲାଣି। କୋଭିଡ୍-୧୯ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେଇଥିବାବେଳେ କରୋନାର ଉତ୍ପତ୍ତିସ୍ଥଳ ଚାଇନାରେ କଫିନ ଉଦ୍ୟୋଗ ଲାଭବାନ ହୋଇଛି। ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ ଏହି କମ୍ୟୁନିଷ୍ଟ ଦେଶ ଏବେ ବିଭିନ୍ନ ରାଷ୍ଟ୍ରକୁ ସେମାନଙ୍କ ସଂସ୍କୃତି ଅନୁଯାୟୀ କଫିନ ରପ୍ତାନି କରି ବହୁ କୋଟି ଟଙ୍କା କମାଉଛି।**



ନୂଆଦିଲ୍ଲୀ

ପୃଥିବୀର ବୃହତ୍ତମ ଅର୍ଥ ବ୍ୟବସ୍ଥା ଆଡ଼କୁ ଆଗେଇ ଚାଲିଛି ଚାଇନା। କେବଳ ଟେକ୍ନୋଲୋଜି ନୁହେଁ, ଅଣପାରମ୍ପରିକ ସାମଗ୍ରୀ ରପ୍ତାନିରେ ମଧ୍ୟ ଏହି ଦେଶ ବେଶ୍ ଆଗୁଆ। ସେଥିରୁ ଗୋଟିଏ ହେଉଛି କଫିନ୍। ଚାଇନାର ସରକାରୀ ମିଡିଆ ଗ୍ଲୋବାଲ ଟାଇମ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୦ରେ କରୋନା ସଂକ୍ରମଣଜନିତ ମୃତ୍ୟୁ କାରଣରୁ କଫିନ୍ ଇଣ୍ଡଷ୍ଟ୍ରିରେ ୪୮୭% ଅଭିବୃଦ୍ଧି ଘଟିଛି। ହେଲେ ଏଥିଲାଗି ଚାଇନାକୁ କମ୍ ମୁଣ୍ଡ ଖର୍ଚ୍ଚ କରିବାକୁ ପଡ଼ିନି। ସମ୍ପୃକ୍ତ ଦେଶର ସଂସ୍କୃତିକୁ ବୁଝିବା, ତଦନୁଯାୟୀ କଫିନ ନିର୍ମାଣ କରିବା ଏବଂ ଏହାର ବିକ୍ରି ଲାଗି ବଜାର ସୃଷ୍ଟି କରିବା ଦିଗରେ ବେଜିଂ ଧ୍ୟାନ କେନ୍ଦ୍ରୀଭୂତ କରିଛି। କରୋନା ସମୟରେ କଫିନ୍‌ର ଚାହିଦା ବୃଦ୍ଧି ଏବଂ ଏହା ପଛରେ ରହିଥିବା କାରଣ ସମ୍ପର୍କରେ ଇ-କମର୍ସ ପ୍ଲାଟ୍‌ଫର୍ମ 'ଆଲିବାବା' ସବିଶେଷ ସୂଚନା ଦେଇଛି। ସଂସ୍ଥା ପକ୍ଷରୁ କୁହାଯାଇଛି, କରୋନା ମୃତକଙ୍କ ଅନ୍ତିମ ସଂସ୍କାର ଲାଗି ବଡ଼ି ବ୍ୟାଗ୍ ଏବଂ କଫିନର ଆବଶ୍ୟକତା ବଢ଼ିଛି। ବିଶେଷ କରି ଆମେରିକା, ମେକ୍ସିକୋ, ଇଟାଲୀ ଭଳି ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକମାନେ ଚାଇନା ନିର୍ମିତ କଫିନ ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି। କେବଳ କରୋନା ସମୟରେ ନୁହେଁ, ଦୀର୍ଘବର୍ଷ ଧରି ଜାପାନବାସୀଙ୍କ ଚାହିଦା ମୁତାବକ ସମସ୍ତ କଫିନ୍ ତିଆରି କରୁଛି ଚାଇନା। ଶାନ୍‌ଡଙ୍ଗ ପ୍ରଦେଶ ଅନ୍ତର୍ଗତ 'କାଓଝୁ' ଚାଇନାର କଫିନ ସିଟି ଭାବେ ପରିଚିତ। ଏଠାରୁ ପ୍ରସ୍ତୁତ ହେଉଥିବା କଫିନ୍‌ର ହାରାହାରି ୯୦% ଜାପାନକୁ ରପ୍ତାନି କରାଯାଇଥାଏ।

## ଏମିତି ହୋଇଥିଲା ଆରମ୍ଭ

ଚାଇନିଜ୍ ୱେବ୍‌ସାଇଟ୍ ୱାଇଆଇସିଏଆଇ ଡଟ୍ କମ୍ (YICAI.COM) ଅନୁଯାୟୀ, ଜାପାନ ପାଇଁ ସ୍ୱତନ୍ତ୍ର ଭାବେ କଫିନ୍ ନିର୍ମାଣ କରିବା କାର୍ଯ୍ୟ ୧୯୯୦ରେ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଏହି ଉତ୍ପାଦ ସେତେଟା ଗ୍ରହଣୀୟ ହୋଇପାରି ନ ଥିଲା। ତେଣୁ କଫିନ୍ ନିର୍ମାଣ ଲାଗି ବ୍ୟବହୃତ କଞ୍ଚାମାଲ ରପ୍ତାନି କରାଗଲା। ହେଲେ ସ୍ଥାନୀୟ ଲୋକେ ଉନ୍ନତ ଧରଣର କଫିନ୍ ନିର୍ମାଣ କରିବାକୁ ମନବଳାଇଲେ।



ପରବର୍ତ୍ତୀ ସମୟରେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିଭିନ୍ନ ଖୋଦେଇ କରାଗଲା। ତଥାପି ଜାପାନବାସୀଙ୍କ ଭିତରେ ଏହା ଆଦୃତ ହୋଇପାରିଲାନାହିଁ। କାରଣ ସେମାନେ ହାଲ୍‌କା କଫିନ୍ ଚାହୁଁଥିଲେ। ତେଣୁ 'କାଓଝୁ'ର କଫିନ୍ ନିର୍ମାତାମାନେ ଏହାର ବିକଳ୍ପ ଖୋଜିବା ଆରମ୍ଭ କଲେ। କାଠକୁ ଖୋଦେଇ କରିବା ବଦଳରେ ହାଲ୍‌କା କପଡ଼ାରେ ଚିତ୍ରିତ ଡିଜାଇନ୍ କଫିନ୍‌ରେ ଲଗାଇଲେ, ଯାହା ପରବର୍ତ୍ତୀ ସମୟରେ ବେଶ୍ ଲୋକପ୍ରିୟ ହୋଇପାରିଥିଲା।

## ବର୍ଷକୁ ୭.୫ ଲକ୍ଷ ଶବପେଟି ତିଆରି କରୁଛି ଚାଇନା

ଚାଇନାରେ ବର୍ଷକୁ ହାରାହାରି ସାଢ଼େ ୭ ଲକ୍ଷ କଫିନ୍ (ଶବପେଟି) ନିର୍ମାଣ କରାଯାଉଛି। ଏହାର ମୂଲ୍ୟ ୫ ହଜାରରୁ ଆରମ୍ଭ କରି ୨୨ ହଜାର ଯାଏ ରହୁଛି। ଅର୍ଡର ଅନୁଯାୟୀ ସ୍ୱତନ୍ତ୍ର କଫିନ୍ ମଧ୍ୟ ନିର୍ମାଣ କରାଯାଉଛି। 'କାଓଝୁ'ର କଫିନ୍ ନିର୍ମାତାମାନେ ନିଜର ବ୍ୟବସାୟ ବଢ଼ାଇବାକୁ କୂଟନୀତି ଆରମ୍ଭ କରିଛନ୍ତି। ଜାପାନବାସୀଙ୍କ ନିକଟତର ହେବା, ସେମାନଙ୍କ ଭାଷା, ସଂସ୍କୃତି ଓ ଧର୍ମବିଶ୍ୱାସ ଜାଣିବାକୁ ସେମାନେ ନିଜର ପିଲାମାନଙ୍କୁ ସେଠାକୁ ପାଠ ପଢ଼ାଇବାକୁ ପଠାଉଛନ୍ତି। ସେହିପରି ଅନେକ ଚାଇନିଜ କମ୍ପାନୀ ଜାପାନରେ ସୁବିଧାରେ କଫିନ୍ ବିକ୍ରି କରିବାକୁ ନିଜର ନେଟୱର୍କ ବଢ଼ାଉଛନ୍ତି।

**ପୋଷାଜନ୍ତୁଙ୍କ ପାଇଁ ସ୍ୱତନ୍ତ୍ର ଭାବେ ମିଳୁଛି**

ପୋଷାପ୍ରାଣୀଙ୍କୁ ମଣିଷ ଭଳି ଯତ୍ନ ନେଇ ପାଳିବାରେ ବିଶ୍ୱରେ ପ୍ରଥମ ଜାପାନ। ଏଠାରେ କୁକୁର, ବିଲେଇଙ୍କୁ ମୃତ୍ୟୁ ପରେ କବର ଦିଆଯିବା ପ୍ରଥା ବହୁ ପୁରୁଣା। ଏଥିଲାଗି ସମ୍ପୃକ୍ତ ପୋଷାଜୀବର ମାଲିକମାନେ ବେଶ୍ ସଚେତନ। ଏହାକୁ ନଜରରେ ରଖି ଅନେକ କମ୍ପାନୀ ସ୍ୱତନ୍ତ୍ର ଧରଣର କଫିନ୍ ପ୍ରସ୍ତୁତ କରୁଛନ୍ତି। ଏହା ଆକାରରେ ଛୋଟ ହୋଇଥିଲେ ମଧ୍ୟ ନିର୍ମାଣ ଶୈଳୀ, ଡିଜାଇନ ପ୍ରାୟ ସମାନ।

## ବଢୁଛି ଅନ୍ଧବିଶ୍ୱାସ

ଚାଇନାରେ ପିଢ଼ି ପରେ ପିଢ଼ି ଧରି କଫିନ ତିଆରି କରୁଥିବା ପରିବାର ଭିତରେ ଅନ୍ଧବିଶ୍ୱାସ ବଢ଼ିବାରେ ଲାଗିଛି। 'ୱିକ୍ ଇନ୍ ଚାଇନା'ର ଏକ ରିପୋର୍ଟ ଅନୁଯାୟୀ, କଫିନ୍ ପ୍ରସ୍ତୁତ କରୁଥିବା ପରିବାର ମୁଖିଆ ନିଜର ଝିଅଙ୍କୁ ବିବାହ ଦେବାକୁ ଅମଙ୍ଗ ହେଉଛନ୍ତି। ଝିଅଙ୍କୁ ବିବାହ ଦେବା ଦ୍ୱାରା ସେମାନଙ୍କ ଅକାଳରେ ମୃତ୍ୟୁ ଘଟିବା ଏବଂ ବିଦାୟ ବେଳାରେ ବରକନ୍ୟାଙ୍କ ଦୁର୍ଘଟଣା ଘଟିବା ଭଳି ଅନ୍ଧବିଶ୍ୱାସ ରହିଛି। ତେଣୁ ସେମାନେ କଫିନ୍ ନିର୍ମାଣ ସମ୍ପର୍କିତ କୌଣସି ବିଜ୍ଞାପନ କରନ୍ତି ନାହିଁ। କେବଳ ଏତିକି ନୁହେଁ, ନିଜର କଫିନ୍ ୱାର୍କଶପ୍‌କୁ ସେମାନେ କ୍ରାଫ୍ଟ ବିଜ୍‌ନେସ ବୋଲି କହିଥାନ୍ତି।

# ସ୍ତ୍ରୀଙ୍କୁ ବଞ୍ଚାଇବାକୁ ବଜାଉଛନ୍ତି ଭାଓଲିନ୍



**କୋଲକାତା:** ପ୍ରେମର ନୂତନ ପରିଭାଷା ସୃଷ୍ଟି କରିଛନ୍ତି ପଶ୍ଚିମବଙ୍ଗରେ ରହୁଥିବା ସ୍ୱପନ ସେଟ। କୋଲକାତାର ବଳରାମ ଡେ ଷ୍ଟ୍ରିଟ୍‌ରେ ବାସ କରୁଥିବା ସ୍ୱପନଙ୍କ ସ୍ତ୍ରୀ ୨୦୦୨ରୁ କ୍ୟାନ୍‌ସରରେ ପୀଡ଼ିତ। ଏହି ରୋଗ ବିଷୟରେ ଜଣାପଡ଼ିବା ପରେ ସ୍ୱପନଙ୍କ ଜୀବନ ବଦଳିଯାଇଥିଲା। ସେ ତାଙ୍କ ସ୍ତ୍ରୀଙ୍କୁ ବଞ୍ଚାଇବା ପାଇଁ ଏଭଳି କିଛି ନିଷ୍ପତ୍ତି ନେଇଥିଲେ ଯାହା ଶୁଣିଲେ ଆପଣଙ୍କ ଆଖି ଓଦା ହୋଇପାରେ।

ସ୍ୱପନ୍ ଭଲ ଭାଓଲିନ୍ ବଜାଇଥାନ୍ତି। ଏହାଛଡ଼ା ତାଙ୍କର ଚିତ୍ରକଳା ଏବଂ ମୂର୍ତ୍ତି ନିର୍ମାଣ ଆଦିରେ ମଧ୍ୟ ଅଭିଜ୍ଞତା ରହିଛି। ସ୍ତ୍ରୀଙ୍କୁ କ୍ୟାନ୍‌ସର ହେବା କଥା ସେ ଜାଣିବାକୁ ପାଇବ ପରେ ସେ ଅଧିକ ଟଙ୍କା ରୋଜଗାର କରିବାକୁ ଚାହିଁଥିଲେ। ସେ ନିଜର କଳାକୁ ବ୍ୟବହାର କରି ସ୍ତ୍ରୀଙ୍କ ଜୀବନ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ଧଳା କୁର୍ତ୍ତା ଏବଂ ଧୋତି ପିନ୍ଧିବାକୁ ପସନ୍ଦ କରୁଥିବା ସ୍ୱପନ ଭାଓଲିନ୍‌ରେ ହିଁ ତାଙ୍କର ଖୁସି ରହିଛି ବୋଲି ଜାଣିଥିଲେ। ଶେଷରେ ସେ କୋଲକାତା ରାସ୍ତାରେ ଭାଓଲିନ ବଜାଇବା ଆରମ୍ଭ କରିଥିଲେ। ଏବେ ସେ ଦେଶର ଭିନ୍ନ ଭିନ୍ନ ଅଞ୍ଚଳକୁ ଯାଇ ଭାଓଲିନ୍ ବଜାଇ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ଟଙ୍କା ଯୋଗାଡ଼ କରିଆସୁଛନ୍ତି। ଦୀର୍ଘ ୧୭ ବର୍ଷ ଧରି ସେ ଏଭଳି କରି ସ୍ତ୍ରୀଙ୍କ ଆରୋଗ୍ୟ ପାଇଁ ଉଦ୍ୟମ ଜାରି ରଖିଛନ୍ତି।

# ଛୁଟି ପାଇଁ ସ୍ତ୍ରୀଙ୍କୁ ୪ ଥର ବିବାହ



**ତାଇପେଇ:** ସାଧାରଣତଃ ଜଣେ ବ୍ୟକ୍ତି ସ୍ତ୍ରୀଙ୍କୁ ଛାଡପତ୍ର ଦେଲାପରେ ଆଉ ଜଣଙ୍କୁ ବିବାହ କରିଥାନ୍ତି। ହେଲେ ତାଇପେଇରୁ ଏପରି ଏକ ମାମଲା ସାମ୍ନାକୁ ଆସିଛି ଯାହା ଜାଣିବା ପରେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ। ଜଣେ ବ୍ୟକ୍ତି ୪ ଥର ତାଙ୍କ ସ୍ତ୍ରୀଙ୍କୁ ବିବାହ କରିଥିବାବେଳେ ୩ ଥର ଛାଡପତ୍ର ଦେଇଛନ୍ତି।

ରିପୋର୍ଟ ମୁତାବକ, ତାଇପେଇର ଏହି ବ୍ୟକ୍ତିଜଣଙ୍କ ବ୍ୟାଙ୍କରେ କ୍ଲର୍କ ଭାବେ କାମ କରନ୍ତି। ଅଫିସ୍‌ରୁ ଛୁଟି ମିଳିବା କଷ୍ଟକର ହେଉଥିବାରୁ ସେ ବିବାହ ଓ ଛାଡ଼ପତ୍ରର ବାହାନାର ସାହାରା ନେଉଛନ୍ତି। ଗତବର୍ଷ ଏପ୍ରିଲ ୬ରେ ସେ ପ୍ରଥମ ଥର ବିବାହ କରିଥିଲେ। ଏହି ସମୟରେ ତାଙ୍କୁ ୮ ଦିନ ପାଇଁ ପେଡ୍ ଲିଭ୍ ଦିଆଯାଇଥିଲା। ଛୁଟିରୁ ଫେରିବା ପରଦିନ ସେ ସ୍ତ୍ରୀଙ୍କୁ ଛାଡପତ୍ର ଦେଲେ ଏବଂ ପୁଣିଥରେ ତାଙ୍କୁ ବିବାହ କଲେ। ଏଥିପାଇଁ ସେ ଆଉ ଥରେ ଅଫିସରୁ ଛୁଟି ନେଇଥିଲେ। ଏହିପରି ଭାବେ ସେ ୪ଥର ବିବାହ କରିଥିବାବେଳେ ୩ ଥର ଛାଡପତ୍ର ଦେଇଛନ୍ତି। ବ୍ୟାଙ୍କ ତାଙ୍କର ଏଭଳି ବାହାନା ବିଷୟରେ ଜାଣିବା ପରେ ତାଙ୍କୁ ପେଡ୍ ଲିଭ୍ ଦେବାକୁ ମନା କରିଥିଲା। ତେଣୁ ବ୍ୟକ୍ତିଜଣକ କମ୍ପାନୀ ବିପକ୍ଷରେ ତାଇପେଇ ସିଟି ଶ୍ରମିକ ବ୍ୟୁରୋରେ ଅଭିଯୋଗ କରିଛନ୍ତି। ଆଇନ ଅନୁଯାୟୀ, କର୍ମଚାରୀଙ୍କୁ ବିବାହ ପାଇଁ ୮ ଦିନର ଛୁଟି ଦିଆଯିବ। ଏହି ବ୍ୟକ୍ତି ୪ ଥର ବିବାହ ପାଇଁ ୩୨ ଦିନ ଛୁଟି ନେଇସାରିଛନ୍ତି। ବ୍ୟକ୍ତିଙ୍କ ଅଭିଯୋଗ ପରେ ତାଇପେଇ ସିଟି ଲେବର ବ୍ୟୁରୋ ମାମଲାର ଅନୁସନ୍ଧାନ କରି ଶ୍ରମିକ ଆଇନର ଉଲ୍ଲଂଘନ ହୋଇଥିବା ଦର୍ଶାଇବା ସହ ବ୍ୟାଙ୍କ ଉପରେ ୫୨,୮୦୦ ଟଙ୍କା ଜରିମାନା ଲଗାଇଛି।

# ଡେବ୍ୟୁରେ ରୋମାନ୍ସ କରିବେ ଶିଳ୍ପା



ରିଆଲିଟି ଶୋ' 'ବିଗ୍ ବସ୍'-୧୧ର ବିଜେତା ଶିଳ୍ପା ଶିନ୍ଦେ ଅନେକ ଦିନ ହେବ ଛୋଟ ପରଦାରୁ ଦୂରେଇ ଯାଇଛନ୍ତ। କିଛି ଦିନ ପୂର୍ବେ ତାଙ୍କୁ କମେଡି ଶୋ' 'ଗ୍ୟାଙ୍ଗସ୍ ଅଫ୍ ଫିଲ୍ମିସ୍ତାନ'ରେ ଦେଖିବାକୁ ମିଳିଥିଲା। କେତୋଟି ଏପିସୋଡ୍‌ରେ କାମ କରିବା ପରେ ଏହାକୁ ମଧ୍ୟ ସେ ଛାଡିଦେଇଥିଲେ। ପରେ ସେ 'ପୌରୁଷପୁର' ନାମକ ଏକ ୱେବ୍ ସିରିଜରେ ନଜର ଆସିଥିଲେ। 'ଭାବି ଜୀ ଘର୍ ପର ହେଁ' କମେଡି ସିରିଜରେ ମଧ୍ୟ ସେ କାମ କରିଛନ୍ତି। ଏବେ ଶୁଣିବାକୁ ମିଳୁଛି ଯେ, ଶିଳ୍ପା ଖୁବଶୀଘ୍ର ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଫ୍ୟାମିଲି ଡ୍ରାମା ଫିଲ୍ମ 'ବୁନ୍ଦି ରାଇତା'ରେ ତାଙ୍କୁ ଦେଖିବାକୁ ମିଳିବ। ଏହି ଫିଲ୍ମରେ ଶିଳ୍ପା ଭୋଜପୁରୀ ଫିଲ୍ମର ସୁପରଷ୍ଟାର ରବି କିଶନଙ୍କ ସହ ରୋମାନ୍ସ କରିବେ। 'ବୁନ୍ଦି ରାଇତା'ରେ ଶିଳ୍ପା ନେହା କକ୍କରଙ୍କ ପୂର୍ବତନ ପ୍ରେମିକ ହିମାଂଶୁ କୋହଲିଙ୍କ ବଡ଼ ଭଉଣୀ ଚରିତ୍ରରେ ଅଭିନୟ କରିବେ। ଏ ନେଇ ଶିଳ୍ପା କୁହନ୍ତି, 'ମୁଁ ଏକ ଫ୍ୟାମିଲି ଡ୍ରାମା ଫିଲ୍ମରେ କାମ କରିବାକୁ ଯାଉଛି। ଏଥିରେ ମୁଁ ହିମାଂଶୁ କୋହଲିଙ୍କ ବଡ଼ ଭଉଣୀ ଚରିତ୍ରରେ ଅଭିନୟ କରିବି ଏବଂ ଭାଇକୁ ପୁରା ସପୋର୍ଟ କରିବି'। ଏଥିସହ ରବି କିଶନଙ୍କ ସହ ରୋମାନ୍ସ କରିବେ ବୋଲି ସେ କହିଛନ୍ତି। କମଲ ଚନ୍ଦ୍ରାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଶିଳ୍ପାଙ୍କ ସହ ବଙ୍ଗାଳୀ ଫିଲ୍ମ ଅଭିନେତ୍ରୀ ଦର୍ଶନା ବାନିକଙ୍କୁ ମଧ୍ୟ ଦେଖିବାକୁ ମିଳିବ।



# ଅଫିସ୍‌ରେ ମାଲିକଙ୍କୁ ଝାଡୁ ପାହାର

**ବେଜିଂ:** ଚାଇନାର ଏକ ସରକାରୀ ଅଫିସର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜଣେ ମହିଳା କର୍ମଚାରୀ ଅଫିସରେ ଚେୟାରରେ ବସିଥିବା ତାଙ୍କ ମାଲିକଙ୍କୁ ଝାଡୁରେ ନିସ୍ତୁକ ପିଟୁଥିବାର ଦୃଶ୍ୟ ଭିଡିଓରେ ଦେଖିବାକୁ ମିଳୁଛି। ଦକ୍ଷିଣ ଚାଇନାର ଏକ ସରକାରୀ ଅଫିସରେ ବସ୍ ଜଣକ ଜୋହୁ ନାମ୍ନୀ ମହିଳା କର୍ମଚାରୀଙ୍କ ପାଖକୁ ବାରମ୍ବାର ଅଶ୍ଳୀଳ ମେସେଜ୍ ପଠାଉଥିଲେ। ତାଗିଦ୍ ସତ୍ତ୍ୱେ ବସ୍ ୱାଙ୍ଗ୍‌ଙ୍କ ଖରାପ ଅଭ୍ୟାସରେ କୌଣସି ପରିବର୍ତ୍ତନ ଘଟି ନ ଥିଲା। ଶେଷରେ ଜୋହୁ ଘର ସଫା ଟବ୍‌ରେ ପାଣି ଭର୍ତ୍ତି କରି ମାଲିକଙ୍କ ଉପରେ ଢାଳିବା ସହିତ ଝାଡୁରେ ପିଟିଥିଲେ। ଜୋହୁଙ୍କ ସହିତ ବସ୍‌ଙ୍କ ରୁମ୍‌କୁ ଯାଇଥିବା ଅନ୍ୟ ଜଣେ ମହିଳା କର୍ମଚାରୀ ଏହାର ଭିଡିଓ ଶୁଟିଂ କରିଥିଲେ। ୧୪ ମିନିଟର ଏହି ଭିଡିଓକୁ ନେଇ ଏବେ ସୋସିଆଲ ମିଡିଆରେ ସମ୍ପୃକ୍ତା ମହିଳାଙ୍କ ଏପରି କାମକୁ ଅନେକେ ସମର୍ଥନ କରି ବିଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER

ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

ଖର୍ଚ୍ଚ ଋଣରୁ କଟିବ
KUBER FINANCE

ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଲୋନ୍
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ | 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
076830-42752

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ଫିଁପର୍ଡି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ

A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି, ଗଞ୍ଜାମ ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଶୁକ୍ରବାର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୪ | ୨୬.୨ |
| ଚାନ୍ଦବାଲି | ୩୭.୦ | ୨୪.୦ |
| କଟକ | ୩୭.୬ | ୨୪.୨ |
| ପାରାଦୀପ | ୩୨.୪ | ୨୬.୩ |
| ଭୁବନେଶ୍ୱର | ୩୯.୭ | ୨୪.୨ |
| ଗୋପାଳପୁର | ୩୨.୦ | ୨୪.୧ |
| ପୁରୀ | ୩୩.୬ | ୨୬.୪ |
| ଅନୁଗୋଳ | ୩୮.୧ | ୨୨.୬ |
| ବାରିପଦା | ୩୯.୪ | ୨୫.୫ |
| ଝାରସୁଗୁଡ଼ା | ୩୭.୮ | ୨୩.୫ |
| କେନ୍ଦୁଝର | ୩୫.୨ | ୨୨.୬ |
| ସମ୍ବଲପୁର | ୩୬.୦ | ୨୪.୦ |
| ସୁନ୍ଦରଗଡ଼ | - | ୨୩.୦ |
| ହୀରାକୁଦ | ୩୫.୧ | ୨୨.୯ |
| ତାଳଚେର | ୩୭.୫ | ୨୪.୩ |
| ଭବାନୀପାଟଣା | ୩୬.୬ | ୨୧.୫ |
| ବଲାଙ୍ଗୀର | ୩୮.୪ | ୨୨.୦ |
| କୋରାପୁଟ | ୩୬.୦ | ୧୭.୬ |
| ଫୁଲବାଣୀ | ୩୮.୦ | ୧୯.୦ |
| ଟିଟିଲାଗଡ଼ | ୩୮.୨ | ୨୪.୩ |
| ମାଲକାନଗିରି | - | ୨୦.୦ |
| ସୋନପୁର | ୩୮.୮ | ୨୩.୦ |
| ଦାରିଙ୍ଗିବାଡ଼ି | ୩୨.୯ | ୧୮.୫ |
| ନୟାଗଡ଼ | ୩୬.୦ | ୨୦.୫ |
| ବୌଦ୍ଧ | ୩୯.୦ | ୨୧.୫ |
| ଛତ୍ରପୁର | ୩୪.୩ | ୨୪.୭ |
| ପାରଳାଖେମୁଣ୍ଡି | ୩୩.୫ | ୨୨.୦ |
| ରାୟଗଡ଼ା | ୩୯.୨ | ୧୮.୭ |

ଡିଗ୍ରୀ ସେଲ୍‌ସିୟସ୍

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରବୀନ୍ଦ୍ର କୁମାର ମହାପାତ୍ର
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୦୪।୦୮।୧୯୬୩
ତିରୋଧାନ:୧୦।୦୪।୨୦୧୯
ମନେ ପଡୁଅଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି। ଆଜିର ଦିନରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁଅ, ଝିଅ, ଜ୍ୱାଇଁ, ପରିବାର ଓ ବନ୍ଧୁବର୍ଗ
ଧ-୨୦୫୦୬

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ସୁରେନ୍ କୁମାର ପଲେଇ
(ଚରମ୍ପା, ଭଦ୍ରକ)
ଆବିର୍ଭାବ- ୧୬.୦୯.୧୯୬୩
ତିରୋଧାନ- ୦୬.୦୪.୨୦୨୧
ଆପଣ ଦେଇଥିବା ସ୍ନେହ, ଶ୍ରଦ୍ଧା, ଶିକ୍ଷା ଓ ଆଦର୍ଶ ଆମପାଇଁ ଚିରସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ- ବନ୍ଧୁ ଓ ପରିବାର ବର୍ଗ।
ଧ-୬୬୭୮୯



ନିର୍ମଳ କୁମାର ମିଶ୍ର

# ନଜରରେ ଅଲ୍‌ରାଉଣ୍ଡର

**କ୍ରିକେଟର ସବୁ ଫର୍ମାଟ୍‌ରେ ଅଲରାଉଣ୍ଡରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ବିଶ୍ୱର ସର୍ବଶ୍ରେଷ୍ଠ ଟି୨୦ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଏଥିରେ ପଛରେ ପଡିନାହିଁ। ଆଇପିଏଲ୍‌ର ସବୁ ଫ୍ରାଞ୍ଚାଇଜ୍ ବିଶ୍ୱର ବଛାବଛା ଅଲରାଉଣ୍ଡରଙ୍କୁ ଦଳରେ ସାମିଲ କରିଛନ୍ତି। ଏମାନଙ୍କ ମଧ୍ୟରେ ଗ୍ଲେନ୍ ମ୍ୟାକ୍ସୱେଲଙ୍କଠାରୁ ଆରମ୍ଭ କରି ଅର୍ଜୁନ ତେନ୍ଦୁଲକରଙ୍କ ପର୍ଯ୍ୟନ୍ତ କ୍ରିକେଟର ରହିଛନ୍ତି...**

କ୍ରିକେଟ୍‌ର ୩ଟି ଫର୍ମାଟରେ ଅଲରାଉଣ୍ଡରମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଟି-୨୦ ପରି ସଂକ୍ଷିପ୍ତ ଫର୍ମାଟ କଥା ବିଚାର କଲେ ଏମାନଙ୍କର ଚାହିଦା ଢେର ଅଧିକ ରହିଥାଏ। ବ୍ୟାଟିଂ ଅଲରାଉଣ୍ଡର ଏବଂ ବୋଲିଂ ଅଲରାଉଣ୍ଡର ରୂପେ ଏମାନଙ୍କୁ ଶ୍ରେଣୀଭୁକ୍ତ କରାଯାଇଥାଏ। ଅନ୍ୟପକ୍ଷରେ ଏମାନଙ୍କୁ ଥ୍ରିଡି ଖେଳାଳି ମଧ କୁହାଯାଏ। ମୋଷ୍ଟ ଭାଲ୍ୟୁବଲ୍ ପ୍ଲେୟାର ରୂପେ ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂରେ ଏମାନେ ଏକତରଫା ଭାବେ ମ୍ୟାଚ ଜିତାଇବାର ଦକ୍ଷତା ରଖିଥାନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରିକେଟ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଇତିମଧ୍ୟରେ ଆରମ୍ଭ ହୋଇଛି। ଆଇପିଏଲ୍‌ରେ ଫ୍ରାଞ୍ଚାଇଜଗୁଡ଼ିକ ଦ୍ୱାରା ଖେଳାଳି ଅକସନ୍ ସମୟରେ ନିଜ ଦଳରେ ସାମିଲ କରିବା ପାଇଁ ବେଶ୍ ପ୍ରତିଯୋଗିତା ଚାଲେ। ବର୍ତ୍ତମାନ ଆରମ୍ଭ ହୋଇଥିବା ଆଇପିଏଲ ମହାସମରରେ ବିଭିନ୍ନ ଦଳରେ ବିଶ୍ୱର ଦକ୍ଷ ଅଲରାଉଣ୍ଡରମାନେ ସ୍ଥାନ ପାଇଛନ୍ତି। ଏମାନଙ୍କୁ ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂ ଦୃଷ୍ଟିକୋଣରୁ ୩ ଭାଗରେ ବିଭକ୍ତ କରାଯାଏ। ମୁଖ୍ୟ ଅଲରାଉଣ୍ଡର, ଅତି ସହଯୋଗୀ ଅଲରାଉଣ୍ଡର ଏବଂ ସହଯୋଗୀ ଅଲରାଉଣ୍ଡର।

ଆଇପିଏଲ୍‌ର ଶେଷ ୩ଟି ସିଜନ୍ ଦେଖିଲେ ୨୦୧୮ରେ କୋଲକାତା ନାଇଟ ରାଇଡର୍ସ (କେକେଆର)ର ସୁନୀଲ ନାରିନ୍, ୨୦୧୯ରେ ଆନ୍ଦ୍ରେ ରସେଲ୍ ଏବଂ ୨୦୨୦ରେ କୋଫ୍ରା ଆର୍ଚର ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ସର୍ବାଧିକ ରନ୍, ଉଇକେଟ ଏବଂ କ୍ୟାଚ ମାଧ୍ୟମରେ ଆଗରେ ରହିଥିଲେ। ସେହିପରି ଆଇପିଏଲ୍ ସିଜନ୍‌ର କ୍ରମାଗତ ୨ବର୍ଷର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ବେଞ୍ଚ ମାର୍କ ଅଲରାଉଣ୍ଡର ନିର୍ଣ୍ଣୟ କରାଯାଏ। ମୁମ୍ବାଇ ଇଣ୍ଡିଆନ୍ସର ହାର୍ଦ୍ଦିକ ପାଣ୍ଡ୍ୟା ଏଥିରେ ସମସ୍ତଙ୍କୁ ପଛରେ ପକାଇଛନ୍ତି।

ବର୍ତ୍ତମାନ ଆଇପିଏଲ୍ ଖେଳୁଥିବା ୮ଟି ଟିମ୍‌ର ଅଲରାଉଣ୍ଡରମାନଙ୍କ ଉପସ୍ଥିତି ଦେଖିଲେ ପଞ୍ଜାବ କିଙ୍ଗ୍ସ ୮.୦୯ରେଟିଂ ସହ ୮ନଂ. ସ୍ଥାନରେ ରହିଛି। ମୁଖ୍ୟ ଅଲରାଉଣ୍ଡର ରୂପେ ମୋଇସେସ୍ ହେନେରିକ୍ସଙ୍କୁ ଦଳରେ ଯୋଗ ନ ଦେବା ଫଳରେ ଫାବିଆନ ଆଲେନଙ୍କ ଦାୟିତ୍ୱ ବଢିଯାଇଛି। ବ୍ୟାକ୍ ଅପ୍ ଅଲରାଉଣ୍ଡର ରୂପେ କ୍ରିସ୍ ଗେଲ୍ ଏବଂ ଅଦର ବ୍ୟାକ୍ ଅପ ଅଲରାଉଣ୍ଡର ରୂପେ ଦୀପକ ହୁଡା, ଜଲାଜ ସାକସେନା, ହରପ୍ରୀତ ବ୍ରାର୍‌ଙ୍କ ପରି ଅଲରାଉଣ୍ଡର ରହିଛନ୍ତି। ଅନ୍ୟାନ୍ୟ ଦଳକୁ ଦେଖିଲେ ପଞ୍ଜାବ ଟିମ୍‌ରେ ଅଧିକ ଅଲରାଉଣ୍ଡର ରହିଛନ୍ତି। ଏମାନଙ୍କର ପ୍ରଦର୍ଶନ ଉପରେ ଟିମ୍‌ର ଭାଗ୍ୟ ନିର୍ଭର କରୁଛି।

ସେହିପରି ସନରାଇଜର୍ସ ହାଇଦ୍ରାବାଦ ୮.୧୫ ରେଟିଂ ସହ ୭ମ ସ୍ଥାନରେ ରହିଛି। ଦଳରେ ମହମ୍ମଦ ନବୀ, ଜାସନ ହୋଲଡର, ଅଭିଷେକ ଶର୍ମା ଏବଂ କେଦାର ଯାଦବଙ୍କ ପରି ଅଲରାଉଣ୍ଡର ରହିଛନ୍ତି। ଦଳରେ କୌଣସି ବେଞ୍ଚମାର୍କ ଅଲରାଉଣ୍ଡର ନ ଥିବା ବେଳେ ନିଜର ଦକ୍ଷତା ଅନୁସାରେ ଏହି ଖେଳାଳିମାନେ ପ୍ରଦର୍ଶନ କରିବାକୁ ବେଶ୍ ସକ୍ଷମ। ଗତବର୍ଷ ଏହି ଅଲରାଉଣ୍ଡରମାନଙ୍କ ଦକ୍ଷତା ଯୋଗୁ ଦଳ ପ୍ଲେ ଅଫ୍ ଖେଳିବାର ଯୋଗ୍ୟତା ହାସଲ କରିଥିଲା।

ପ୍ରଦର୍ଶନ ଦୃଷ୍ଟିକୋଣରୁ ୮.୫୦ ରେଟିଂ ପଏଣ୍ଟ ସହ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୬ଷ୍ଠ ସ୍ଥାନରେ ରହିଛି। ଦଳରେ ମୁଖ୍ୟ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର, ଡାନିଏଲ୍ ଖ୍ରୀଷ୍ଟିଆନ ଏବଂ ବ୍ୟାକ୍ ଅପ୍ ଅଲରାଉଣ୍ଡର ରୂନେ ଗ୍ଲେନ ମାକ୍ସୱେଲ୍ ରହିଛନ୍ତି। ଦୀର୍ଘ କିଛି ସିଜନ୍ ଧରି ଆଇପିଏଲରେ ଖରାପ ପ୍ରଦର୍ଶନ କରୁଥିବା ମ୍ୟାକ୍ସୱେଲ୍ ଏଥର ଦଳ ପରିବର୍ତ୍ତନ କରିଛନ୍ତି। ଟିମ୍ ନିକଟରେ କାଏଲ ଜେମିସନ୍, ଡନିଏଲ୍ ସାମ୍ସଙ୍କ ପରି ଦକ୍ଷତା ସମ୍ପନ୍ନ ଅଲରାଉଣ୍ଡର ରହିଛନ୍ତି। ୱାଶିଂଟନ ସୁନ୍ଦରଙ୍କ ବ୍ୟକ୍ତିଗତ ରେଟିଂ ୮.୫୮ ରହିଛି। ଅଲରାଉଣ୍ଡରରେ ଭରପୂର ରହିଛି ଦଳ। ଟାଇଟଲ୍ ଆଦୌ ହାସଲ କରି ନ ଥିବା ଦଳ ଏଥର କିପରି ପ୍ରଦର୍ଶନ କରୁଛି ଦେଖିବା କଥା।

ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ପରି ଯୁବଦଳର ସ୍ଥାନ ୮.୫୧ ରେଟିଂ ସହ ୫ମ ସ୍ଥାନରେ ରହିଛି। ମୁଖ୍ୟ ଅଲରାଉଣ୍ଡର ରୂପେ ଦଳରେ ମାର୍କସ ଷ୍ଟୋଇନିସ୍ ଏବଂ ଅକ୍ଷର ପଟେଲ ରହିଥିବା ବେଳେ ବ୍ୟାକ୍ ଅପ୍ ରୂପେ ରବିଚନ୍ଦ୍ରନ ଅଶ୍ୱିନୀ ରହିଛନ୍ତି। ଟମ୍ କୁରାନ, କ୍ରିସ୍ ୱୋକ୍ସ ଏବଂ ଲଲିତ ଯାଦବଙ୍କ ପରି ଅଲରାଉଣ୍ଡର ରହିଛନ୍ତି। କାଗଜ କଲମରେ ଅଲରାଉଣ୍ଡର ଦୃଷ୍ଟି କୋଣରୁ ଦଳ ଶକ୍ତିଶାଳୀ ମନେ ହେଉଛି। ଗତବର୍ଷ ଟିମ୍ ଫାଇନାଲ ଖେଳି ରନର୍ସଅପ୍ ହୋଇଥିଲା। ଡାଇନାମିକ୍ ଅଲରାଉଣ୍ଡର ରୂପେ ରିପାଲ ପଟେଲ ଏବଂ ଲଲିତ ଯାଦବ ସୁଯୋଗ ଅପେକ୍ଷାରେ ରହିଥିବା ବେଳେ ପ୍ରଦର୍ଶନ ଦୃଷ୍ଟି କୋଣରୁ ମାର୍କସ୍ ଷ୍ଟୋଇନିସ୍ ୮.୮୩, ଅକ୍ଷର ପଟେଲ ୮.୫ ଏବଂ ଅଶ୍ୱିନୀ ୮.୨୫ ରେଟିଂ ପଏଣ୍ଟ ସହ ଦଳକୁ ଶକ୍ତିଶାଳୀ କରିଛନ୍ତି।

ରାଜସ୍ଥାନ ରୟାଲ୍ସ ଦଳର ମୋଟାମୋଟି ରେଟିଂ ୮.୬୩ ରହିଛି। ମୁଖ୍ୟ ଅଲରାଉଣ୍ଡର ରୂପେ ଆଇପିଏଲ୍ ଇତିହାସରେ ସବୁଠାରୁ ଦାମୀ ବିଦେଶୀ ଖେଳାଳି କ୍ରିସ୍ ମୋରିସ୍ ଏବଂ ବେନ୍ ଷ୍ଟୋକ୍ସ ରହିଛନ୍ତି। ଦଳ ଏହି ଦୁଇ ଅଲରାଉଣ୍ଡରଙ୍କଠାରୁ ବେଶ୍ ଭଲ ପ୍ରଦର୍ଶନ ଆଶା କରୁଥିବା ବେଳେ ବେଶ୍ ଚାପରେ ଅଛନ୍ତି ଏହି ଅଲରାଉଣ୍ଡର ଦ୍ୱୟ। ରାହୁଲ ଟେୱାଟିଆ ଏମାନଙ୍କୁ ସହାୟତା ଦେବେ। ଭଲ ପୋଜିସନ୍‌ରେ ରହିଛି ଦଳ। ଏହି ସମସ୍ତ ଅଲରାଉଣ୍ଡରମାନେ ସମସ୍ତ ମ୍ୟାଚ ଖେଳିବାର ସମ୍ଭାବନା ରହିଛି। ଅଲରାଉଣ୍ଡର ଦୃଷ୍ଟି କୋଣରୁ ୪ନଂ ସ୍ଥାନରେ ରହିଛି ରାଜସ୍ଥାନ।

ସେହିପରି ୩ଥର ଆଇପିଏଲ ଚାମ୍ପିୟନ ଦଳ ଚେନ୍ନାଇ ସୁପର କିଙ୍ଗ୍ସ ୮.୬୬ ରେଟିଂ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛି। ମୁଖ୍ୟ ଅଲରାଉଣ୍ଡର ରୂପେ ରବୀନ୍ଦ୍ର ଜାଡେଜା, ସାମ କୁରାନ ଏବଂ ବ୍ୟାକ୍ ଅପ୍ ଅଲରାଉଣ୍ଡର ରୂପେ ଡ୍ୱେନ ବ୍ରାଭୋ ଏବଂ ଅନ୍ୟ ଉପଯୋଗୀ ଅଲରାଉଣ୍ଡର ରୂପେ ମୋଇନ୍ ଅଲି, ମିଚେଲ ସାଣ୍ଟନର, କ୍ରିଷ୍ଣାପ୍ପା ଗୋଥାମ ରହିଛନ୍ତି। ଗତ ୧୩ତମ ସଂସ୍କରଣରେ ଦଳ ଅତି ଖରାପ ପ୍ରଦର୍ଶନ କରି ୭ମ ସ୍ଥାନରେ ରହିଥିଲା। ଟିମ୍ କମ୍ବିନେସନ୍ ଆଦୌ ମ୍ୟାଚ ସମୟରେ ଠିକ୍ ନ ଥିଲା। ଏଥର ଟିମ୍‌ର ଭାଗ୍ୟ ଅଲରାଉଣ୍ଡରମାନଙ୍କ ଉପରେ ରହିବ। ଅନେକ ଅଭିଜ୍ଞ ଖେଳାଳିମାନେ ଥିଲେ ମଧ୍ୟ ଦଳ ଚାପରେ ରହିଛି। ଦଳ ତା'ର ପ୍ରଥମ ମ୍ୟାଚ ଦିଲ୍ଲୀଠାରୁ ହାରି ଯାଇଥିବା ବେଳେ ବ୍ରାଭୋ ଏବଂ ମୋଇନ ଅଲିଙ୍କ ଉପରେ ଦଳ ଏଥର ଅଧିକ ନିର୍ଭର କରିବ।

କୋଲକାତା ନାଇଟ୍ ରାଇଡର୍ସ ଦଳ ଅଲରାଉଣ୍ଡର ଦୃଷ୍ଟି କୋଣରୁ ୨ୟ ସ୍ଥାନରେ ରହିବ। ଦଳର ରେଟିଂ ପଏଣ୍ଟ ୮.୭୮। ଦଳର ମୁଖ୍ୟ ଅଲରାଉଣ୍ଡର ଶକିବ ଅଲ ହାସନ୍ ତାଙ୍କର ବ୍ୟକ୍ତିଗତ ରେଟିଂ ପ୍ରଦର୍ଶନ ଦୃଷ୍ଟିରୁ ୯.୧୭ ରହିଛି। ତାଙ୍କ ବ୍ୟତୀତ ଦଳରେ ବେନ୍ କଟିଂ, ସୁନୀଲ ନାରିନ୍ ଏବଂ ପୱନ ନେଗୀ ରହିଛନ୍ତି। ସୁନୀଲ ନାରିନ୍‌ଙ୍କ ପ୍ରଦର୍ଶନ ଗତ ୨ସିଜନ୍ ଧରି ଖରାପ ରହିଛି। ଏହାର ପ୍ରଭାବ ଦଳର ପ୍ରଦର୍ଶନ ଉପରେ ପଡିଛି। ଏମାନଙ୍କ ଉପସ୍ଥିତି ଦଳକୁ ଏଥର ବେଶ୍ ଶାଣିତ କରିବ।

ନଂ. ୧ ପୋଜିସନ୍‌ରେ ରହିଛି ମୁମ୍ବାଇ ଇଣ୍ଡିଆନ୍ସ। ଦଳର ରେଟିଂ ପଏଣ୍ଟ ରହିଛି ୮.୯୭। ଦଳରେ ବେଞ୍ଚମାର୍କ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ରହିଥିବା ବେଳେ କିରନ ପୋଲାର୍ଡ, କୃନାଲ ପାଣ୍ଡ୍ୟା, ଜେମ୍ସ ନେଶାମ୍‌ଙ୍କ ପରି ଅଲରାଉଣ୍ଡର ରହିଛନ୍ତି। ୫ଥର ଆଇପିଏଲ ଚାମ୍ପିୟନ ମୁମ୍ବାଇ ଏଥର ହ୍ୟାଟ୍ରିକ୍ ବିଜୟ ପାଇଁ ନିଶ୍ଚୟ ଚେଷ୍ଟା କରିବ। ଯଦିଓ ଆରମ୍ଭର ପରାଜୟ ସହ ଯାତ୍ରା ଆରମ୍ଭ କରିଛି ତଥାପି ଦଳର ଅଲରାଉଣ୍ଡରମାନେ ଖୁବ୍ ଶୀଘ୍ର ବିଜୟ ଧାରାକୁ ପ୍ରତ୍ୟାବର୍ତ୍ତନ କରିବା ଆଶା କରାଯାଏ।

## ଆଇପିଏଲ୍‌ର ତାରକା ଅଲରାଉଣ୍ଡର

- ଗ୍ଲେନ ମ୍ୟାକ୍ସୱେଲ (ବାଙ୍ଗାଲୋର)
- ଆନ୍ଦ୍ରେ ରସେଲ (କୋଲକାତା)
- କ୍ରିସ୍ ମୋରିସ(ରାଜସ୍ଥାନ)
- ହାର୍ଦ୍ଦିକ ପାଣ୍ଡ୍ୟା (ମୁମ୍ବାଇ)
- କ୍ରୁନାଲ ପାଣ୍ଡ୍ୟା (ମୁମ୍ବାଇ)
- ଶକିବ ଅଲ ହାସନ(କୋଲକାତା)
- ମୋଇନ ଅଲି (ଚେନ୍ନାଇ)
- ସାମ କୁରାନ (ଚେନ୍ନାଇ)
- ଜାସନ ହୋଲ୍ଡର (ହାଇଦ୍ରାବାଦ)
- ଟମ୍ କୁରାନ (ଦିଲ୍ଲୀ)
- କାଏଲ ଜେମିସନ (ବାଙ୍ଗାଲୋର)
- କ୍ରିସ୍ ୱୋକ୍ସ (ଦିଲ୍ଲୀ)
- କିରନ ପୋଲାର୍ଡ (ମୁମ୍ବାଇ)
- ଡ୍ୱେନ ବ୍ରାଭୋ (ଚେନ୍ନାଇ)
- ରବୀନ୍ଦ୍ର ଜାଡେଜା (ଚେନ୍ନାଇ)
- ରବିଚନ୍ଦ୍ରନ ଅଶ୍ୱିନ (ଦିଲ୍ଲୀ)





ଗ୍ଲେନ୍ ମ୍ୟାକ୍ସୱେଲ୍

# ପ୍ରଥମ ମହିଳା ରେଫରି

**ପ୍ରଥମ ମହିଳା ରେଫରି ଭାବେ ରେବେକା ଇଂଲିଶ ପୁରୁଷ ପ୍ରୋ ଲିଗ୍‌ରେ ମ୍ୟାଚ୍ ପରିଚାଳନା କରି ଏକ ବିରଳ ସଫଳତା ହାସଲ କରିଛନ୍ତି। ଏହାପୂର୍ବରୁ ସେ ୨୦୧୭ ଓ ୨୦୨୦ରେ ମହିଳା ଫା କପ୍ ଫାଇନାଲ ପରିଚାଳନା କରି ଫିଫା ଏଲିଟ୍ ଓମେନ୍ସ ଲିଷ୍ଟରେ ସାମିଲ ହୋଇଛନ୍ତି...**



ରେବେକା ୱେଲ୍କ

ମହିଳା ଅମ୍ପାୟରମାନେ ପୁରୁଷ କ୍ରୀଡ଼ାରେ ମ୍ୟାଚ୍ ପରିଚାଳନା କରିବା ନୂଆ କଥା ନୁହେଁ। କ୍ରିକେଟ, ହକି, ଫୁଟବଲଠାରୁ ଆରମ୍ଭ କରି ପ୍ରାୟ ସବୁ ପ୍ରକାର କ୍ରୀଡ଼ାରେ ଏ ନେଇ ଏକାଧିକ ଉଦାହରଣ ରହିଛି। ତେବେ ଇଂଲିଶ ପୁରୁଷ ପ୍ରୋ ଲିଗ୍ ଫୁଟବଲ୍‌ରେ ପ୍ରଥମଥର ପାଇଁ ଜଣେ ମହିଳା ରେଫରିଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ମହିଳା ରେଫରି ଜଣକ ହେଉଛନ୍ତି ରେବେକା ୱେଲ୍କ। ରେବେକା ପ୍ରଥମ ମହିଳା ରେଫରି ଭାବେ ଇଂଲିଶ ଫୁଟବଲ ଲିଗ୍‌ରେ ମ୍ୟାଚ୍ ପରିଚାଳନା କରିଛନ୍ତି। ଏହି ମ୍ୟାଚ୍‌ରେ ପୋର୍ଟ ଭାଲେ ୨-୦ ଗୋଲରେ ହାରୋଗେଟକୁ ପରାସ୍ତ କରିଥିଲା। ଗତ ସୋମବାର ୩୭ ବର୍ଷୀୟା ରେବେକା ଏହି ମ୍ୟାଚ୍ ପରିଚାଳନା କରିଥିଲେ। ରେବେକା ଅବଶ୍ୟ ପୂର୍ବରୁ ୨୦୧୭ ଓ ୨୦୨୦ରେ ମହିଳା ଫା କପ୍ ଫାଇନାଲ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିଥିଲେ। ୧୧ ବର୍ଷ ତଳେ ସେ ରେଫରି ଭାବେ କ୍ୟାରିୟର ଆରମ୍ଭ କରି ବେଶ୍ ସଫଳତା ପାଇଛନ୍ତି। ସେ ମଧ୍ୟ ଫିଫା ଅନ୍ତର୍ଜାତୀୟ ତାଲିକାରେ ସାମିଲ ରହିଛନ୍ତି। ପ୍ରଥମ ମ୍ୟାଚ୍ ରେବେକା ସେତେଟା ତ୍ରୁଟି କରି ନ ଥିଲେ ଓ ଗେମ୍ ଉପରେ ଫୋକସ କରିଥିଲେ। ଅନ୍ତର୍ଜାତୀୟ ଫୁଟବଲ ମହିଳା ରେଫରି ଓ ଲାଇନ୍ସ ମ୍ୟାନ୍‌ଙ୍କର ଯଥେଷ୍ଟ ଅଭାବ ପରିଲକ୍ଷିତ ହେଉଛି। ରେବେକା ଏବେ ଏନେଇ ଉଦାହରଣ ସୃଷ୍ଟି କରିଛନ୍ତି। ଆଗକୁ ଫୁଟବଲରେ ମହିଳା ରେଫରିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ଓ ରେବେକାଙ୍କଠାରୁ ପ୍ରେରଣା ପାଇଁ ମହିଳାମାନେ ରେଫରି ହେବାକୁ ପ୍ରୟାସ କରିବେ। ମୋଟାମୋଟି ଉପରେ ରେବେକା ଇଂଲିଶ ପୁରୁଷ ପ୍ରୋ ଲିଗ୍ ଫୁଟବଲ ଭଲ ଆରମ୍ଭ କରିଛନ୍ତି ବୋଲି ପୋର୍ଟ ଭାଲେ ମ୍ୟାନେଜର ଡାରେଲ କ୍ଲାର୍କ କହିଛନ୍ତି।

ଇଂଲଣ୍ଡ ଜନ୍ମିତ ରେବେକା ନ୍ୟାଶନାଲ ହେଲଥ୍ ସର୍ଭିସ୍ (ଏନ୍ଏଚ୍ଏସ୍)ରେ ପ୍ରଶାସିକା ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ୨୦୧୦ରେ ସେ ପ୍ରଥମେ ଫୁଟବଲ ରେଫରି ଭାବେ କାର୍ଯ୍ୟ କରିଥିଲେ। ତେବେ ୨୦୧୯ ପର୍ଯ୍ୟନ୍ତ ଏନ୍ଏଚ୍ଏସ୍‌ରେ କାର୍ଯ୍ୟ ଜାରି ରଖିଥିଲେ। ପିଲାଟି ବେଳୁ ସେ ଫୁଟବଲ ଖେଳି ଆସୁଥିଲେ। ଡରହାମ୍ କାଉଣ୍ଟି ଫୁଟବଲ ଆସୋସିଏଶନ ସହ ରେଫରି ଭାବେ କୋର୍ସ କରିଥିଲେ। ପ୍ରଥମେ ସେ ମହିଳା ୟୁନିଭର୍ସିଟି ଗେମ୍‌ଗୁଡିକରେ ରେଫରି ଭାବେ କାର୍ଯ୍ୟ କରିଥିଲେ। ରେଫରି ଭାବେ ସେ ମହିଳା ସୁପର ଲିଗ୍, ମହିଳା ଫା କପ୍ ଫାଇନାଲ୍ସ, ୨୦୨୦ ମହିଳା ଫା ଓମେନ୍ସ କମ୍ୟୁନିଟି ସିଲ୍ଡ, ୨୦୧୮-୧୯ ନ୍ୟାଶନାଲ ଲିଗ୍‌ରେ ମ୍ୟାଚ୍ ପରିଚାଳନା କରିଥିଲେ। ୨୦୨୦ରେ ତାଙ୍କୁ ଫିଫା ଏଲିଟ୍ ଓମେନ୍ସ ଲିଷ୍ଟରେ ସାମିଲ କରାଯାଇଥିଲା। ଏହାପରେ ସେ ଅନ୍ତର୍ଜାତୀୟସ୍ତରରେ ମ୍ୟାଚ୍ ପରିଚାଳନାର ସୁଯୋଗ ପାଇଥିଲେ। ରେଫରି ଭାବେ ଆଗକୁ ସେ ଫିଫା ପରିଚାଳିତ ଅନ୍ତର୍ଜାତୀୟ ମ୍ୟାଚ୍‌ରେ କାର୍ଯ୍ୟକରିବାକୁ ଲକ୍ଷ୍ୟ ରଖିଛନ୍ତି। ମହିଳା ହୋଇ ମଧ୍ୟ ପୁରୁଷ ସହ ସମାନ ହେବାକୁ ତାଙ୍କର ପ୍ରୟାସକୁ ଫୁଟବଲ ଜଗତରେ ପ୍ରଶଂସା କରାଯାଉଛି।

# ବିରଳ ରେକର୍ଡ

**ଦିନିକିଆ ଫର୍ମାଟ୍‌ରେ କ୍ରମାଗତ ବିଜୟ ହାସଲରେ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳ ବିଶ୍ୱ ରେକର୍ଡ କରିଛି। ମେଗ୍ ଲାନିଂଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଦଳ କ୍ରମାଗତ ୨୪ଟି ବିଜୟ ହାସଲ କରି ରିକି ପଣ୍ଟିଂଙ୍କ ପୁରୁଷ ଦଳକୁ ପଛରେ ପକାଇଛି। ଏହି ତାଲିକାରେ ଭାରତୀୟ ମହିଳା ଦଳ କ୍ରମାଗତ ୧୬ଟି ବିଜୟ ହାସଲ କରି ପଞ୍ଚମ ସ୍ଥାନରେ ରହିଛି...**



ମେଗ୍ ଲାନିଂ

ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳ ବିଶ୍ୱର ଶ୍ରେଷ୍ଠ ଭାବେ ବିବେଚିତ ହୋଇ ଆସୁଛି। ନିକଟରେ ଏହି ଦଳ ଆଉ ଏକ ବିଶ୍ୱସ୍ତରୀୟ ସଫଳତା ହାସଲ କରିବା ସହ ରେକର୍ଡ କରିଛି। ଅଷ୍ଟ୍ରେଲିଆ ମହିଳା ଦଳ ଦିନିକିଆ ଫର୍ମାଟରେ କ୍ରମାଗତ ବିଜୟ ହାସଲରେ ବିଶ୍ୱ ରେକର୍ଡ ସୃଷ୍ଟି କରିଛି। କ୍ରମାଗତ ଭାବେ ୨୨ଟି ଦିନିକିଆ ମ୍ୟାଚ୍ ଜିତି ଦଳ ଅଷ୍ଟ୍ରେଲିଆ ପୁରୁଷ ଦଳ ରେକର୍ଡକୁ ପଛରେ ପକାଇଛି। କିଛିଦିନ ତଳେ ଅନୁଷ୍ଠିତ ହୋଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ଜିତି ମେଗ୍ ଲାନିଂଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଦଳ ଏହି ରେକର୍ଡ କରିଛି। ଅବଶ୍ୟ ଏହାପରେ ବାକି ଦୁଇଟି ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ କ୍ରମାଗତ ୨୪ ମ୍ୟାଚ୍ ହାତେଇ ନ୍ୟୁଜିଲାଣ୍ଡ ବିପକ୍ଷରେ କ୍ଲିନ ସୁଇପ୍ କରିଥିଲା।

ପୂର୍ବରୁ ରିକି ପଣ୍ଟିଂଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ପୁରୁଷ ଦଳ କ୍ରମାଗତ ୨୧ଟି ଦିନିକିଆ ମ୍ୟାଚ୍ ଜିତି ରେକର୍ଡ କରିଥିଲା। ଅଷ୍ଟ୍ରେଲିଆ ଦଳ ୨୦୦୩ ଜାନୁୟାରୀ ୧୧ରୁ ୨୦୦୩ ମେ ୨୪ ମଧ୍ୟରେ କ୍ରମାଗତ ବିଜୟ ହାସଲ କରି ରେକର୍ଡ କରିଥିଲା। ଦୀର୍ଘ ୧୮ ବର୍ଷ ପରେ ପଣ୍ଟିଂ ଦଳର ରେକର୍ଡକୁ ପଛରେ ପକାଇବାକୁ ସକ୍ଷମ ହୋଇଛି ସେହି ଦେଶର ମହିଳା ଦଳ। ମେଗ୍ ଲାନିଂଙ୍କ ଅଷ୍ଟ୍ରେଲିଆ ମହିଳା ଦଳ ୨୦୧୮ ମାର୍ଚ୍ଚ ୧୨ରୁ ୨୦୨୧ ଏପ୍ରିଲ ୪ ପର୍ଯ୍ୟନ୍ତ କୌଣସି ମ୍ୟାଚ୍‌ରେ ପରାଜିତ ହୋଇ ନ ଥିଲା। ଭାରତ ବିପକ୍ଷରୁ ଅଷ୍ଟ୍ରେଲିଆ ମହିଳା ଦଳର ଏହି ବିଜୟ ଅଭିଯାନ ଆରମ୍ଭ ହୋଇଥିଲା। ଭାରତକୁ ପ୍ରଥମେ ଦିନିକିଆ ସିରିଜରେ ୩-୦ରେ ପରାସ୍ତ କରିବା ପରେ ପାକିସ୍ତାନକୁ ମଧ୍ୟ ସମାନ ଅନ୍ତରରେ ହରାଇଥିଲା। ଏହାପରେ ନ୍ୟୁଜିଲାଣ୍ଡକୁ ୩-୦, ଇଂଲଣ୍ଡକୁ ୩-୦, ୱେଷ୍ଟଇଣ୍ଡିଜକୁ ୩-୦, ଶ୍ରୀଲଙ୍କାକୁ ୩-୦, ପୁଣି ଥରେ ନ୍ୟୁଜିଲାଣ୍ଡକୁ ୩-୦ ଓ ଆଉ ଥରେ ନ୍ୟୁଜିଲାଣ୍ଡକୁ ୩-୦ରେ ଅଷ୍ଟ୍ରେଲିଆ ହରାଇଛି। ଆଗକୁ ଅଷ୍ଟ୍ରେଲିଆ ଏହି ରେକର୍ଡରେ ଉନ୍ନତି ଆଣିବାର ସମ୍ଭାବନା ରହିଛି। ଅଷ୍ଟ୍ରେଲିଆ ମହିଳା ଦଳ ୨୦୧୭ ଅକ୍ଟୋବରରେ ଶେଷଥର ପାଇଁ କୌଣସି ଦିନିକିଆ ମ୍ୟାଚ୍‌ରେ ପରାଜୟ ବରଣ କରିଥିଲା।

| ଦଳ | କ୍ରମାଗତ ବିଜୟ | ଆରମ୍ଭ | ଶେଷ |
|---|---|---|---|
| ଅଷ୍ଟ୍ରେଲିଆ ମହିଳା | ୨୪ | ୧୨ ମାର୍ଚ୍ଚ ୨୦୧୮ | .... |
| ଅଷ୍ଟ୍ରେଲିଆ ପୁରୁଷ | ୨୧ | ୧୧ ଜାନୁୟାରୀ ୨୦୦୩ | ୨୪ ମେ ୨୦୦୩ |
| ଅଷ୍ଟ୍ରେଲିଆ ମହିଳା | ୧୭ | ୧୨ ଡିସେମ୍ବର ୧୯୯୭ | ୭ ଫେବୃୟାରୀ ୧୯୯୯ |
| ଅଷ୍ଟ୍ରେଲିଆ ମହିଳା | ୧୬ | ୨୫ ଫେବୃୟାରୀ ୧୯୯୯ | ୧୮ ଡିସେମ୍ବର ୨୦୦୦ |
| ଭାରତୀୟ ମହିଳା | ୧୬ | ୭ ଫେବୃୟାରୀ ୨୦୧୬ | ୧୫ ମେ ୨୦୧୭ |

କ୍ରମାଗତ ବିଜୟ ହାସଲରେ ଅଷ୍ଟ୍ରେଲିଆ ମହିଳା ଦଳ ୨୪ଟି ଜିତ୍ ହାସଲ କରି ଶୀର୍ଷରେ ରହିଛି। ସେହିପରି ଅଷ୍ଟ୍ରେଲିଆ ପୁରୁଷ ଦଳ ୨୧ଟି କ୍ରମାଗତ ବିଜୟ ସହ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ତୃତୀୟ ସ୍ଥାନରେ ରହିଛି ସେହି ଅଷ୍ଟ୍ରେଲିଆ ମହିଳା ଦଳ। ଏହି ଦଳ ୧୯୯୭ ଡିସେମ୍ବର ୧୨ରୁ ୧୯୯୯ ଫେବୃୟାରୀ ୭ ତାରିଖ ମଧ୍ୟରେ କ୍ରମାଗତ ୧୭ଟି ବିଜୟ ହାସଲ କରିଥିଲା। ସେହିପରି ଅଷ୍ଟ୍ରେଲିଆ ମହିଳା ଦଳ କ୍ରମାଗତ ୧୬ଟି ବିଜୟ ହାସଲ କରି ଚତୁର୍ଥ ସ୍ଥାନରେ ରହିଛି। ଏହି ଦଳ ୧୯୯୯ ଫେବୃୟାରୀ ୨୫ରୁ ୨୦୦୦ ଡିସେମ୍ବର ୧୮ ତାରିଖ ମଧ୍ୟରେ ଏହି ସଫଳତା ପାଇଥିଲା। ଏହି ତାଲିକାରେ ଭାରତ ମଧ୍ୟ ପଛରେ ପଡିନାହିଁ। ଭାରତୀୟ ମହିଳା ଦଳ ୨୦୧୬ ଫେବୃୟାରୀ ୭ରୁ ୨୦୧୭ ମେ ୧୫ ପର୍ଯ୍ୟନ୍ତ କ୍ରମାଗତ ୧୬ଟି ବିଜୟ ହାସଲ କରି ପଞ୍ଚମ ସ୍ଥାନରେ ରହିଛି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୧୬/୨୦୨୧ Sambalpur, Friday, April 16/ 2021

# ବୋଲିଂ ସୁଧାର ଲକ୍ଷ୍ୟରେ ଚେନ୍ନାଇ, ପଞ୍ଜାବ

ମୁମ୍ବାଇ,୧୫।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅଷ୍ଟମ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ଓ ଲୋକେଶ ରାହୁଲଙ୍କ ପଞ୍ଜାବ କିଙ୍ଗ୍ସ ପରସ୍ପରକୁ ଭେଟିବେ। ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଶୁକ୍ରବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଚେନ୍ନାଇ ତା'ର ବୋଲିଂ ସୁଧାରିବାକୁ ପ୍ରୟାସ କରିବ। ଚେନ୍ନାଇ ତା'ର ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସଠାରୁ ୭ ଉଇକେଟରେ ପରାସ୍ତ ହୋଇଥିଲା। ଅନ୍ୟପଟେ ପଞ୍ଜାବ ତା'ର ହାଇସ୍କୋରିଂ ପ୍ରଥମ ମ୍ୟାଚ୍‌ରେ ୪ ରନରେ ରାଜସ୍ଥାନ ରୟାଲ୍ସକୁ ହରାଇଥିଲା।

ୱାଙ୍ଖଡେରେ କାକର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଥିବା ବେଳେ ଟସ୍ ଜିତିବାକୁ ଥିବା ଦଳ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେବ। ପ୍ରଥମ

**ଆଇପିଏଲ୍- ୧୪**

ମ୍ୟାଚ୍‌ରେ ଚେନ୍ନାଇ ୧୮୮ ରନର ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଥିଲା। ଦଳ ତରଫରୁ ସୁରେଶ ରାଇନା ୫୪, ମୋଇନ ଅଲି ୩୬, ସାମ କୁରାନ ୩୪, ରବୀନ୍ଦ୍ର ଜାଡେଜା ୨୬ ଓ ଅମ୍ବାତି ରାୟୁଡୁ ୨୩ ରନ ସଂଗ୍ରହ କରିଥିଲେ। ଦୁଇ ଓପନର ଋତୁରାଜ ଗାଏକ୍ୱାଡ଼ ଓ ଫାଫ ଡୁପ୍ଲେସିଙ୍କ ସମେତ ଅଧିନାୟକ ଧୋନୀ ଫେଲ୍ ମାରିଥିଲେ ମଧ୍ୟ ଦଳ ଭଲ ସ୍କୋର ହାସଲ କରିଥିଲା। ତେବେ ବୋଲିଂ ବିଫଳତା କାରଣରୁ ଚେନ୍ନାଇ ହାରିଥିଲା। ଚେନ୍ନାଇର ବୋଲିଂ ନିହାତି ମାମୁଲି ସାବ୍ୟସ୍ତ ହୋଇଥିଲା। ଦିଲ୍ଲୀର ଦୁଇ ଓପନର ପୃଥ୍ୱୀ ଶ ଓ ଅଭିଜ୍ଞ ଶିଖର ଧାୱନ ପଡିଆର ଚାରିଆଡକୁ ଶଟ୍‌ମାନ ଖେଳି ପ୍ରଥମ ଉଇକେଟରେ ୧୩୮ ରନ ସଂଗ୍ରହ କରି ଚେନ୍ନାଇଠାରୁ ମ୍ୟାଚ୍ ଛଡାଇ ନେଇଥିଲେ। ଦୀପକ ଚହର, ସାମ କୁରାନ, ଶାର୍ଦ୍ଦୁଳ ଠାକୁର, ଜାଡେଜା ଓ ମୋଇନ୍ ବିପୁଳ ରନ ବ୍ୟୟ କରିଥିଲେ। ତେବେ ଶୁକ୍ରବାର ଧୋନୀ ନିଜ ବୋଲରଙ୍କୁ ଭଲ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିବେ। ତେବେ ଏଥିପାଇଁ ପ୍ରଥମ ମ୍ୟାଚ୍ ବିଫଳତା ପରେ ଧୋନୀଙ୍କୁ ବଡ଼ ସ୍କୋର କରି ଆଗରେ ରହି ଦଳକୁ ନେତୃତ୍ୱ ପ୍ରଦାନ କରିବା ମଧ୍ୟ ଆବଶ୍ୟକ।

ଅପରପକ୍ଷରେ ପଞ୍ଜାବ ବୃହତ୍ ୨୨୧/୬ ରନର ସ୍କୋର ସଂଗ୍ରହ କରିଥିଲେ ମଧ୍ୟ ଅଳ୍ପକେ ପରାଜୟରୁ ରକ୍ଷା ପାଇଥିଲା। ଇନିଂସ ଓପନ କରି ରାହୁଲ ୫୦ ବଲରୁ ୯୧ ରନ ସଂଗ୍ରହ କରିଥିଲେ। କ୍ରିସ୍ ଗେଲ ୨୮ ବଲରୁ ୪୦ ଓ ଦୀପକ ହୁଡା ୨୮ ବଲରୁ ୬୪ ରନ ସଂଗ୍ରହ କରି ତାଙ୍କୁ ସହାୟତା ପ୍ରଦାନ କରିଥିଲେ। ବ୍ୟାଟିଂ ନେଇ ପଞ୍ଜାବ କିଙ୍ଗ୍ସ ମ୍ୟାନେଜମେଣ୍ଟ ଆଦୌ ଚିନ୍ତିତ ନ ଥିବ। ତେବେ ଚେନ୍ନାଇ ଭଳି ପଞ୍ଜାବ ମଧ୍ୟ ତା'ର ବୋଲିଂ ପ୍ରଦର୍ଶନ ନେଇ ଚିନ୍ତିତ ଥିବ। ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମ୍‌ସନ ୬୩ ବଲରୁ ୧୧୯ ରନର ଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳ ବିଜୟଠାରୁ ମାତ୍ର ୫ ରନ ଦୂରରେ ରହିଯାଇଥିଲା। ତେଣୁ ବୋଲରଙ୍କ ପ୍ରଦର୍ଶନ ନେଇ ଅଧିନାୟକ ରାହୁଲ ଆଦୌ ଖୁସି ନ ଥିବେ। ଯୁବ ଦ୍ରୁତ ବୋଲର ଅର୍ଶଦୀପ ସିଂ ୩୫ ରନ ଦେଇ ୩ ଉଇକେଟ ନେବା ସହ ପଞ୍ଜାବକୁ ରକ୍ଷା କରିଥିଲେ। ଶେଷ ଓଭରରେ ରାଜସ୍ଥାନ ବିଜୟ ପାଇଁ ୧୩ ରନ ଆବଶ୍ୟକ କରୁଥିବା ବେଳେ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ମାତ୍ର ୮ ରନ ବ୍ୟୟ କରିଥିଲେ। ଅର୍ଶଦୀପଙ୍କୁ ବାଦ୍ ଦେଲେ ଅଭିଜ୍ଞ ମହମ୍ମଦ ସାମି ୩୩ ରନ ଦେଇ ୨ ଉଇକେଟ ନେଇଥିଲେ। ତେବେ ପଞ୍ଜାବ ତରଫରୁ ଝେ ରିଚାର୍ଡସନ (୧/୫୫) ଓ ରିଲେ ମେରେଡିଥ (୧/୪୯) ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ତେଣୁ ପଞ୍ଜାବ ଟିମ୍ ମ୍ୟାନେଜମେଣ୍ଟ ବୋଲିଂ ନେଇ ଚିନ୍ତିତ ଥିବ। ତେଣୁ ଏହି ମ୍ୟାଚ୍‌ରେ ଉଭୟ ଦଳ ବୋଲିଂକୁ ସୁଧାରିବାକୁ ପ୍ରୟାସ କରିବେ ଓ ୩ ଥର ଆଇପିଏଲ୍ ବିଜେତା ରହିଥିବା ଚେନ୍ନାଇ ପ୍ରଥମ ବିଜୟ ହାସଲ କରିବାକୁ ଚେଷ୍ଟା କରିବ।

**ଚେନ୍ନାଇ ସୁପର କିଙ୍ଗ୍ସ ଦଳ**

ମହେନ୍ଦ୍ର ସିଂ ଧୋନୀ (ଅଧିନାୟକ/ଉଇକେଟକିପର), ସୁରେଶ ରାଇନା, ଅମ୍ବାତି ରାୟୁଡୁ, କେ.ଏମ. ଆସିଫ୍, ଦୀପକ ଚହର, ଡ୍ୱେନ ବ୍ରାଭୋ, ଫାଫ ଡୁପ୍ଲେସି, ଇମ୍ରାନ ତାହିର, ଏନ୍. ଜଗଦୀଶନ, କର୍ନ ଶର୍ମା, ଲୁନ୍‌ଗି ଏନ୍‌ଗିଡି, ମିଚେଲ ସାଣ୍ଟନର, ରବୀନ୍ଦ୍ର ଜାଡେଜା, ଋତୁରାଜ ଗାଏକ୍ୱାଡ, ଶାର୍ଦ୍ଦୁଳ ଠାକୁର, ସାମ କୁରାନ, ଆର. ସାଇ କିଶୋର, ମୋଇନ ଅଲୀ, କେ. ଗୋଥାମ, ଚେତେଶ୍ୱର ପୂଜାରା, ହରିଶଙ୍କର ରେଡ୍ଡୀ, ଭଗତ ବର୍ମା, ସି. ହାରି ନିଶାନ୍ତ।

**ପଞ୍ଜାବ କିଙ୍ଗ୍ସ ଦଳ**

କେ.ଏଲ୍. ରାହୁଲ (ଅଧିନାୟକ/ଉଇକେଟକିପର), ମୟଙ୍କ ଅଗ୍ରୱାଲ, କ୍ରିସ୍ ଗେଲ୍, ମନଦୀପ ସିଂ, ପ୍ରଭ୍‌ସିମରନ ସିଂ, ନିକୋଲାସ ପୁରାନ (ଉଇକେଟକିପର), ସର୍ଫରାଜ ଖାନ୍, ଦୀପକ ହୁଡା, ମୁରୁଗାନ ଅଶ୍ୱିନ, ରବି ବିଷ୍ଣୋଇ, ହରପ୍ରୀତ ବ୍ରାର୍, ମହମ୍ମଦ ସାମି, ଆକାଶଦୀପ ସିଂ, ଇଶାନ ପୋରେଲ, ଦର୍ଶନ ନାଲକାଣ୍ଡେ, କ୍ରିସ୍ ଜୋର୍ଡାନ, ଡାୱିଡ ମାଲାନ, ଝେ ରିଚାର୍ଡସନ, ଶାହରୁଖ ଖାନ୍, ରିଲେ ମର୍ଡିଥ୍, ମୋଇସେସ୍ ହେନରିକ୍, ଜଲଜ ସାକ୍ସେନା, ଉତ୍କର୍ଷ ସିଂ, ଫାବିଏନ୍ ଆଲେନ୍ ଓ ସୌରଭ କୁମାର।





ଅଭ୍ୟାସ ପାଇଁ ଯିବା ଅବସରରେ ମହେନ୍ଦ୍ର ସିଂ ଧୋନୀ ଓ ସୁରେଶ ରାଇନା। ନେଟ୍ସରେ ବୋଲିଂ କରୁଛନ୍ତି କ୍ରିସ୍ ଜୋର୍ଡାନ୍।

**ଆଜିର ମ୍ୟାଚ**

ଚେନ୍ନାଇ ସୁପରକିଙ୍ଗ୍ସ
ବନାମ
ପଞ୍ଜାବ କିଙ୍ଗ୍ସ



ପ୍ରସାରଣ
ସ୍ଥାନ : ମୁମ୍ବାଇ
ସମୟ : ସନ୍ଧ୍ୟା ୭.୩୦
ଷ୍ଟାର ସ୍ପୋର୍ଟ୍ସ

## ଅକ୍ଷର ପଟେଲଙ୍କ ସ୍ଥାନରେ ମୁଲାନୀ

**ମୁମ୍ବାଇ, ୧୫।୪(ପି.ଟି.):** ଦିଲ୍ଲୀ କ୍ୟାପିଟାଲ୍ସ ଗୁରୁବାର ଅକ୍ଷର ପଟେଲଙ୍କ ସ୍ଥାନରେ ମୁମ୍ବାଇର ବାମହାତୀ ଯୁବ ସ୍ପିନର ଶାମ୍ସ ମୁଲାନୀଙ୍କୁ ସାମୟିକ ଭାବେ ଦଳରେ ସାମିଲ କରିଛି। କରୋନାରେ ଆକ୍ରାନ୍ତ ଅକ୍ଷର ଏ ପର୍ଯ୍ୟନ୍ତ ଡାକ୍ତରୀ ଚିକିତ୍ସାରେ ଅଛନ୍ତି। ଜଣେ କରୋନା ପୀଡ଼ିତ ଖେଳାଳିଙ୍କ ସ୍ଥାନରେ ଆଇପିଏଲରେ ସାମୟିକ ଭାବେ କୌଣସି ଦଳରେ ସାମିଲ ହେବାରେ ମୁଲାନୀ ହେଉଛନ୍ତି ପ୍ରଥମ। ଦିଲ୍ଲୀ କ୍ୟାପିଟାଲ୍ସ ଆହୁରି ମଧ୍ୟ ଆଘାତପ୍ରାପ୍ତ ଅଧିନାୟକ ଶ୍ରେୟାସ ଆୟାରଙ୍କ ସ୍ଥାନରେ କର୍ନାଟକ ଅଫ୍-ସ୍ପିନର ଅନିରୁଦ୍ଧ ଯୋଶୀଙ୍କୁ ଦଳରେ ନେଇଛି। ଅନ୍ୟପକ୍ଷରେ ପେସ୍ ବୋଲର ଅନରିଚ୍ ନର୍ଜେଙ୍କ ଆରଟି-ପିସିଆର୍ ଟେଷ୍ଟ ଫଳାଫଳ ଉପରେ କୌଣସି ସୂଚନା ମିଳିନାହିଁ। ମୁଲାନୀ ହେଉଛନ୍ତି ଜଣେ ଲୋୟର ମିଡ୍‌ଲ-ଅର୍ଡର ବ୍ୟାଟ୍ସମ୍ୟାନ ଏବଂ ଜଣେ ବାମହାତୀ ମନ୍ଥର ରକ୍ଷଣଶୀଳ ବୋଲର। ୨୪ ବର୍ଷୀୟ ଏହି କ୍ରିକେଟର ଏ ପର୍ଯ୍ୟନ୍ତ ୨୫ ଟି୨୦ ମ୍ୟାଚ ଖେଳିଛନ୍ତି। ତାଙ୍କ ଇକୋନୋମି ରେଟ୍ ୬.୯୨ ରହିଥିବାବେଳେ ତାଙ୍କର ସର୍ବୋଚ୍ଚ ସ୍କୋର ୭୩ ରହିଛି। ଚଳିତ ସିଜନରେ ଦିଲ୍ଲୀ କ୍ୟାପିଟାଲ୍ସ ଛାଡ଼ିବା ପରେ ସେ ଅନ୍ୟ କୌଣସି ଫ୍ରାଞ୍ଚାଇଜ୍ ପାଇଁ ଖେଳିପାରିବେ ନାହିଁ। ଅନ୍ୟପକ୍ଷରେ ଆୟାରଙ୍କ ସ୍ଥାନରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସ୍ଥାନ ପାଇଥିବା ଅନିରୁଦ୍ଧ ଯୋଶୀ ହେଉଛନ୍ତି ଜଣେ ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ ଓ ଜଣେ ଲେଗ୍ ସ୍ପିନର। ସେ ଅତୀତରେ ଅନ୍ୟ ଦୁଇଟି ଦଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ରାଜସ୍ଥାନ ରୟାଲ୍ସ ଦଳର ଅଂଶବିଶେଷ ଥିଲେ। ଘରୋଇ କ୍ରିକେଟରେ ସେ କର୍ନାଟକ ତରଫରୁ ପ୍ରତିନିଧିତ୍ୱ କରିଥାନ୍ତି। ସେ ୧୭ଟି ଲିଷ୍ଟ ଏ' ମ୍ୟାଚ ଏବଂ ୨୨ ଟି୨୦ ମ୍ୟାଚ ଖେଳିଛନ୍ତି।




## ଉଦ୍‌ଘାଟନୀ ମ୍ୟାଚ୍‌ରେ ତଳଗୋଡତି ବିଜୟୀ

ସେମିଳିଗୁଡା,୧୫।୪(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରୀ ପଞ୍ଚାୟତ ପୁଟସିଲ ଗ୍ରାମର ଦେଓମାଳି କେନ୍ଦ୍ରୀୟ ଯୁବକ ସଂଘ ପକ୍ଷରୁ ଗିଲିମାଲି ପଡିଆଠାରେ ଆୟୋଜିତ

**ଗିଲିମାଲ କ୍ରିକେଟ ଟୁର୍ନାମେଣ୍ଟ**

କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସାମାଜିକ କର୍ମୀ ପ୍ରେମ ପାତ୍ର ଜାନି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ୧୫ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୨ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଟାଙ୍କୁବେଡା ଦଳ ଏବଂ ତଳଗୋଡତି ଦଳ ମଧ୍ୟରେ ହୋଇଥିଲା। ଟସ୍ ଜିତି ଟାଙ୍କୁବେଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭୯ ରନ କରିଥିଲା। ତଳଗୋଡତି ଦଳ ୧୦ ଓଭର ଖେଳି ୩ ଉଇକେଟ ହରାଇ ୮୧ ରନ କରି ବିଜୟୀ ହୋଇଥିଲା। ମୋହନ ଜାନି ଓ ସୁନାମ ସାନ୍ତା ମ୍ୟାଚରେ ଆମ୍ପାୟରିଂ ଦାୟିତ୍ୱ ତୁଲାଇଥିଲେ। ଯୁବକ ସଂଘ ସଭାପତି ଜୟଦେବ ଦିଶାରି, କୁଇ ସମାଜ ସମ୍ପାଦକ ବଙ୍ଗେୟା ସାନ୍ତା, ସରପଞ୍ଚ ପ୍ରତିନିଧି ମୋହନ ଜାନି,ସମାଜିକ କର୍ମୀ ସୁନାମ ହନ୍ତାଳ, ପ୍ରଦୀପ ଜାନି, କିସର ସାନ୍ତା, ପ୍ରଭାତ ଜାନି ପ୍ରମୁଖ ସହାୟତା କରିଥିଲେ।



ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

## ବୈପାରିଗୁଡାରେ ପ୍ରିମିୟର ଲିଗ୍

ବୈପାରିଗୁଡା,୧୫।୪ (ଡି.ଏନ୍.ଏ)

ବୈପାରିଗୁଡାଠାରେ ମଙ୍ଗଳବାର ପ୍ରିମିୟମ ଲିଗ୍ କୋରାପୁଟ ଅନୁଷ୍ଠିତ ହୋଇଯାଇଛି। ।ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତର ୮ଟି ଭଲିବଲ୍ ଟିମ୍ ଓ ୨ଟି ଫୁଟ୍‌ବଲ ଟିମ୍ ଅଂଶଗ୍ରହଣ କରଥିଲେ। ଭଲିବଲରେ ଫାଇନାଲ୍‌ରେ ମା' ବୀରଖମ୍ବ ଟିମ୍ ବିଜୟୀ ହୋଇଥିବା ବେଳେ ମା' ଦୁର୍ଗା ଟିମ୍ ରନର୍ସ ଅପ୍ ହୋଇଥିଲଶ। ସେହିପରି ଫୁଟ୍‌ବଲରେ ବିଜୁ ପଟ୍ଟନାୟକ ଟିମ୍‌କୁ ହରାଇ ସୁଭାଷ ଚନ୍ଦ୍ର ବୋଷ ଟିମ୍ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମନ୍ତ୍ରୀ ପଦ୍ମିନି ଦିଆନ୍, ବିଧାୟକ ରଘୁରାମ ପଡାଲ, ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ,କୋରାପୁଟ ଜିଲା କେପିଏଲ୍ ପର୍ଯ୍ୟବେକ୍ଷକ ସୂର୍ଯ୍ୟ ନାରାୟଣ ରଥ, ବେପାରିଗୁଡା କେପିଏଲ୍ ପର୍ଯ୍ୟବେକ୍ଷକ ତ୍ରିପତି ମହାନ୍ତି ଓ ଅଶ୍ୱିନ ସାହୁ, ବ୍ଲକ ବିଜେଡି ସଭାପତି ବିଜୟ ସାମନ୍ତରାୟ, ବ୍ଲକ ଯୁବ ବିଜେଡି ସଭାପତି ବିଶ୍ୱଜିତ୍ ନାୟକ, ନବରଙ୍ଗପୁର ଏମ୍‌ପି ପ୍ରତିନିଧି ସାଥୀରାମ ନାୟକ ଯୋଗ ଦେଇଥିଲେ।

# କୋହଲି ଦଶନ୍ଧିର ଶ୍ରେଷ୍ଠ ଦିନିକିଆ କ୍ରିକେଟର

**ଲଣ୍ଡନ,୧୫।୪(ପି.ଟି.):** ଟିମ୍‌ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଆଉ ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି। କ୍ରିକେଟର ବାଇବେଲ କୁହାଯାଉଥିବା ୱିଜଡେନ ଅଲମାନକ ଦ୍ୱାରା ସେ ଦଶକର ଶ୍ରେଷ୍ଠ ଦିନିକିଆ କ୍ରିକେଟର ବିବେଚିତ ହୋଇଛନ୍ତି। ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ କ୍ରିକେଟର ଅଫ୍ ଦି ଇୟର ହୋଇଛନ୍ତି। ୱିଜଡେନ ଅଲମାନକ ପକ୍ଷରୁ ଗୁରୁବାର ଏହି ତାଲିକା ପ୍ରକାଶ କରାଯାଇଛି। ୨୦୦୮ ଅଗଷ୍ଟରେ ଶ୍ରୀଲଙ୍କା ବିପକ୍ଷରେ କୋହଲି ଦିନିକିଆ ଫର୍ମାଟରେ ଡେବ୍ୟୁ କରିଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିବା କୋହଲି ଏ ପର୍ଯ୍ୟନ୍ତ ୨୫୪ଟି ଦିନିକିଆ ଖେଳି ୧୨, ୧୬୯ ରନ କରିଛନ୍ତି। ୨୦୧୦ ଦଶକରେ ତାଙ୍କ ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ରହିଛି। ପ୍ରଥମ ଅନ୍ତର୍ଜାତୀୟ ଦିନିକିଆର ୫୦ତମ ବାର୍ଷିକୀ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଦଶନ୍ଧିର ୫ଜଣ ଦିନିକିଆ କ୍ରିକେଟର ୱିଜଡେନ କ୍ରିକେଟର୍ସ ଅଲମାନକରେ ସ୍ଥାନ ପାଇଛନ୍ତି। ୧୯୭୧ରୁ ୨୦୨୧ ମଧ୍ୟରେ ସବୁ ଦଶକର ଶ୍ରେଷ୍ଠ କ୍ରିକେଟରଙ୍କୁ ମାନ୍ୟତା ପ୍ରଦାନ କରାଯାଇଛି। ଏହି କ୍ରମରେ ୨୦୨୧ ଦଶକ ପାଇଁ କୋହଲିଙ୍କୁ ପୁରସ୍କୃତ କରାଯିବ ବୋଲି ୱିଜଡେନ ତା'ର ୱେବସାଇଟ୍‌ରେ ଉଲ୍ଲେଖ କରିଛି। ଗତ ଦଶନ୍ଧିରେ କୋହଲି ଭାରତୀୟ ୨୦୧୧ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଥିଲେ ଓ ୧୦ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ୪୨ଟି ଶତକ ହାସଲ କରିବା ସହ ସେ ୬୦ରୁ ଊର୍ଦ୍ଧ୍ୱ ହାରରେ ରନ୍ ସଂଗ୍ରହ କରିଛନ୍ତି। କୋହଲିଙ୍କୁ ବାଦ୍ ଦେଲେ ଅନ୍ୟତମ କିମ୍ବଦନ୍ତୀ ଭାରତୀୟ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ମଧ୍ୟ ୧୯୯୦ ଦଶକର ଶ୍ରେଷ୍ଠ କ୍ରିକେଟର ବିବେଚିତ ହୋଇଛନ୍ତି। ୧୯୯୮ରେ ସଚିନ ସର୍ବାଧିକ ୯ଟି ଦିନିକିଆ ଶତକ ହାସଲ କରିଥିଲେ। ସିଙ୍ଗଲ କ୍ୟାଲେଣ୍ଡର ବର୍ଷରେ ଏହା ଯେକୌଣସି ବ୍ୟାଟ୍ସମ୍ୟାନଙ୍କଠାରୁ ଅଧିକ ଥିଲା। ସେହିପରି ଭାରତର ଅନ୍ୟତମ ବିଶ୍ୱକପ୍ ବିଜୟୀ ଅଧିନାୟକ କପିଳ ଦେବ ମଧ୍ୟ ୧୯୮୦ ଦଶକ ପାଇଁ ଶ୍ରେଷ୍ଠ ଦିନିକିଆ କ୍ରିକେଟର ବିବେଚିତ ହୋଇଛନ୍ତି। ୧୯୮୩ରେ କପିଳଙ୍କ ନେତୃତ୍ୱରେ ଭାରତ ପ୍ରଥମଥର ପାଇଁ ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଏହି ଦଶନ୍ଧିରେ ସେ ଅନ୍ୟ ବୋଲରଙ୍କଠାରୁ ସର୍ବାଧିକ ଉଇକେଟ ହାସଲ କରିଥିଲେ ଓ ବ୍ୟାଟ୍ସମ୍ୟାନ ଭାବେ ତାଙ୍କର ଷ୍ଟ୍ରାଇକ ରେଟ ୧୦୦୦ରୁ ଊର୍ଦ୍ଧ୍ୱ ଥିଲା। ଏହା ଯେକୌଣସି ବ୍ୟାଟ୍ସମ୍ୟାନଙ୍କଠାରୁ ଅଧିକ। ବେନ୍ ଷ୍ଟୋକ୍ସ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ 'ଲିଡିଂ କ୍ରିକେଟର

**ୱିଜଡେନ କ୍ରିକେଟର୍ସ ଅଲମାନକ**

ଅଫ୍ ଦି ୱାର୍ଲ୍ଡ' ଘୋଷିତ ହୋଇଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସେ ୫୮ ରନ ହାରରେ ସର୍ବାଧିକ ୬୪୧ ଟେଷ୍ଟ ରନ ସଂଗ୍ରହ କରିଛନ୍ତି। ସେହିପରି ସେ ୧୯ଟି ଉଇକେଟ ମଧ୍ୟ ଅକ୍ତିଆର କରିଛନ୍ତି। ଡମ୍ ସିବ୍‌ଲି, ଜ୍ୟାକ କ୍ରଲି, ଜାସନ ହୋଲ୍ଡର ଓ ଡାରେନ ଷ୍ଟିଭେନ୍ସ ୨୦୨୧ ପାଇଁ ୱିଜଡେନ କ୍ରିକେଟର ଅଫ୍ ଦି ଇୟର ଘୋଷିତ ହୋଇଛନ୍ତି। ଅଷ୍ଟ୍ରେଲିଆର ବେଥ୍ ମୁନି 'ଲିଡିଂ ଓମ୍ୟାନ କ୍ରିକେଟ ଅଫ୍ ଦି ୱାର୍ଲ୍ଡ' ବିବେଚିତ ହୋଇଛନ୍ତି। ସେହିପରି ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର କିରନ ପୋଲାର୍ଡ 'ଲିଡିଂ ଟି୨୦ କ୍ରିକେଟର ଅଫ୍ ଦି ଇୟର' ହୋଇଛନ୍ତି।



ବିରାଟ କୋହଲି




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୬ ଏପ୍ରିଲ, ୨୦୨୧

**ନାମଯଜ୍ଞ ବନ୍ଦ ରଖିବାକୁ ତାଗିଦ୍ କଲା ପଞ୍ଚାୟତ ପ୍ରଶାସନ**

ଲାଠୋର,(ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅଧୀନ ଚାଉଲଡିଆଠାରେ ଗ୍ରାମ୍ୟ କମିଟି ଶୁକ୍ରବାରଠାରୁ ରବିବାର ସକାଳ ପର୍ଯ୍ୟନ୍ତ ୧୬ପ୍ରହର ନାମଯଜ୍ଞ ଆୟୋଜନ କରିଛି। ହେଲେ କରୋନା ମହାମାରୀର ପ୍ରକୋପକୁ ଆଖିଆଗରେ ରଖି ଗୁରୁବାର ପଞ୍ଚାୟତ ପ୍ରଶାସନ ନାମଯଜ୍ଞ ବନ୍ଦ କରିବାକୁ କହିଛି। କୋଭିଡ୍ ନିୟମ ପାଳନ କରି ନାମଯଜ୍ଞ ଆୟୋଜିତ ହେବ ବୋଲି କମିଟି କହିଥିଲେ ହେଁ ପଞ୍ଚାୟତ ପ୍ରଶାସନ ରାଜି ହୋଇନାହିଁ। ପିଇଓ ମନୋଜ ସାହୁ, ସରପଞ୍ଚ ପ୍ରତିନିଧି ଦେବରାଜ ବାଗ, ଜିଆରଏସ୍ ମଦନ ତାଣ୍ଡି, ଆଇସିଡିଏସ ସୁପରଭାଇଜର ଅଞ୍ଜଳି ମିଶ୍ର, ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ଗିରି ଗ୍ରାମରେ ପହଞ୍ଚି ଆୟୋଜକ କମିଟି ସଦସ୍ୟଙ୍କ ସହ ଏ ନେଇ ଆଲୋଚନା କରିଛନ୍ତି।



## ସଂକ୍ଷେପରେ

### ୧୧ ଛାତ୍ରୀଛାତ୍ର କରୋନା ଆକ୍ରାନ୍ତ

**ଦେଓଗାଁ,୧୫।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ କରୋନା କାୟାବିସ୍ତାର କରିବାରେ ଲାଗିଛି। ଏହି ବ୍ଲକ ଅନ୍ତର୍ଗତ ଏକ ସରକାରୀ ଉଚ୍ଚ ବିଦ୍ୟାଳୟର ୧୧ଜଣ ଛାତ୍ରୀଛାତ୍ର କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ଜଣଙ୍କୁ ମିଶାଇ ଗୁରୁବାର ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁରେନ୍ଦ୍ର କୁମାର ପାରକିଆ ସୂଚନା ଦେଇଛନ୍ତି। ସୂଚନାନୁସାରେ ଦେଓଗାଁ ସିଏଚସିରେ ଆଣ୍ଟିଜେନ କିଟ୍ ଦ୍ୱାରା ପରୀକ୍ଷାରୁ ୩ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ । ସେହିପରି ଉକ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବର୍ତ୍ତମାନ କେବଳ ଦଶମ ଶ୍ରେଣୀର ୧୦୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଗୁରୁବାର ଏମାନଙ୍କ ମଧ୍ୟରୁ ୭୮ଜଣ ଉପସ୍ଥିତ ଥିଲେ । ଦେଓଗାଁ ସିଏଚସିର ଭ୍ରାମ୍ୟମାଣ ଟିମ୍ ପକ୍ଷରୁ ସମସ୍ତ ୭୮ ଜଣଙ୍କ ପରୀକ୍ଷା କରାଯାଇଥିଲା। ଏଥିରୁ ୧୧ଜଣ ଚିହ୍ନଟ ହୋଇଥିଲେ। ଅନ୍ୟପକ୍ଷେ ଦେଓଗାଁ ଷ୍ଟେଟ୍‌ବ୍ୟାଙ୍କର ମଧ ଜଣେ କର୍ମଚାରୀ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିବା ପରେ ଗୁରୁବାର ବ୍ୟାଙ୍କ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ସାନିଟାଇଜ କରିଛନ୍ତି । ସଂପୃକ୍ତ ହାଇସ୍କୁଲକୁ ତୁରନ୍ତ ସାନିଟାଇଜ କରିବା ସହ ଆଗକୁ କେମିତି ସଂକ୍ରମଣ ବୃଦ୍ଧି ନ ହେବ ସେ ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

### ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା,୧୫।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଜନ ଆରୋଗ୍ୟ ସମିତି ପକ୍ଷରୁ କୁଟ୍ରାପାଲି ଗ୍ରାମରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନ ଆରୋଗ୍ୟ ସମିତିର ସାଇକେଲ ରାଲିକୁ ସ୍ଥାନୀୟ ଡାକ୍ତର ଶେଖରଲାଲ ପଧାନ ଉଦ୍‌ଘାଟନ କରିଥିଲେ। ବ୍ୟାସଦେବ ଥନାପତି ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ। ଡାକ୍ତର ପଧାନ ବର୍ତ୍ତମାନ ସମୟରେ ସରକାରୀ ଡାକ୍ତରଖାନମାନଙ୍କରେ ରହିଥିବା ଚିକିତ୍ସା ସୁବିଧା ଉପରେ କହିଥିଲେ। ଅନ୍ୟତମ ଅତିଥି ଯୋଗଗୁରୁ ବ୍ୟାସଦେବ ପାତ୍ର ଯୋଗର ଉପାଦେୟତା ଉପରେ କହିଥିଲେ । ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ଅବନୀ କୁମାର ତ୍ରିପାଠୀ ପରିବେଶ ସୁସ୍ଥ ରଖିବାକୁ ପରାମର୍ଶ ଦେଇଥିଲେ। ନାଏବ ସରପଞ୍ଚ କିରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା ତାଲିମ ଶିବିର

**ଲୋଇସିଂହା,୧୫।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ ପରିସରରେ ବ୍ଲକ କୃଷି ବିଭାଗ ପକ୍ଷରୁ ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ନାଏବ ସରପଞ୍ଚ କିରଣ ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ। ଜିଲା କୃଷି ଅଧିକାରୀ ଅଶୋକ ମହାନ୍ତି, ଅତିରିକ୍ତ କୃଷି ନିର୍ଦ୍ଦେଶକ ବିମ୍ବାଧର ସାହୁ, ସହକାରୀ କୃଷି ଅଧିକାରୀ ସୁଧାକର ନନ୍ଦ, ବ୍ଲକ କୃଷି ଅଧିକାରୀ ହରିହର ନାୟକ, ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ ଓ ଗ୍ରାମ୍ୟ କୃଷି ଅଧିକାରୀ ଉପସ୍ଥିତ ରହି ଚାଷୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଚାଷ ପୂର୍ବରୁ ମାଟି ପରୀକ୍ଷା କରିନେବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଥିଲା।

### ଗରିବ ସେନା ପକ୍ଷରୁ ରକ୍ତଦାନ ଶିବିର

**ନୂଆପଡ଼ା ଅଫିସ, ୧୫।୪:** ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଗରିବ ସେନା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପିତା ମହାତ୍ମା ଜ୍ୟୋତିବା ଫୁଲେଙ୍କ ଜନ୍ମ ଜୟନ୍ତୀ ଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଜ୍ଞାନ କୁମାର ରକ୍ତଦାନ ଶିବିର ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଆରସିଏସ ଯଶୋବନ୍ତ ମାଝି ଯୋଗଦାନ କରିଥିଲେ। ଶିବିରରେ ୧୧ଜଣ ରକ୍ତଦାନ କରିଥିଲେ। ଅରୁଣ ବିଶ୍ୱାଳ, ଉଗ୍ରେସନ ତାଣ୍ଡି, ରଥୁରାମ ଦୀପ, ଧରମରାଜ ନାଗବଂଶି, ପୁରୋହିତ ସୁନାନୀ, ଅରକ୍ଷିତ ପାଣ୍ଡେ ପ୍ରମୁଖ ପରିଚାଳନା କରିଥିବା ବେଳେ ବ୍ଲଡ ବ୍ୟାଙ୍କ ଅଧିକାରୀ ମହେନ୍ଦ୍ର ପଟେଲ, ରାଜେଶ ବାଗ, ତରୁଣ ତାଣ୍ଡି, ମାନସ ବାଗ, ଶେଖର ଦଣ୍ଡସେନା, ନରେଶ ଦାସ, ଅର୍ଜୁନ ସୁନାନୀ, ସତ୍ୟ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ତେଜିଲା ମଦ ବିରୋଧୀ ଆନ୍ଦୋଳନ

**ସୋନପୁର,୧୫।୪(ନି.ପ୍ର.)**

- ସର୍ଗୁଣାମୁଣ୍ଡାକୁ ନିଶାମୁକ୍ତ କରିବାକୁ ଶପଥ ନେଲେ ମହିଳା
- ପହରା ଦେଇ ମଦ ବେପାରୀଙ୍କୁ ଗାଁରେ ପୂରାଇ ଦେଉନାହାନ୍ତି
- ଜଙ୍ଗଲ, ବନ୍ଧରେ ପଶି ଭାଙ୍ଗୁଛନ୍ତି ଦେଶୀ ମଦଭାଟି


ଏସଏଚ୍‌ଜିର ମହିଳାମାନେ ମଦରନ୍ଧା ସାମଗ୍ରୀକୁ ଜବତ କରିଛନ୍ତି ।

ସୁବର୍ଣ୍ଣପୁର ଜିଲା ମୟୂରଉଡାନ ପଞ୍ଚାୟତ ସର୍ଗୁଣାମୁଣ୍ଡା ଗାଁରେ ମଦ ବିରୋଧୀ ଆନ୍ଦୋଳନ ଜୋର ଧରିଛି। ମହିଳାଙ୍କ ଉଦ୍ୟମରୁ ଗତ ୧୫ଦିନ ହେଲା ଗାଁରେ ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି ବନ୍ଦ ରହିଛି। ଗାଁକୁ ନିଶାମୁକ୍ତ କରିବା ପାଇଁ ୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୧୧୦ଜଣ ସଦସ୍ୟ ଶପଥ ନେଇଛନ୍ତି। ଏଥିସହିତ ନିଶା ସେବନର ଅପକାରିତା ସମ୍ପର୍କରେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛନ୍ତି। ମହିଳାଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

ଜିଲା ସଦର ମହକୁମାଠାରୁ ୧୨ କିଲୋମିଟର ଦୂରରେ ରହିଛି ସୋନପୁର ବ୍ଲକର ସର୍ଗୁଣାମୁଣ୍ଡା ଗାଁ। ଦୁଇଓ୍ୱାର୍ଡ ବିଶିଷ୍ଟ ଏହି ଗାଁର ଲୋକସଂଖ୍ୟା ୧୧ଶହରୁ ଊର୍ଦ୍ଧ୍ୱ। ପୂର୍ବରୁ ଗାଁ ପାର୍ଶ୍ୱରେ ଥିବା ବଡବନ୍ଧ ଓ ଜଙ୍ଗଲରେ ୧୦ରୁ ୧୨ଟି ସ୍ଥାନରେ ଦେଶୀ ମହୁଲି ମଦ ରନ୍ଧା ହେଉଥିଲା । କେତେଜଣ ବ୍ୟକ୍ତି ଗାଁରେ ଚୋରା ମଦ ବିକ୍ରି କରୁଥିଲେ। ଖୋଲାଖୋଲି ମଦ ବିକ୍ରି ଯୋଗୁ ଗାଁରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା । ଝିଅ ବୋହୂ ବାହାରକୁ ବାହାରି ପାରୁ ନ ଥିଲେ। ପୁରୁଷ ଲୋକମାନେ ମଦ ପିଇ ସର୍ବସ୍ୱାନ୍ତ ହେଉଥିଲେ। ଏଭଳି ସ୍ଥିତିରେ ଗ୍ରାମର ମା' ସୁରେଶ୍ୱରୀ, ମା' ସାଇଲୋ, ଶିବଶକ୍ତି, ମା' ଭଗବତୀ, ମା' ବିନ୍ଧ୍ୟବାସିନୀ, ମା' ଲକ୍ଷ୍ମୀ, ରାଧାକୃଷ୍ଣ, ମା' ସରସ୍ୱତୀ ଓ ମା' ଭବାନୀ ଏସଏଚଜିର ସଦସ୍ୟାମାନେ ଏକାଠି ହୋଇ ବୈଠକ କରିଥିଲେ । ସେମାନେ ମଦ ବିକ୍ରି ବନ୍ଦ କରିବା ପାଇଁ ଅଣ୍ଟା ଭିଡିଥିଲେ। ପୋଲିସ ଓ ଅବକାରୀ ବିଭାଗକୁ ଚୋରା ମଦ ପ୍ରସ୍ତୁତି ଓ ବିକ୍ରି ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ସେଭଳି ସହଯୋଗ ମିଳି ନ ଥିଲା। ଶେଷରେ ମହିଳାମାନେ ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସମର୍ଥନ ଲୋଡି ପୁଣି ବୈଠକ କରିଥିଲେ। ନିଶାଦ୍ରବ୍ୟ କାରବାର ବନ୍ଦ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା । ତଦନୁଯାୟୀ ମହିଳାମାନେ ହାତରେ ଠେଙ୍ଗା ଧରି ଗାଁରେ ପହରା ଦେଉଛନ୍ତି। ଜଙ୍ଗଲ ଓ ବନ୍ଧ ଭିତରେ ପଶି ଦେଶୀ ମଦ ପ୍ରସ୍ତୁତି ପାଇଁ ଉର୍ଦ୍ଦିଷ୍ଟ ଭାଟିକୁ ଭାଙ୍ଗିବା ସହ ମଦରନ୍ଧା ସରଞ୍ଜାମକୁ ଜବତ କରୁଛନ୍ତି । ଏବେ ଗାଁର ଅଶାନ୍ତ ପରିବେଶ ସୁଧୁରିବାରେ ଲାଗିଛି। ସୁରେଶ୍ୱରୀ ଏସ୍‌ଏଚ୍‌ଜିର ସଭାନେତ୍ରୀ କୁନି ଦାଶ କୁହନ୍ତି, ଗାଁ ଲୋକଙ୍କ ଭଲ ପାଇଁ ଆମେ ଏକାଠି ହୋଇଛୁ। ନିଶାମୁକ୍ତ ଗାଁ ପାଇଁ ଶପଥ ନେଇଛୁ। ଅଧିକାଂଶ ଲୋକ ଆମକୁ ସମର୍ଥନ କରୁଛନ୍ତି। ମିଳିତ ଉଦ୍ୟମରେ ଆମେ ନିଶ୍ଚୟ ସଫଳତା ପାଇବୁ। ଏସ୍‌ଏଚ୍‌ଜିର ଅରୁଣା କର୍ମୀ, ମେନକା ସାହୁ, ସୁଭାଷିନୀ ସାହୁ, କଲ୍ୟାଣୀ ଦାଶ, ସଞ୍ଜୁକ୍ତା ଦାଶ, ସବିତା କୁଦେଇ, ଭାରତୀ ରଥ, ଦୀପାନ୍ତୀ ବର୍ଗର୍ତ୍ତୀ, ବାସନ୍ତି ମେହେର, ହେମାଙ୍ଗିନୀ ମେହେର ପ୍ରମୁଖ ନିଶାମୁକ୍ତି ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।

# ବାର୍ହା ଜବତ, ୪ ଶିକାରୀ ଗିରଫ


ବନ ବିଭାଗ ଗିରଫ କରିଥିବା ୪ ଶିକାରୀ।

**ନୂଆପଡ଼ା ଅଫିସ, ୧୫।୪**

ନୂଆପଡା ଜିଲା ସିନାପାଲି ବ୍ଲକ ଘଣ୍ଟିଗୁଡା ପଞ୍ଚାୟତ ସରଧାପୁର ଗାଁର ପ୍ରଧାନୀ ପିଆରଏଫ ଜଙ୍ଗଲରେ ବନ ବିଭାଗ ଚଢ଼ାଉ କରି ବାର୍ହା ଜବତ କରିବା ସହ ୪ ଶିକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ସରଧାପୁର ଗ୍ରାମର ନିରନ ଘିବେଲା (୫୦), ଭାସ୍କର ରାଉତ (୩୬), ନିରାକାର ଘିବେଲା (୨୭), ଦୟା ଘିବେଲା (୪୫)। ସିନାପାଲି ବନାଞ୍ଚଳ ଅଧିକାରୀ ବିମଳ ପ୍ରକାଶ ଟୋକୋନୋଙ୍କ ସୂଚନା ଅନୁସାରେ ବୁଧବାର ସନ୍ଧ୍ୟାରେ ସରଧାପୁର ଗାଁର ପ୍ରଧାନୀ ପିଆରଏଫ ଜଜଙ୍ଗଲରେ କିଛି ଲୋକ ବାର୍ହା ଶିକାର କରୁଥିବା ଖବର ମିଳିଥିଲା। ରେଞ୍ଜର ଟୋକୋନୋଙ୍କ ନେତୃତ୍ୱରେ ଏକ ଟିମ ପ୍ରଧାନୀ ପିଆରଏଫ ଜଙ୍ଗଲରେ ଚଢାଉ କରିଥିଲେ। ଶିକାରୀମାନେ ବାର୍ହାକୁ ମାରି ଏକ ସ୍ଥାନରେ ନିଆଁରେ ପୋଡୁଥିବା ସମୟରେ ସେମାନଙ୍କୁ କାବୁ କରିଥିଲେ। ୪ଜଣ ଶିକାରୀଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୮ଜଣ ଫେରାର ହୋଇଯାଇଥିଲେ। ବାର୍ହାକୁ ଜବତ ପରେ ସିନାପାଲି ପ୍ରାଣୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଥିଲା। ଏ ନେଇ ସିନାପାଲି ବନ ବିଭାଗରେ ଏକ ମାମଲା (ନଂ.୮/୨୧) ରୁଜୁ ହୋଇଛି। ବନ୍ୟଜନ୍ତୁ ସଂରକ୍ଷଣ ଆଇନ ଅଧିନୀୟମ ୧୯୭୨ ଦଣ୍ଡନୀୟ ଧାରା ୫୧ ଅନୁଯାୟୀ ୩ରୁ ୭ ବର୍ଷ ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ବିଧାନ ଥିବା ସିନାପାଲି ବନାଞ୍ଚଳ ଅଧିକାରୀ ଟୋକୋନୋ ପ୍ରକାଶ କରିଛନ୍ତି। ଚଢାଉରେ ଫରେଷ୍ଟର ଖଗେଶ୍ୱର ମାଝି, ପୁରୁଷୋତ୍ତମ ନାଗ, କାହ୍ନାରାମ ନାଏକ ଓ ଅନ୍ୟ କର୍ମଚାରୀ ପ୍ରମୁଖ ସାମିଲ ଥିଲେ।

# ଲଡୁଗାଁ ୭୨ ଘଣ୍ଟା କଣ୍ଟେନ୍‌ମେଣ୍ଟ ଘୋଷଣା

**କୋକସରା, ୧୫।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ସହରରେ କୋଭିଡ୍ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ପର୍ଯ୍ୟାୟରେ ୭୨ ଘଣ୍ଟା ପାଇଁ ବ୍ଲକ ପ୍ରଶାସନ କଣ୍ଟେନମେଣ୍ଟ ଘୋଷଣା ଜାରି କରିଥିବା ସୂଚନା ମିଳିଛି। ଲଡୁଗାଁ ଏକ ବ୍ୟବସାୟୀକ ପେଣ୍ଠସ୍ଥଳି। ସହରରେ ବ୍ୟବସାୟୀ ପରିବାରଙ୍କ ସଂଖ୍ୟା ଅଧିକ ରହିଛି। ପ୍ରତିଦିନ ବ୍ୟବସାୟୀମାନେ ବିଭିନ୍ନ କାମରେ ରାଜ୍ୟ ବାହାରକୁ ଯିବାଆସିବା କରୁଛନ୍ତି। ଗତ କିଛିଦିନ ମଧ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇଥିବା ଯୋଗୁ ସ୍ଥାନୀୟ ସରପଞ୍ଚ କହ୍ନେଇ ଚରଣ ଦାସ ବ୍ଲକ ପ୍ରଶାସନକୁ ଜଣାଇଥିଲେ। ଗୁରବାର ସକାଳ ୮ଟାରୁ ୭୨ ଘଣ୍ଟା ପାଇଁ ପ୍ରଥମ ପର୍ଯ୍ୟାୟରେ ଲଡୁଗାଁ ସହରକୁ କଣ୍ଟେନମେଣ୍ଟ ଯୋନ ଘୋଷଣା କରିଛନ୍ତି ସ୍ଥାନୀୟ ବ୍ଲକ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ମନୋଜ କୁମାର ପାଢୀ। ବ୍ଲକ ପ୍ରଶାସନ ପକ୍ଷରୁ ଜାରି ହୋଇଥିବା କଟକଣା ମଧ୍ୟରେ ଜରୁରୀକାଳୀନ ସେବାକୁ ବାଦ ଦିଆଯାଇଛି। ୭୨ ଘଣ୍ଟା ପାଇଁ ସହରର ସମସ୍ତ ଦୋକାନବଜାର, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ। ଘରୁ କୌଣସି ଲୋକ ବିନା ଜରୁରୀ କାମରେ ବାହାରକୁ ଆସିବାକୁ ବାରଣ କରାଯାଇଛି। ଏ ନେଇ କୋକସରା ତହସିଲଦାର ମନୋଜ କୁମାର ପାଢୀଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଲଡୁଗାଁ ସହରରେ ବଢୁଥିବା କୋଭିଡ୍ ସଂକ୍ରମଣ ଯୋଗୁ ପ୍ରଥମ ପର୍ଯ୍ୟାୟରେ ୭୨ ଘଣ୍ଟା ପାଇଁ କଟକଣା ଜାରି କରାଯାଇଛି ଓ ସ୍ଥିତିକୁ ଦେଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ବାଇକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

**ବାଡଁଗୁଣୀ,୧୫।୪(ଡି.ଏନ.ଏ.)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ୫୭ ନମ୍ବର ଜାତୀୟ ରାଜପଥର ମହେଶ୍ୱରପିଣ୍ଡା ଛକଠାରେ ଏକ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହେଶ୍ୱରପିଣ୍ଡା ଗ୍ରାମର ମାଧବୀ ଦନାୟକ (୬୦)। ପ୍ରକାଶ ଯେ, ଗୁରୁବାର ମାଧବୀ ପାଣି ଆଣିବାକୁ ଯାଉଥିବା ସମୟରେ ବୌଦ୍ଧରୁ ସୋନପୁର ଆଡକୁ ଯାଉଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମନମୁଣ୍ଡା ପୋଲିସ ଘଟଣାର ତଦନ୍ତ କରୁଛି।

# ଯୁବକ ସଂଘ ଦ୍ୱାରା ଗାଁ ରାସ୍ତାଘାଟ ସଫେଇ


ଯୁବକମାନେ ଗାଁ ପୋଖରୀ ସଫା କରୁଛନ୍ତି ।

**ନୂଆପଡ଼ା ଅଫିସ, ୧୫।୪**

ନୂଆପଡା ନେହେରୁ ଯୁବ କେନ୍ଦ୍ର ଓ ମା' ବସ୍ତ୍ରାଣୀ ଯୁବକ ସଂଘ ବୋଡାଛାପରଙ୍କ ମିଳିତ ଆନୁକୂଲ୍ୟରେ ଆମ୍ବେଡକରଙ୍କ ଜୟନ୍ତୀ ଉପଲକ୍ଷେ ଗାଁ ସଫେଇ କାର୍ଯ୍ୟ କରାଯାଇଛି। ବୋଡାଛାପର ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଏକ ସଭା ଆୟୋଜନ କରାଯାଇଥିଲା। ଯୁବକମାନଙ୍କୁ ନେଇ ଗ୍ରାମ ପରିକ୍ରମା କରି ଗାଁ ପରିମଳ ସଫା ରଖିବା ସାଙ୍ଗେ ନିଜେ ପରିଷ୍କାର ପରିଛନ୍ନ ରହିବା। କରୋନାରୁ ରକ୍ଷା ପାଇଁ ସବୁବେଳେ ମାସ୍କ ପରିଧ୍ୟାନ କରିବା ସହିତ ହାତକୁ ବାରମ୍ବାର ଶାବୁନରେ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା ଉପରେ ଲୋକଙ୍କୁ ସଚେତନ କରିଥିଲେ। ଗାଁର ରାସ୍ତାଘାଟ, ନଳକୂଅ, କୂଆ, ପୋଖରୀ ଆଦି ସଫା କରିଥିଲେ। ସେଚ୍ଛାସେବୀ ଟିକେଶ୍ୱର ହଂସ ପରିଚାଳନା କରିଥିବା ବେଳେ ମାଁ ବସ୍ତ୍ରାଣି ଯୁବକ ସଂଘ ସଦସ୍ୟ ରମେଶ ଜଗତ, ବାସୁଦେବ ଜଗତ, କୀର୍ତ୍ତନ ବାରିକ, ଆନନ୍ଦ କୈବର୍ତ୍ତ, ଟଙ୍କ ଜଗତ, ମହେନ୍ଦ୍ର ଜଗତ, ଈଶ୍ୱର ଜଗତ, ଚିତ ରଞ୍ଜନ ଜଗତ, ଉଗ୍ରେଶ୍ୱର ଶଗରିଆ, ମନବୋଧ ଶଗରିଆ, ପଙ୍କଜ କଠାର, ପଞ୍ଚାନନ ବାରିକ, ଗୁଣବନ୍ତ ପୁଞ୍ଜି ପ୍ରମୁଖ ସହଯୋଗ କରିଥିଲେ।

# ଜିଲାପାଳଙ୍କ ସହ ଛାତ୍ର ପ୍ରତିନିଧିଙ୍କ ଆଲୋଚନା

**ବୌଦ୍ଧ/ବଘିଆପଡା,୧୫।୪ (ସ୍ୱ.ପ୍ର./ଡି.ଏନ.ଏ.)**


ଜିଲାପାଳଙ୍କ ସହ ଛାତ୍ରୀଛାତ୍ର ଆଲୋଚନା କରୁଛନ୍ତି ।

**ବୌଦ୍ଧ ଶିଳ୍ପ ତାଲିମ କେନ୍ଦ୍ର ଅଧକ୍ଷଙ୍କ ଦୁର୍ବ୍ୟବହାର ଘଟଣା**

ବୌଦ୍ଧ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଛାତ୍ରୀଛାତ୍ରମାନଙ୍କୁ ଅଧକ୍ଷଙ୍କ ଦୁର୍ବ୍ୟବହାର ଘଟଣା ନେଇ ଜିଲାପାଳଙ୍କ ସହ ଛାତ୍ର ପ୍ରତିନିଧିମାନଙ୍କ ଆଲୋଚନା ହୋଇଛି। ଗୁରୁବାର ସକାଳେ ଏକ ପ୍ରତିନିଧି ମଣ୍ଡଳୀ ଥାନା ଅଧିକାରୀଙ୍କ ସହାୟତାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଆଲୋଚନା ହୋଇଥିଲା। ଶିଳ୍ପ ତାଲିମ କେନ୍ଦ୍ରରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଛାତ୍ର ପ୍ରତିନିଧିମାନେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ଅବଗତ କରାଇବା ସହ ଅଧକ୍ଷ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବାର ଅଭିଯୋଗ କରିଥିଲେ। ଏହି ଅବସରରେ ଜିଲାପାଳ ମିଶ୍ର ଶିଳ୍ପ ତାଲିମ କେନ୍ଦ୍ରରେ ପାନୀୟ ଜଳ ଓ ଅନ୍ୟାନ୍ୟ ସମସ୍ୟା ଖୁବଶୀଘ୍ର ସମାଧାନ ଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରୀଛାତ୍ରମାନେ ଅଧକ୍ଷଙ୍କ ବଦଳି କରାଯିବାକୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଜିଲାପାଳଙ୍କ ସହ ଆଲୋଚନା ପରେ ଶିଳ୍ପ ତାଲିମ କେନ୍ଦ୍ରରେ ପରିସ୍ଥିତି ସ୍ୱାଭାବିକ ରହିଥିବା ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ବୌଦ୍ଧରୁ ବଘିଆପଡାର ଗଉଡଦେଇ ନିକଟ ନୂଆକୋଠାକୁ ଶିଳ୍ପ ତାଲିମକେନ୍ଦ୍ର ସ୍ଥାନାନ୍ତର କରାଯିବା ପରେ ଯାତାୟାତ କରିବା ପାଇଁ ଅସୁବିଧା ହେଉଛି । ଏହାଛଡା ଛାତ୍ରାବାସରେ ପାନୀୟ ଜଳ ଯୋଗାଣ, କୁଲର ବ୍ୟବସ୍ଥା ଓ ଅନ୍ୟାନ୍ୟ ଅବ୍ୟବସ୍ଥା ଦୂର ଲାଗି ମଙ୍ଗଳବାର ଛାତ୍ରୀଛାତ୍ରମାନେ ଅଧକ୍ଷଙ୍କୁ ଭେଟିବାକୁ ଯାଇଥିଲେ। ଅଧକ୍ଷ ସେମାନଙ୍କ ଅଭିଯୋଗ ଶୁଣିବା ପରିବର୍ତ୍ତେ କୁଆଡେ ଧମକ ଚମକ ଦେବା ସହ ଅଶାଳୀନ ଭାଷା ପ୍ରୟୋଗ କରିଥିଲେ । ଫଳରେ ଛାତ୍ରୀଛାତ୍ରମାନେ ବୁଧବାର ଅଧକ୍ଷଙ୍କୁ ଘେରାଉ କରିବା ସହ ଧାରଣାରେ ବସିଥିଲେ।

# ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଅଗ୍ରିମ ସହାୟତା

**କରୋନାରେ ଯୁବ ଶିକ୍ଷକଙ୍କ ମୃତ୍ୟୁ ଘଟଣା**

**ରିଷିଡା, ୧୫।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଟେଟେଙ୍ଗପଦର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ବୃହସ୍ପତି ଭୋଇଙ୍କ ଅକାଳ ବିୟୋଗ ଘଟିଥିଲା। ସେଥିପାଇଁ କର୍ଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କ ପରିବାରକୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଅଗ୍ରିମ ନଗଦ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅଗ୍ରୀମ ପ୍ରଦାନ ସମୟରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରାଧାମୋହନ ପାଢ଼ୀ ଓ ସହଦେବ ସୁନାଙ୍କ ସମେତ ନୋଡାଲ ସିଆରସିସି ମଧୁସୂଦନ ଧରୁଆ ଯୋଗଦେଇଥିଲେ।

# ଅତ୍ୟାଧୁନିକ ଆମ୍ବୁଲାନ୍ସ ଲୋକାର୍ପିତ

**ବରଗଡ଼ ଅଫିସ୍,୧୫।୪**

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗୁରୁବାର ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସ ଲୋକାର୍ପିତ ହୋଇଛି। ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଉକ୍ତ ଆମ୍ବୁଲାନ୍ସକୁ ଲୋକାର୍ପିତ କରିଥିଲେ। ଉକ୍ତ ଆମ୍ବୁଲାନ୍ସରେ ଭେଣ୍ଟିଲେଟର ସହିତ ଅତ୍ୟନ୍ତ ଜରୁରୀକାଳୀନ ଚିକିତ୍ସା ସେବା ବ୍ୟବସ୍ଥା ଉପଲବ୍ଧ ରହିଛି। ଏଥିରେ ଅକ୍ସିଜେନ ସିଲିଣ୍ଡର ୨ଟି ଥିବାବେଳେ ଇସିଜି ମନିଟର ବ୍ୟବସ୍ଥା ରହିଛି। ୧୦୮ ଆମ୍ବୁଲାନ୍ସ ସେବା ଦ୍ୱାରା ଏହା ପରିଚାଳିତ ହେବ ଏବଂ ଏଥିରେ ଜଣେ ଫାର୍ମାଶିଷ୍ଟ, ଟେକ୍ନିସିଆନ, ଜଣେ ଆଟେଣ୍ଡାଣ୍ଟଙ୍କୁ ଅବସ୍ଥାପିତ କରାଯାଇଛି। ସାଂସଦ ପାଣ୍ଠିରୁ ଉକ୍ତ ଆମ୍ବୁଲାନ୍ସର ଖର୍ଚ୍ଚ ବହନ କରାଯାଇଛି ଏବଂ ଏହା ଜିଲାର ପ୍ରଥମ ଭେଣ୍ଟିଲେଟରଯୁକ୍ତ ଆମ୍ବୁଲାନ୍ସ ବୋଲି ସୂଚନା ଦିଆଯାଇଛି। ଉକ୍ତ ଆମ୍ବୁଲାନ୍ସ ଲୋକାର୍ପଣ ସମୟରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଏସ୍‌ପି ପଦ୍ମିନୀ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।


ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଆମ୍ବୁଲାନ୍ସ ଲୋକାର୍ପିତ କରାଯାଉଛି ।

# ବିନା ସୂଚନା ଫଳକରେ ମାଟି କାମ

**ନୂଆପଡ଼ା ଅଫିସ, ୧୫।୪**


କାର୍ଯ୍ୟସ୍ଥଳରେ ଅଧିକାରୀମାନେ ଶ୍ରମିକଙ୍କ ସହ ଆଲୋଚନା କରୁଛନ୍ତି।

**ଏମ୍‌ଜିଏନ୍‌ଆରଇଜିଏସ୍**
- ୩ ଅଧିକାରୀଙ୍କୁ ଅଟକ ରଖିଲେ
- କାର୍ଯ୍ୟସ୍ଥଳରେ ଶ୍ରମିକଙ୍କ ଅସନ୍ତୋଷ

ନୂଆପଡା ଜିଲା ସିନାପାଲି ବ୍ଲକ ସଦର ଗ୍ରାମପଞ୍ଚାୟତ କାପସି ଗାଁରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ହିତାଧିକାରୀଙ୍କ ଅଭିଯୋଗକ୍ରମେ କାପସି ଗାଁସ୍ଥିତ ଭଣ୍ଡାରଘରଠାରୁ ଅଠିପଡା ମାଟି ରାସ୍ତା କାମରେ ୧୦୦ରୁ ଉର୍ଦ୍ଧ୍ୱ ଲୋକ ନିୟୋଜିତ ହୋଇଛନ୍ତି। ରାସ୍ତା କାମ ଆରମ୍ଭ ହୋଇ ୧୫ ଦିନ ପରେ ମଧ୍ୟ ସୂଚନା ଫଳକ ଲଗାଯାଇ ନାହିଁ। ଫଳରେ ପାରିଶ୍ରମିକ କେତେ ଟଙ୍କା କେମିତି ଜାଣିବୁ ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ଖୁନ୍ତି ପ୍ରତି ୫୫୦ ଟଙ୍କା ଦେଉଥିବା ବେଳେ ବର୍ତ୍ତମାନ ବିନା ନାମ ଫଳକରେ ୪ଶହ ଟଙ୍କା ମିଳିବ ବୋଲି ପଞ୍ଚାୟତ ଅଧିକାରୀମାନେ କହୁଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଆଜକୁ ଦୀର୍ଘ ମାସ ହେଲା ମହାବନ୍ଧ ମାଟି କାମ, ବଡବନ୍ଧ ମାଟି କାମ ଓ ପଖାନହୁଡାଠାରୁ ବଡଝୋଲା ରାସ୍ତା ମାଟି କାମର ପାରିଶ୍ରମିକ ଏ ପର୍ଯ୍ୟନ୍ତ ମିଳି ନ ଥିବାରୁ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଆରଏସ ଖୁନ୍ତି ମାପକୁ ନିଜ ମନମୁତାବକ ମାପ କରୁଥିବାରୁ ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମସ୍ୟା ନେଇ କାର୍ଯ୍ୟସ୍ଥଳ ତଦାରଖ ପାଇଁ ଯାଇଥିବା ୩ଜଣ ଅଧିକାରୀଙ୍କୁ ଶ୍ରମିକମାନେ ଅଟକ ରଖି ୨ ଘଣ୍ଟା କାମ ବନ୍ଦ କରିଥିଲେ। ଜିଆରଏସ ସିନାପାଲି ବିଡିଓ ସଦାଶିବ ନାଏକଙ୍କୁ ଜଣାଇବା ପରେ ଘଟଣାସ୍ଥଳକୁ ଆସି ବୁଝାଶୁଝା କରିବା ପରେ ୩ କର୍ମଚାରୀଙ୍କୁ ଶ୍ରମିକମାନେ ଛାଡିଥିଲେ। ବିଡିଓ ସୂଚନା ଫଳକ ଶୀଘ୍ର ଲଗାଯାଇ ଲେଖାଯିବ ବୋଲି କହିଥିଲେ। ଜିଆରଏସ ନିବେଦିତା ପାଢୀ ସରକାର ଉକ୍ତ ଯୋଜନାରେ ଶ୍ରମିକମାନଙ୍କୁ ଯେଉଁ ପାଉଣା ଦେଉଛନ୍ତି ସେହି ଟଙ୍କା ଆପଣମାନଙ୍କ ଆକାଉଣ୍ଟକୁ ଯାଉଛି। ଏପ୍ରିଲ ୧ ତାରିଖଠାରୁ ସରକାର ଉକ୍ତ ଯୋଜନାରେ ଖୁନ୍ତି ପ୍ରତି ୪ ଶହ ଟଙ୍କା ଦେଉଛନ୍ତି। ତେଣୁ ଆପଣମାନଙ୍କୁ ତାହା ହିଁ ମିଳିବ ବୋଲି କହିବା ପରେ ଶ୍ରମିକମାନେ ପୁଣି କାମ ଆରମ୍ଭ କରିଥିଲେ। ଆନନ୍ଦ ମାଝି, ଜଗତ ରାମ ରଣା, ଧବଳେ ଦାସ, ଭିମସେନ ମାଝି, ରୋହିତ ମାଝି, ମୁକ୍ତା ଜଗତ, କ୍ଷିର ସୁନାନୀ, ପପୁ ଜଗତ, ଟିଙ୍କୁ ମହାନନ୍ଦଙ୍କ ସହ ଅନ୍ୟ ଲୋକମାନେ ଅଭିଯୋଗ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୬ ଏପ୍ରିଲ, ୨୦୨୧



## ୪୫୦୦ ଘର ଗଣ୍ଡ ସମାଜର ନୂତନ କର୍ମକର୍ତ୍ତା

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ୪୫୦୦ ଘର ଗଣ୍ଡ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଗୁରୁବାର ସାଲେପାଲି ନିକଟ ବୁଦେଲଗୁମାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବସମ୍ମତିକ୍ରମେ ସଭାପତି ଭାବେ କୁଳମଣି ପୁଟା, ଉପସଭାପତି ବିନି ମାଝି ଓ ବସନ୍ତ ମାଝି, ମହାସଚିବ ପ୍ରଫୁଲ୍ଲ ଭୋଇ, ସଚିବ ରବୀନ୍ଦ୍ର ପୁଟା, କମଳ କୁମୁରା, ରଞ୍ଜିତ କୁଅଁର ଓ ଦେବରାଜ ଧରୁଆ, କୋଷାଧ୍ୟକ୍ଷ ଭାବେ ଘାସିରାମ ମାଝିଙ୍କୁ ମନୋନୟନ କରାଯାଇଛି। ପର୍ଯ୍ୟବେକ୍ଷକ ଭାବେ ପୁରନ୍ଦର ଭୋଇ, ଧନଞ୍ଜୟ ଧରୁଆ, ପ୍ରଦେଶ କମିଟି ସଦସ୍ୟ ହେମସାଗର ଭୋଇ, ସୁବାସ ଧରୁଆ, ସୋନୁ ଭୋଇ ପ୍ରମୁଖ ଯୋଗଦେଇଥିଲେ ।

# ଦାରିଦ୍ର୍ୟରେ ଶଢୁଛନ୍ତି ରୋଗଗ୍ରସ୍ତ ସୈନିକ

**ବଲାଙ୍ଗୀର ଅଫିସ, ୧୫।୪**

ବଲାଙ୍ଗୀର ସହର ମାଲପଡା ନିବାସୀ ସ୍ୱେଚ୍ଛାକୃତ ଅବସରପ୍ରାପ୍ତ ବିଏସ୍ଏଫ୍ ସୈନିକ କୃଷ୍ଣଚନ୍ଦ୍ର ପରୁଆ(୪୭) ଏବେ ଘୋର ଦାରିଦ୍ର୍ୟ ଓ ରୋଗରେ ଛଟପଟ ହେଉଛନ୍ତି। ପଞ୍ଜାବ ଫିରୋଜପୁର ସୀମାରେ କାର୍ଯ୍ୟରତ ଥିବାବେଳେ ପ୍ରାୟ ତିନିବର୍ଷ ତଳେ ସେ ଛୁଟି ନେଇ ଘରକୁ ଆସିଥିଲେ। ଘରେ ବସିଥିବାବେଳେ ହଠାତ୍ ଚୌକିରୁ ପଡିଯାଇ ଅଚେତ ହୋଇଯାଇଥିଲେ। ତାଙ୍କୁ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ଦେଖି ଡାକ୍ତର ତାଙ୍କୁ ଉଚ୍ଚଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ତାଙ୍କ ସ୍ତ୍ରୀ ପଦ୍ମିନୀ ବୁର୍ଲା ଓ କଟକ ବଡ ମେଡିକାଲକୁ ନେଇ କୃଷ୍ଣଚନ୍ଦ୍ରଙ୍କ ଚିକିତ୍ସା କରିଥିଲେ । ତାଙ୍କର ଗୋଡହାତ ପାରାଲିସିସ୍ ଯୋଗୁଁ ଅଚଳ ହୋଇଯାଇଥିଲା ଓ ଚିକିତ୍ସା ପରେ ମଧ୍ୟ ସେ ଭଲ ହୋଇ ନ ଥିଲେ। ଏହାପରେ ପଦ୍ମିନୀ ସ୍ୱାମୀଙ୍କୁ ପଞ୍ଜାବ ଫିରୋଜପୁର ନେଇ ସେଠାକାର ଆର୍ମି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କର ଉପଯୁକ୍ତ ଚିକିତ୍ସା କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଚିକିତ୍ସାରେ ରହିବା ପରେ ମଧ୍ୟ ତାଙ୍କ ଅବସ୍ଥା ନ ସୁଧରିବାରୁ ତାଙ୍କୁ ସ୍ୱେଚ୍ଛାକୃତ ଅବସର ନେବାକୁ ପରାମର୍ଶ ଦିଆଯାଇଥିଲା।


ରୋଗାଗ୍ରସ୍ତ ସୈନିକ କୃଷ୍ଣଚନ୍ଦ୍ର ପରୁଆ ।

- ଫିରୋଜପୁର ସୀମାରେ ବିଏସ୍ଏଫରେ କାର୍ଯ୍ୟରତ ଥିଲେ
- ସ୍ୱାସ୍ଥ୍ୟାବସ୍ଥା ନ ସୁଧୁରିବାରୁ ସ୍ୱେଚ୍ଛାକୃତ ଅବସର ଦିଆଯାଇଥିଲା
- ମିଳିନି କୌଣସି ଆର୍ଥିକ ସହାୟତା କି ପେନ୍ସନ୍
- ଅବସରପ୍ରାପ୍ତ ସୈନିକ ସଂଘର ତୀବ୍ର ପ୍ରତିକ୍ରିୟା

ଚାକିରିରୁ ଅବସର ଦିଆଯିବା ପରେ ପରୁଆଙ୍କ ନେଇ ପଦ୍ମିନୀ ବଲାଙ୍ଗୀର ଫେରିଆସିଥିଲେ। ସେହି ଦିନରୁ ସେ ଘରେ ପଡିରହିଛନ୍ତି। ଅବସର ଦିଆଯିବା ପରେ ମଧ୍ୟ ତାଙ୍କୁ ବିଏସ୍ଏଫ୍ ପକ୍ଷରୁ କୌଣସି ଆର୍ଥିକ ସହାୟତା କି ପେନ୍ସନ୍ ଦିଆଯାଇନାହିଁ। ଏଥିଯୋଗୁ ପରୁଆଙ୍କ ସ୍ତ୍ରୀ ଓ ଦୁଇପୁଅ ବହୁ କଷ୍ଟରେ ଚଳୁଛନ୍ତି। ତାଙ୍କ ସ୍ତ୍ରୀ ଏନେଇ ବିଭାଗୀୟ ଫୋନ୍ ନମ୍ବରରେ ବାରମ୍ବାର ଯୋଗାଯୋଗ କଲେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ ବୋଲି କହିଛନ୍ତି। ୬ମାସ ତଳେ ସ୍ୱେଚ୍ଛାକୃତ ଅବସର ଦିଆଯାଇ ତାଙ୍କୁ ଆର୍ମି ହସ୍ପିଟାଲରୁ ଘରକୁ ଯିବାକୁ କୁହାଯିବାବେଳେ ପରୁଆଙ୍କୁ ଏକ ପୁସ୍ତିକା ଦିଆଯାଇ ସେଥିରେ ୪ଲକ୍ଷ ଟଙ୍କା ପାଇବେ ବୋଲି ଉଲ୍ଲେଖ କରାଯାଇଥିଲା। ଇତିମଧ୍ୟରେ ୬ମାସ ବିତିଯାଇଥିଲେ ମଧ୍ୟ ପରୁଆଙ୍କୁ ତାଙ୍କ ଦରମା ବାବଦ ଟଙ୍କା କି ପେନ୍ସନ୍ ଦିଆଯାଇନାହିଁ । ଏହି ଘଟଣାକୁ ନେଇ ବଲାଙ୍ଗୀର ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ପାକିସ୍ତାନ ଓ ବାଂଲାଦେଶ ସୀମାରେ କର୍ତ୍ତବ୍ୟ ସମ୍ପାଦନ କରି ଦେଶମାତୃକାର ସେବା କରିଥିବା ଜଣେ ବୀର ସୈନିକ କୌଣସି କାରଣରୁ ରୋଗଗ୍ରସ୍ତ ହୋଇଯିବା ପରେ ତାଙ୍କୁ କୌଣସି ପ୍ରକାର ସହାୟତା ନ କରିବାକୁ ନେଇ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ ଏହା ବୀର ସୈନିକଙ୍କୁ ଅପମାନ ସଦୃଶ ବୋଲି କହିଛନ୍ତି। ସୈନିକ, ଅବସରପ୍ରାପ୍ତ ସୈନିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ତୁରନ୍ତ ଜିଲାପାଳ କାର୍ଯ୍ୟାଳୟରେ ଏକ ଏକ୍ସସର୍ଭିସମେନ୍ ମନିଟରିଂ ସେଲ ଖୋଲିବାକୁ ବାରମ୍ବାର ଦାବି କରିବା ସତ୍ତ୍ୱେ ଖୋଲାଯାଉ ନଥିବାରୁ ସୈନିକମାନଙ୍କ ଏଭଳି ସମସ୍ୟା ରହୁଛି ବୋଲି କହିଛନ୍ତି। ସୈନିକ ପରୁଆଙ୍କୁ ତୁରନ୍ତ ପେନ୍ସନ୍ ଓ ତାଙ୍କ ସମସ୍ତ ପାଉଣା ପ୍ରଦାନ କରିବାକୁ ପଦ୍ମିନୀ ଓ ସଂଘ ସମ୍ପାଦକ ରଥ ଦାବି କରିଛନ୍ତି ।

## ଅଭିଯୋଗକାରୀଙ୍କୁ ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀଙ୍କ ଦୁର୍ବ୍ୟବହାର ଭିଡିଓ ଭାଇରାଲ

**ଅମରପାଲି, ୧୫।୪ (ଡି.ଏନ.ଏ)**

**ବୀରମହାରାଜପୁର ବ୍ଲକ**
- ବିଡିଓଙ୍କଠାରେ ଫେରାଦ ହେଲେ ସରପଞ୍ଚ
- ଅଭିଯୋଗକୁ ଖଣ୍ଡନ କଲେ ଯନ୍ତ୍ରୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହିଲୁଙ୍ଗ ପଞ୍ଚାୟତର ଲାତୁରପେଟ ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଏ ନେଇ ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବାରୁ ଯନ୍ତ୍ରୀ ସରପଞ୍ଚଙ୍କ ସମେତ ଅନ୍ୟ ଅଭିଯୋଗକାରୀଙ୍କୁ ଧମକ ଦେବା ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ବିଭାଗୀୟ ଯନ୍ତ୍ରୀ ଦିଲୀପ ପ୍ରଧାନ ଅଭିଯୋଗକାରୀଙ୍କ ଆଗରେ ନିଜ ଶାର୍ଟ ଖୋଲି ଧମକାଉଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଏବେ ଭାଇରାଲ ହେଉଛି। ଅଭିଯୋଗ ଅନୁସାରେ, ଲାତୁରପେଟ ଗ୍ରାମରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗତ ୧୫ ଦିନ ହେଲା ଅଚଳ ହୋଇ ପଡିଛି। ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ହିଲୁଙ୍ଗ ସରପଞ୍ଚ ଅଶୋକ କୁମାର ମହାକୁର ଗ୍ରାମର କେତେଜଣ ବ୍ୟକ୍ତିଙ୍କ ସହିତ ଏ ସମ୍ପର୍କରେ ଜଣାଇବାକୁ ବିଭାଗୀୟ ଯନ୍ତ୍ରୀଙ୍କ ନିକଟକୁ ଯାଇଥିଲେ। କିନ୍ତୁ ସେ ଉତ୍କ୍ଷିପ୍ତ ହେବା ସହ ଆଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ । ସରପଞ୍ଚ ମହାକୁର ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କ ନିକଟରେ ଏ ନେଇ ଅଭିଯୋଗ କରିବା ସହ ପ୍ରକଳ୍ପ ମରାମତି ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଜଣାଇଛନ୍ତି। ବିଭାଗୀୟ ଯନ୍ତ୍ରୀ ଦିଲୀପ ପ୍ରଧାନଙ୍କୁ ଯୋଗାଯୋଗ କରିବାରେ କାହାକୁ କିଛି କହି ନାହିଁ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଲାତୁରପେଟ ଗ୍ରାମର ପ୍ରାୟ ୨୫ ଶହରୁ ଊର୍ଦ୍ଧ୍ୱ ଲୋକ ଉକ୍ତ ଜଳଯୋଗାଣ ପ୍ରକଳ୍ପ ଉପରେ ନିର୍ଭର କରନ୍ତି। ପ୍ରକଳ୍ପ ଅଚଳ ହୋଇଥିବାରୁ ଲୋକେ ପାନୀୟ ଜଳ ପାଇଁ ହଇରାଣ ହେଉଛନ୍ତି। ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ ଏହା ମରାମତି କରାଯାଇନାହିଁ । ଶେଷରେ ସରପଞ୍ଚଙ୍କୁ ଗ୍ରାମବାସୀ ଜଣାଇଥିଲେ ।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.C-SBP-VP-02887-02888-21, ତା.07.04.2021ରିଖ
କାର୍ଯ୍ୟର ନାମ : ପାର୍ସଲଗୁଡ଼ିକର ପରିବହନ ନିମନ୍ତେ ରାଉଣ୍ଡ ଟ୍ରିପ୍ ଭିତ୍ତିରେ 05 (ପାଞ୍ଚ) ବର୍ଷ ସମୟାବଧି ପାଇଁ ସ୍ପେଶାଲ ଟ୍ରେନ୍ ନଂ.02887 / 02888 (ଅନୁରୂପ ଟ୍ରେନ୍ ନଂ. 12807 / 12808) (ବିଶାଖାପାଟଣା-ହଜରତ୍ ନିଜାମୁଦ୍ଦିନ-ବିଶାଖାପାଟଣା ସ୍ପେଶାଲ)ରେ ମଧ୍ୟବର୍ତ୍ତୀ ଷ୍ଟେସନ ଠାରୁ ଅନ୍ତିମ ଷ୍ଟେସନ ଅର୍ଥାତ୍ ଟିଟିଲାଗଡ଼ ଠାରୁ ହଜରତ୍ ନିଜାମୁଦ୍ଦିନ ପର୍ଯ୍ୟନ୍ତ ତଥା ଫେରସ୍ତ ଟିଟିଲାଗଡ଼ ଦିଗରେ 23 ଟନ୍ କ୍ଷମତା ବିଶିଷ୍ଟ ପାର୍ସଲ ଭ୍ୟାନ୍ (VP) ର ଲିଜ୍ ନିମନ୍ତେ ଚୁକ୍ତି ।
ପ୍ରତ୍ୟେକ ରାଉଣ୍ଡ ଟ୍ରିପ୍ ନିମନ୍ତେ ସଂରକ୍ଷଣ ମୂଲ୍ୟ (ଟଙ୍କାରେ) : 2,09,226/-, EMD (ଟଙ୍କାରେ) : 4,00,000/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ) : 2,360/- (18% GST ସହିତ), ଚୁକ୍ତି ଅବଧି : 05 (ପାଞ୍ଚ) ବର୍ଷ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.04.2021 ରିଖ 1100 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।
ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର
PR-21/M/21-22

## ସଂକ୍ଷେପରେ

### ଦକ୍ଷିଣ ବନ ବିଭାଗର ଚଢ଼ାଉ: ଘରୁ ମୟୂର ଉଦ୍ଧାର



**ଭବାନୀପାଟଣା, ୧୫।୪ (ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ପକ୍ଷରୁ ଗୁରୁବାର କଲମପୁର ଅଞ୍ଚଳର ସନ୍ତୋଷ ଅଗ୍ରୱାଲଙ୍କ ଘରେ ଅତର୍କିତ ଚଢ଼ାଉ କରି ଏକ ମୟୂରକୁ ଉଦ୍ଧାର କରାଯାଇଛି। ସନ୍ତୋଷ ମୟୂରକୁ ଘରେ ରଖିଥିବା ନେଇ ବନବିଭାଗଠାରେ ଅଭିଯୋଗ ହୋଇଥିଲା। ଫରେଷ୍ଟ ଆକ୍ଟ ଅନୁଯାୟୀ ବନ୍ୟ ପଶୁ ଓ ପକ୍ଷୀଙ୍କୁ ଘରେ ପାଳିବା ଆଇନତଃ ଅପରାଧ ହୋଇଥିବାରୁ ଏହି ଘଟଣାରେ ସନ୍ତୋଷଙ୍କୁ ବନବିଭାଗ ଅଟକ ରଖି ପଚରାଉଚୁରା କରୁଛି। ଉଦ୍ଧାର ମୟୂର ଥୁଆମୁଳ ରାମପୁରସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯାଇଛି। ଚଢ଼ାଉରେ ବନବିଭାଗ ଡେପୁଟି ରେଞ୍ଜର ଆତ୍ମାରାମ ମହାନନ୍ଦ, କଲମପୁର ଫରେଷ୍ଟର ଭୁନେଶ୍ୱର ବେହେରାଙ୍କ ସମେତ ଫରେଷ୍ଟ ଗାର୍ଡମାନେ ସାମିଲଥିଲେ।

### ଛାତ୍ରୀ ବଳାତ୍କାର ଘଟଣା, ପୀଡ଼ିତା ଶିଶୁ ମଙ୍ଗଳ ସମିତିରେ ହାଜର

**ଭବାନୀପାଟଣା, ୧୫।୪ (ଡି.ଏନ.ଏ.):** କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅଞ୍ଚଳର ଜଣେ ନାବାଳିକା ଶିକ୍ଷକଙ୍କ ଦ୍ୱାରା ବଳାତ୍କାର ଶିକାର ହୋଇଥିଲେ। ପୀଡିତାଙ୍କୁ ମଙ୍ଗଳବାର ଚାଇଲଡ୍ ଲାଇନ୍ ପକ୍ଷରୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ଘଟଣାରେ ପ୍ରାୟ ମାସେରୁ ଊର୍ଦ୍ଧ୍ୱ ବିତିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି। ନାବାଳିକାଙ୍କୁ ଭବାନୀପାଟଣା ଚାଇଲଡ୍ ଲାଇନର ଟିମ୍ ଲିଡର କରିସ୍ମା ଦେବୀ ଓ ଟିମ୍ ସଦସ୍ୟ ମହେନ୍ଦ୍ର ଚଲାନ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲେ। ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ରାଜେଶ ନାୟକ ଏବଂ ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର ପୀଡିତାଙ୍କଠାରୁ ସବୁ ତଥ୍ୟ ସଂଗ୍ରହ କିବା ପରେ ସୁରକ୍ଷା ଦୃଷ୍ଟିରୁ ନାବାଳିକା ତାଙ୍କ ପରିବାର ସହିତ ରହିବ ଏବଂ ସ୍କୁଲ ଖୋଲିଲା ପରେ ଅନ୍ୟତ୍ର ନାମ ଲେଖାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ନ୍ୟାୟଳୟକୁ ରିପୋର୍ଟ ପଠାଯିବ ବୋଲି ନିଷ୍ପତ୍ତି ନେଇଥିଲେ।

### ବୌଦ୍ଧ ଜିଲା କଳଚରାଲ ଏକାଡେମୀ ପକ୍ଷରୁ ବିଷୁବ ମିଳନ

**ବୌଦ୍ଧ,୧୫।୪(ସ୍ୱ.ପ୍ର.):** ବୌଦ୍ଧ ଜିଲା କଲଚରାଲ ଏକାଡେମୀ ପକ୍ଷରୁ ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଷୁବ ମିଳନ ଓ କବିତା ପାଠୋତ୍ସବ ବୁଧବାର ପାଳିତ ହୋଇଯାଇଛି। କଲଚରାଲ ଏକାଡେମୀର ଉପସଭାପତି ଧ୍ରୁବ ଚରଣ ଘିବେଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ କବିତା ପାଠଶ୍ରୋବରେ କବି କିଶୋର ମିଶ୍ର ଓ ମନୋରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏକାଡେମୀର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ରଙ୍କ ସଂଯୋଜନାରେ କବି ରାଜ କୁମାର ପ୍ରଧାନ, ସୁଜ୍ଞାନ ବାଘ, ଅରୁଣ କୁମାର ମେହେର, ଚିତ୍ତ ରଞ୍ଜନ ବେହେରା, ଏ. ପଟ୍ଟନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସଦସ୍ୟ ବିଜୟ କୁମାର କ୍ଷେତି, ସତ୍ୟନାରାୟଣ ଦେହୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବରିଷ୍ଠ ସଦସ୍ୟ ଟଙ୍କଧର ସାହୁ ଧନ୍ୟବାଦ ଦେଇଥିଲେ।

### କୈଶୋର ସ୍ୱାସ୍ଥ୍ୟ ଶିକ୍ଷା ପ୍ରକଳ୍ପ ଉପଦେଷ୍ଟା କମିଟି ବୈଠକ

**ବୌଦ୍ଧ,୧୫।୪(ସ୍ୱ.ପ୍ର.):** ଜିଲା ପ୍ରଶାସନ ଓ ସ୍ୱେଚ୍ଛାସେବୀ ସଂସ୍ଥା ୱାଇସିଡିଏ ବାଉଁଶୁଣୀର ମିଳିତ ଆନୁକୂଲ୍ୟରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ କୈଶୋର ସ୍ୱାସ୍ଥ୍ୟ ଶିକ୍ଷା ପ୍ରକଳ୍ପ ଉପଦେଷ୍ଟା କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ କୈଶୋର ସ୍ୱାସ୍ଥ୍ୟ ଶିକ୍ଷା ପ୍ରକଳ୍ପରେ ହୋଇଥିବା ଅଗ୍ରଗତି ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୱାଇସିଡିଏର ପ୍ରକଳ୍ପ ଅଧିକାରୀ ସୁରେଶ ପ୍ରଧାନ କାର୍ଯ୍ୟକ୍ରମର ଅଗ୍ରଗତି ଉପସ୍ଥାପନା କରିଥିଲେ। ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଖଡ଼ିଆଳରେ ଖୋଲିଲା କୋଭିଡ୍ କେୟାର ହସ୍ପିଟାଲ

**ଖଡିଆଳ, ୧୫।୪ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳସ୍ଥିତ ବାଦୀ ଆଇଆଇଟି ତାଲିମ କେନ୍ଦ୍ରରେ କୋଭିଡ୍ କେୟାର ସେଣ୍ଟର ଆରମ୍ଭ ହୋଇଛି। ଏହି କେନ୍ଦ୍ରରେ ୫୦ ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଏଥର ସମସ୍ତ ପ୍ରକାର ସୁବିଧା ରହିଛି। ଫଳରେ କୋଭିଡ୍ ପୋଜିଟିଭ ବ୍ୟକ୍ତିଙ୍କୁ ଉତ୍ତମ ସେବା ଯୋଗାଇ ହୋଇପାରିବ। ଏହି କେନ୍ଦ୍ରରେ ଉତ୍ତମ ସେବା ସହିତ ଖାଦ୍ୟ ଯୋଗାଇ ଦେବା ବ୍ୟବସ୍ଥା କରାଯାଇଛି। ଏ ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଏକ ଖାଦ୍ୟ ବ୍ୟବସ୍ଥା ଉପରେ ଧ୍ୟାନ ଦେଇ ଖାଦ୍ୟର ତାଲିକା ପ୍ରସ୍ତୁତ କରିଛନ୍ତି। ସକାଳ ୮ଟାରୁ ୯ଟା ମଧ୍ୟରେ ଜଳଖିଆ, ମଧ୍ୟାହ୍ନ ସାଢ଼େ ୧୨ଟାରୁ ସାଢ଼େ ୧ଟାରେ ଭୋଜନ, ଅପରାହ୍ନ ସାଢ଼େ ୪ଟାରୁ ସାଢ଼େ ୫ଟା ମଧ୍ୟରେ ଜଳଖିଆ ଏବଂ ରାତ୍ରି ସାଢ଼େ ୮ଟାରୁ ସାଢ଼େ ୯ଟା ମଧ୍ୟରେ ରାତ୍ରି ଭୋଜନର ବ୍ୟବସ୍ଥା ରହିଛି। କୋଭିଡ୍ କେୟାର କେନ୍ଦ୍ରରେ ପୋଜିଟିଭ ଚିହ୍ନଟ ବ୍ୟକ୍ତିଙ୍କୁ ଆବଶ୍ୟକ ଔଷଧ ପରୀକ୍ଷା ଏବଂ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ପାନୀୟ ଜଳ, ପରିମଳ, ଆଲୋକ ସେବା ଯୋଗାଇବା ବ୍ୟବସ୍ଥା ରହିଥିବା ନେଇ କୋଭିଡ୍ କେୟାର ଅଧିକାରୀ ଡା. ଜନ୍ମଜୟ ହୋତା ପ୍ରକାଶ କରିଛନ୍ତି।



ଖଡିଆଳ କୋଭିଡ୍ କେୟାର ହସ୍ପିଟାଲ।

## ପ୍ରସ୍ତାବିତ ନନ୍ଦନ ବନ ସଫାରି ପାଇଁ ଜିଲା ପ୍ରଶାସନର ସମୀକ୍ଷା

**ବୌଦ୍ଧ,୧୫।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ହରଭଙ୍ଗା ବ୍ଲକର ବୀରନରସିଂହପୁର ମୌଜାର ଜଙ୍ଗଲ ଜମିରେ ନନ୍ଦନ ବନ ସଫାରି ସ୍ଥାପନ ପାଇଁ ଯୋଜନା ରହିଛି। ବୁଧବାର ୫ ଗୋଟି ବିଭାଗର ଅଧିକାରୀଙ୍କୁ ନେଇ ନନ୍ଦନବନ ସଫାରି କାର୍ଯ୍ୟ ସମୀକ୍ଷା କରିଛନ୍ତି ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର । ରାଜସ୍ୱ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ, ଉଦ୍ୟାନ କୃଷି ବିଭାଗ, ମୃର୍ତ୍ତିକା ସଂରକ୍ଷଣ ବିଭାଗ ଓ ପଞ୍ଚାୟତିରାଜ ବିଭାଗର ଏକ ଟିମ୍ ପ୍ରକଳ୍ପ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିବା ଜଣାଯାଇଛି। ସମୀକ୍ଷା ସମୟରେ ଜିଲାପାଳ ମିଶ୍ର, ଡିଏଫଓ ଯଶୋବନ୍ତ ସେଠୀ, ଉପଜିଲାପାଳ ଅଶ୍ୱିନୀ ମେହେର, ଡେପୁଟି କଲେକ୍ଟର ଅବିନାଶ ପାଣ୍ଡିଆ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଯୋଗେନ୍ଦ୍ର ନାଥ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ବୁଲି ସର୍ଭେ କରିଥିଲେ। ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ମଧ୍ୟରେ ଜଳଉତ୍ସ ଚିହ୍ନଟ, ହରିଣ ପାର୍କ ଓ ଔଷଧୀୟ ବୃକ୍ଷରୋପଣ ପାଇଁ ଜାଗା ଚୟନ, ପ୍ରକଳ୍ପ ସୁରକ୍ଷା ପାଇଁ ଘେରବନ୍ଦୀ ନିମନ୍ତେ ନକ୍ସା ପ୍ରସ୍ତୁତ କରାଯାଇଥିବା ଜଣାଯାଇଛି। ପ୍ରକଳ୍ପ ଅନୁମୋଦନ ପୂର୍ବରୁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବା ଏହି ଗସ୍ତର ମୂଳଲକ୍ଷ୍ୟ ଥିଲା ବୋଲି ଡିଏଫଓ ସେଠୀ କହିଛନ୍ତି । ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗକୁ ଏହି ପ୍ରସ୍ତାବିତ ପ୍ରକଳ୍ପ ଅନୁମୋଦନ ପାଇଁ ଯାଇଥିବା ଜଣାଯାଇଛି।

## ଖଡିଆଳ ସ୍ୱୟଂଶାସିତ କଲେଜରେ ଛାତ୍ର ଆନ୍ଦୋଳନ

**ଖଡିଆଳ, ୧୫।୪ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସ୍ୱୟଂଶାସିତ କଲେଜ ଛାତ୍ରୀଛାତ୍ରମାନେ ଗୁରୁବାର କଲେଜ ସମ୍ମୁଖରେ ଅନଲାଇନ ପାଠପଢ଼ା ଏବଂ ଅନଲାଇନରେ ପରୀକ୍ଷା କରିବା ନେଇ କୋଭିଡ୍ ନିୟମ ପାଳନ କରି ସାମାଜିକ ଦୂରତା ରକ୍ଷା କରି କଲେଜ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। କୋଭିଡ୍ ସମୟରେ ଅନଲାଇନ ପାଠ ପଢୁଥିଲେ। ତେଣୁ ଅନଲାଇନରେ ପରୀକ୍ଷା କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ପରୀକ୍ଷା ଆସନ୍ତା ୨୦ ତାରିଖରେ ହେବାକୁ ଥିବା ବେଳେ ଏହି ସମୟରେ ଖଡିଆଳକୁ ବଣିକ ସଂଘ ଆସନ୍ତା ୧୬ରୁ ୨୪ ତାରିଖ ପର୍ଯ୍ୟନ୍ତ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛି। ଫଳରେ ଖଡିଆଳ ସହର ସମ୍ପୂର୍ଣ୍ଣ ବନ୍ଦ ରହିବ ଏବଂ ଏହାର ପ୍ରଭାବରେ ବସ ଚଳାଚଳ ପ୍ରଭାବ ପଡିବ। ଏହି କଲେଜକୁ ସହର ସମେତ ଆଖପାଖ ଅଞ୍ଚଳ ଛାତ୍ରୀଛାତ୍ରମାନେ ଆସି ପାଠ ପଢ଼ିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରିଥିବା ଜାଣିବାକୁ ମିଳିଛି ।



କଲେଜ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରୁଛନ୍ତି।

## ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୧୫।୪**

ଅବସରପ୍ରାପ୍ତ ସେନା ଅଧିକାରୀ ତଥା ବଲାଙ୍ଗୀର ଚିମିନିଭାଟିପଡା ନିବାସୀ ମନୋଜ କୁମାର ଦାଶ (୪୩)ଙ୍କ ପରଲୋକ ହୋଇଯାଇଛି । ଦୀର୍ଘ ୨୪ ବର୍ଷ ଧରି ସେ ସେନାବାହିନୀରେ କାର୍ଯ୍ୟ କରିବା ପରେ ଜୁନିଅର କମିସନ୍ଡ ଅଫିସର ଭାବେ ଅବସର ଗ୍ରହଣ କରି ବଲାଙ୍ଗୀରରେ ରହୁଥିଲେ । ଗତ ୧୨ ତାରିଖ ଦିନ ସେ ଅସୁସ୍ଥ ହୋଇପଡିଥିଲେ । ତାଙ୍କୁ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇ ପରୀକ୍ଷା କରିବାରୁ ସେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ । ଅସୁସ୍ଥତା ବଢ଼ିବା ପରେ ତାଙ୍କୁ ବୁର୍ଲାର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ବୁଧବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ସ୍ତ୍ରୀ, ଦୁଇପୁଅ, ବାବାମା, ଭାଇଭଉଣୀ ଅଛନ୍ତି । କୋଭିଡ ନିୟମାନୁସାରେ ସମ୍ବଲପୁର ଠାରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି।




## କୋକସରା ଶିକ୍ଷା ବିଭାଗରେ ୬ ନୂତନ ସିଆର୍‌ସିସି

**କୋକସରା, ୧୫।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଗୋଷ୍ଠି ଶିକ୍ଷା ବିଭାଗରେ ଥିବା ୧୧ କ୍ଲଷ୍ଟରରେ ନୂତନ ଭାବେ ୬ଜଣ ସିଆରସିସି ଯୋଗଦେଇଛନ୍ତି। ଏହି ଅବସରରେ ପୂର୍ବରୁ କାର୍ଯ୍ୟରତ ୭ ଜଣ ସିଆରସିସିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନୂତନ ଭାବେ ଯୋଗଦେଇଥିବା ସିଆରସିସି ହେଲେ କୋକସରା କ୍ଲଷ୍ଟର ପାଇଁ ଶିକ୍ଷକ ବୈକୁଣ୍ଠ ଜାଲ, କାଶିବାହାଲ କ୍ଲଷ୍ଟର ପାଇଁ ପ୍ରଶାନ୍ତ କୁମାର ଶବର, ଲଡୁଗାଁ ପାଇଁ ଗୋବର୍ଦ୍ଧନ ବେମାଲ, ଟେମରା ପାଇଁ ସଞ୍ଜୟ କୁମାର ପୁଝାରି, ଡହଗା ପାଇଁ ଜିତେନ୍ଦ୍ର ମୋହନ ସାହୁ ଓ କାଉଡୋଳା କ୍ଲଷ୍ଟରରେ ସୁମନ୍ତ ପ୍ରସାଦ ଠାକୁର ଯୋଗ ଦେଇଛନ୍ତି । ସେହିପରି ପୂର୍ବରୁ ଥିବା ସିଆରସିସି ଦିଗନ୍ତ ପଟ୍ଟନାୟକ, ଦୀନବନ୍ଧୁ ନାଏକ, ଉଦ୍ଧବ ଧରୁଆ, ବୈଦ୍ୟନାଥ ପାଟଯୋଶୀ, ବିଜୟ କୁମାର ଶବର, ଜୟସଙ୍କର ପାଠି ଓ ନିଳାମ୍ବର ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ କୋକସରା ବିଇଓ ନାଗେଶ୍ୱର ପ୍ରଧାନ, ବିଆରସିସି ତୋଫାନ ମାଝି, ଏବିଇଓ ବିଜୟ କୁମାର ବାରିକ, ଏବିଇଓ ସୁଶିଳା ଯୋଦାର ପ୍ରମୁଖ ନୂତନ ସିଆରସିସିଙ୍କୁ ସ୍ୱାଗତ କରିବା ସହ ବିଦାୟୀ ସିଆରସିସିଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

## ସରପଞ୍ଚଙ୍କ ଦ୍ୱାରା କରୋନା ସଚେତନତା

**ବେହେରା, ୧୫।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଦଣ୍ଡପାଟ ଅଞ୍ଚଳରେ କରୋନା ସଂକ୍ରମଣ ଦେଖାଦେବାରୁ ବେହେରା ସରପଞ୍ଚ ଗତ ରବିବାର ବେହେରା ସାପ୍ତାହିକ ହାଟ ବନ୍ଦ ଘୋଷଣା କରିଥିବା ବେଳେ ନିକଟ ତେଣ୍ଡାପାଲି ପଞ୍ଚାୟତ ସରପଞ୍ଚ ଗାଁ ବୁଲି କରୋନା ନେଇ ସଚେତନତା କରୁଥିବା ଦେଖାଯାଇଛି। ବୁଧବାର ସକାଳୁ ଅଟୋରେ ମାଇକ ଲଗାଇ ତେଣ୍ଡାପାଲି ସରପଞ୍ଚ ଶୁଶାନ୍ତ କୁମାର ପଟ୍ଟନାୟକ ନିଜ ପଞ୍ଚାୟତର ସମସ୍ତ ଗାଁ ବୁଲି କରୋନା ସମ୍ପର୍କୀତ ସଚେତନତା କରିଥିଲେ। କାମ ନ ଥିଲେ ଘରରୁ ନ ବାହାରିବା, ଅନ୍ୟ ରଜ୍ୟକୁ ନ ଯିବା ତଥା ରାଜ୍ୟ ସରକାରଙ୍କ ସମସ୍ତ କରୋନା ଗାଇଡଲାଇନ ପାଳନ କରିବାକୁ ସେ ଲୋକଙ୍କୁ ବୁଝାଇଥିଲେ। ଅନ୍ୟ ରାଜ୍ୟକୁ ଯାଇଥିବା ବ୍ୟକ୍ତି ଯଦି ଫେରନ୍ତି ତାହେଲେ ୭ ଦିନ ପାଇଁ ଆଇସୋଲେସନରେ ରଖାଯିବ ଏବଂ ପରେ ଘରକୁ ଛଡାଯିବ। ନାଇଟ କର୍ଫ୍ୟୁ ନିୟମ କଡାକଡି ଭାବେ ପାଳନ କରିବାକୁ ସେ ଅନୁରୋଧ କରିଥିଲେ।


ମାଇକ ଯୋଗେ ତେଣ୍ଡାପାଲି ସରପଞ୍ଚ ଲୋକଙ୍କୁ ସଚେତନ କରୁଛନ୍ତି ।

## କଫ ସିରପ ସହ ଜଣେ ଗିରଫ

**ପଦ୍ମପୁର,୧୫।୪(ଡି.ଏନ.ଏ.)**

ବରଗଡ ଜିଲା ପଦ୍ମପୁର ହନୁମାନପଡାରେ ପୋଲିସ ଚଢାଉ କରି ୬୦ବୋତଲ କଫ୍ ସିରଫ, ୨ ଷ୍ଟ୍ରିପ୍ ନିଶା ଟାବଲେଟ୍ ଓ ୪୦ ଲିଟର ନିଶାଯୁକ୍ତ ମିଶ୍ରଣ ଜବତ କରିଛି। ଏହି ଘଟଣାରେ ହାଡୁ ଓରଫ ଜମିର ଖାଁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ହନୁମାନପଡାରେ ନିଶାଦ୍ରବ୍ୟ କାରବାର ଚାଲିଥିବା ଖବର ପାଇ ଏସଆଇ ରବୀନ୍ଦ୍ର ହେମ୍ବ୍ରମ, ପ୍ରତିମା ଡୁଙ୍ଗଡୁଙ୍ଗ ଜମିରଙ୍କ ଘରେ ଚଢ଼ାଉ କରିଥିଲେ। ଏ ନେଇ ଏକ ମାମଲା(ନଂ.୭୯/୨୧)ରୁଜୁ ହୋଇଛି।

**OFFICE OF THE REGULATED MARKET COMMITTEE, SARGIPALI, SUNDARGARH**
**INVITATION OF BIDS THROUGH E-PROCUREMENT**
**TENDER CALL NOTICE NO. 219 DATED 13.04.2021**
**BID IDENTIFICATION NO.01/2020-21**
The Office of the R.M.C. Sargipali, Sundargarh invites percentage rate bids in single cover system on online mode from eligible contractors for execution of the different works under RMC, Sargipali. The details of which are available at e-procurement portal www.tenderorissa.gov.in from 19.04.2021. The interested tenderers are advised to visit the above website for submission of e-tender.
Tender will be closed at 5.00 P.M. on 28.04.2021.
**Sd./- Collector, Sundargarh-cum-Chairman, R.M.C., Sargipali, Sundargarh**

**DIDAYI DEVELOPMENT AGENCY**
**KUDUMULUGUMMA**
**TENDER CALL NOTICE**
**No. 01/2020-21** **Dt.13.04.2021**
The Special Officer, DDA, K.gumma invites sealed percentage rate tenders vide Letter No. 156 dated 13.04.2021 on behalf of Governor of Odisha from registered & eligible reigstered contractors of Odisha State PWD/CPWD having experience in construction of road, bridges and building works in conformity with Detailed Tender Call Notice for execution of 02 Nos. of work namely (1) Ghat cutting with guard wall on the road from Oringi to Tikarapada via Sanyasiguda of Rasbeda GP & (2) Construction of Ladies Hostel for Didayi Student of D.D. College, K.gumma of K.gumma GP on drawl of agreement in DDA contract forms of Govt. of Odisha. Tender papers will be sold from 19.04.2021 to 28.04.2021 office hour working days only from this office as well as office of the P.A., ITDA, Malkangiri and received within 29.04.2021 in the office hour of Office of the Special Officer, DDA, K.gumma through Registered Post/Speed Post only. The tender shall be opened on 30.04.2021 at 10.30 A.M. in the Office of the DDA, K.gumma. Term & Condition and other details will be available in the Office notice board and district website i.e. **https://malkangiri.nic.in**. Purchasing & depositing of tender paper is the sole responsibility of the tender applicant within the due time.
**Sd./- Special Officer**
**Didayi Development Agency, Kudumulugumma**

**O/O MEDICAL OFFICER I/C CHC, BAUNSUNI**
**BLOCK PROGRAMME MANAGEMENT UNIT**
**NATIONAL HEALTH MISSION**
**BAUNSUNI, DIST.- BOUDH**
e-mail: bpmuboudh2@gmail.com
**Sealed tenders are invited from registered, reputed and experienced Agencies/Firms/Individuals for engagement of Vehicles on hiring basis for BPMU, MHT (1 & 2) & MHU.**
Interested bidders may send their complete bid in double cover system (Technical & Financial). Bidders may apply for all or any of the above categories in separate envelopes only. Combined bids will not be considered. Category of supply must be superscribed in the top of the bid envelope and addressing clearly to the MEDICAL OFFICER I/C CHC, BAUNSUNI. The details of the tender may be downloaded from the District website https://boudhnic.in. Last date for receipt of tender is 30.04.2021 latest by 12.30 P.M. only through Speed Post/ Regd Post and the bids so received will be opened on 03.05.2021 at 11.00 A.M. in the Office Chamber of the MEDICAL OFFICER I/C CHC, BAUNSUNI. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.
**Sd./- MEDICAL OFFICER I/C CHC BAUNSUNI**